ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ନଭେମ୍ବର ୨୦୨୩



ଫଟୋ : ଅଜୟ ମହାଲା

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

Vol-2 • Issue-9 • November 2023 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୨ • ସଂଖ୍ୟା-୯ • ନଭେମ୍ବର ୨୦୨୩ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଅଜୟ ମହାଲା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।

ପାଠକଙ୍କ ମତାମତ ୦୨
ଲେଖକର ପରିଚୟ (ସଂପାଦକୀୟ) ୦୩
ଆଧୁନିକ କବିତାର ବୋଧଗମ୍ୟତା (ପ୍ରବନ୍ଧ): ବ୍ରହ୍ମାନନ୍ଦ ବିଶ୍ୱାଳ ୦୫
ଏକ ପ୍ରଜାପତିର ମୃତ୍ୟୁ (କବିତା) : ଦୀନବନ୍ଧୁ ସାହୁ ୧୧
ଅକୁହା କଥା (ଗଳ୍ପ) : ନାରୁ ମହାନ୍ତି ୧୨
ଓଡ଼ିଆ ଦୀର୍ଘ କବିତା ଓ ଗାଥା କବିତା (ପ୍ରବନ୍ଧ) : ଉଦୟନାଥ ସାହୁ ୧୪
ଫବେଷଣା (ରମ୍ୟରଚନା) : ଡ. ଧର୍ମଛଡ଼ା ୧୮
ଅସ୍ତିତ୍ୱ (ଗଳ୍ପ) : ବବିତା ସାହୁ ୨୧
ଗଳ୍ପ ସାହିତ୍ୟରେ ଦାଦନ ସମସ୍ୟାର ଚିତ୍ର (ପ୍ରବନ୍ଧ) : ସ୍ୱାଧୀନ ଚନ୍ଦ୍ର ପ୍ରଧାନ ୨୫
ଝାଡୁ ମାହାତ୍ମ୍ୟ (ଏକାଙ୍କିକା) : ଅଭୟ ଦାଶ ୩୦
ବରିଷ୍ଠ କଥାକାର ସଦାନନ୍ଦ ତ୍ରିପାଠୀଙ୍କ ସହ ବାର୍ତ୍ତାଳାପ (ସାକ୍ଷାତକାର) ୩୪
ଆଉ ଜଣେ ତ୍ରିଶଙ୍କୁ (ଗଳ୍ପ) : ରବି ପଣ୍ଡା ୩୭
ଭାଷାକୋଷର ଉଚ୍ଚାଙ୍ଗ ଶବ୍ଦ ସମ୍ଭାର (ପ୍ରବନ୍ଧ) : ଦୁର୍ଗାପ୍ରସାଦ ଆଚାର୍ଯ୍ୟ ୪୨
ଏକଡିମ୍ ପୁରସ୍କାର (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର ୪୫
ପ୍ରକାଶକ ଓ ପ୍ରକାଶନର ସୋପାନ (ପ୍ରବନ୍ଧ) : ମାନସ ରଞ୍ଜନ ମହାପାତ୍ର ୪୯
ଶିକୁଳି (ଅନୁବାଦ ଗଳ୍ପ) : କନକ ମଂଜରୀ ସାହୁ ୫୧
ଦେବଭୂମିରେ ଶ୍ରୀକ୍ଷେତ୍ରର ବିସ୍ମୟ (ଅନୁଭୂତି) : ସନ୍ତୋଷ ପଟ୍ଟନାୟକ ୫୩
ସାହିତ୍ୟ ଓ ସଭ୍ୟତା (ପ୍ରବନ୍ଧ) : ପ୍ରଦୀପ କୁମାର ସ୍ୱାଇଁ ୫୮
ମନେ ପକାଅ (କବିତା) : ପ୍ରଫୁଲ୍ଲ କୁମାର ତ୍ରିପାଠୀ ୬୨
ଦୁଇଟି ମିନିଗପ (ଗଳ୍ପ) : ଧରିତ୍ରୀ ପାଣିଗ୍ରାହୀ ୬୩
ବୁଢ଼ିଆ ଓ ଟଗରଗଛ (ଶିଶୁ ଗଳ୍ପ) : କୁଞ୍ଜ ବିହାରୀ ସାହୁ ୬୪
ଝରଣା ଦାସ: ଆତ୍ମଲିପି (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ ୬୬
ସାହିତ୍ୟ ସମାଚାର ୬୭
ସମ୍ପ୍ରତିସଞ୍ଚର (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୮

# ପାଠକଙ୍କ ମତାମତ

ସମ୍ପାଦକୀୟ ସବୁବେଳ ପରି ନୂଆ ଲାଗିଲା । ଲେଖନୀ ମୁନରେ ଅସୁର ସଂହାର ସୁନ୍ଦର ବିଷୟଟି । ପ୍ରବୀଣ କଥାକାର ହୃଷୀକେଶ ପଣ୍ଡାଙ୍କ ଅନ୍ତରଙ୍ଗ ବାର୍ତ୍ତାଳାପ ବହୁତ ଭଲ ଲାଗିଲା । ଆମ ସମୟର ଗୋଟେ ସ୍ୱର୍ଦ୍ଧିତ ନାମ ହୃଷୀକେଶ ପଣ୍ଡା । ଜଣେ ଅନମନୀୟ, ସାଲିସବିହୀନ ମଣିଷ । ସେ ଆମ ଅଞ୍ଚଳର ଏବଂ ମୋ ସାନଭାଇର ସାଙ୍ଗ ମଧ୍ୟ । କିନ୍ତୁ ତାଙ୍କର ସାଲିସବିହୀନ ନିଷ୍ଠାପର କର୍ତ୍ତବ୍ୟପରାୟଣତା ନିମନ୍ତେ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିଛି । ସଂସାରରେ ଭଲ ଲୋକଙ୍କର ଯେ ଅଭାବ ନାହିଁ, ସେ ତାହାର ଏକ ଉଦାହରଣ । ତାଙ୍କର ବ୍ୟସ୍ତବହୁଳ ଜୀବନ ଭିତରେ ଲେଖାଲେଖି କରିବାଟା ମଧ୍ୟ କଷ୍ଟକର ଥିଲା ବୋଲି ମନେହୁଏ । ତଥାପି ସେ ହାରି ଯାଇନାହାଁନ୍ତି । ତାଙ୍କୁ ସାହିତ୍ୟ ଚର୍ଚ୍ଚା ଖୋଜି ଆଣି ତାଙ୍କ ବିଷୟରେ ବହୁ କଥା ଜଣେଇଛନ୍ତି, ତେଣୁ ଧନ୍ୟବାଦ ।

**ବିଜୟଲକ୍ଷ୍ମୀ ପଟ୍ଟନାୟକ**
amrutam101@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

'ସାହିତ୍ୟ ଚର୍ଚ୍ଚା'ର ଅକ୍ଟୋବର ସଂଖ୍ୟାରେ ପ୍ରକାଶିତ ସମ୍ପାଦକୀୟ ବର୍ତ୍ତମାନର ଲେଖକ ଗୋଷ୍ଠୀଙ୍କୁ ନୂତନ ଆହ୍ୱାନ ପ୍ରଦାନ କରିଛି । ପ୍ରବନ୍ଧରେ 'ଓଡ଼ିଆ ସାହିତ୍ୟରେ ଶକ୍ତି ଉପାସନା', 'ଓଡ଼ିଆ ପତ୍ରପତ୍ରିକା: କୁଟୁମ୍ବଙ୍କୁ ଲାଜ', 'ଦୁର୍ଦ୍ଦଶାରେ ଓଡ଼ିଆ ଭାଷା', 'ସମକାଳୀନ ଓଡ଼ିଆ କାବ୍ୟ ପାଠକ' ପଢିଲା ପରେ ବହୁ ଅନାଲୋଚିତ ତଥ୍ୟ ଜାଣିବାକୁ ପାଇଲି । ବିଶେଷକରି 'ଦୁର୍ଦ୍ଦଶାରେ ଓଡ଼ିଆ ଭାଷା'ରେ ଓଡ଼ିଆ ବର୍ଣ୍ଣମାଳା, ବର୍ଣ୍ଣକ୍ରମ, ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇଁ ଦଲିଲ ଉପସ୍ଥାପନ, ଲିପି ସଂସ୍କାର ବିଷୟରେ ଜାଣିବାକୁ ପାଇଲି । ରତ୍ନାକର ଦାସଙ୍କ ଶିଶୁଗଳ୍ପ, ଦୁର୍ଯ୍ୟୋଧନ ଦାସଙ୍କ ବିଜ୍ଞାନ ଆଧାରିତ ଗଳ୍ପ ଓ ଆରତୀ ସାହୁଙ୍କ ଗଳ୍ପ ହୃଦୟକୁ ଛୁଇଁଲା ।

**ଲିକୁ ବେହେରା**
beheraliku051@gmail.com

'ସାହିତ୍ୟ ଚର୍ଚ୍ଚା'ର ପୂଜା ସଂଖ୍ୟାଟି ମୋର ହସ୍ତଗତ ହେଲା । ପତ୍ରିକାର ସମ୍ପାଦକୀୟ ଅତ୍ୟନ୍ତ ଚିତ୍ତାକର୍ଷକ । ସେ 'ଆୱାର୍ଡ଼ ୱାପସି' ହେଉ ବା 'ଲେଖନୀ ମୁନରେ ଅସୁର ସଂହାର' । ଅକ୍ଟୋବର ସଂଖ୍ୟାରେ 'ଓଡ଼ିଆ ସାହିତ୍ୟରେ ଶକ୍ତି ଉପାସନା', 'ଲୁଗାକାନି', 'ଓଡ଼ିଆ ପତ୍ରପତ୍ରିକା: କୁଟୁମ୍ବଙ୍କୁ ଲାଜ', 'ଆମ ଘର', 'ଦୁର୍ଦ୍ଦଶାରେ ଓଡ଼ିଆ ଭାଷା' ଗୋଟିଏ ଗୋଟିଏ ଯୁଗୋପଯୋଗୀ ଲେଖା । ଓଡ଼ିଆ ଭାଷା ପାଇଁ ସରକାର କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ପ୍ରତିବାଦର କ୍ଷେତ୍ର ସଙ୍କୁଚିତ । ଓଡ଼ିଆ ଭାଷା ଓ ଜାତିକୁ ଗ୍ରହଣ ଲାଗିଛି । ବୋଧ ହୁଏ ପୂର୍ଣ୍ଣ ଗ୍ରାସ । ଏ ଜାତି ସ୍ୱାଭିମାନ ହରାଇ ବସିଛି ।ସାକ୍ଷାତକାରରେ ଓଡ଼ିଶାର ସୁଯୋଗ୍ୟ ସନ୍ତାନ ଶ୍ରୀଯୁକ୍ତ ହୃଷୀକେଶ ପଣ୍ଡାଙ୍କ ସହ ଅନ୍ତରଙ୍ଗ ଆଳାପ ଶିକ୍ଷଣୀୟ । ଶେଷରେ ପତ୍ରିକାର ଉନ୍ନତି କାମନା କରୁଛି ।

**ଆଦିତ୍ୟ ପ୍ରସାଦ ମହାପାତ୍ର**
tumman.2004@gmail.com

'ସାହିତ୍ୟ ଚର୍ଚ୍ଚା' ଅକ୍ଟୋବର ସଂଖ୍ୟା ପାର୍ବଣ ଋତୁରେ ପ୍ରକାଶିତ ପ୍ରବନ୍ଧ ମଧ୍ୟରୁ ରମାକାନ୍ତ ନାୟକଙ୍କ 'ଓଡ଼ିଆ ସାହିତ୍ୟରେ ଶକ୍ତି ଉପାସନା', ପ୍ରଫୁଲ୍ଲ କୁମାର ମିଶ୍ରଙ୍କ 'ତତ୍ତ୍ୱ ଦୃଷ୍ଟିରେ ବିରଜା ଓ ବିମଳା' ରୁ ଅତ୍ୟନ୍ତ ଶିକ୍ଷଣୀୟ ତତ୍ତ୍ୱ ଜାଣିବାକୁ ମିଳିଲା । ରମ୍ୟରଚନାରେ ଡ. କୁଳାଙ୍ଗାରଙ୍କ 'ଦୁର୍ଗାଙ୍କ ସହ ଦେଖାସାକ୍ଷାତ', ଗଳ୍ପରେ ଜନ୍ମେଜୟ ପଣ୍ଡାଙ୍କ 'ଆଉ ଜଣେ ତ୍ରିଶଙ୍କୁ', ଆରତୀ ସାହୁଙ୍କ 'ଲୁଗାକାନି' ହୃଦୟସ୍ପର୍ଶୀ । ବୈଷ୍ଣବ ଚରଣ ମହାନ୍ତିଙ୍କ 'ଦୁର୍ଦ୍ଦଶାରେ ଓଡ଼ିଆ ଭାଷା' ଚିନ୍ତାର ବିଷୟ । ଶେଷ ପୃଷ୍ଠାରେ ପ୍ରଶାନ୍ତ ଭୂୟାଁଙ୍କ 'ଆତ୍ମ୍ୟମ୍ଭବିଷ୍ଣୁ' ଶବ୍ଦଟି ଖୁବ୍ ରୋଚକ । ଏଥିରୁ ନୂଆ ଶବ୍ଦ ସମ୍ପର୍କରେ ଜାଣିବାକୁ ପାଇଲି ।

**ବିକାଶ ରାଉଳ**
bikashraulo1999@gmail.com

ସମ୍ପାଦକୀୟ

# ଲେଖକର ପରିଚୟ

ଲେଖକର ପରିଚୟ ବୋଲି କହିଲେ ଆମେ କ'ଣ ବୁଝୁ? ଲେଖକର ଭାବପ୍ରବଣ ମନ ହିଁ ସାହିତ୍ୟର ସର୍ଜନା କରିଥାଏ। କେହି ପାଠକ ଯେତେବେଳେ ସାରସ୍ୱତ ରଚନାଟିଏ ପଢ଼ି ଅଭିଭୂତ ହୋଇପଡ଼େ, ସେ ନିଜ ମାନସ ଚକ୍ଷୁରେ କଳ୍ପନା କରିନିଏ ସେହି ରଚନା ପଛରେ ଥିବା ସ୍ରଷ୍ଟାମାନସଟିର ପରିଚୟ। ଏହା ହେଉଛି ଲେଖକର ସେହି ଛବି ଯାହା ଜଣେ ପାଠକ ସାମନାରେ ସ୍ୱୟଂ ପ୍ରତିଭାତ ହୁଏ। ସେହି ପରିଚୟଟିକୁ ଛାଡ଼ି ଲେଖକ ବୋଲାଉଥିବା ବାସ୍ତବ ମଣିଷଟିର ଚେହେରା, ପୋଷାକପତ୍ର, ବୃତ୍ତି, ଉପାଧି ଅବା ବାସସ୍ଥାନ ଇତ୍ୟାଦିର ସୂଚନା ନିତାନ୍ତ ନିରର୍ଥକ। କାରଣ ଲେଖକ-ଜୀବନର ଏହି ସବୁ ଦିଗ ଜଣେ ପାଠକ ଦ୍ୱାରା ସାହିତ୍ୟର ରସାସ୍ୱାଦନରେ କୌଣସି ଭୂମିକା ତୁଲାଇ ନ ଥାଏ।




ତଥାପି ଆମ ସାହିତ୍ୟ ଜଗତରେ ଏବେ ଏକ ବିଚିତ୍ର ଧାରା ବ୍ୟାପିଯାଇଛି; ତାହା ହେଲା, କୃତି ନୁହେଁ, ବରଂ ବ୍ୟକ୍ତି ହିଁ ସାଜିଛି ସକଳ ସାହିତ୍ୟିକ ସ୍ୱୀକୃତିର ମୁଖ୍ୟ ଆଧାର। ଆମକୁ ସାହିତ୍ୟ ନାମରେ ଏବେ ଚଉଦିଗରେ ଦିଶିଯାଏ କେବଳ ଫୁଲମାଳ, ସମ୍ବର୍ଦ୍ଧନା, ପୁରସ୍କାର, ମଉଛବ, ଭାଷଣ ଓ ଜୟ-ଜୟକାର ଭଳି ବହୁ ବାହ୍ୟ ଆଡ଼ମ୍ବର, ଯେଉଁଥିରେ ସାହିତ୍ୟର ଦିବ୍ୟ ସୁରଭି ନୁହେଁ, ବରଂ ଲେଖକର ଅହଂ ହିଁ ପ୍ରବଳ ଝଲସୁଥାଏ। ଏଭଳି ଏକ ପରିବେଶରେ ଲେଖକଟିଏର ବ୍ୟକ୍ତିଗତ ଜୀବନ ତାହାର ପରିଚୟ ନିର୍ଦ୍ଧାରଣ କରେ, ତାହାର ରଚନାବଳୀ ନୁହେଁ।

ଅଥଚ ଆମ ସାହିତ୍ୟ ଜଗତର ପ୍ରାଚୀନ ଓ ମଧ୍ୟଯୁଗୀୟ ପୂର୍ବସୂରୀଗଣ ନିଜକୁ ନିମିତ୍ତ-ମାତ୍ର ମନେ କରିବାର ଯେଉଁ ମହାନ ଦୃଷ୍ଟାନ୍ତ ଛାଡ଼ି ଯାଇଛନ୍ତି, ତାହାର ପଟାନ୍ତର ନାହିଁ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ନିଜ କବିତ୍ୱକୁ ତା'ଙ୍କ ନିଜର ବ୍ୟକ୍ତିଗତ ପରାକାଷ୍ଠା ନୁହେଁ, ବରଂ ଏକ ଈଶ୍ୱରୀୟ କୃପା ବୋଲି ସୂଚାଇବାକୁ ଯାଇ କହିଛନ୍ତି, 'ତାରକ ମନ୍ତ୍ର ପରସାଦେ, ମୋହର କବିପଣ ଉଦେ।' ସେହିପରି ସାରଳା ଦାସ ନିଜର କବିତ୍ୱର ଶ୍ରେୟ ମାଆ ଶାରଳାଙ୍କୁ ଓ ଅତିବଡ଼ୀ ଜଗନ୍ନାଥ ଦାସ ଏହି ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଦାନ କରିଛନ୍ତି। ଏହି ନମସ୍ୟ ମହାମନିଷୀମାନେ ବିଶ୍ୱାସ କରୁଥିଲେ ଯେ ସେମାନଙ୍କର ଲେଖନୀ ସେମାନଙ୍କ ନିଜ ଦ୍ୱାରା ନୁହେଁ, ବରଂ ଏକ ପ୍ରଚ୍ଛନ୍ନ ଅଲୌକିକ ଶକ୍ତି ଦ୍ୱାରା ଚାଳିତ ହୋଇଥାଏ। ହେଲେ ଆମ ଆଧୁନିକ ଯୁଗର ଅନେକ ସାହିତ୍ୟ ସ୍ରଷ୍ଟାଙ୍କ କ୍ଷେତ୍ରରେ ଅହଂଶୂନ୍ୟତାର ସେହି ପରମ ନିଦର୍ଶନ ଦେଖିବାକୁ ବିରଳ।

ଅବସ୍ଥା ଏପରି ହେଲାଣି ଯେ ବହି ବା ପତ୍ରିକାଟିଏ ଖୋଲିଲେ ତାହାର ମଲାଟ ବା ପୃଷ୍ଠାମାନଙ୍କରେ ଲେଖକମାନଙ୍କର ବିଭିନ୍ନ ଭଙ୍ଗୀର ବୃହଦାକାର ଫଟୋଚିତ୍ର ସେମାନଙ୍କ ଲେଖା ଅପେକ୍ଷା ଅଧିକ ପ୍ରାଧାନ୍ୟ ପାଉଛି। ଯେପରି ମନେହୁଏ, ଏବେକାର ଲେଖକମାନେ ପ୍ରଥମେ ହେଉଛନ୍ତି ଜଣେ ଜଣେ ମଡେଲ୍, ତା'ପରେ ହୁଏତ ଲେଖକ। ପତ୍ରପତ୍ରିକାମାନଙ୍କରେ ମଧ୍ୟ କେହି କେହି ଲେଖକଙ୍କର କୃତ୍ରିମ ହସ ସଂପନ୍ନ ପୂର୍ଣ୍ଣାବୟବ ଫଟୋଚିତ୍ର ସହିତ ସେମାନଙ୍କର ଉପାଧି, ପଦପଦବୀ ଓ ବାସସ୍ଥାନର ବର୍ଣ୍ଣନା ଯେପରି ବହୁଳ ଭାବରେ ପ୍ରଦର୍ଶିତ ହେଉଛି, ତାହା ତୁଳନାରେ ସେଥିରେ ପ୍ରକାଶିତ ସେହି ଲେଖକଙ୍କର ଲେଖାଗୁଡ଼ିକ ଅତି ଗୌଣ ମନେହେଉଛି। କେବଳ ସେତିକି ନୁହେଁ, ଆଜିକାଲି ଅନେକ ପୁସ୍ତକର ମୁଖବନ୍ଧ ଓ ସମୀକ୍ଷାରେ ଲେଖକଙ୍କ କୃତି ଅପେକ୍ଷା ସେମାନଙ୍କ ଜୀବନର ବ୍ୟକ୍ତିଗତ ଦିଗ ଅଧିକ ଆଲୋଚିତ ହେଉଥିବାର ଦେଖାଗଲାଣି। ଲେଖକର ଏଭଳି ପରିଚୟ ପାଠକ ପାଇଁ କୌଣସି ପ୍ରାସଙ୍ଗିକତା ରଖେ କି?

ଆମର କହିବାର କଥା, କେବଳ ଲେଖା ହିଁ ହେଉ ଲେଖକର ପରିଚୟ; ଏବଂ ଲେଖା ଭିନ୍ନ ଆଉ କିଛି ନୁହେଁ।

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---


## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

| | |
|---|---|
| *IFS Code* | : CNRB0018007 |
| *Account No.* | : 120000048648 |
| *Account Name* | : Sahitya Charcha |

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।



**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬

**ପ୍ରବନ୍ଧ**

# ଆଧୁନିକ କବିତାର ବୋଧଗମ୍ୟତା



ବ୍ରହ୍ମାନନ୍ଦ ବିଶ୍ୱାଳ

ଆଧୁନିକ କବିତାର ବୋଧଗମ୍ୟତା ପ୍ରସଙ୍ଗକୁ ତିନୋଟି ଦିଗ ପ୍ରତି ଧାନଦେଇ ବିଚାର କରିବାକୁ ହେବ। ସେହି ଦିଗଗୁଡ଼ିକ ହେଉଛି - ସୁବୋଧତା, ଅବୋଧତା ଓ ଦୁର୍ବୋଧତା। ସୁବୋଧତା ତୁଳନାରେ ଅବୋଧତା ଓ ଦୁର୍ବୋଧତାର ଆକଳନ ଏ ପ୍ରବନ୍ଧର ଲକ୍ଷ୍ୟ। ତେବେ ଏଥିପୂର୍ବରୁ ଆଗେ ଆସନ୍ତୁ, କାବ୍ୟ-କବିତାର ପ୍ରାରମ୍ଭିକ ପର୍ଯ୍ୟାୟଠୁ ଆଧୁନିକ ପର୍ଯ୍ୟାୟ ପର୍ଯ୍ୟନ୍ତ ଗୋଟେ ମୋଟାମୋଟି ଦୃଷ୍ଟିନିକ୍ଷେପ କରିନେବା।

**କାବ୍ୟ-କବିତାର ମୂଳସ୍ଥିତି**

ବହୁ ପ୍ରାଚୀନ କାଳରୁ କାବ୍ୟ-କବିତା ପାଠକ ଓ ଶ୍ରୋତା ମହଲରେ ଆଦୃତ ହୋଇଆସିଛି। ସମ୍ପ୍ରତି ସାହିତ୍ୟ - ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଆଦି ବହୁ ଭାବରେ ରୂପ ପରିଗ୍ରହ କରିଛି। ପୂର୍ବରୁ କିନ୍ତୁ ସାହିତ୍ୟ କହିଲେ କେବଳ କାବ୍ୟ-କବିତାକୁ ହିଁ ବୁଝାଉଥିଲା। କାରଣ, ସେତେବେଳେ କେବଳ କାବ୍ୟ-କବିତା ହିଁ ରଚିତ ହେଉଥିଲା। ଲୋକଶିକ୍ଷା ତଥା ମନୋରଞ୍ଜନର ଏକମାତ୍ର ବଳିଷ୍ଠ ମାଧ୍ୟମ ଥିଲା ବିଭିନ୍ନ ପୁରାଣଶାସ୍ତ୍ର, ଶ୍ଳୋକ ତଥା କାବ୍ୟଶାସ୍ତ୍ର ପ୍ରଭୃତି।



କାବ୍ୟ-କବିତା ପାଠକ ବା ଶ୍ରୋତାକୁ ଆମୋଦିତ ତଥା ଆହ୍ଲାଦିତ କରେ। ଏହାର ପଠନ ବା ଶ୍ରବଣ ଦ୍ୱାରା ପ୍ରାପ୍ତ ହୁଏ ଅପୂର୍ବ ଓ ଅନିର୍ବଚନୀୟ ଆନନ୍ଦ। ଏହା କେବଳ ଆନନ୍ଦ ଦିଏନା, ଚିନ୍ତା-ଚେତନାକୁ ପ୍ରଶସ୍ତ କରେ। ବିବେକବୋଧକୁ ଜାଗ୍ରତ କରେ। ରୁଚିବନ୍ତ, ପରିମାର୍ଜିତ ଓ ପରିପୁଷ୍ଟ ଜୀବନ ବଞ୍ଚିବାର କଳା ଶିଖାଏ। ନୀତି, ଆଦର୍ଶ ଆଦି ସକଳ ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା ନିମନ୍ତେ ଏଥିରୁ ମିଳେ ପ୍ରଚୁର ଖୋରାକ୍। ସରସ, ସୁନ୍ଦର ଓ ସମୃଦ୍ଧ ସମାଜ ଗଢ଼ିତୋଳିବା ଦିଗରେ ଏହା ଦିଏ ପ୍ରେରଣା, ପ୍ରୋତ୍ସାହନ ଓ ମାର୍ଗଦର୍ଶନ।

କିନ୍ତୁ କ୍ଷୋଭର ବିଷୟ ଏହି ଯେ, କାବ୍ୟ-କବିତା ପଠନ-ଶ୍ରବଣ ପ୍ରତି ଜନଗଣଙ୍କ ମନରେ ପୂର୍ବରୁ ଯେପରି ଆଗ୍ରହ ଥିଲା, ସମ୍ପ୍ରତି ତାହା ବହୁମାତ୍ରାରେ ହ୍ରାସ ପାଇଛି। ବିଶେଷକରି ଆଧୁନିକ କବିତା ପଠନ-ଶ୍ରବଣ ପ୍ରତି ଅନାଦର ଭାବ ଅଧିକ ଘନୀଭୂତ ହୋଇଛି। ଏହାର ବହୁବିଧ କାରଣ ରହିଛି। ତେବେ, ଏ ପ୍ରବନ୍ଧରେ ଆସନ୍ତୁ ଆଲୋଚନା କରିବା ସେହି କାରଣଗୁଡ଼ିକ ମଧ୍ୟରୁ କେତେକ ପ୍ରମୁଖ କାରଣ ଓ ତା'ର ସମାଧାନର ମାର୍ଗ ସମ୍ପର୍କରେ।

**କବି ଓ ପାଠକ**

ତଥାକଥିତ ଆଧୁନିକ କବିତା ପ୍ରତି ପାଠକମାନେ ବିଶେଷଭାବେ ବୀତସ୍ପୃହ ହୋଇପଡ଼ିଥିବା ଯାହା ପରିଲକ୍ଷିତ ହେଉଛି, ଏଥିପାଇଁ କେବଳ ଏପ୍ରକାର ଲେଖାର ରଚନାକାରୀମାନେ ହିଁ ଦାୟୀ। କ'ଣ, କିପରି ଓ କାହିଁକି ଲେଖିବା କଥା - ଏ ଦିଗ ପ୍ରତି ସେମାନଙ୍କର ତିଳେମାତ୍ର ଦାୟବଦ୍ଧତା ନ ଥାଏ। ମତଲବ ଥାଏ କେବଳ କବି ବୋଲାଇବାକୁ। ସେମାନେ ଭାବନ୍ତି ଆଧୁନିକ କବିତା ଲେଖିବା ସବୁଠାରୁ ଏକ ସହଜ ବ୍ୟାପାର। ପଦକୁ ପଦ ପକାଇ କବିତା ଲେଖିବାରେ ଯେଉଁ ବୌଦ୍ଧିକ କସରତର ଆବଶ୍ୟକତା ଥାଏ, ଆଧୁନିକ କବିତା ଲେଖିବାରେ ସେହି ଯନ୍ତ୍ରଣା ନାହିଁ। ଅଳଙ୍କାର, ଅନୁପ୍ରାସ, ଛନ୍ଦ, ଯମକ, ଯତିପାତ, ଉପଧା ମିଳନ ଇତ୍ୟାଦି କୌଣସିଟିର ଆବଶ୍ୟକତା ପଡ଼େନି ଏଥିରେ। ନିତାନ୍ତ ବ୍ୟକ୍ତିଗତ କଥାଠୁ ଆରମ୍ଭକରି ଯେକୌଣସି କଥାକୁ କେବଳ ଗଦ୍ୟଢାଞ୍ଚାରେ ତଳକୁତଳ କେତେଗୁଡ଼ିଏ ଧାଡ଼ିରେ ସଜାଇ ଲେଖିଦେଲେ ହେଲା। ଆଉ ସେହି ଲେଖା ବୁଝିବା କଷ୍ଟକର ହେଉଥିବ କିମ୍ବା ଆଦୌ ବୁଝିହେଉ ନ ଥିବ। ଏଇ ଆଧାରରେ ହିଁ ଯାହା ମନେ ତାହା ଯେମିତି ମନେ ସେମିତି ଲେଖିଦେଲେ

ତାହା ଆଧୁନିକ କବିତା ହୋଇଯାଏ ବୋଲି ସେମାନଙ୍କର ଧାରଣା। କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରମାତ୍ମକ।

ବାସ୍ତବରେ ଆଧୁନିକ କବିତା ଲେଖିବା ସବୁଠାରୁ ଏକ ଆୟାସସାଧ୍ୟ କଳାକର୍ମ। ମନେକରନ୍ତୁ ପ୍ରାଚୀନ କବିତା ହେଉଛି ପ୍ରାଚୀନ ନାରୀ ଏବଂ ଆଧୁନିକ କବିତା ହେଉଛି ଆଧୁନିକ ନାରୀ। ପ୍ରାଚୀନ ନାରୀ ଅତ୍ୟଧିକ ଭାବରେ ନାନା ଅଳଙ୍କାର-ବିମଣ୍ଡିତା ହୋଇ ଅତିରଞ୍ଜିତା ହୋଇପଡୁଥିଲା। ଏଣୁ ସେ ନିଜର ସ୍ୱାଭାବିକ ସୌନ୍ଦର୍ଯ୍ୟଟିକିକ ତହିଁରେ ହଜାଇ ଦେଉଥିଲା। ଆଧୁନିକ ନାରୀ କିନ୍ତୁ ତଦପେକ୍ଷା ଯଥେଷ୍ଟ କମ୍ ଅଳଙ୍କାରରେ ବିଭୂଷିତା ହେଉଛି। ତଥାପି ସେ ସ୍ୱକୀୟ ସୌନ୍ଦର୍ଯ୍ୟକୁ ବଜାୟ ରଖିପାରୁଛି। ଆଧୁନିକ କବିତା ଛନ୍ଦବିହୀନ ବୋଲି ଯେଉଁମାନେ କହନ୍ତି, ତାହା ଠିକ୍ ନୁହେଁ। କାରଣ, ଏହାର ରଚନାରୀତି ସ୍ୱଚ୍ଛନ୍ଦ ହେଲେ ହେଁ ବିଚ୍ଛିନ୍ନ ନୁହେଁ। ବାସ୍ତବରେ ଆଧୁନିକ କବିତାରେ ରହିଛି ଅନ୍ତରୀଣ ଛନ୍ଦ। ଆଧୁନିକ କବିତାରେ ରହିଛି ପ୍ରତୀକ, ଚିତ୍ରକଳ୍ପ, ମିଥ୍ ବା ପୁରାଣକଳ୍ପ ଆଦିର ପ୍ରୟୋଗ। ଆଧୁନିକ କବିତାରେ ରହିଛି ଭାବ, ଭାଷା, ଶୈଳୀ ଆଦିର ଅଭିନବ ଅବତାରଣା। ଏହିପରି ବହୁବିଧ ଉପାଦାନକୁ ଆଧାର କରି ସୃଷ୍ଟି ହୁଏ ଆଧୁନିକ କବିତା।

କବି ରାଧାମୋହନ ଗଡ଼ନାୟକ ଯଦିଓ ଜଣେ ଛନ୍ଦକବି ଭାବରେ ସୁପ୍ରସିଦ୍ଧ, ତଥାପି ସେ ଆଧୁନିକ କବିତାକୁ ଅବଜ୍ଞା କରି ନ ଥିଲେ। ପ୍ରାଚୀନ କବିତା ଓ ଆଧୁନିକ କବିତା ମଧ୍ୟରେ ଥିବା ତାତ୍ତ୍ୱିକ ପାର୍ଥକ୍ୟ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ ସେ ଲେଖିଛନ୍ତି -

॥୧॥
କାଲିର ଚକ୍ଷୁରେ
ଚନ୍ଦ୍ର ଥିଲା ଏକ ଦେବତା
X X X
ତେଣୁ ତାକୁ ଘେରି ଫୁଟିଉଠିଥିଲା
ରୂପକଥାର ଏକ ରୂପଲେଖା -
ରୋମାଣ୍ଟିକ୍
ମୋଟାମୋଟି କାଲିର ସେ ଚନ୍ଦ୍ର ତେବେ କ'ଣ ?
କାଲିର କବିତା।

(‘ଝଙ୍କାର’, ବିଷୁବ ସଂଖ୍ୟା-ଏପ୍ରିଲ୍-୧୯୮୭, ପୃ-୮୩)

## ସୁବୋଧତା ବନାମ ଅବୋଧତା

ଅଧିକାଂଶ ପାଠକ ସାହିତ୍ୟର ଅନ୍ୟ କୌଣସି ବିଭାଗକୁ ପଢୁଛନ୍ତି ସିନା, କିନ୍ତୁ ଆଧୁନିକ କବିତାକୁ ଏଡ଼ାଇଯାଉଛନ୍ତି। କାରଣ ସେମାନେ ମନେକରୁଛନ୍ତି, ଏହା ନିଶ୍ଚୟ ଅବୋଧ କିମ୍ବା ଦୁର୍ବୋଧ ହୋଇଥିବ। ଏଥିଯୋଗୁ ସେମାନେ ଏକ ସୁବୋଧ ଓ ସରସ ଆଧୁନିକ କବିତା ପଢ଼ିଲେ ବି ତହିଁରୁ ଆଶାନୁରୂପ ରସଗ୍ରହଣ ଓ ଆନନ୍ଦ ଉପଲବ୍ଧି କରିପାରୁ ନାହାନ୍ତି। ଏହିପରି ଅନେକ କାରଣ ହେତୁ ସବୁବେଳେ ଆଧୁନିକ କବିତାର ପାଠକ ସଂଖ୍ୟା ସବୁଠାରୁ କମ୍ ରହିଆସିଛି। ତେବେ ମୁଖ୍ୟ କାରଣଟି ହେଉଛି, ଆଧୁନିକ କବିତା ମଧ୍ୟରୁ କେତେକ ବୁଝିବା କଷ୍ଟକର ଓ ଆଉ କେତେକ ଆଦୌ ବୁଝିହୁଏନି। ଏଣୁ ପାଠକମାନେ ବୁଝିବା କଷ୍ଟକର ହେଉଥିବା କବିତାକୁ ‘ଦୁର୍ବୋଧ’ ଏବଂ ବିଲ୍‌କୁଲ୍ ବୁଝିହେଉ ନ ଥିବା କବିତାକୁ ‘ଅବୋଧ’ ଆଖ୍ୟା ଦେଇ ତହିଁରୁ ମୁହଁ ଫେରାଇ ନେଉଛନ୍ତି।

**ପାଠକେ ବିଲ୍‌କୁଲ୍ ବୁଝିହେଉ ନ ଥିବା କବିତାକୁ ‘ଅବୋଧ’ ଆଖ୍ୟା ଦେଇ ତହିଁରୁ ମୁହଁ ଫେରାଇ ନେଉଛନ୍ତି।**

କେବଳ ସେଇ ଆଧୁନିକ କବିତାକୁ ପଢୁଛନ୍ତି, ଯାହାକୁ ବୁଝିପାରୁଛନ୍ତି ବା ‘ସୁବୋଧ’ ମନେକରୁଛନ୍ତି। ସହଜେ ତ ଆଜିର ମଣିଷ ବସ୍ତୁବାଦୀ ବା ଭୋଗବାଦୀ ମାନସିକତାରେ ଜଡ଼ସଡ଼ ହୋଇପଡ଼ିଛି। ଯନ୍ତ୍ରମାନବ ପାଲଟିଯାଇଛି। ବ୍ୟସ୍ତତାପୂର୍ଣ୍ଣ ଜୀବନରେ ଅବୋଧତା ଓ ଦୁର୍ବୋଧତାର ଝିଞ୍ଜଟ ଭିତରକୁ ପଶିବାକୁ ତା' ପାଖରେ ସମୟ କାହିଁ ? ଅବୋଧ କବିତାର ସ୍ରଷ୍ଟାମାନଙ୍କୁ ବ୍ୟଙ୍ଗ କରି ଆମ ସମୟର କବି ଉମାକାନ୍ତ ରାଉତ (ଅରୂପ) ଲେଖିଛନ୍ତି -

“କବିତା ଲେଖିବୁ ଏମିତି
କେହି ବୁଝିପାରିବେନି ଯେମିତି,
ତୋ କବିତା ଯଦି ବୁଝିହେଇଯିବ
ବଡ଼ କବି ହେବୁ କେମିତି ?”

ବାସ୍ତବରେ ଆଧୁନିକ କବିତା ମାତ୍ରେ ଅବୋଧ ଅଥବା ଦୁର୍ବୋଧ କବିତା ନୁହେଁ। ଏ ଲେଖକର ମନେହୁଏ, କେତେକ କବି ଇଚ୍ଛାକୃତ ଭାବରେ ଆଧୁନିକ କବିତା ନାଆଁରେ ଅବୋଧ କିମ୍ବା ଦୁର୍ବୋଧ କବିତା ଲେଖୁଛନ୍ତି। ଫଳରେ ସେମାନଙ୍କ କବିତା ମାଟି ଓ ମଣିଷଠାରୁ ଦୂରେଇଯାଉଛି। ପାଠକଙ୍କ ମନକୁ

ଛୁଇଁପାରୁନି। ଏଥିପାଇଁ କେବଳ ସେପ୍ରକାର କବିମାନେ ହିଁ ଦାୟୀ। କାରଣ, ତଥାକଥିତ ଆଧୁନିକତାର ଭୂତ ସେମାନଙ୍କୁ ଗ୍ରାସିଛି।

### ମନ୍ଦକବି ଯଶପ୍ରାର୍ଥୀ

କବିତାରେ ପ୍ରତୀକ, ଚିତ୍ରକଳ୍ପ, ମିଥ୍ ଆଦିର ପ୍ରୟୋଗ; ନୂତନ ଟେକ୍‌ନିକ୍ ବା ଶୈଳୀ; ଅଭିନବ ପରୀକ୍ଷା-ନିରୀକ୍ଷା; ସର୍ବୋପରି ଆଧୁନିକତାର ଅବବୋଧ ଆଦି ହିଁ କବିତ୍ୱ ପରିସ୍ଫୁଟନର ମୂଳଭିତ୍ତି। କିନ୍ତୁ ଉପରୋକ୍ତ କୌଣସି ବିଷୟରେ ଯଥେଷ୍ଟ ଧ୍ୟାନଧାରଣା ନ ଥାଇ ତଥାକଥିତ କବିମାନେ "ମନ୍ଦକବି ଯଶପ୍ରାର୍ଥୀ" ନ୍ୟାୟରେ ଏ ପ୍ରକାର ଲେଖାର ଘୋଡ଼ାଦୌଡ଼ରେ ସାମିଲ୍ ହେଉଛନ୍ତି। ଗୁଡ଼ାଏ ଅନାବଶ୍ୟକ ଅବୋଧ କିମ୍ବା ଦୁର୍ବୋଧ ଶବ୍ଦର ସଂଯୋଗରେ କବିପଣ ହାସଲ କରିବାକୁ ବ୍ୟାକୁଳ ହୋଇଉଠୁଛନ୍ତି। ଆଧୁନିକ କବିତା ଦ୍ୱାହିରେ ଜାଣିଶୁଣି ଅବାନ୍ତର ଓ ଉଦ୍ଭଟ ଧାଡ଼ିମାନ ଲେଖି; କେତେକ ଅପ୍ରାସଙ୍ଗିକ ପ୍ରତୀକ, ଚିତ୍ରକଳ୍ପ, ପୁରାଣକଳ୍ପ ଆଦି ପୂର୍ବାପର ସଂପର୍କ ନ ଥାଇ ପ୍ରୟୋଗ କରି ଆଧୁନିକ କବିତା ଲେଖିବାର ଅପପ୍ରୟାସ କରୁଛନ୍ତି। ଫଳରେ ସେସବୁ ତଥାକଥିତ ଆଧୁନିକ କବିତା ରସହୀନ ଓ ଅର୍ଥହୀନ ହୋଇଯିବା ସଙ୍ଗେସଙ୍ଗେ ସେମାନେ ମଧ୍ୟ ଆଜି ପାଠକମାନଙ୍କ ନିକଟରେ ଅବୋଧ କିମ୍ବା ଦୁର୍ବୋଧ ହୋଇପଡ଼ିଛନ୍ତି।



କବି ଯଦି ସାଧାରଣ ଜନମାନସକୁ ଠିକ୍ ଭାବରେ ନ ବୁଝି କଲମ ଚଳାଇବେ, ତା'ହେଲେ ସାଧାରଣ ଲୋକମାନେ ତଥା ପାଠକମାନେ ଏପରି କବିଙ୍କୁ ବୁଝିପାରିବେ କେମିତି ? ଫଳସ୍ୱରୂପ ପାଠକମାନେ ଏ ପ୍ରକାର କବିଙ୍କୁ କୈଫିୟତର କାଠଗଡ଼ାରେ ଛିଡ଼ା କରାନ୍ତି। ବୋଧଗମ୍ୟତା ସମ୍ପର୍କରେ ପ୍ରଶ୍ନବାଣ ମାରନ୍ତି। ତେବେ ଏପରି କବି ଅବୋଧ କିମ୍ବା ଦୁର୍ବୋଧ ହୋଇପାରନ୍ତି ସତ; ମାତ୍ର ଆଧୁନିକ କବିତା, ଯାହା ଭଲ କବିତା - ତା'ର ବୋଧଗମ୍ୟତା ଉପରେ କଦାପି ପ୍ରଶ୍ନ ଉଠେନା।

ପ୍ରକୃତ କବି କେବେ ତା'ର କବିତାରେ ମସ୍ତିଷ୍କ ଚାଳନାର ଚମତ୍କାରିତା ଦେଖାଇବା ପାଇଁ କଲମ ଧରି ନ ଥାଏ। ପ୍ରକୃତ କବି କେବେ ଭୂଇଁଛଡ଼ା ହୋଇ, ଛଳନା-କପଟତାର ଆଶ୍ରୟ ନେଇ, ଶବ୍ଦଖେଳ ଦେଖାଇ ବାହାବା ନେବାକୁ ଚାହିଁ ନ ଥାଏ। କବିତା ରଚନା କବି ପକ୍ଷରେ ହେଉଛି ତା' ହୃଦୟର ସ୍ୱତଃସ୍ଫୂର୍ତ୍ତ ଆବେଗ ଓ ସ୍ପନ୍ଦନର କାବ୍ୟିକ ପରିପ୍ରକାଶ। କବି ସଚ୍ଚି ରାଉତରାୟଙ୍କ ଭାଷାରେ -

"ଦୁନିଆର ରାଜପଥେ
ଚାଲୁଚାଲୁ ପଥଚାରୀ ମୁହିଁ
ଯେ' ବ୍ୟଥା ବାଜିଛି ବୁକେ
ମଣିଷର ଅପମାନ ଛୁଇଁ,
ତାହାକୁ ଦେଇଛି ବାଣୀ
କହିଛି ସେ ସାଧାରଣ କଥା
ଭାଷାର ଲଳିତ ଜାଲେ
ରଚିନାହିଁ ମିଥ୍ୟା କପଟତା।"

ଦୁର୍ବୋଧତା ଓ ଅବୋଧତାକୁ ଜାବୁଡ଼ି ଧରିଥିବା ଆଧୁନିକ କବି ଓ ତାଙ୍କ କବିତା ସମ୍ପର୍କରେ କବି ନୀଳଲୋହିତଙ୍କ ନିର୍ଭୀକ ମତ -

"ଦୁର୍ବୋଧ ଅଟଇ ତୁମ୍ଭ ପ୍ରକାଶିତ ପଦ
ନାହିଁ ତହିଁ ମନ-ପ୍ରାଣ-ଉଲ୍ଲାସକ ଛନ୍ଦ,
ଆଧୁନିକତାର ନାମେ କରି ସ୍ୱେଚ୍ଛାଚାର
ନକଲ ତ ତିଳେ ଭଲ-ମନ୍ଦର ବିଚାର !"
('ସହକାର'—ଶାରଦୀୟ ବିଶେଷାଙ୍କ-୨୦୦୦)

ସତରେ, କବିତାର ସ୍ରଷ୍ଟାଟିଏ ଯେଉଁମାନଙ୍କ ପାଇଁ ଲେଖୁଥାଏ, ସେହି ଲେଖା ଯଦି ସେମାନଙ୍କ ନିକଟରେ ପହଞ୍ଚିପାରିଲା ନାହିଁ, ଅଥବା ସେମାନଙ୍କ ପାଇଁ ଲେଖାଟି ଯଦି ଅବୋଧ କିମ୍ବା ଦୁର୍ବୋଧ ହୋଇପଡ଼ିଲା, ବା ହୃଦୟକୁ ସ୍ପର୍ଶ କରିବା ଭଳି ପ୍ରେରଣା ଯଦି ସେମାନଙ୍କୁ ନ ମିଳିଲା - ତା'ହେଲେ ସମ୍ପୃକ୍ତ ସ୍ରଷ୍ଟାର ଲେଖନୀ ଚାଳନା ନିରର୍ଥକ। ଅବଶ୍ୟ ଗୋଟିଏ ଗୋଟିଏ କବିତାକୁ ଅଥବା ତା'ର କେତେକ ଧାଡ଼ି କିମ୍ବା ଅନୁଚ୍ଛେଦକୁ ବୁଝିହୁଏ ନାହିଁ। ହେଲେ ତାହା ପାଠକକୁ ଅନ୍ତତଃ ସାମଗ୍ରିକ ଭାବେ ଏକ ଅବବୋଧ ଆଣିଦେବା ତ ଜରୁରୀ। ଲେଖିବାକୁ ଗଲାବେଳେ କବି ଯଦି ଉପରିଲିଖିତ ବିଷୟଗୁଡ଼ିକ ପ୍ରତି ସଚେତନ ରହିପାରନ୍ତା, ତା'ହେଲେ ତା'ର ଲେଖାର ଉପାଦେୟତା ସ୍ୱୀକୃତ ହୋଇପାରନ୍ତା।

ଅନ୍ୟପକ୍ଷରେ ଏକଥା ମଧ୍ୟ ବିଚାର୍ଯ୍ୟ ଯେ - କବିତା ବୁଝିବାର ଯୋଗ୍ୟତା ସମସ୍ତଙ୍କର ନ ଥାଏ। ସୁଯୋଗ୍ୟ ପାଠକ ବା ସମାଲୋଚକ ହିଁ ବିଚାର କରିପାରେ ଯେ, କେଉଁ କବିତା କେତେଦୂର ସୁବୋଧ୍ୟ ଅଥବା ଅବୋଧ୍ୟ କି ଦୁର୍ବୋଧ୍ୟ। ଶ୍ରୀଅରବିନ୍ଦଙ୍କ କାବ୍ୟ 'ସାବିତ୍ରୀ' ସାଧାରଣ ପାଠକମାନଙ୍କୁ ବସ୍ତୁତଃ ଦୁର୍ବୋଧ୍ୟ ମନେହେଉଥିଲେ ହେଁ ତାହାକୁ ଆମେ ଏହି ପର୍ଯ୍ୟାୟଭୁକ୍ତ କରିବା ନିହାତି ମୂର୍ଖତା ହେବ। କାରଣ, ତାହା ଏକ ଊର୍ଦ୍ଧ୍ୱଚେତନା ସ୍ତରର ଲେଖା ହୋଇଥିବାରୁ ସେହି ଚେତନାକୁ ଉନ୍ନୀତ ନ ହେଲେ କେହି କେବେ ତାହାକୁ ବୁଝିବା ସମ୍ଭବ ନୁହେଁ।

**ପାଠକ ସଂଖ୍ୟା**

ସାଧାରଣତଃ ଦେଖାଯାଏ ଯେ - ପ୍ରତ୍ୟେକ ପାଠକ ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ କୌଣସି ଗୋଟିଏ ବିଭାଗରେ ସବୁଠୁ ଅଧିକ ମନୋନିବେଶ କରିଥା'ନ୍ତି। କେତେକ ବିଭାଗ ପ୍ରତି ତାଙ୍କର ଆଦୌ ଆଗ୍ରହ ନ ଥାଏ। ପାଠକ ସଂଖ୍ୟା କେଉଁ ବିଭାଗରେ କମ୍ ତ କେଉଁ ବିଭାଗରେ ବେଶି ଥାଆନ୍ତି। ଆଧୁନିକ କବିତାର ପାଠକ ସଂଖ୍ୟା କେବଳ ଆମ ଓଡ଼ିଆ ଭାଷାରେ ନୁହେଁ, ସବୁ ଭାରତୀୟ ଭାଷାରେ ଓ ବିଦେଶୀ ଭାଷାରେ ମଧ୍ୟ ସବୁବେଳେ କମ୍ ଥିବା ଲକ୍ଷ୍ୟ କରାଯାଏ। ଏହାର ମାନେ ନୁହେଁ ଯେ, ଆଧୁନିକ କବିତା ଅବୋଧ୍ୟ କିମ୍ବା ଦୁର୍ବୋଧ୍ୟ ହେତୁ ପାଠକ ସଂଖ୍ୟା ଅଳ୍ପ ରହୁଛି। କେବଳ ଆଧୁନିକ ଯୁଗ ନୁହେଁ, ପ୍ରାଚୀନ କାଳର ଅନେକ କାବ୍ୟ-କବିତାକୁ ମଧ୍ୟ ବହୁ ପାଠକ ଅବୋଧ୍ୟ ଅଥବା ଦୁର୍ବୋଧ୍ୟ ମନେକରିଛନ୍ତି। ସନ୍ଥକବି ଭୀମ ଭୋଇଙ୍କର ଅନେକ କୃତି ସରଳ ଭାଷାରେ ରଚିତ ହୋଇଥିଲେ ହେଁ ଭାବ ଦୃଷ୍ଟିରୁ କେତେକଙ୍କ ପକ୍ଷରେ ଅବୁଝା ହୋଇଛି। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଶବ୍ଦଚାତୁର୍ଯ୍ୟପୂର୍ଣ୍ଣ କାବ୍ୟ ମଧ୍ୟ ଅଧିକାଂଶ ସ୍ଥଳରେ ବୁଝିବା ସହଜ ନୁହେଁ।

> **ଏକଥା ମଧ୍ୟ ବିଚାର୍ଯ୍ୟ ଯେ - କବିତା ବୁଝିବାର ଯୋଗ୍ୟତା ସମସ୍ତଙ୍କର ନ ଥାଏ। ସୁଯୋଗ୍ୟ ପାଠକ ବା ସମାଲୋଚକ ହିଁ ବିଚାର କରିପାରେ।**

ଆଉ ଏକ ବିଶେଷ କଥା ହେଉଛି - କବି ମନରେ ବେଳେବେଳେ ଏପରି ଗୋଟେଗୋଟେ ଭାବ ବା ଆବେଗ ଉଙ୍କିମାରେ, ଯାହାକୁ ସେ ଚିରାଚରିତ ଭାଷାରେ ବ୍ୟକ୍ତ କରିବା ସମ୍ଭବ ହୁଏନାହିଁ। ଅଗତ୍ୟା ଭାଷାର ଏକ ନୂତନ ପ୍ରୟୋଗ ଦ୍ୱାରା କବି ସେହି ଅବର୍ଣ୍ଣନୀୟ ଉପଲବ୍ଧିକୁ ଚାତୁର୍ଯ୍ୟପୂର୍ଣ୍ଣ ଭାବରେ ବର୍ଣ୍ଣନା କରେ। ଏ କ୍ଷେତ୍ରରେ କବିର ଅନୁଭୂତି ସହିତ ପାଠକର ଅନୁଭୂତି ଏକାକାର ହୋଇ ନ ପାରିବାରୁ ସଂପୃକ୍ତ କବିତା ଓ ତା'ର ପାଠକ ମଧ୍ୟରେ ଏକ ଅସମାହିତ ଦୂରତ୍ୱ ଦେଖାଦିଏ।

ଆଉ ମଧ୍ୟ କବିତା ଯେତେ ସରଳ ହୋଇଥିଲେ ବି, କବି ଯେତେବେଳେ ଏକ ନୂତନ କାବ୍ୟଶୈଳୀ ଉପସ୍ଥାପନ କରେ, ଅଭ୍ୟସ୍ତ ନ ଥିବା ପାଠକ ତାକୁ ବୁଝିବାକୁ ସମର୍ଥ ହୋଇପାରେ ନାହିଁ। ପାଶ୍ଚାତ୍ୟରେ ଯେତେବେଳେ ନୂଆକରି ଆଧୁନିକ କବିତାର ସୂତ୍ରପାତ ହେଲା, ସେଠାରେ ମଧ୍ୟ ପାଠକମାନେ ତାହାକୁ ସହଜରେ ଗ୍ରହଣ କରି ନ ଥିଲେ। ଆଉ ଯେତେବେଳେ ଆମ ଭାରତର ବିଭିନ୍ନ ଭାଷାର କବିମାନେ ପାଶ୍ଚାତ୍ୟର ସେହି ଧାରାକୁ ଆପଣେଇଲେ, ପ୍ରଥମେ ପ୍ରଥମେ ପାଠକମାନେ ସେଥିପ୍ରତି ମନଧ୍ୟାନ ଦେଉ ନ ଥିଲେ। କାରଣ, ସେପରି କବିଙ୍କ ଦାନଶକ୍ତି ତୁଳନାରେ ପାଠକଙ୍କ ଗ୍ରହଣଶକ୍ତି କମ୍ ରହୁଥିଲା। ହେଲେ ସମୟକ୍ରମେ ପାଠକମାନେ ତାହାକୁ ପଢ଼ି କିଛିକିଛି ବୁଝିଲେ ସତ; ମାତ୍ର ଅବୋଧ୍ୟତା ଓ ଦୁର୍ବୋଧ୍ୟତାର ଆରୋପ ଲଗାଇଲେ। ଇଂରାଜୀ ସାହିତ୍ୟର ଏଜରା ପାଉଣ୍ଡ, ଇଲିଅଟ୍ ପ୍ରଭୃତିଙ୍କଠାରୁ ଆରମ୍ଭକରି ଓଡ଼ିଆ ସାହିତ୍ୟର ସଚ୍ଚିଦାନନ୍ଦ ରାଉତରାୟ, ରମାକାନ୍ତ ରଥ, ସୌଭାଗ୍ୟ ମିଶ୍ର ପ୍ରଭୃତିଙ୍କ ଅନେକ କବିତା ପାଠକମାନଙ୍କ ପାଇଁ ଦୁର୍ବୋଧ୍ୟ, ଏପରିକି ଅବୋଧ୍ୟ ମଧ୍ୟ ମନେହେଲା। ଅବୋଧ୍ୟ କବିତାର ଦୃଷ୍ଟାନ୍ତ ସ୍ୱରୂପ ଏଠାରେ ଏକ ପଙ୍‌କ୍ତିକୁ ଲକ୍ଷ୍ୟ କରାଯାଉ -


"ମୁଁ ମୋଟର ନେଲି ସମୁଦ୍ର ଉପରେ
ହଠାତ୍ ଚକ ଫାଟିଗଲା..."

(ଯୀଶୁଖ୍ରୀଷ୍ଟ - ରମାକାନ୍ତ ରଥ)

ତେବେ ଆଶ୍ୱାସନାର କଥା ଯେ - ସମୟକ୍ରମେ ଆଧୁନିକ କବିତା ଅବୋଧ୍ୟତା ଓ ଦୁର୍ବୋଧ୍ୟତାରୁ ମୁକୁଳିମୁକୁଳି ଆସିଲାଣି। ଏଥିପୂର୍ବ ଅନୁଚ୍ଛେଦରେ ଉଲ୍ଲିଖିତ କବିମାନେ ମଧ୍ୟ ଏ ଦୋଷରୁ ମୁକ୍ତ ହୋଇଯାଇଛନ୍ତି। ତତ୍କାଳୀନ ପ୍ରଖ୍ୟାତ ଇଂରାଜୀ କବି ତଥା

ସମାଲୋଚକ ଟି.ଏସ୍. ଏଲିଅଟ୍ ମତ ଦେଇଛନ୍ତି, "ସେନ୍‌ସିବିଲିଟି ଅଲ୍‌ଟର୍ସ ଫ୍ରମ୍ ଜେନେରେସନ୍ ଟୁ ଜେନେରେସନ୍ ଇନ୍ ଏଭ୍ରିବଡି। ହ୍ୱେଦର୍ ୱି ୱିଲ୍ ଅର୍ ନଟ୍ ବଟ୍ ଏକ୍ସପ୍ରେସନ୍ ଇଜ୍ ଓନ୍‌ଲି ଅଲ୍‌ଟର୍ଡ, ବାଏ ଏ ମ୍ୟାନ୍ ଅଫ୍ ଜିନିଅସ୍। ଏ ଗ୍ରେଟ୍ ମେନି ସେକେଣ୍ଡ-ରେଟ୍ ପୋଏଟ୍‌ସ, ଇନ୍ ଫ୍ୟାକ୍ଟ, ଆର୍ ସେକେଣ୍ଡ-ରେଟ୍ ଜଷ୍ଟ ଫର୍ ଦିସ୍ ରିଜନ୍, ଦ୍ୟାଟ୍ ଦେ ହାଭ୍ ନଟ୍ ଦି ସେନ୍‌ସିଟିଭ୍‌ନେସ୍ ଆଣ୍ଡ କନ୍‌ସିଅସ୍‌ନେସ୍ ଟୁ ପରସିଭ୍ ଦ୍ୟାଟ୍ ଦେ ଫିଲ୍ ଡିଫରେଣ୍ଟଲି ଫ୍ରମ୍ ଦି ପ୍ରିସିଡିଙ୍ଗ୍ ଜେନେରେସନ୍ ଆଣ୍ଡ ଦେୟାରଫୋର୍ ମଷ୍ଟ ୟୁଜ୍ ୱାର୍ଡସ ଡିଫରେଣ୍ଟଲି।"

ପୂର୍ବ ଆଲୋଚନାରୁ ବୁଝାପଡ଼େ ଯେ - ଆଧୁନିକ କବିତା ତା'ର ଗୁଣଧର୍ମକୁ ନେଇ ଯେତେ ଉର୍ଜ୍ଜସ୍ୱଳ, ଏହାର ରସାସ୍ୱାଦନ ଦକ୍ଷତା ଥିବା ପାଠକ ମଧ୍ୟ ସ୍ୱାଭାବିକ ଭାବେ ସେତେ କମ୍। ଏ ଦୃଷ୍ଟିରୁ ଆଧୁନିକ କବିତାମାନେ ଅବୋଧ ଅଥବା ଦୁର୍ବୋଧ କବିତା ବୋଲି ଆକ୍ଷେପ କରିବା ଠିକ୍ ନୁହେଁ। ଆଧୁନିକ କବିତାର ସଂଜ୍ଞା, ସ୍ୱରୂପ, ରଚନାବିଧି, ଭାଷା, ଶୈଳୀ ଆଦିର ବିବିଧ ଦିଗ ସମ୍ପର୍କରେ ପାଠକର ଧାରଣା ନ ଥିଲେ, ସେ ତାକୁ ଅବୋଧ କିମ୍ବା ଦୁର୍ବୋଧ ବୋଲି ବିଦ୍ରୂପ କରେ। କାରଣ କୌଣସି କବିତା ଯେତେ ସୁବୋଧ ବା ସହଜବୋଧ ହୋଇଥିଲେ ହେଁ, ଜଣେ ପାଠକ ତା'ର ଜ୍ଞାନ, ଚିନ୍ତାଧାରା, ମନୋସ୍ଥିତି ଓ ବୋଧଶକ୍ତିକୁ ନେଇ ଯେତିକି ପାରେ ବୁଝିଥାଏ କିମ୍ବା ଆଦୌ ବି ବୁଝିପାରି ନ ଥାଏ। ଏପରି ବି କେତେକ କାବ୍ୟ କିମ୍ବା କବିତା ଥାଏ, ଯାହାକି କିଛିଦିନ ପାଇଁ ବା କିଛି ପାଠକଙ୍କ ପାଇଁ ଅବୋଧ କିମ୍ବା ଦୁର୍ବୋଧ ମନେହୁଏ। ହେଲେ ସମୟକ୍ରମେ ସେଭଳି କୃତିକୁ ମଧ୍ୟ ପାଠକମାନେ ଧୈର୍ଯ୍ୟ ଓ ନିଷ୍ଠା ବଳରେ ବୁଝିପାରନ୍ତି। ଏହି ମର୍ମରେ ଆନ୍ତର୍ଜାତିକ ପ୍ରସିଦ୍ଧି ଅର୍ଜନ କରିଥିବା ଆଙ୍ଗ୍‌ଲୋ-ଆଇରିସ୍ କବି ସି.ଡି. ଲେୱିସ୍ କହିଛନ୍ତି, "ଦି ଲର୍ଣ୍ଣିଂ ଟୁ ରିଡ୍ ପୋଏଟ୍ରି ଟେକ୍‌ସ ଆଜ୍ ମଚ୍ ପେସେନ୍‌ସ ଆଣ୍ଡ କନ୍‌ସେନ୍‌ଟ୍ରେସନ୍ ଆଜ୍ ଦି ଲର୍ଣ୍ଣିଂ ଟୁ ରାଇଟ୍ ଇଟ୍।"



स्याररजाराधाकान्तदेवबाहादुर-प्रणीत:

शब्दकल्पद्रुमः

THE ŚABDAKALPADRUMA

एतद्देशस्थसमस्तकोषाशेषशास्त्रसङ्कलिताकारादिक्रमविन्यस्तशब्द-तल्लिङ्ग-नानार्थ-पर्याय-प्रमाण-प्रयोग-धातु-तदनुबन्धा-भिधेयसहित-तत्तच्छब्दप्रसङ्गोत्थित-वेद-वेदान्त-न्याय-पुराणेतिहास-सङ्गीत-शिल्प-सूपकारशास्त्र-ज्योतिष-तन्त्राख्यान-काव्यालङ्कार-च्छन्द:प्रभृतिनाम-लक्षणोदाहरण-द्रव्यगुण-रोगनिदानौषध-स्मृत्युक्त-व्यवस्थादिसंयुक्त-सर्वदर्शनमतानुसारि-संस्कृताभिधानग्रन्थ:

पाणिनिमतानुसारि-प्रत्येकशब्दव्युत्पत्ति-मूलग्रन्थातिरिक्तवञ्जुलशब्दार्थ-प्रमाण-प्रयोग-पर्य्याय-धातुपदोदाहरणादिभि: नूतनसङ्कलितवञ्जुल-शब्द-तदर्थ-तत्प्रमाण-प्रयोगादिसहित-सुप्रशस्तपरिशिष्टेन च सार्द्धम्

## ବୋଧଗମ୍ୟତାର ସମସ୍ୟା

ପ୍ରାୟତଃ ପ୍ରତ୍ୟେକ ପାଠକ ଚାହାନ୍ତି ସେ ଯାହା ପଢ଼ିବେ ସହଜରେ ବୁଝିହେଉଥିବ। କିନ୍ତୁ ବୁଝିବା-ନ ବୁଝିବାର ମାତ୍ରା କେବଳ ଲେଖା ଉପରେ ନିର୍ଭରଶୀଳ ନୁହେଁ। ଏହା ନିଜର ସାମର୍ଥ୍ୟ, ଆଗ୍ରହ, ନିଷ୍ଠା ଓ ଧୈର୍ଯ୍ୟଶକ୍ତି ଉପରେ ମଧ୍ୟ ନିର୍ଭର କରେ ବୋଲି କେତେଜଣ ପାଠକ ଭାବନ୍ତି ? ଯେମିତି ଲେଖକ ହେବା ପାଇଁ ଅନ୍ତତଃ କିଛି ଯୋଗ୍ୟତା ଦରକାର, ସେମିତି ପାଠକ ହେବା ନିମିତ୍ତ ବି ଯୋଗ୍ୟତା ଆବଶ୍ୟକ। ପକ୍ଷାନ୍ତରେ ବିଚାର କଲେ ସୁବୋଧତା, ଦୁର୍ବୋଧତା ଓ ଅବୋଧତା ବିଚାରବୋଧ ସାହିତ୍ୟର ଅନ୍ୟ କୌଣସି ବିଭାଗ ପ୍ରତି ଯେତେ ପ୍ରଯୁଜ୍ୟ, କାବ୍ୟ ଅଥବା କବିତା ପ୍ରତି ସେତେ ପ୍ରଯୁଜ୍ୟ ନୁହେଁ। କାରଣ ଏହାଦ୍ୱାରା ତା'ର କାବ୍ୟିକ ମୂଲ୍ୟବୋଧ ଉପଲବ୍ଧି କରିହୁଏନା। ଏ ସମ୍ପର୍କରେ ବିଶ୍ୱବିଖ୍ୟାତ କବି, ସମାଲୋଚକ ଓ ଦାର୍ଶନିକ କଲେରିଜ୍‌ଙ୍କ ମତ ହେଉଛି, "ପୋଏଟ୍ରି ଗିଭ୍‌ସ ମୋଷ୍ଟ ପ୍ଲେଜର୍ ହ୍ୱେନ୍ ଓନ୍‌ଲି ଜେନେରାଲି ଆଣ୍ଡ ନଟ୍ ପରଫେକ୍ଟଲି ଅଣ୍ଡରଷ୍ଟୁଡ୍।"

ସୁବୋଧ-ଦୁର୍ବୋଧ-ଅବୋଧ ଭେଦରେ କବିତାର ପ୍ରକାରଭେଦ ଓ ତନ୍ମଧ୍ୟରୁ କେଉଁଟି କେତେଦୂର ଗ୍ରହଣୀୟ ବା ସ୍ପୃହଣୀୟ, ସେ ସମ୍ପର୍କରେ ଏକ ହାସ୍ୟୋଦ୍ଦୀପକ ଶ୍ଳୋକ 'ଶବ୍ଦକଳ୍ପଦ୍ରୁମ'ରେ ପରିଦୃଷ୍ଟ ହୁଏ -

"ନାନ୍ଧ୍ରୀ ପୟୋଧର ଇବା ତିତରା ପ୍ରକାଶୋ
ନୋଗୁର୍ଜ୍ଜରୀ ସ୍ତନ ଇବା ତିତରାଂ ନିଗୂଢ଼ଃ।
ଅର୍ଥୋ ବିରାମ ପିହିତ ପିହିନଷ୍ଟ କାଶ୍ଚିତ୍
ସୌଭାଗ୍ୟମେତି ମରହଟ୍ଟ ବଧୂ କୁଚାଭଃ ॥"

ଅର୍ଥାତ୍ - କାବ୍ୟ ବା କବିତାର ଅର୍ଥ ଆନ୍ଧ୍ରପ୍ରଦେଶୀୟ ନାୟିକାର ବିଶାଳ ସ୍ତନ ସଦୃଶ ଅତି ସ୍ପଷ୍ଟ ଭାବରେ ପ୍ରକାଶିତ ହେବା ଶୋଭନୀୟ ନୁହେଁ, କିମ୍ବା ଗୁଜରାଟୀ ନାୟିକାର ସ୍ୱଳ୍ପୋଚ୍ଚ ସ୍ତନ ସଦୃଶ ଅତ୍ୟନ୍ତ ଗୂଢ଼ (ଗୁପ୍ତ) ଅର୍ଥ ହେବା ମଧ୍ୟ ଶୋଭନୀୟ ନୁହେଁ। କାବ୍ୟ ବା କବିତାର ଅର୍ଥ ଯଦି କିଛି ସ୍ପଷ୍ଟ ଏବଂ କିଛି ଗୂଢ଼ ହୋଇଥାଏ, ତାହାହିଁ ମହାରାଷ୍ଟ୍ରୀ ନାୟିକାର ମଧ୍ୟମାକୃତି-

ବିଶିଷ୍ଟ ସୁଢ଼ୁଳ ସ୍ତନ ସଦୃଶ ଅଧିକ ସୁନ୍ଦର ଲାଗିଥାଏ।

## ଅନାଦରର ହେତୁ

ବହୁ ଆଧୁନିକ କବିତା ଅବୋଧ ଓ ଦୁର୍ବୋଧ ହେବା ସଙ୍ଗେସଙ୍ଗେ ଛନ୍ଦହୀନ ବା ଯତିପାତ-ବିହୀନ ହୋଇଥିବାରୁ ପାଠକମାନେ ଏଗୁଡ଼ିକୁ ଆଦର କରୁନାହାନ୍ତି ବୋଲି ଅଭିଯୋଗ ହୁଏ। ଅନେକ ଆଧୁନିକ କବିତାରେ ଅବୋଧତା କି ଦୁର୍ବୋଧତା ନ ଥିଲେ ବି, ଛନ୍ଦ-ଯମକ-ଯତିପାତ ଇତ୍ୟାଦିର ଅଭାବରେ ତାହା ପାଠକମାନଙ୍କ ନିକଟରେ ଶୁଷ୍କ-ନୀରସ ବୋଧ ହେଉଛି ତଥା ଚିତ୍ତାକର୍ଷଣ କରିପାରୁ ନାହିଁ ବୋଲି ମଧ୍ୟ ଆପତ୍ତି ଉଠେ। ଏ ସମ୍ପର୍କରେ ମହାନ୍ ବିପ୍ଳବୀ କବି ରବି ସିଂ କିନ୍ତୁ ଏକ ଭିନ୍ନମତ ପୋଷଣ କରିଛନ୍ତି। ଜଣେ ଆଧୁନିକ କବି ହୋଇ ନ ଥିଲେ ସୁଦ୍ଧା ସେ ଯୁକ୍ତି ବାଢ଼ିଛନ୍ତି ଯେ – ଆଜିର ମଣିଷ ତା'ର ସମସ୍ତ ସୁକୁମାର ପ୍ରବୃତ୍ତି, ଆଶା ଓ ଅନ୍ୱେଷାକୁ ହରାଇବସିଛି। ଆଜି ଖାଦ୍ୟ ଅପମିଶ୍ରିତ, ପ୍ରେମ ମଧ୍ୟ ପଣ୍ୟ, ବ୍ୟାଧିଗ୍ରସ୍ତ ଓ ତ୍ୟାଗହୀନ। ମଣିଷକୁ ମଣିଷ ଅନାୟାସରେ ହତ୍ୟା କରିପାରେ। ଜୀବନର ଶାଶ୍ୱତ ମୂଲ୍ୟ ତା' ପାଖରେ କିଛିମାତ୍ର ନାହିଁ। ଏସବୁ ପାଇଁ ସାରା ସମାଜଟା ଆଜି ହୋଇଯାଇଛି ଭୀଷଣ ସଙ୍କଟାପନ୍ନ। ସୁର ହୋଇଯାଇଛି ବେସୁରା, ତାଳ ହୋଇଯାଇଛି ବେତାଳିଆ। ଏପରି ଏକ ଉତ୍କଟ ସ୍ୱାର୍ଥାନ୍ୱେଷୀ ବସ୍ତୁବାଦୀ ଯୁଗରେ; ଏପରି ଏକ ଛନ୍ଦହୀନ ଯୁଗରେ; କବିତାରେ ଆଉ ଛନ୍ଦ, ଯତିପାତ ବା ରାଗ-ରାଗିଣୀ ରହିପାରିବ କିପରି ? ତାଙ୍କ ଭାଷାରେ –

"ଯେ ମହାଭାରତେ ଅଭିମନ୍ୟୁକୁ
ଘେରି ମାରେ ସପ୍ତରଥୀ,
ସେଠାରେ କବିଟି ରଖିପାରିବ କି
ଛନ୍ଦ, ଯମକ, ଯତି ?"

**ପ୍ରକୃତରେ କବି ଯିଏ, ତା' କବିତାର ଛନ୍ଦହୀନତା ବି ଏକ ନିଆରା ଛନ୍ଦ, ଯମକହୀନତା ବି ଏକ ନିଆରା ଯମକ, ଆଉ ଯତିପାତ-ହୀନତା ବି ଏକ ନିଆରା ଯତିପାତ।**

ସର୍ବଶେଷରେ ଏକଥା ମଧ୍ୟ ବିଚାରଯୋଗ୍ୟ ଯେ – ଆଧୁନିକ କବିତାରେ ଅବୋଧତା ଓ ଦୁର୍ବୋଧତା ପାଇଁ କେବଳ କବିମାନଙ୍କୁ କାହିଁକି, ସମାଲୋଚକ ବୋଲାଉଥିବା ବ୍ୟକ୍ତିବିଶେଷଙ୍କୁ ବି ଦାୟୀ କରାଯାଇପାରେ। କାରଣ, ସେମାନେ ଆଧୁନିକ କବିତାରେ ବୋଧଗମ୍ୟତାର ଅଭାବ ପ୍ରତି ଆଖି ବୁଜିଦେଇ ଏକପାଖିଆ ଭାବେ କେବଳ ପ୍ରଶଂସା କରିଚାଲିଲେ। ଆଉ ମଧ୍ୟ ଅବୋଧତା ଓ ଦୁର୍ବୋଧତା ବିରୋଧରେ ସ୍ୱର ଉତ୍ତୋଳନ ସାହସ ଥିବା କୌଣସି ଅଭିଜ୍ଞ, ନିର୍ଭୀକ ଓ ନିରପେକ୍ଷ ତଥା ନିରୁତା ସମାଲୋଚକ ଆରମ୍ଭକାଳରୁ ବହୁବର୍ଷ ଧରି ପ୍ରାୟ ଆବିର୍ଭୂତ ହେଲେ ନାହିଁ। ଯଦିବା ବେଳେବେଳେ କେହି ସମାଲୋଚକ କୌଣସି କବିଙ୍କ ଅବୋଧତା କିମ୍ବା ଦୁର୍ବୋଧତା ପ୍ରତି କଟାକ୍ଷପାତ କଲେ, ସଂପୃକ୍ତ କବି ତାକୁ ହଜମ କରିପାରିଲେ ନାହିଁ। ପ୍ରତିକ୍ରିୟା ସ୍ୱରୂପ କେତେକ ତଥାକଥିତ ସମାଲୋଚକଙ୍କୁ କୌଣସିମତେ ପ୍ରବର୍ତ୍ତାଇ ସେହି ସମାଲୋଚକଙ୍କ ମତଖଣ୍ଡନ ଦିଗରେ ଲାଗିପଡ଼ିଲେ। ଏହିପରି ଅନେକ କାରଣରୁ ବଢ଼ିଚାଲିଲା ଅବୋଧ-ଦୁର୍ବୋଧ କବିତାର ବନ୍ୟା ଓ ସୁବୋଧ ତଥା ସହଜବୋଧ କବିତାର ମରୁଡ଼ି। ଏସବୁ ସତ୍ତ୍ୱେ ପାଠକ ସବୁବେଳେ ନିଜ ଅନ୍ତରାତ୍ମାର ବିଚାରକୁ ହିଁ ଚୂଡ଼ାନ୍ତ ବୋଲି ମାନିଆସିଛି। ଯେଉଁ କବିତାକୁ ସେ ଅବୋଧ କି ଦୁର୍ବୋଧ ମନେକରିଛି, ତାକୁ ଫିଙ୍ଗିଦେଇଛି ବିସ୍ମୃତିର ଅତଳ ଗର୍ଭକୁ। ଫଳତଃ ଆଜି ଅଧିକାଂଶ ଆଧୁନିକ କବି ବାଧ୍ୟ ହୋଇଛନ୍ତି ଅବୋଧତା-ଦୁର୍ବୋଧତା ପରିହାର କରିବାକୁ।

ତେବେ ସେ ଯାହା ହେଉନା କାହିଁକି, ଏ ଲେଖକ ମନେକରେ ଯେ – ପ୍ରକୃତରେ କବି ଯିଏ, ତା' କବିତାର ଛନ୍ଦହୀନତା ବି ଏକ ନିଆରା ଛନ୍ଦ, ଯମକହୀନତା ବି ଏକ ନିଆରା ଯମକ, ଆଉ ଯତିପାତ-ହୀନତା ବି ଏକ ନିଆରା ଯତିପାତ। ସିଏ ହୁଏତ ପାରମ୍ପରିକ ଭାବେ ଛନ୍ଦ-ଯମକ-ଯତିପାତ ବ୍ୟତିରିକ୍ତ କବିତା ରଚିପାରେ; ମାତ୍ର ତା'ର ସେହି କବିତା ଭିତରୁ ଅହରହ ନିଃଶବ୍ଦରେ ଶୁଭୁଥାଏ ନିତ୍ୟନୂତନ ଛନ୍ଦ, ଯମକ ଓ ଯତିପାତର ଓଁକାରଧ୍ୱନି। ଆଉ ଏପରି କବିତା ଆଧୁନିକ ହୋଇଥିଲେ ହେଁ ଏହାର ବୋଧଗମ୍ୟତା ସମ୍ପର୍କରେ କୌଣସି ସଂଶୟ ନ ଥାଏ।

□□

ଲେଖକଙ୍କ ଇ-ମେଲ ଠିକଣା:
brahmanandabiswal@gmail.com-


କବିତା


# ଏକ ପ୍ରଜାପତିର ମୃତ୍ୟୁ

ଡା. ଦୀନବନ୍ଧୁ ସାହୁ



ସୁରହୀନ ଗୀତ ଲଳିତ ଶ୍ରୁତିରେ ଜିଣିଛି କି କାହା ମନ
ଜଳନ୍ତା ଅଙ୍ଗାର ସମ ଜୀଇଁବାରେ ରଖେ କି ମାନେ ଜୀବନ।
ମଉଳା ଫୁଲର ହାରେ ଥାଏ କିବା ସନମାନ କାହା ପାଇଁ
ପ୍ରେମେ ହାରି ଏହି ଦୁନିଆରେ କେହି ପାରିଛି କି ସୁଖେ ଜୀଇଁ ।
ଶୁଖିଲା ନଈର ଡହକା ଛାତି କି ପାରଇ ଶୋଷ ମେଣ୍ଟାଇ
ଶୁଷ୍କ ତରୁଡାଳ ଫୁଲ ପସରାରେ ପାରେ କି ମହକ ଦେଇ।
ଫୁଲର ପରଶ ଜାଣିବ କେମନ୍ତେ ରକତ ଝରା ଗୋଇଠି
ଲୁହର ବନ୍ୟାରେ ଘର ଯା'ବତୁରା ଅନ୍ଧାର ହୃଦୟ କୋଠି।





ଆହତ ବୀଣାରେ ଛିନ୍ନ ତାରରେ ବେସୁରା ରାଗ ଝଙ୍କାର
ଥରାଇ ପାରେ କି ହୃଦୟ ତନ୍ତ୍ରୀ ଛୁଏଁ କି କା ଅନ୍ତପୁର।
କଣ୍ଟକିତ ପଥେ ପଥଚାରୀ ସେ ତ ଭୁଲିଛି କୋମଳ ଛୁଆଁ
ଚଲାପଥେ ଫୁଲ ଚନ୍ଦନର ମୂଲ ତା'ପାଇଁ ରହିବ କିଆଁ।
କାରୁଣ୍ୟର କାରା ଉଆସରେ ବନ୍ଦି ପ୍ରେମିକ ରାଜକୁମାର
ଭଙ୍ଗା ବେହେଲାରେ ଲୋତକ ଢାଳଇ ପାଏନାହିଁ ପ୍ରଶ୍ନୋତ୍ତର।
ଆହତ ହୃଦୟେ ଅନ୍ଧାର ଗଳିରେ ହେଉଥାଏ କା'ରେ ଖୋଜି
ହାତେ ଶୂନ୍ୟତାର ଅଳନ୍ଧୁ ପସରା ଜୀବନ ଲାଗିଛି ବାଜି।

□□

କବିଙ୍କ ଇ-ମେଲ ଠିକଣା:
dinabandhu1970@gmail.com



ଗଳ୍ପ

# ଅକୁହା କଥା


ନାରୁ ମହାନ୍ତି

ଯୋଉ କଥାଟି ସେ କେବେ କାହାକୁ କହି ନାହାନ୍ତି, ସେଇ ଅକୁହା କଥାଟି ପ୍ରଥମ ପୁରୁଷ ଏକବଚନରେ ହେଲା -

- ଆରେ ମନେ ଅଛି ନା ମୋର ଗୋଟାଏ ମାତ୍ର ଫୋନ୍‌ରେ ତୁ ମାଡ଼ି ଆସିଲୁ ମୋ' ପାଖକୁ ପନ୍ଦର ଶହ କିଲୋମିଟର ଦୂରରୁ !

- ଯେ ମୁଁ ତତେ ଏମିତି କି କନ୍ଦମୂଳ ଖୁଆଇବି, ଯୋଉଟା ତୁ କେବେ ବି ଖାଇନାହୁଁ, ସେଇ ଆଶାରେ ତୁ ମାଡ଼ି ଆସିଥିଲୁ ତ !

ତୁ କ'ଣ ମତେ ଆଗେ ଚିହ୍ନିଥିଲୁ ଯେ କହିଥାନ୍ତୁ ! ଚିହ୍ନିବା ଲୋକ ହେଲି ମୁଁ। ଗୋଡ଼େଇ ଗୋଡ଼େଇ ଚିହ୍ନିଲି ତତେ !



ଖୋଜି ଖୋଜି ମୁଁ ବାହାର କଲି ତତେ - ଆରେ ତତେ ନୁହେଁ, ତୋ' ଫୋନ୍ ନମ୍ବର - କେତେ ପତ୍ରିକା ଫତ୍ରିକା ଖୋଜି ବାହାର କଲି ତୋ' ଫୋନ୍ ନମ୍ବର। କାହିଁକିନା ତୋର ସେହି ଲେଖାଟି ମୋତେ ବାଇଆ କରିଦେଇଥିଲା।

ମଣିଷ ଜୀବନ ଯେ ଏତେ ଦୁର୍ଲ୍ଲଭ ଓ ମୂଲ୍ୟବାନ, ପୁଣି ଭୟଙ୍କର, ଦୟନୀୟ ଆଉ ଘୃଣ୍ୟ - ତୋର ସେଇ ଲେଖାଟି ପଢ଼ି ମୁଁ ତୋ' ପ୍ରେମରେ ପଡ଼ିଗଲି - ତୋତେ ନ ଦେଖି, ନ ଚିହ୍ନି !

ତୁ ତ ମୋର ପୁଅ ସମାନ - ମୋ' ଠୁଁ କୋଡ଼ିଏ ବର୍ଷ ସାନ ତ। ତଥାପି କ'ଣ ମୁଁ ତତେ ହତାଦର କରିଛି ନା ଉପେକ୍ଷା କରିଛି ? ବରଂ ସମାସ୍କନ୍ଧ ମଣି ତୋ' ସହିତ ବ୍ୟବହାର କଲି। ନ ହେଲେ ସେଇ ପ୍ରଥମ ଦେଖାରେ କିଏ କ'ଣ ଏମିତି - ଏ ଶୀତ ରାତିରେ ଘର ପାଖ ପେଟ୍ରୋଲ ଟାଙ୍କି ପାଖରେ, ଏମିତି ଅଶୋଭନୀୟ ଭାବେ ପ୍ରଥମ ଦେଖାରେ ଦହଡ ପାଣି ଢକ ଢକ କରି ବୋତଲରୁ ପିଇନିଏ ଆଖି ପିଛୁଳାକେ ? ଠିଆ ଠିଆ ବୋତଲରୁ ! ସେଥିକୁ ପୁଣି ଆଉ ଜଣେ ଅଜଣା ଟୋକା ସାମ୍ନାରେ, ଯିଏ ତତେ ଏୟାରପୋର୍ଟରୁ ବାଇକ୍‌ରେ ବୋହିକି ଆଣିଥିଲା ମୋ' ପାଖକୁ !

ଆରେ ତୁ କିଏ ନା ସେ କିଏ ? କଥା କଥାକେ ଗହିରିଆ ସମ୍ପର୍କ ହୋଇଗଲା ଚାହୁଁ ଚାହୁଁ, ତୋର ସେଇ ଲେଖାଟି ମୋତେ ଯୋଡ଼ି ଦେଲା ତୋ' ସାଙ୍ଗରେ। ଯେମିତିକି ତୁ ମୋର କାହିଁ କେତେ ଦିନରୁ ସମ୍ପର୍କିତ ! ହଁରେ, ମିଛ କହୁନିରେ ବେଟା - ତୁ ମାନ କି ନ ମାନ।

ବାସ୍, ଡୋରି ଲାଗିଗଲା, ଏମିତିକି ତୁ ନ ଚାହିଁଥିଲେ ବି ମୁଁ ଜୋକ ଭଳି ଲାଗିଯାଇଥିଲି ତୋ' ଠିଁ।

ବର୍ଷେ ନୁହେଁ କି ଦି' ବର୍ଷ ନୁହେଁ, ବାର ବର୍ଷ ଧରି ଜମିଗଲୁ ଆମେ। ତୋର ସବୁ ଲେଖା ମୋ' ପାଖରେ।

ଗୋଟାଏ ବୋଲି ତ ପତ୍ରିକା - ତୋ ମତରେ ସେଇଟି ଶ୍ରେଷ୍ଠ ପତ୍ରିକା ମୋ' ମତରେ ନୁହେଁ। ଯାହା ହଉ, ସେଇ ପତ୍ରିକାରେ ତୋ'ର ସବୁତକ ଲେଖା।

ମୋ' ମତରେ ସେଇଟା ପତ୍ରିକା ନୁହେଁ, ଗୋଟେ ତେଲଘଣା। କାହିଁ କେତେ ବର୍ଷ ଧରି ସେଥିରୁ ଯୋଉ ତେଲ/ପତ୍ରିକା ବାହାରୁଛି, ସେସବୁ କୁଆଡ଼େ ଆମ ସାହିତ୍ୟିକ ମେରୁଦଣ୍ଡକୁ ଟାଣ କରୁଚି ନା ପାମ୍ପରା କରୁଛି - ତୁ ଜାଣୁନାରେ ପୁଅ। ତୋ'ର ଜନ୍ମ ମୃତ୍ୟୁ ସେଇଠି ହେଇଚି / ହବ !

ଯାହା ବି ହଉ - ସେଇ ଦିନଠୁ, ଚିହ୍ନା ପରିଚିତ ହେବା ଦିନୁ, ସେଇ ପତ୍ରିକାରେ ତୁ ଛାପିବା ପୂର୍ବରୁ ତୋ'ର ଲେଖାଗୁଡ଼ିକ ମୋ' ପାଖରେ ପହଞ୍ଚିଯାଏ। ତୁ ହିଁ ପଠେଇ

ଦଉ ଆଗ।

ତୋ'ର ସବୁତକ ବହି ତୁ ପଠେଇ ଦେଇଥିଲୁ ଆଗରୁ। ସେସବୁ ପଢ଼ିଲି। ସେବେ ଠୁଁ ତୋ' ପାଣ୍ଡୁଲିପିତକ ତୁ ପଠେଇ ଚାଲିଛୁ ମୋ' ପାଖକୁ, ମୁଁ ପଢ଼ି ଚାଲିଛି।

ଆଉ କ'ଣ? ଆରେ ସେଇ 'ଆଉ କ'ଣ'ଟି ଅସଲ।

ତୋ'ର ପ୍ରକାଶିତ ସାତଖଣ୍ଡ ବହି ପଢ଼ିଲି, ପଢ଼ି ଚାଲିଲି ଏବଂ ଶେଷରେ ସେଇ ପଢ଼ାରୁ ମୋର ଯେଉଁ ଲେଖାଟି ନିକିଲିଲା, ସେଇଟି ହେଲା ତୋ' ପାଇଁ କନ୍ଦମୂଳ, ପୋଡ଼ା କନ୍ଦମୂଳ।

ଆଉ ସେଇଟିକୁ ମୁଁ ଛପେଇ ଦେଲି ସେଇ ପତ୍ରିକାରେ, ଖାସ୍ ତୋରି ପାଇଁ। ନ ହେଲେ ମୁଁ ଓ ମୋ ଲେଖା ସେଠିକୁ ପଠେଇବା ବନ୍ଦ କରି ଦେଇଥିଲି କାହିଁ କେବେଠୁଁ।

ବାସ୍, ତୁ ତାକୁ ପଢ଼ିଲୁ, ପଢ଼େଇଲୁ ଆହୁରି କେତେକଙ୍କୁ, ପତ୍ରିକା ନିଜେ କିଣି ସେମାନଙ୍କ ପାଖକୁ ପଠେଇଲୁ।

ସମସ୍ତେ ପଢ଼ିଲେ, ବାହାବାଃ ଦେଲେ ତତେ - ତୋର ଗୁଣଗାନ କଲେ। ଲେଖିଲି ମୁଁ, ଗୁଣଗାନ ହେଲା ତୋର।

ତୁ ଆସି କହିଲୁ ମତେ ଥରକୁ ଥର - ଏମିତି କୁଆଡ଼େ କେହି ତୋ' ବିଷୟରେ ସେ ପର୍ଯ୍ୟନ୍ତ ଲେଖି ନ ଥିଲେ। ପରେ ଲେଖିବେ କି ନାହିଁ, ଜଣାନାହିଁ।

ଏଇଥିରେ ତୁ ହେଇଗଲୁ କୁଣ୍ଢେମୋଟ ମନେ ମନେ! ଏଇଆ ତ!

ସବୁଠିକ୍ ଥିଲା, ଯାହା ଯେମିତି ଚାଲୁଥିଲା। ତ ତୋର କି ଦରକାର ଥିଲା ଯେ ମୋ' ସାଙ୍ଗରେ ଚଣ୍ଡାଳିଆ ବୁଦ୍ଧି ଆରମ୍ଭ କରିଦେଲୁ! କୋଉଥି ପାଇଁ ଆରେ! ମୁଁ ତତେ ପଚାରୁଛି ଆଉ ଥରେ - କୋଉଥିପାଇଁ?

**ସବୁଠିକ୍ ଥିଲା, ଯାହା ଯେମିତି ଚାଲୁଥିଲା। ତ ତୋର କି ଦରକାର ଥିଲା ଯେ ମୋ' ସାଙ୍ଗରେ ଚଣ୍ଡାଳିଆ ବୁଦ୍ଧି ଆରମ୍ଭ କରିଦେଲୁ!**

ମତେ ପୁଣି ତୁ ବନେଇବୁ ଗୋଡ଼ାଣିଆ? ତୁ ଯେମିତି ଚାହିଁବୁ ମୁଁ ସେମିତି ନାଚିବି ତୋ' ଇଙ୍ଗିତରେ? ମୁଁ ହେବି ପାତିମାଙ୍କଡ଼, ଆଉ ତୁ ହବୁ ମୋ' କେଳା-ମାଲିକ? କୋଉ ଗୁରୁ ଏ ପାଠ ପଢ଼େଇଥିଲା ତତେ?

X X X   X X X

ସତରେ ଦେବ ଦୁର୍ଲ୍ଲଭ ଦାଶଙ୍କର ସେଇ କଥାଗୁଡ଼ାକ ଏ ପର୍ଯ୍ୟନ୍ତ ଭୁଲି ହେଉନାହିଁ।

ସିଏ ଗଲେ, ପଛେ ପଛେ ତାଙ୍କର ବନ୍ଧୁ ରାଜକିଶୋର ବ୍ରହ୍ମା ବି ଗଲେ। ଗୋଟାଏ ମଡ଼କରେ ବାପପୁଅ ସମ୍ପର୍କରେ ସମ୍ପର୍କିତ ଦି'ବନ୍ଧୁ କ'ଣ ଡକାଡକି ହେଇ ବିଦା ହେଇଗଲେ ପଛକୁ ପଛ?

□□

ଲେଖକଙ୍କ ଇ-ମେଲ୍ ଠିକଣା:
narumohanty1943@gmail.com

ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
ANDROID APP ON Google Play
@amesabu



ପ୍ରବନ୍ଧ

# ଓଡ଼ିଆ ଦୀର୍ଘ କବିତା ଓ ଗାଥା କବିତା- ଏକ ପରିଚୟ

ପ୍ରଫେସର ଉଦୟନାଥ ସାହୁ

କବିତାର ବିବିଧ ରୂପ-ବିଭବ ମଧ୍ୟରେ ଦୀର୍ଘ କବିତା ଅନ୍ୟତମ। କ୍ଷୁଦ୍ରାବୟବ ବିଶିଷ୍ଟ କବିତା ମଧ୍ୟରୁ କବିମାନସ ବେଳେବେଳେ ମୁକ୍ତି ଆବଶ୍ୟକ କରିଥାଏ। ଦୀର୍ଘ କବିତା ସେହି ଆବଶ୍ୟକତାବୋଧର ଅନ୍ୟତମ ସାରସ୍ୱତ ପରିଣତି। କେବଳ ଆୟତନରେ ଦୀର୍ଘ ହୋଇଥିବା କବିତାକୁ ଦୀର୍ଘ କବିତା କୁହାଯାଇ ନ ପାରେ। ଶିଳ୍ପ ସୌନ୍ଦର୍ଯ୍ୟ ଦୃଷ୍ଟିରୁ, କବିତା ସଂସାରରେ, ଦୀର୍ଘ କବିତା ସ୍ୱତନ୍ତ୍ର ଓ ସ୍ୱୟଂ ସମ୍ପୂର୍ଣ୍ଣ। ପାରମ୍ପରିକ କାବ୍ୟ ରୂପ ପରି ଏହା ବିପୁଳାୟତନ ନୁହେଁ ସତ୍ୟ, କିନ୍ତୁ ଗୀତିକବିତା ପରି ସଂକ୍ଷିପ୍ତ ମଧ୍ୟ ନୁହେଁ। ଆଲୋଚକଙ୍କ ମତରେ ମହାକାବ୍ୟ ଓ ଖଣ୍ଡକାବ୍ୟର କଥାବସ୍ତୁ ଓ ସନ୍ଦେଶକୁ ଭିତ୍ତି କରି ଲେଖାଯାଇଥିବା କେତେକ ଅପେକ୍ଷାକୃତ ଦୀର୍ଘ କବିତାକୁ ସାଧାରଣତଃ ଦୀର୍ଘ କବିତା କୁହାଯାଇଥାଏ। କାରଣ ଏହା ଲିରିକ୍ ବା କ୍ଷୁଦ୍ର କବିତା ନୁହେଁ। ଏଥିରେ ହୃଦୟର ସ୍ୱତଃ ପ୍ରବାହ ଅପେକ୍ଷା ମାନବୀୟ ସମ୍ବେଦନଶୀଳତା, ଚିନ୍ତା ଓ ବୌଦ୍ଧିକତା ବେଶ୍ ଦେଖାଯାଇଥାଏ। ଏଣୁ କେବଳ ଆକାରଗତ ଦୀର୍ଘତା ଦୀର୍ଘ କବିତାର କଷଟି ନୁହେଁ, ବ୍ୟାପକ ଓ କୈନ୍ଦ୍ରିକ ବିଷୟବସ୍ତୁ, ସନ୍ଦେଶ, ସହାନୁଭୂତି ଓ ଶିଳ୍ପଗତ ପରାକାଷ୍ଠା ହିଁ ଏହାର ପ୍ରକୃତ କଷଟି।

## ଦୀର୍ଘ କବିତାର ପରମ୍ପରା

ସାହିତ୍ୟ ରାଜ୍ୟରେ ଦୀର୍ଘ କବିତା ରଚନାର ପରମ୍ପରା ନିତାନ୍ତ ଆକସ୍ମିକ ଘଟଣା ନୁହେଁ। ଏହାର ନେପଥ୍ୟରେ ରହିଛି ଜୀବନପ୍ରତି ଏକ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ। ଗୋଟିଏ ସମୟରେ ଦୀର୍ଘ ଉପନ୍ୟାସ, ମହାକାବ୍ୟ, କାବ୍ୟ, ବୃହତ୍ ନାଟକ ଲେଖାଯାଉଥିଲା। କ୍ରମେ ଦୀର୍ଘ ଉପନ୍ୟାସରୁ କ୍ରମଶଃ କ୍ଷୁଦ୍ର ଉପନ୍ୟାସ ଓ ଅବଶେଷରେ କ୍ଷୁଦ୍ରଗଳ୍ପ, ପାଞ୍ଚ ଅଙ୍କ ବିଶିଷ୍ଟ ନାଟକରୁ ଏକାଙ୍କିକା, ମହାକାବ୍ୟରୁ କାବ୍ୟ, ଖଣ୍ଡକାବ୍ୟ, କ୍ଷୁଦ୍ର କବିତା ପ୍ରଭୃତି ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଏ। ଏହା ମଧ୍ୟରେ ପୁଣି ରହିଛି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀ। ବ୍ୟକ୍ତିଗତ ଅନୁଭୂତିର ଅତ୍ୟନ୍ତ ବୈୟକ୍ତିକ ଅଭିବ୍ୟକ୍ତିର ନାମ ହେଉଛି କବିତା। ଏହି ଅଭିବ୍ୟକ୍ତି ଭିତରେ ବ୍ୟକ୍ତି ବେଦନା ଓ ଚେତନା ସହିତ ସାମୂହିକ ବେଦନା ନିହିତ ଥାଏ। ଜୀବନାନୁଭୂତିରେ କମ୍ପନ ଜଗାଇ ଏହି କବିତା ଗୋଟିଏ ମୁହୂର୍ତ୍ତରେ ଆସେ। ଏହି ମୁହୂର୍ତ୍ତ ବା କ୍ଷଣ ଭିତରେ ଯଦି ଅନ୍ତର ଆଭାସ ଦେଇହୁଏ, ତାହାହେଲେ ତାହା ହୁଏ ମହାକବିତା। ଦୀର୍ଘ ଉପନ୍ୟାସ ଓ ମହାକାବ୍ୟ ଯୁଗର ମଣିଷର ବ୍ୟକ୍ତି ସତ୍ତା ଥିଲା ଅଖଣ୍ଡ। ସେ କାଳର ଲେଖକ ଜୀବନର ସାମଗ୍ରିକ ଉପଲବ୍ଧି ଉପରେ ଗୁରୁତ୍ୱ ଆରୋପ କରୁଥିଲା। କିନ୍ତୁ ଲେଖକମାନେ ଯେତେବେଳେ ଉପଲବ୍ଧି କଲେ ଯେ ମାନବର ବ୍ୟକ୍ତିତ୍ୱ ଏକ ବହୁଧା ବିଭକ୍ତ ସତ୍ତା, ସେତେବେଳେ ସମ୍ପୂର୍ଣ୍ଣ ଜୀବନର ଉପଲବ୍ଧି ଏକପ୍ରକାର ଅସମ୍ଭବ ମନେହେଲା। ଜୀବନର ସେହି ଭଗ୍ନାଂଶ ଅନ୍ୱେଷଣରୁ ହିଁ ଜନ୍ମ ନେଲା ଖଣ୍ଡକାବ୍ୟ, କାବ୍ୟନାଟିକା, ଗୁଚ୍ଛଭିତ୍ତିକ କବିତା କ୍ଷୁଦ୍ର କବିତା।

**କବିମାନେ ଯେତେବେଳେ ଉପଲବ୍ଧି କଲେ ଯେ ମାନବର ବ୍ୟକ୍ତିତ୍ୱ ଏକ ବହୁଧା ବିଭକ୍ତ ସତ୍ତା, ସେତେବେଳେ ସମ୍ପୂର୍ଣ୍ଣ ଜୀବନର ଉପଲବ୍ଧି ଏକପ୍ରକାର ଅସମ୍ଭବ ମନେହେଲା।**


ଖଣ୍ଡକାବ୍ୟ ହିଁ ଦୀର୍ଘ କବିତାର ଉତ୍ସ ବା ପ୍ରେରଣା। ଏଥିରେ ଚେତନାର ନିରବଚ୍ଛିନ୍ନତା ଭିତରେ ମଧ୍ୟ ଦୃଶ୍ୟ ବଦଳିଥାଏ। ସେହି ପ୍ରକାର କାବ୍ୟକଳାରୁ ଉତ୍ସରିତ କଳା ହେଉଛି କାବ୍ୟନାଟିକା, ଯେଉଁଥିରେ ଚେତନା ନିର୍ଦ୍ଦିଷ୍ଟ ଭାବରେ ରୂପାୟିତ ହୋଇଥାଏ। ଏସବୁ ଦୀର୍ଘ କବିତାର ଏକାନ୍ତ ଗୋତ୍ରୀୟ ନ ହୋଇ ସମଗୋତ୍ରୀୟ ହୋଇଥାଆନ୍ତି। ତେଣୁ ମୋଟାମୋଟି ଭାବରେ କହିବାକୁ ଗଲେ ମହାକାବ୍ୟ, ପ୍ରବନ୍ଧ କାବ୍ୟ ବା ଖଣ୍ଡକାବ୍ୟ ଲେଖିବାର ପ୍ରବୃତ୍ତି ଆଜି ଆଉ କବିମାନଙ୍କର ନାହିଁ।

ତେଣୁ ଆଜିର କବି ଦୀର୍ଘ କବିତାରେ ମହାକାବ୍ୟଜନିତ ଭାବବୋଧ, ଜୀବନ ବ୍ୟାଖ୍ୟା, ପ୍ରଭାବ ଏବଂ ରସ ସଞ୍ଚାର କରିବାକୁ ଚେଷ୍ଟା କରିଥାଏ। ତା'ର ରଚନା ବିଧାନ ମଧ୍ୟ ପାଠକ ହୃଦୟରେ ମହାକାବ୍ୟଗତ ଆନନ୍ଦ ସୃଷ୍ଟି କରିଥାଏ।

**ଦୀର୍ଘ କବିତାର ସତ୍ତା**

ଦୀର୍ଘ କବିତା ସମ୍ପର୍କରେ କୁହାଯାଇଅଛି ଯେ ଆଧୁନିକ ଦୀର୍ଘ କବିତା କାବ୍ୟ ନୁହେଁ, କାବ୍ୟଖଣ୍ଡ ବା ଖଣ୍ଡକାବ୍ୟ ନୁହେଁ, ବର୍ଣ୍ଣନାତ୍ମକ ଗାଥା କବିତା ମଧ୍ୟ ନୁହେଁ, ଏହା କବି ହୃଦୟର ବ୍ୟକ୍ତିନିଷ୍ଠ ଭାବାନୁଭୂତିର ଗୀତିମୟ ଅଭିବ୍ୟକ୍ତି। ଏଥିରେ କାହାଣୀ ଥାଏ, ଏହି କାହାଣୀ ଏକାଧିକ ହୋଇପାରେ, କାହାଣୀଗୁଡିକ ମଧ୍ୟରେ ପାରସ୍ପରିକ ସଂଘର୍ଷ ଦେଖାଦେଇପାରେ, ମାତ୍ର ସେହି ସମସ୍ତ କାହାଣୀ ବସ୍ତୁନିଷ୍ଠ କାହାଣୀ ନୁହେଁ, ତାହା ବର୍ଣ୍ଣନାତ୍ମକ ନୁହେଁ, ତାହା କବିର ଅଖଣ୍ଡ ବ୍ୟକ୍ତିସାର ଖଣ୍ଡିତ ଭାବରୂପର ଆତ୍ମିକ ଉଚ୍ଚାରଣ। ଖଣ୍ଡିତ ହୋଇ ମଧ୍ୟ ସଂଯୋଗ ଓ ସମନ୍ୱୟର ଭାବମୟ ଧ୍ୱନି। କବିର ଅନ୍ତର୍ନିହିତ ଅଦୃଶ୍ୟ ବ୍ୟକ୍ତିସତ୍ତା ବିନ୍ଦୁରୁ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡରେ ବିଚରଣ କଲାବେଳେ ବିଭକ୍ତ ଓ ପୃଥକ ହୋଇ ମଧ୍ୟ ସେଇ ବିନ୍ଦୁରେ ପୁନର୍ବାର ଏକ ହୋଇଯାଏ- ଖଣ୍ଡିତ ସତ୍ତା ହୋଇଯାଏ ସେଇ ଅଖଣ୍ଡର ଦୀପ୍ତି। ବହୁ ଅପକ୍ୱ ବସ୍ତୁଭରା ବ୍ୟକ୍ତି ସତ୍ତାରେ ତଲ୍ଲୀନ ହୋଇଯାଇ ସୃଷ୍ଟି କରେ ଏକ ରସବୋଧ। ଏହି ରସବୋଧ ହିଁ ଜୀବନବୋଧ। ତୀବ୍ର ସଂକଟବୋଧରୁ ଏହାର ଉତ୍ତରଣ। ଅତୀତରେ ଅନେକ ଦୀର୍ଘକବିତା ଲେଖା ହୋଇଥିଲା ଏବଂ ଏବେ ମଧ୍ୟ ଲେଖାଯାଉଛି। କିନ୍ତୁ ପ୍ରଶ୍ନ ହେଉଛି ଆୟତନରେ ଦୀର୍ଘ ହୋଇଗଲେ କବିତା ଦୀର୍ଘ କବିତା ପଦବାଚ୍ୟ ହୁଏ କି ? କେବଳ ଆୟତନ ଦୀର୍ଘତାର ପରିମାପକ ନୁହେଁ। ଦୀର୍ଘ ଆୟତନ ବିଶିଷ୍ଟ ହୋଇ ମଧ୍ୟ ସେଥିରେ କେନ୍ଦ୍ର ଇମେଜ୍ ବା ଆର୍କିଟାଇପ୍ ନ ଥିଲେ ତାହା ଦୀର୍ଘ କବିତା ହୁଏନାହିଁ।

ଦୀର୍ଘ କବିତା ସମ୍ପର୍କରେ ଆପତ୍ତି ଅଭିଯୋଗର ମଧ୍ୟ ଅନ୍ତ ନାହିଁ। ରୋମାନ୍ କବି ହୋରେସ୍ ତାଙ୍କ 'ଆର୍ଟ ଅଫ୍ ପୋଏଟ୍ରି' ଗ୍ରନ୍ଥରେ ଲେଖିଛନ୍ତି – 'ଏଗ୍ରିଭ୍ ହ୍ୱେନ୍ ହୋମର ନଡ୍‌ସ, ବଟ୍ ଏଭ୍ରି ସଙ୍ଗ ଇଜ୍ ଲାଏବିଲ୍ ଟୁ ଟେଡିୟମ୍।' ଏହାପରେ ଏଡ୍‌ଗାର ଏଲେନ୍ ପୋ ଦୀର୍ଘ କବିତା ସମ୍ବନ୍ଧରେ ଘୋଷଣା କରିଛନ୍ତି – 'ଏ ଲଙ୍ଗ ପୋଏମ୍ ଡଜ୍‌ନଟ୍ ଏକ୍‌ଜିଷ୍ଟ୍' ସେ ଗୋଟିଏ କବିତାରେ ଗୋଟିଏ ମାତ୍ର ମୁଡ୍ ବା ଚିତ୍ତବୃତ୍ତିକୁ କ୍ରିୟାଶୀଳ ଦେଖିବାକୁ ଚାହାନ୍ତି। ସେଥିପାଇଁ ସେ 'ପାରାଡାଇଜ୍ ଲଷ୍ଟ୍'କୁ ଅନେକଗୁଡ଼ିଏ ଛୋଟ କବିତାର ସମଷ୍ଟି ଭାବେ ଗ୍ରହଣ କରିଛନ୍ତି। କିନ୍ତୁ କବି ଏଲିୟଟ୍ 'ଦି ୱେଷ୍ଟ ଲ୍ୟାଣ୍ଡ' କିମ୍ବା 'ଫୋର୍ କ୍ୱାର୍ଟେଟ୍‌ସ' ପରି ଦୀର୍ଘ କବିତା ଲେଖି ଯଥେଷ୍ଟ ପ୍ରତିଷ୍ଠା ଓ ପ୍ରତିପତ୍ତି ଅର୍ଜନ କରିପାରିଛନ୍ତି। ସେ ପୋ'ଙ୍କ ମତର ପ୍ରତିବାଦ କରି କହିଛନ୍ତି ଯେ- ଦୀର୍ଘ କବିତା ସମ୍ବନ୍ଧରେ ପୋ'ଙ୍କର ଚିନ୍ତାଧାରା ଓ ମତାମତ ପ୍ରଣିଧାନଯୋଗ୍ୟ। ଦୀର୍ଘ କବିତା ରଚନା ଅସମ୍ଭବ ବୋଲି ପୋ ଯାହା ଭାବୁଥିଲେ, ତାହାର କାରଣ ହେଉଛି ଦୀର୍ଘ କବିତା କହିଲେ ଖୁବ୍ ବେଶିରେ କିଛି କ୍ଷୁଦ୍ର କବିତାର ସମଷ୍ଟି ମାତ୍ର। ତାଙ୍କ ମତରେ ଗୋଟିଏ ଭାବକୁ ଆଶ୍ରା କରି କବିତା ରଚିତ ହେବା ଉଚିତ୍। କିନ୍ତୁ ଏଲିୟଟ୍‌ଙ୍କ ମତରେ ବେଶ୍ କିଛି ଧାଡ଼ିର କବିତାରେ ବିଭିନ୍ନ ଚେତନାର ପରିପ୍ରକାଶ ହୋଇପାରେ। କାରଣ ବହୁବିଧ ଭାବର ଆତ୍ମପ୍ରକାଶ ପାଇଁ ବହୁବିଧ ବିଷୟବସ୍ତୁ ଆବଶ୍ୟକ କରେ। ଏ ସବୁ ବିଷୟବସ୍ତୁ ପରସ୍ପର ସହିତ ସମ୍ବନ୍ଧାନ୍ୱିତ କିମ୍ବା ଏହା କବିମାନସର କଳ୍ପନା। ଏଥିରେ ଖଣ୍ଡିତ ଅଂଶ ସବୁ ମିଶିଯାଇ ଏକ ସ୍ୱୟଂ ସମ୍ପୂର୍ଣ୍ଣ କବିତା ସୃଷ୍ଟି କରେ। ଏହି ସ୍ୱୟଂ ସମ୍ପୂର୍ଣ୍ଣତା ପାଠକକୁ ଆନନ୍ଦ ପ୍ରଦାନ କରେ ଏବଂ କବିତାର କୌଣସି ଅଂଶ ପାଠକଲେ ସମ୍ପୂର୍ଣ୍ଣ କବିତାର ସ୍ୱାଦ ମିଳିଥାଏ। ଅଧିକନ୍ତୁ ଦୀର୍ଘ କବିତାର କେତୋଟି ଅଂଶକୁ ଜାଣିଶୁଣି କାବ୍ୟିକତା ଦୃଷ୍ଟିରୁ ଗୁରୁତ୍ୱ ଦିଆଯାଇଥାଏ। ଅଲଗା କରି ଦେଖିଲେ ଏହି କେତୋଟି ଅଂଶ ଅନାକର୍ଷଣୀୟ ମନେ ହୋଇପାରେ, କିନ୍ତୁ ଏହାରି ମାଧ୍ୟମରେ ଅନ୍ୟାନ୍ୟ ଅଂଶକୁ ଅଧିକ ଆକର୍ଷଣୀୟ କରିବା ଓ ପରସ୍ପର ମଧ୍ୟରେ ସମନ୍ୱୟ ସାଧନ କରିବା ସମ୍ଭବ ହୋଇପାରେ। ଏକ ଦୀର୍ଘ କବିତାରେ ଭାବର ପରିବର୍ତ୍ତନ ବେଶ୍ ଲାଭଦାୟକ ହୋଇପାରେ। ପୋ ଚାହୁଁଥିଲେ ଯେ କବିତା ଗୋଟିଏ ମାତ୍ର ଭାବ ଉପରେ ଆଧାରିତ ହେବା



ଉଚିତ୍। ପୋ'ଙ୍କର ମତାମତ ଅତୀତର ଅନେକ କବିଙ୍କୁ ସନ୍ତୁଷ୍ଟ କରିଥିଲା, କାରଣ ସେମାନେ ଦୀର୍ଘ କବିତା ଲେଖିପାରୁ ନ ଥିଲେ। ତା'ଛଡା ଗୋଟିଏ ଦୀର୍ଘ କବିତା ରଚନା କରିବା କବିଙ୍କର ଦୈହିକ ଶକ୍ତି ଏବଂ ଧୈର୍ଯ୍ୟ ଉପରେ କେବଳ ନିର୍ଭର କରେ ନାହିଁ। ହୁଏତ ତାହା ସମୟର ପାରିପାର୍ଶ୍ୱିକ ସ୍ଥିତି ସହ ସମ୍ପର୍କିତ। କିନ୍ତୁ ଦୀର୍ଘ କବିତା ଲେଖିବା ଅସମ୍ଭବ ନୁହେଁ ବୋଲି ଏଲିୟଟ୍ ପ୍ରମାଣ କରିଯାଇଛନ୍ତି। କବି ଏଲିୟଟ୍ 'ଦି ୱେଷ୍ଟ ଲ୍ୟାଣ୍ଡ' ନ ଲେଖିଥିଲେ କେବଳ କ୍ଷୁଦ୍ର କବିତାର ସିଦ୍ଧିରେ ଏତେ ପ୍ରତିଷ୍ଠା ଅର୍ଜିବା ସହଜ ହୋଇଥାଆନ୍ତା ବୋଲି ମନେହୁଏ ନାହିଁ।

## ସମଗୋତ୍ରୀୟ କାବ୍ୟସ୍ୱରୂପ

ଦୀର୍ଘ କବିତା ଲେଖିବା ସହଜସାଧ୍ୟ ନୁହେଁ। ଏଥିପାଇଁ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରୁ ବିଷୟବସ୍ତୁ ନିର୍ବାଚନ କରିବା ଏକ ପ୍ରଧାନ ସମସ୍ୟା। ପ୍ରାଥମିକ ଅବସ୍ଥାରେ ଲେଖାଯାଇଥିବା ଦୀର୍ଘ କବିତା ସବୁ ଥିଲା ଗଳ୍ପ ପ୍ରଧାନ। କିଟ୍ସଙ୍କର 'ଇଭ୍ ଅଫ୍ ସେଣ୍ଟ ଅଗ୍ନେସ୍' ଏବଂ ମ୍ୟାଥ୍ୟୁ ଆର୍ନୋଲଡଙ୍କର 'ସ୍କଲାର ଜିପ୍ସି' କିମ୍ବା ଥାଇରସିସ୍ ଏହି ଶ୍ରେଣୀର କବିତା। ମାତ୍ର ବର୍ତ୍ତମାନ ଗଳ୍ପ ବା ଘଟଣାକୁ ନେଇ ଆଉ କବିତା ଲେଖିବା ସମ୍ଭବ ନୁହେଁ। କାରଣ କବିତା କ୍ଷେତ୍ରରେ ଗଳ୍ପ ପ୍ରଧାନ କବିତାର ଦିନ ଶେଷ ହୋଇଯାଇଛି। ଏବେ ଦୀର୍ଘ କବିତା ପାଇଁ ଏକ ସ୍ୱତନ୍ତ୍ର ଶ୍ରେଣୀର ବିଷୟବସ୍ତୁ ନିର୍ବାଚନ କରିବାକୁ ପଡୁଛି। ଆଧୁନିକ କବି ତାଙ୍କର ଭାବାବେଗକୁ ଚିତ୍ରକଳ୍ପ, ମିଥ୍ ବା ଆର୍କିଟାଇପ୍‌ର ସାହାଯ୍ୟ ନେଇ ପ୍ରକାଶ କରୁଛନ୍ତି। କିନ୍ତୁ ପୂର୍ବରୁ ଲେଖାଯାଇଥିବା ଦୀର୍ଘ କବିତାରେ ଏକ ଆତ୍ମିକ କ୍ରମବିକାଶ ଦେଖିବାକୁ ମିଳେ। ଏଥିରେ ମଧ୍ୟ ଥାଏ ଏକ ନିର୍ଦ୍ଦିଷ୍ଟ ବକ୍ତବ୍ୟ। ଏ ଦୃଷ୍ଟିରୁ ଦୀର୍ଘ କବିତାର ସମଗୋତ୍ରୀୟ ଅନ୍ୟାନ୍ୟ କାବ୍ୟ ସ୍ୱରୂପ ଭାବେ ଖଣ୍ଡକାବ୍ୟ, କାବ୍ୟ ନାଟିକା ଓ ଗୁଚ୍ଛ ଭିତ୍ତିକ ଗୀତି କରିବାକୁ ଗ୍ରହଣ କରାଯାଇପାରେ।

**କବିତା କ୍ଷେତ୍ରରେ ଗଳ୍ପ ପ୍ରଧାନ କବିତାର ଦିନ ଶେଷ ହୋଇଯାଇଛି। ଏବେ ଦୀର୍ଘ କବିତା ପାଇଁ ଏକ ସ୍ୱତନ୍ତ୍ର ଶ୍ରେଣୀର ବିଷୟବସ୍ତୁ ନିର୍ବାଚନ କରିବାକୁ ପଡୁଛି।**

## ଗାଥା କବିତା ଓ ଦୀର୍ଘ କବିତା

ଆଧୁନିକ କବିତା ଏକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ। ଗୀତି କବିତା ପରି ସେଗୁଡିକ ସାଧାରଣତଃ କ୍ଷୁଦ୍ରାବୟବ ବିଶିଷ୍ଟ। ଏହି ନବ ମୂଲ୍ୟବୋଧରେ ଗୀତି କବିତା ହିଁ ହୋଇଛି କବିତାର ରାଜ୍ୟ। ତଥାପି ଦୀର୍ଘାବୟବ କବିତା ସୃଷ୍ଟିରେ କୌଣସି ବ୍ୟତିକ୍ରମ ଘଟିନାହିଁ। ସେ ଦୀର୍ଘ କବିତା ସବୁ ଗାଥା କବିତା କିମ୍ବା ଦୀର୍ଘ କବିତା ହୋଇପାରେ।

କୌଣସି ଗୋଟିଏ କାହାଣୀ, କିମ୍ବଦନ୍ତୀ ବା ଘଟଣାକୁ କେନ୍ଦ୍ରକରି ମାନବାନୁଭୂତିର ଆବେଗମୟ ଅଭିବ୍ୟକ୍ତି ଗାଥା କବିତାରେ ପ୍ରକାଶ ପାଇଥାଏ। ଏହି ଗାଥା କବିତା, ଇଂରେଜୀ ସାହିତ୍ୟର ପ୍ରଭାବ ପ୍ରସୂତ। ଇଂରାଜୀ ସାହିତ୍ୟର ବାଲାଡ୍ (ଟିଟେରାରି ବାଲାଡ୍) ଅନୁକରଣରେ ଓଡ଼ିଆ ଗାଥାକବିତାଗୁଡିକ ରଚିତ। ଏନ୍‌ସାଇକୋଲ୍‌ପିଡିଆ ଆମେରିକାନ୍ ରେ ବାଲାଡ ସଂପର୍କରେ କୁହାଯାଇଛି।

ଗାଥା କବିତା ପାଇଁ କାହାଣୀ ଅନିବାର୍ଯ୍ୟ। ଗାଥା କବିତା ବିବିଧ ସମାଜ, ଜାତି, ପୁରାଣ, ଇତିହାସ, କିମ୍ବଦନ୍ତୀ, ନୀତିକଥା ଇତ୍ୟାଦି ବିଭିନ୍ନ ବିଷୟବୋଧକୁ ନେଇ ରଚିତ ହୋଇଥାଏ। କବିତାର ବର୍ଣ୍ଣନାରେ ସ୍ୱଚ୍ଛତା ଓ ଗତିଶୀଳତା ସର୍ବତ୍ର ସୁରକ୍ଷିତ ରହିଥାଏ। ପ୍ରକାଶ ଭଙ୍ଗୀରେ ସରଳତା ଓ ନାଟକୀୟତା ଦ୍ୱାରା ଘଟଣା ସଂସ୍ଥାନରେ ଚମତ୍କାରିକତା କାବ୍ୟିକ ଉତ୍କର୍ଷ ରକ୍ଷଣରେ କବିଙ୍କ ତତ୍ପରତା ଆଦି ଗୁଣ ଏଥିରେ ସ୍ପଷ୍ଟ ଭାବରେ ପ୍ରକାଶ ପାଇଥାଏ।

## ପାର୍ଥକ୍ୟ

ଗାଥାକବିତା ଓ ଗାଥା କାବ୍ୟ ମଧ୍ୟରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୁଏ। କାହାଣୀ -କାବ୍ୟ ସହିତ ଗାଥା କବିତାର ପାର୍ଥକ୍ୟ ଏକାଧାରରେ ଗାଠନିକ ଓ ଭାଗବତ। ଏ ସଂପର୍କରେ ଡଃ କ୍ଷେତ୍ରବାସୀ ନାୟକ କହିଛନ୍ତି– କାହାଣୀ କାବ୍ୟରେ ଘଟଣାର ବାହୁଲ୍ୟ ଓ ଜଟିଳତା, ବିଭିନ୍ନ ଚରିତ୍ରଙ୍କ ସମାବେଶ ଓ ସଂଘାତ, ମାନବ ଭାଗ୍ୟଚକ୍ରର ଉତ୍‌ଥାନ ପତନ ଘେନି ବିଚିତ୍ର ଘଟଣାପଞ୍ଜର ଉଲ୍ଲେଖ ଥାଇ କାବ୍ୟଟି ପରିଣତି ଆଡକୁ ଗତି କରିଥାଏ। ଗାଥା କବିତାରେ ଏପରି ଜଟିଳତା ଓ ବାହୁଲ୍ୟ ବିଚିତ୍ର ଅନୁଭୂତି ଓ ବିଭିନ୍ନ ଚରିତ୍ରଙ୍କ ସମାବେଶ ପାଇଁ ସୁଯୋଗ ନାହିଁ। ଏଠାରେ ଗୋଟିଏ ଅନୁଭୂତି ଆବେଗ ଉଚ୍ଛ୍ୱାସର ତୀବ୍ରତା ସହଜ ସରଳ ଭାଷାରେ ସମଗ୍ର କାହାଣୀ ମଧ୍ୟରେ ସଞ୍ଚାରିତ ହୋଇ ରହିଥାଏ। ଗୋପବନ୍ଧୁ ଦାସଙ୍କ ଧର୍ମପଦ ଏକ ଗାଥା

କବିତା। ନିର୍ଜୀବ କିମ୍ବଦନ୍ତୀ ଏଠି ପ୍ରତିଭାର କାଉଁରୀ ସ୍ପର୍ଶରେ ନୂତନ ଏକ ସୃଷ୍ଟି ଆଲୋକରେ ଯେପରି ଉଦ୍‌ଭାସିତ ହୋଇ ଉଠିଛି। ଫକୀରମୋହନଙ୍କ ବେଣୀ ସଂହାର ନନ୍ଦକିଶୋର ବଳଙ୍କର ଏକାନ୍ତ ନିର୍ଝର, ଏକଲବ୍ୟ ଇତ୍ୟାଦି କବିତା ପୌରାଣିକ ଗାଥାର ସରଳ ଭାଷାବନ୍ଧ କାବ୍ୟିକ ରୂପ।

ସେହିପରି ଫକୀରମୋହନଙ୍କ ଯୋଷେଫାଇନ୍, ତାରାବାଇ, କ୍ଲିଓପେଟ୍ରା, ନନ୍ଦକିଶୋରଙ୍କ ଜୟସିଂହ ଓ ଭଗ୍ନମନ୍ଦିର, କୃଶାଗୌତମୀ, ଗୋଦାବରୀଶଙ୍କ ପଦ୍ମାବତୀ, ଅର୍ଜୁନ ସିଂହ, କଳାପାହାଡ, ଅଭିରାମ ସିଂହ ଓ ଦୁଃଖୀଧନ ପ୍ରଭୃତି ଐତିହାସିକ କଥାବସ୍ତୁକୁ ନେଇ ରଚିତ।

ଗୋଦବରୀଶ ମିଶ୍ରଙ୍କ ଆଲେଖିକା ଗାଥାକବିତାର ଏକ ମନୋଜ୍ଞ ସଂକଳନ। ଓଡିଆ ଗୀତି କବିତା ରାଜ୍ୟରେ ଏହା ହିଁ ପ୍ରଥମ ଗାଥା କରିବା। ଗାଲ ମାଧବ, ବିକ୍ରମ ସିଂହ, ସାକ୍ଷୀଗୋପାଳ, କାଳିଜାଇ ପ୍ରଭୃତି ଗାଥା କବିତା କିମ୍ବଦନ୍ତୀମୂଳକ। ଲୋପ ପାଇ ଯାଉଥିବା ଜାତୀୟତାବାଦୀ କିମ୍ବଦନ୍ତୀକୁ କବିତା ଆକାରରେ ସାଇତି ରଖିବାର ଉଦ୍ୟମ ଏଥିରେ ପ୍ରଚ୍ଛନ୍ନ। ବୌଦ୍ଧଯୁଗର ଐତିହାସିକ କାହାଣୀ ଓ କିମ୍ବଦନ୍ତୀ ଆଧାରରେ ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରଚିତ କବିତା ମଧ୍ୟରେ ଅମ୍ବାପାଲିର ଉତ୍କଣ୍ଠା, ବୁଦ୍ଧବନ୍ଦନା, ମହାନିର୍ବାଣ, ନିର୍ବାଣ ଆନନ୍ଦ, ବୁଦ୍ଧ ଓ ରାହୁଳ ପରିନିର୍ବାଣ, କିସ୍‌ସାଗୌତମୀ ଆଦି କବିତା ଗୋଟିଏ ଗୋଟଏ ସାର୍ଥକ ଗାଥା କବିତା।




ଦେଶ ପ୍ରଚଳିତ ଅଜସ୍ର କିମ୍ବଦନ୍ତୀ ଓ ଐତିହ୍ୟ, କବି ରାଧାମୋହନ ଗଡ଼ନାୟକଙ୍କ କବିତାର ପ୍ରାଣ ପ୍ରବାହ। ତାଙ୍କ କବିତାରେ ଉତ୍କଳର ଗୌରବମୟ ଇତିହାସର ଉଜ୍ଜ୍ୱଳ ଗାଥା ସ୍ୱୀୟ ଶିଳ୍ପ ମହିମାରେ ପ୍ରଦୀପ୍ତ। ଉତ୍କଳର ଗୌରବମୟ ଇତିହାସ ଉପରେ ଉତ୍କଳିକା (୧୯୯୫) ଗାଥା କାବ୍ୟର ସୃଷ୍ଟି। ପଶୁପକ୍ଷୀର କାବ୍ୟ (୧୯୫୭) ଓ ଶାମୁକାର ସ୍ୱପ୍ନ (୧୯୬୧) ମଧ୍ୟ କବି ଗଡ଼ନାୟକଙ୍କର ଆଉ ଦୁଇଟି ଗାଥା କବିତା ସଂକଳନ। ଆଧୁନିକ କବିତା ରାଜ୍ୟର ସମସ୍ତ ପରୀକ୍ଷା ଓ ପ୍ରୟୋଗଠାରୁ ନିରାପଦ ଦୂରତ୍ୱରେ ରହି କବି ରୁଚିରେ ନିଜକୁ ହିଁ ଏଥିରେ ପ୍ରକାଶ କରିଛନ୍ତି। ଡଃ ନିତ୍ୟାନନ୍ଦ ଶତପଥୀ ଏ ସମ୍ପର୍କରେ ଯଥାର୍ଥରେ କହିଛନ୍ତି ପୁରାଣ, ଇତିହାସ ଓ ଘଟଣା ପ୍ରବାହର କବର ତଳୁ ଏସବୁ ଚରିତ୍ରମାନଙ୍କୁ ଆଣି କାବ୍ୟ ପ୍ରଶସ୍ତି ପ୍ରଦାନରେ କବି ଯେ ଏକ ଶ୍ରେୟଃ ସତ୍ୟର ଉପାସନା କରିଛି– ଏଥିରେ ସନ୍ଦେହ ନାହିଁ। ଏହି ନିକୃଷ୍ଟ, ନିମୀଳିତ, ଅପାଙ୍‌କ୍ତେୟ ଚରିତ୍ରମାନଙ୍କୁ କାବ୍ୟିକ ଗୁରୁ ଗୌରବ ଦେବାରେ କବି ଗଡ଼ନାୟକଙ୍କ ଚେଷ୍ଟା ସଫଳତାର ସ୍ୱର୍ଣ୍ଣସେତୁ ଆରୋହଣରେ କ୍ଷମ ହୋଇଛି। ଶ୍ରୀୟା ଚାଣ୍ଡାଳୁଣୀ, ମୋଚି ବାଲ୍ମୀକି, ଶ୍ରମଣା, ଶବର ଗୁହକ, ଏକଲବ୍ୟ, ମାତଙ୍ଗିନୀ, ଶମ୍ବୁକ, ରଇଦାସ ଆଦି ଚରିତ୍ରଗୁଡିକ ସେମାନଙ୍କ ଉତ୍ତୁଙ୍ଗ ମାନବିକ ଆଚରଣରେ ଆଜି ଯେ କୌଣସି ସଭ୍ୟ ମଣିଷ ଓ ଦେଶ ପାଇଁ ଆଦରଣୀୟ ହୋଇରହିବେ। କବି ସେମାନଙ୍କ ମହାନତାକୁ ହିଁ ଏ ଗାଥା କବିତାଗୁଡିକରେ ସନ୍ଧାନ କରିଛନ୍ତି। ଏହି ପର୍ଯ୍ୟାୟରେ ଐତିହାସିକ ଚରିତ୍ରମାନଙ୍କ ମଧ୍ୟରେ ରାମୀ ଓ ଚଣ୍ଡୀଦାସ, ଗୁରୁ ନାନକ, ଯସ୍‌ମା ଆଦି ଚରିତ୍ରଗୁଡିକ ଆମ ମନରେ ଗଭୀର ଆବେଗ ଓ ଆଲୋଡ଼ନ ସୃଷ୍ଟି କରନ୍ତି।

## ଗାଥା କବିତାର ଉପାଦାନ

ଗାଥା କବିତାର ଉପାଦାନ ହେଉଛି ମୁଖ୍ୟତଃ ଇତିହାସ, ପୁରାଣ, କିମ୍ବଦନ୍ତୀ ଓ ଲୋକକଥା। କିନ୍ତୁ ଦୀର୍ଘ କବିତାରେ ଏସବୁ ଉପାଦାନ କବିତାକୁ ଦୀର୍ଘ ନ କରି ବରଂ ଆଭାସ ରୂପେ ରହିଥାଏ। ଆଧୁନିକ ଦୀର୍ଘ କବିତାକୁ କବିର ଆତ୍ମକୈନ୍ଦ୍ରିକ ବୌଦ୍ଧିକ ଇସ୍ତାହାର ବୋଲି କୁହାଯାଇପାରେ। ତା'ର ଚତୁର୍ଦ୍ଦିଗରେ ଏକ ବୌଦ୍ଧିକ ଅସହାୟତାର ବୃତ୍ତ। ଦୀର୍ଘ କବିତାରେ କବି ଆପଣା ଭାବାବେଗକୁ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ର ଇମେଜ୍, ମିଥ୍ ବା ଆର୍କିଟାଇପ୍ ସାହାଯ୍ୟରେ ପ୍ରକାଶ କରିଥାନ୍ତି। ଏଥିରେ ଆପାତତଃ ଦୃଷ୍ଟିରେ ପୃଥକ୍ ପୃଥକ୍ ଦୃଶ୍ୟ ଭିତରେ ଏକ ନିର୍ଦ୍ଦିଷ୍ଟ ଚିନ୍ତାକୁ ଏକ ସୂତ୍ରରେ ଗ୍ରଥିତ କରି ରୂପାୟିତ କରାଯାଇଥାଏ। କୌଣସି ଏକ କେନ୍ଦ୍ର ଇମେଜ ବା ଆର୍କିଟାଇପକୁ ମୂଳ କରି କବିଙ୍କର ବ୍ୟକ୍ତିଗତ ଅନୁଭୂତି, ଅନୁଚିନ୍ତା ଓ ଆବେଗ ଦୀର୍ଘ କବିତାରେ ପରିସ୍ଫୁଟିତ ହୁଏ। ତେଣୁ ଗାଥା କବିତା ଓ ଦୀର୍ଘ କବିତା, ଭାବ ଓ ଶୈଳୀ ଦୃଷ୍ଟିରୁ ଯେ ସମ୍ପୂର୍ଣ୍ଣ ଭିନ୍ନ, ଏଥିରେ ସନ୍ଦେହ ନାହିଁ।

□□

ଲେଖକଙ୍କ ଇ-ମେଲ ଠିକଣା:
udayanath28@gmail.com



ରମ୍ୟରଚନା

# ଫବେଷଣା

ଡ. ଧର୍ମଛଡ଼ା

ଆପଣମାନେ ତ ଜାଣିଛନ୍ତି କଟକ ଭାଇଚାରାର ସହର। ଏଇ ଭାଇଚାରକୁ ମଜଭୁତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରେ ଖଟି ସଂସ୍କୃତି। ଆମର ବି ଗୋଟେ ଖଟି ଅଛି, ଆମ ଖଟିରେ ପଲ୍ଲୀରୁ ନେଇ ପାର୍ଲିଆମେଣ୍ଟ ଯାଏ ଆଲୋଚନା ସମାଲୋଚନା ପର୍ଯ୍ୟାଲୋଚନା ଚାଲେ। ଏମିତି ଥରେ ବିବାହ ଋତୁ ଏବଂ ନିର୍ବାଚନ ଋତୁର ଯୁଗଳବନ୍ଦୀ ସମୟ ଆସିଲା ଅର୍ଥାତ ବିଭାଘର ସମୟରେ ସାଧାରଣ ନିର୍ବାଚନ ଦୁନ୍ଦୁଭି ବାଜିଲା। ଖଟିରେ ମୁଖ୍ୟ ଖଟିଆ ('ଖଟି'ରେ ଥିବା ସଦସ୍ୟଙ୍କୁ 'ଖଟିଆ' ବୋଲି ସମ୍ବୋଧନ କରାଯାଇଛି) ଖତୁଆ କହିଲା ବାହାଘର ଏବଂ ନିର୍ବାଚନ ଭିତରେ ଅନେକ ସାମଞ୍ଜସ୍ୟ ରହିଛି। ମୁଁ କହିଲି ତୁ କଥାଟି ଉଠେଇଚୁ ମାନେ ଆଜିର ପ୍ରବଚକ ତୁ।



ଖତୁଆ କହିଲା ଠିକ୍ ଅଛି ଶୁଣ, ବାହାଘର ପାଇଁ ଯେତେବେଳେ ଝିଅ ଘରୁ ପୁଅଟିଏ ପାଇଁ ପ୍ରସ୍ତାବ ଆସେ, ସେତେବେଳେ ପୁଅଟିକୁ ଲାଗେ ସତେ ଯେପରି ସେ ଏମ୍‌ଏଲ୍‌ଏ ଟିକେଟ ପାଇଗଲା। ବରଘର ଦେଖା ଚାହାଁ ନିର୍ବାଚନ ପ୍ରଚାର ଠାରୁ କୌଣସି ଗୁଣରେ କମ ନୁହେଁ, ଆମ ସମୟରେ ଥିବା ନିର୍ବନ୍ଧ ଏବଂ ଆଜିକାଲିର ରିଙ୍ଗ୍-ସେରେମୋନି ଏବଂ ପ୍ରାର୍ଥୀ ପତ୍ର ଦାଖଲ ଭିତରେ କୌଣସି ପାର୍ଥକ୍ୟ ବାରିହେଉନି। ରିଙ୍ଗ୍-ସେରେମୋନି ପରେ ବର ମନରେ ଥିବା ଉତ୍ସୁକତାର ଭାବ ଏବଂ ପ୍ରାର୍ଥୀ ପତ୍ର ଦାଖଲ ପରେ ନିର୍ବାଚନରେ ବିଜୟ ଲାଭ କରିବାର ଆଶା ପ୍ରାୟ ସମାନ। ବରଟି ବରଯାତ୍ରୀ ଧରି କନ୍ୟା ଘରକୁ ଯିବା ସମୟର ପଟୁଆର ପରି ନିର୍ବାଚନରେ ଅବତୀର୍ଣ୍ଣ ପ୍ରାର୍ଥୀ ମଧ୍ୟ ବିରାଟ ରାଲି କରିଥାନ୍ତି। ନିର୍ବାଚନରେ ଯାଉଥିବା ଜିନ୍ଦାବାଦ ପକାଳି ଏବଂ ବର ସାଙ୍ଗରେ ଯାଉଥିବା ବରଯାତ୍ରୀ ଉଭୟଙ୍କ କାର୍ଯ୍ୟକଳାପ ପ୍ରାୟ ସମାନ, ମାହାଳିଆରେ ମଦ ମାଂସ ଭକ୍ଷଣ କରି ତଳେଗଡ଼ି ଧୂଳି ଧୂସର ହୋଇ ନାଗିନ୍ ଡ୍ୟାନ୍ସ କରିଥାନ୍ତି। ବେଳେ ବେଳେ ଉତ୍ପାତିଆ ଗୁଣ ପ୍ରଦର୍ଶନ କରି ଜିନ୍ଦାବାଦିଆ ଦଳ ପରି ବରଯାତ୍ରୀ ଠେଙ୍ଗୁଲି ସମ୍ମାନରେ ସମ୍ମାନିତ ହୋଇଥାନ୍ତି। ନେତା ଜିତିବା ପରେ ଜିନ୍ଦାବାଦ ପକାଳିଙ୍କୁ ଏବଂ ବର ବାହାହେବା ପରେ ବରଯାତ୍ରୀମାନଙ୍କୁ ପ୍ରାୟତଃ ଭୁଲିଯାଇଥାନ୍ତି।

ବର ହୋଇ ବେଦୀରେ ବସିବା ସମୟରେ ବରଟିଏ ଭାବୁଥାଏ ସେ ଶାସନ ଭାର ଗ୍ରହଣ କରିବା ନିମନ୍ତେ ତା' ପାଇଁ ଶପଥ ପାଠ ଉତ୍ସବ ଚାଲିଛି। ବେଦୀରେ ପଣ୍ଡିତମାନେ ମନ୍ତ୍ର ଉଚ୍ଚାରଣ କରି ବରକୁ ସାତ ଜନ୍ମ ପାଇଁ ଶପଥ କରାଇବା ସହ କନ୍ୟାର ଦଶ ଦୋଷ କ୍ଷମା କରିବା ପାଇଁ ଶପଥ କରାଉଥିବା ବିବାହିତ ପୁରୁଷ ମାନେ ଏକଥା ଅଙ୍ଗେ ନିଭେଇଥିବେ କିନ୍ତୁ ସମୟ ଗଡ଼ିବା ସହିତ ସଂସାରର ଜଞ୍ଜାଳରେ ପଡ଼ି ବର ଭୁଲିଯାଇଥାଏ ଠିକ୍ ସେହିପରି ନିର୍ବାଚିତ ଜନପ୍ରତିନିଧି ଲୋଭରେ ପଡ଼ି ଗଣତନ୍ତ୍ର ମନ୍ଦିରରେ ନେଇଥିବା ଶପଥକୁ ଭୁଲି ଯାଇଥାନ୍ତି। ବାହାଘରର ବର୍ଷେ ପର୍ଯ୍ୟନ୍ତ ସେ ବର ମାନେ ସ୍ୱାମୀ କ୍ୟାବିନେଟ ମନ୍ତ୍ରୀ ପରି ଅନୁଭବ

କରୁଥାଏ । ସେମାନଙ୍କର ପିଲା ହେବା ଦିନଠାରୁ ସେ ସ୍ୱାମୀଟିକୁ ଲାଗେ ସେ ଘୋଟାଲାରେ ସମ୍ପୃକ୍ତି ହେବା କାରଣରୁ ତାକୁ ମନ୍ତ୍ରୀ ପଦରୁ ବହିଷ୍କାର କରାହୋଇଯାଇଛି । ସ୍ୱାମୀ ସ୍ତ୍ରୀ ଦୁହେଁ ଏକାଠି ହେଲେ ବିଧାନସଭାରେ ଶାସକ ଏବଂ ବିରୋଧୀଙ୍କ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ପରି ଘରଟିର ପରିବେଶରୁ ସ୍ପଷ୍ଟ ବାରି ହୋଇ ପଡୁଥାଏ । ଯେତେବେଳେ ସ୍ୱାମୀଟି ଚାକିରି କ୍ଷେତ୍ରରେ ତା’ ପିଏ ସହିତ ମିଳାମିଶାର ଘଟଣା ପ୍ରଘଟିତ ହୋଇଯାଏ ସେତେବେଳେ ତା’ ସ୍ତ୍ରୀଟି ତା’ ସ୍ୱାମୀକୁ ଚିଟଫଣ୍ଡରେ ସମ୍ପୃକ୍ତ ଠକ ଭଳି ବ୍ୟବହାର କରେ । ଏସବୁ ଘଟଣା ସ୍ତ୍ରୀଟି ତା’ ଶାଶୁ ଶ୍ୱଶୁରଙ୍କୁ ଅବଗତ କରାଏ, ସେମାନେ କ୍ରାଇମବ୍ରାଞ୍ଚର ତଦନ୍ତ ଭଳି ତଦନ୍ତ କରିଚାଲନ୍ତି, ହେଲେ ସେ ତଦନ୍ତର ଅନ୍ତ ତାଙ୍କ ଆୟତ୍ତରେ ନ ଥାଏ । ଏସବୁ ପ୍ରବଚନ ଖଡୁଆ ଠାରୁ ଶୁଣି ମୁଁ କହିଲି ଖଡୁଆ ତୋ ଗବେଷଣାକୁ ମାନିବାକୁ ପଡ଼ିବ, ତୋ ପାଖରେ ଆଜିକାର ପରବଚନକୁ ଉପସ୍ଥାପନା କରୁଥିବା ପ୍ରବଚକ ମାନେ ଫେଲ ମାରିଯିବେ ।

ଚା’ ଗ୍ଲାସ ଥୋଇଦେଇ ଖଣ୍ଡେ ପାନ ପାଟିରେ ପୂରେଇ ଖଡୁଆ ପୁଣି କହିଲା, ଏଇ ବାହାଘର ନେଇ ମୋର ଗୋଟେ କଥା ମନେପଡିଗଲା । ମୋ ଭାଇଙ୍କର ନୂଆ ନୂଆ ବାହାଘର ହୋଇଥାଏ । ବାହାଘର ପରେ ମୋ ଭାଉଜ ସବୁଦିନ ସିନ୍ଥିରେ ସିନ୍ଦୂର ଏବଂ ମଥାରେ ନାଲି ବିନ୍ଦି ପିନ୍ଧନ୍ତି । ଏହି ସିନ୍ଦୂର ଏବଂ ବିନ୍ଦି ପିନ୍ଧିବାର ରହସ୍ୟ ଭାଉଜଙ୍କୁ ପଚାରିବି ବୋଲି ଭାବେ ହେଲେ ପଚାରି ପାରେନି । ଏମିତି ଦିନେ ସୁଯୋଗ ଦେଖି ମୁଁ ଭାଉଜଙ୍କୁ ପଚାରିଲି; ଭାଉଜ ସିନ୍ଦୂର ହେଉ କି ନାଲି ବିନ୍ଦି ହେଉ ତମେ ମଥାରେ କାହିଁକି ଲଗାଇଛ ? ଭାଉଜ ଉତ୍ତର ଦେଲେ ‘ଇଏ ଖାଲି ସିନ୍ଦୂର କି ନାଲି ବିନ୍ଦି ନୁହେଁ, ଇଏ ହେଉଛି ମୋ ସ୍ୱାମୀ ଅର୍ଥାତ ତମ ଭାଇ ।’ ଭାଉଜଙ୍କର ଏକଥା ମୋ ମୁଣ୍ଡରେ ବହୁଦିନ ଧରି ଖେଳୁଥିଲା ମୁଁ କେବଳ ସୁଯୋଗକୁ ଅପେକ୍ଷା କରିଥିଲି । ଦିନେ ମୋତେ ସୁଯୋଗ ମିଳିଗଲା, ମୁଁ ଗାଧୁଆ ଘରୁ ଦୌଡ଼ି ଆସି କହିଲି, ଭାଉଜ ତମ ସ୍ୱାମୀ ମାନେ ମୋ ଭାଇ ଏତେ ଅଭଦ୍ର ? ଭାଉଜ ରାଗିକି କହିଲେ, ତମ ଭାଇ ଏମିତି କ’ଣ କଲେକି ତାଙ୍କୁ ତମେ ଅଭଦ୍ର କହୁଛ ? ମୁଁ ଭାଉଜଙ୍କୁ ଗାଧୁଆ ଘରକୁ ଟାଣି ଟାଣି ନେଇ ଆଇନାରେ ଲାଗିଥିବା ବିନ୍ଦିକୁ ଦେଖେଇ କହିଲି ଦେଖ ବାଥ୍ ରୁମରେ ଯିଏ ଗାଧଉଛି ଅଇନାରେ ବସି ତମ ସ୍ୱାମୀ ଅର୍ଥାତ୍ ମୋ ଭାଇ ତାକୁ ଜୁଳୁ ଜୁଳୁ କରି ଚାହୁଁଛନ୍ତି । ପୁଣି ଟାଣିନେଇ କମଡ଼ ସାମ୍ନା କାନ୍ଥରେ ଲାଗିଥିବା ବିନ୍ଦିକୁ ଦେଖେଇ ମୁଁ କହିଲି, ଦେଖ ଯିଏ କମଡ଼ରେ ବସି ଉଦରସ୍ଥ ବର୍ଜ୍ୟ ପଦାର୍ଥ ବାହାର କରୁଛି ତମ ସ୍ୱାମୀ ତାକୁ ବଲ ବଲ କରି ଚାହୁଁଛନ୍ତି । ଭାଉଜ ଲାଜେଇ ଯାଇ ସେଇଦିନୁ ବାଥରୁମ୍ ହେଉ ଅବା ଅଇନା ହେଉ କିମ୍ବା କମଡ଼ ସାମ୍ନା କାନ୍ଥରେ କିମ୍ବା ବେସିନ ସାମ୍ନାରେ ଆଉ ବିନ୍ଦିକୁ ଲଗାଉନାହାନ୍ତି । ଖଡୁଆ କହିଲା କଥାଟି ସିନା ହାସ୍ୟରସ ସୃଷ୍ଟି କଲା କିନ୍ତୁ ସେଇଦିନ ପରଠାରୁ ଆମ ଗାଧୁଆ ଘର ପରିଷ୍କାର ରହିଲା । ଖଡୁଆର ଏହି ପଦ୍ଧତି ପ୍ରୟୋଗ କରି ଆମ ଖଟିରେ ଥିବା ସମସ୍ତ ଖଟିଆଙ୍କ ଗାଧୁଆ ଘର କାନ୍ଥ ଏବଂ ଦର୍ପଣକୁ ଅସନା କରୁଥିବା ବ୍ୟବହୃତ ବିନ୍ଦି ଏବେ ଉଭାନ ହୋଇଯାଇଛି ।

**ଜଣେ ସୌଭାଗ୍ୟବତୀ ସ୍ତ୍ରୀର ସଂକେତ ତା’ ହାତର ଶଙ୍ଖା ଆଉ ମଥାର ସିନ୍ଦୂର, ଠିକ୍ ଯେପରି ଆଗେ ଖଦଡ଼ ଧୋତି, ଖଦଡ଼ ପଞ୍ଜାବୀ ଓ ଟୋପି ପିନ୍ଧିଥିବା ଲୋକ କୋଷେ ଦୂରରୁ ନେତା ବୋଲି ଜଣାପଡୁଥିଲେ ।**

ଖଡୁଆ ପୁଣି କହିଲା ଜଣେ ସୌଭାଗ୍ୟବତୀ ସ୍ତ୍ରୀର ସଂକେତ ତା’ ହାତର ଶଙ୍ଖା ଆଉ ମଥାର ସିନ୍ଦୂର, ଠିକ୍ ଯେପରି ଆଗେ ଖଦଡ଼ ଧୋତି, ଖଦଡ଼ ପଞ୍ଜାବୀ ଓ ଟୋପି ପିନ୍ଧିଥିବା ଲୋକ କୋଷେ ଦୂରରୁ ନେତା ବୋଲି ଜଣାପଡୁଥିଲେ । ହେଲେ ଏବେ ତ ଯିଏ ଧୋତି ପିନ୍ଧିଲା ସିଏ ଦଳରୁ ବିଦାହେଲା । ତେଣୁ ଏବେ ନେତା ସଂକେତ ତା’ ଦଳୀୟ ଚିହ୍ନ ଏବଂ ଦଳୀୟ ରଙ୍ଗର ଗାମୁଛାରୁ ନେତା ବୋଲି ବାରିବାକୁ ପଡୁଛି । ପ୍ରାୟତଃ ଏବେ ନେତା ଓ ବର ଭିତରେ କିଛି ଫରକ ଦେଖାଯାଉନାହିଁ । ଯେତେବେଳେ ନେତା ଦଳ ପରିବର୍ତ୍ତନ କରନ୍ତି ସେତେବେଳେ ତାଙ୍କର ଦଳୀୟ ଚିହ୍ନ ବଦଳିଥାଏ । ହେଲେ ସ୍ତ୍ରୀ ଯେତେ ସ୍ୱାମୀ ପରିବର୍ତ୍ତନ କଲେ ବି ଚିହ୍ନ ପରିବର୍ତ୍ତନ ହୋଇ ନ ଥାଏ, ସେଇ ଶଙ୍ଖା ଓ ସିନ୍ଦୂର ସଧବା ସ୍ତ୍ରୀର ଚିହ୍ନ ହୋଇ ରହିଥାଏ । ସ୍ତ୍ରୀଟିଏ ଯେପରି ତା’ ସିନ୍ଦୂରକୁ ନେଇ ଗର୍ବ କରୁଥାଏ ଠିକ ସେହିପରି ନେତାମାନେ ତାଙ୍କ ଦଳୀୟ ଚିହ୍ନକୁ ନେଇ ଗର୍ବ କରିଥାନ୍ତି । ଖଡୁଆ କହିଲା ଏମିତି ଗୋଟିଏ ଅଘଟଣ କଥା କହୁଛି ଶୁଣ ।

ମୁଁ କହିଲି ଆଜି ଆମେ ତୋତେ ବାଚସ୍ପତି ଆସନରେ

ବସେଇଛୁ ତୁ ଯାହା କହିବୁ ଆମେ ଶୁଣିବୁ। ଖଡ଼ୁଆ ମୃଦୁ ହସି ଆରମ୍ଭ କଲା, କିଛିଦିନ ତଳେ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଲା ଯେ- କିଏ ଲେଖିଲା 'ହାତ' ମୋ ଗର୍ବ ଏବଂ ଆମ ମୁଖିଆଙ୍କ ଯୋଗୁଁ ମୁଁ ଗର୍ବିତ। କିଏ ଲେଖିଲା ଶଙ୍ଖ ମୋ ଗର୍ବ, ଆମ ସୁପ୍ରିମୋଙ୍କ ପାଇଁ ମୁଁ ଗର୍ବିତ। ପୁଣି କିଏ ଲେଖିଲା 'ପଦ୍ମ ଫୁଲ' ମୋ ଗର୍ବ, ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ପାଇଁ ମୁଁ ଗର୍ବିତ। ଏଇ ଗର୍ବ ଓ ଗର୍ବିତ ଲେଖା ପାଇଁ ରତନା ସେଠୀ ତା' ସ୍ତ୍ରୀକୁ ଛାଡ଼ପତ୍ର ଦେଇଛି। ଦେବନି କେମିତି କହିଲେ, ରତନା ସ୍ତ୍ରୀ ଫେସ୍‌ବୁକରେ ଲେଖିଛି ଆମ ସୁପ୍ରିମୋଙ୍କ ପାଇଁ ମୁଁ (ଗର୍ବିତ ଜାଗାରେ) ଗର୍ଭିତ। ପଞ୍ଚାୟତ ନିର୍ବାଚନ ସମୟର କଥା, ସରପଞ୍ଚ ପ୍ରାର୍ଥୀ ପଦିଆର ମାଛ ଚିହ୍ନ ହୋଇଥିବାରୁ ପଦିଆ ଏବଂ ତା' ସମର୍ଥକ ପୂର୍ବ ଦିନ ରାତିରେ ଭୋଟରଙ୍କ ଚାଳରେ ଗୋଟେ ଗୋଟେ ମାଛ ଟାଙ୍ଗିଦେଇ ଆସିଲେ। ଏକଥା ବିପକ୍ଷ ସରପଞ୍ଚ ପ୍ରାର୍ଥୀ ମୋଟାବୁଦ୍ଧିଆ ପରିଆ ଶୁଣିଲା, ତାର ନିର୍ବାଚନ ଚିହ୍ନ ଜଳନ୍ତା ମଶାଲ ହୋଇଥିବାରୁ ପରିଆ ଏବଂ ତା' ସମର୍ଥକ ନିର୍ବାଚନ ପୂର୍ବ ଦିନ ରାତିରେ ଭୋଟରଙ୍କ ଚାଳରେ ଗୋଟେ ଗୋଟେ ମଶାଲ ଗେଞ୍ଜି ଦେଇଆସିଲେ। ଚାହୁଁ ଚାହୁଁ ଗାଁଟା ସାରା ଜଳିବାକୁ ଲାଗିଲା। ଗାଁ ଲୋକଙ୍କ ଅଭିଯୋଗରେ ପୁଲିସ ପରିଆ ଏବଂ ତା' ସମର୍ଥକଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା।



ସେହି ପଞ୍ଚାୟତ ନିର୍ବାଚନ ସମୟର ଆଉ ଏକ ଘଟଣା ଆମ୍ଭ କର୍ଣ୍ଣରେ ପଡ଼ିଥିଲା, ନାରଣର ଚିହ୍ନ ଥିଲା ଡଙ୍ଗା। ତେଣୁ ନିର୍ବାଚନ ଶୋଭାଯାତ୍ରାରେ ନାରଣ ଗୋଟିଏ ସୁସଜ୍ଜିତ ଗାଡ଼ିରେ ଡଙ୍ଗାରେ ବସି ଶୋଭାଯାତ୍ରା କରିବା କଥା ଶୁଣି ବିପକ୍ଷ ପ୍ରାର୍ଥୀ ମୋଟାବୁଦ୍ଧିଆ ଚଗଲା ସୁସଜ୍ଜିତ ଗାଡ଼ିରେ ତା ନିର୍ବାଚନ ଚିହ୍ନରେ ବସିଚି ତ ଏଭଳି ଅଭାବନୀୟ ଘଟଣା ଘଟିଲା ଯେ ତାକୁ ସାଙ୍ଗେ ସାଙ୍ଗେ ସମର୍ଥକ ମାନେ ୧୦୮ ଆମ୍ବୁଲାନ୍ସରେ ଡାକ୍ତରଖାନା ନେଇଗଲେ। ସେ ଛମାସ ବେଡ଼ରେ ପଡ଼ି ରହିଲା। ବୁଝୁ ବୁଝୁ ଜଣାଗଲା ତା ନିର୍ବାଚନ ଚିହ୍ନ ଥିଲା ଖଣ୍ଡା। ନିର୍ବାଚନ ଚିହ୍ନ ଖଣ୍ଡା ନାଁ ଶୁଣି ଆମେ ସବୁ ହତବାକ୍ ହୋଇ ଖଡ଼ୁଆ ମୁହଁକୁ ଚାହିଁଥିଲୁ।

ସେଦିନ ଆମ ଖଟିରେ ହାସ୍ୟରୋଳ ସୃଷ୍ଟି କରିଥିବାରୁ ଚା' ଦୋକାନୀ ଟୁଲୁକୁ ମୋ ତରଫରୁ ଖଡ଼ୁଆକୁ ଆଉଗୋଟେ ଚା' ଦେବାପାଇଁ କହିଲି। ମୁଁ ପଚାରିଲି, କହିଲୁ ଖଡ଼ୁଆ ଯଦି 'ଶଙ୍ଖା ସିନ୍ଦୂର' ଜଣେ ବିବାହିତା ମହିଳାଙ୍କ ସଂକେତ ତେବେ ଜଣେ ପୁରୁଷ ବିବାହ କରିଛି ବୋଲି ଆମେ କିପରି ଜାଣିବା ? ଖଡ଼ୁଆ କହିଲା ଏଇ କଥା, ଯେଉଁ ପୁରୁଷକୁ ଦେଖିବ ପରିବା ବଜାରରେ ପରିବା ବ୍ୟାଗ ଧରି ଦୋକାନରୁ ପରିବା ବାଛି ବାଛି ଆଣୁଥିବ ଜାଣିବ ସିଏ ବିବାହିତ ଆଉ ଯିଏ ଗାଡ଼ିରେ ବସି ପରିବାବାଲାକୁ ପରିବା ଦେବା ପାଇଁ କୁହେ ସେ ଅବିବାହିତ। ଯେଉଁ ପୁରୁଷ ଅଫିସରେ ଡେରିରେ ପହଞ୍ଚେ ଆଉ ଅଫିସରୁ ଶୀଘ୍ର ବାହାରି ଘରକୁ ଫେରିଆସୁଥିବ, ମେଳା ମହୋତ୍ସବରେ ଛୁଆକୁ କାଖେଇ ବୁଲୁଥିବ ଜାଣିବ ସେ ବିବାହିତ। ପ୍ରତି କଥାରେ ଯିଏ କୁହେ ମୁଁ ଘରେ ବୁଝିକି କହିବି, ଜାଣିବ ସେ ବି ବିବାହିତ। ଆଉ ମଧ୍ୟ ଯେଉଁ ପୁରୁଷ ମୁହଁ ଶୁଖିଯାଇଥିବ, କାରଣ ନ ଥାଇ ସହକର୍ମୀଙ୍କ ଉପରେ ଚିଡ଼ଚିଡ଼ା ଭାବ ପ୍ରକଟ କରୁଥିବ, ସବୁବେଳେ ଅନ୍ୟମନସ୍କ ରହୁଥିବ, ଅନ୍ୟ ସ୍ତ୍ରୀମାନଙ୍କ ସହିତ ଭଲରେ ମିଳାମିଶା କରୁଥିବ ଜାଣିବ ସିଏ ବିବାହିତ, ବେଳେ ବେଳେ ଏହି ଘଟଣା ପୋଖତ ପ୍ରେମିକମାନଙ୍କ କ୍ଷେତ୍ରରେ ଘଟିଥାଏ। ପୋଖତ ପ୍ରେମିକ ଆଉ ବିବାହିତ ପୁରୁଷଙ୍କ ଲକ୍ଷଣ ପ୍ରାୟତଃ ସମାନ ହୋଇଥାଏ। ମୁଁ କହିଲି ବୁଝିଲୁ ଖଡ଼ୁଆ ତୋର ଆଜିର ଏଇ 'ଗବେଷଣାତ୍ମକ ପ୍ରବଚନ' ଆଗାମୀ ଭବିଷ୍ୟତ ପାଇଁ କାମରେ ଆସିବ। ଖଡ଼ୁଆ କହିଲା ଇଏ ଗବେଷଣା ନୁହେଁ 'ଫବେଷଣା ପ୍ରବଚନ'। ଖଡ଼ୁଆର ଏଇ କଥା ଶୁଣି ସମସ୍ତ ଖଟିଆ ଠୋ ଠୋ ହୋଇ ହସିଲେ। ସେଦିନ ଖଟିକୁ ସେଇଠି ସମାପ୍ତ କରି ଘରକୁ ଫେରିଲୁ।

□□

ଲେଖକଙ୍କ ଇ-ମେଲ ଠିକଣା:
bibhuprasad.nayak27@gmail.com


ଗଳ୍ପ

# ଅସ୍ତିତ୍ୱ



ବବିତା ସାହୁ

ନିଜ ଛାଇକୁ ହାତରେ ମାପିଦେଇହେବା ପରି ଖରାରେ ଚାଲିଛି ସନ୍ତୋଷ। ଗୋଟିଏ କଲେଜ୍‌ରେ ହେଡ୍ ପିଅନ ଭାବେ କାର୍ଯ୍ୟ କରେ ସନ୍ତୋଷ। ଯୋଉଠି ଚାଉଳ କିଲୋ ଟଙ୍କାଟେରେ କିଣିଲା ବେଳେ ମାଛ, ମାଂସ କଥା ଦୂରେ ଥାଉ ତାକୁ ଡାଲି କିଲୋ ଶହେ ଟଙ୍କା ଦେଇ କିଣିବାକୁ ପଡ଼େ ଆଉ ପାଞ୍ଚ ଶହ ଟଙ୍କାର ପରିବା କିଣିଲେ ବି ଛୋଟ ବ୍ୟାଗଟିରେ ବ୍ୟାଗେ ପରିବା ପାଞ୍ଚ ଜଣ ଲୋକଙ୍କୁ ସାତ ଦିନ ପେଟ ପୂରିବା ଭଳି ଖାଇବା ଦେଇପାରେନି; ବାପାକୁ ବ୍ଲଡ୍ ପ୍ରେସର, ଡାଇବେଟିସ; ବୋଉର ଆଣ୍ଠୁଗଣ୍ଠି ଦରଜ ପାଇଁ ବହୁ କଷ୍ଟରେ ଟାଣିଟୁଣି ମେଡିସିନ୍ କିଣେ ସନ୍ତୋଷ; ସେଇଭଳି ଶସ୍ତା ଯୁଗରେ ମାସକୁ ତିରିଶ ହଜାର ଟଙ୍କା ଦରମାରେ ଚାକିରି କରୁଥିବା ସନ୍ତୋଷ ଯେ କେତେ ସନ୍ତୋଷରେ ଜୀବନ ବିତାଉଥିବ ତାହା ଅନୁମାନ କରିବା କଥା। ଖରା ଯୋଗୁ ଏଗାରଟା-ବାରଟା ବେଳକୁ କଲେଜ୍ ଖାଲି ହେଇଯାଉଛି। ସେଥିପାଇଁ ସନ୍ତୋଷ ବି ଦି'ପହରେ ଟିକେ ଜଲ୍‌ଦି ଘରକୁ ଆସିପାରୁଛି। ସୂର୍ଯ୍ୟଙ୍କ କିରଣ ଦିନ ହୋଇଥିବାର ପ୍ରମାଣ ଦଉଥିଲେ ବି ଜନଶୂନ୍ୟ ରାସ୍ତା ନିଶାଚରମାନଙ୍କ କଥା ମନେ ପକେଇଦଉଛି। କ୍ଷୀଣ ଶରୀରଧାରୀ ସନ୍ତୋଷର ଗୋରା ତକତକ ଚେହେରା ସୂର୍ଯ୍ୟଙ୍କ ତେଜରେ ସେଓ ଭଳି ନାଲିଆ ଦେଖାଗଲାଣି। ସେଇ ଖରାରେ ସନ୍ତୋଷ ଚାଲିଛି ଏକା ଏକା। ଯେମିତି ଟିକେ ଆଙ୍ଗୁଠି ତତଲା ତାୱା ଉପରେ ବାଜିଗଲେ ତୀର ବେଗରେ ହାତ କାଢି ଆଣୁ ସେମିତି ସାପ ପରି ଲମ୍ବି ଯାଇଥିବା ପିଚୁ ରାସ୍ତାଟି ଉପରୁ ଗୋଟିଏ ପାଦକୁ ତାତିରୁ କିଛି ସମୟ ମୁକ୍ତି ଦେବା ଉଦ୍ଦେଶ୍ୟରେ ଆର ପାଦଟି ପକାଇଦେଲା ଭଳି ଡେଇଁ ଡେଇଁ ଚାଲିଛି ସନ୍ତୋଷ ସେଇ ସାପ ପରି ଲମ୍ବି ଯାଇଥିବା ରାସ୍ତାଟି ଉପରେ। ନିଜ ପକେଟରୁ ଫୋନ୍‌ଟି କାଢ଼ି ଦେଖେ ସାଢ଼େ ବାରଟା ବାଜିବାକୁ ଆଉ ପାଞ୍ଚ ମିନିଟ୍ ଅଛି।



ଏଥର ଆହୁରି ଜୋର୍‌ରେ ପାଦ ପକେଇବାକୁ ଆରମ୍ଭ କଲା ସନ୍ତୋଷ। ତାକୁ ପାଞ୍ଚ ମିନିଟ ଭିତରେ ଯିବାକୁ ହେବ ଅତି କମ୍‌ରେ ହାଫ୍ କିଲୋମିଟର ବାଟ, କାରଣ ତାକୁ ବଞ୍ଚେଇବାକୁ ହେବ ତା' ବସ୍ ଭଡ଼ାର ଦଶଟି ଟଙ୍କା। ସାଢ଼େ ବାରଟାରେ ତାଙ୍କ ଗାଁର ଆକାଶ ଚଲାଉଥିବା ସ୍କୁଲ ବସ୍‌ରେ ଯିବା ପାଇଁ ହେଲେ ତାକୁ ପାଞ୍ଚ ମିନିଟ୍ ଭିତରେ ଷ୍ଟାଣ୍ଡ୍‌କୁ ଯିବା ପାଇଁ ହେବ ଆଉ ଯୋଉଥିରେ ସେ ଛ କିଲୋମିଟର ରାସ୍ତା ବିନା ପଇସାରେ ପୁଣି ଫ୍ୟାନ୍ ତଳେ ପବନ ଖାଇ ଖାଇ ଯାଇ ପାରିବ।

ବସ୍‌ରୁ ଓହ୍ଲାଇ ଘରକୁ ଦଉଡ଼ିଲା ପରି ଚାଲି ଆସିଲା ସନ୍ତୋଷ। ସେ ଦୁଇ ବଖୁରିଆ ସିମେଣ୍ଟ୍ ଚଟାଣର ଆଜବେଷ୍ଟସ ଘର ଭଡ଼ା ନେଇଛି। ଗୋଟିଏ ଘରେ ସେ ଓ ତା' ସ୍ତ୍ରୀ ସବିତା ରୁହନ୍ତି; ସେଇ ଘରର ଗୋଟିଏ କୋଣରେ ପୁଅ ସିପୁନ୍‌ର ପଢ଼ା ଟେବୁଲ୍‌ଟି ପଡ଼ିଛି। ଆର ଘରଟିରେ ରହନ୍ତି ସନ୍ତୋଷର ବାପା-ବୋଉ। ସେଇ ଘରେ କିଛି ଠାକୁର ମୂର୍ତ୍ତି। ସବୁ ଜିନିଷ ପତ୍ର ଥୁଆଥୁଇ ହେଇସାରିବା ପରେ ଖାଲିପଡ଼ିଥିବା ସେଇ ଚାରି ହାତ ବାରଣ୍ଡା ହିଁ ରୋଷେଇ ଘର ଭାବରେ ବ୍ୟବହାର ହୁଏ। ତିନି ବର୍ଷ ପୂର୍ବରୁ ବଢ଼ି ପାଣିରେ ଗାଁ ଘର ଭାସିଗଲା ପରେ; ଆଉ ଥରେ ଘର କରିବା ପାଇଁ ତା'ର କ୍ଷମତା ନାହିଁ। ତା'ପରେ ଏବେ ବାପାଙ୍କ ଦେହ ବି ଖରାପ

ରହୁଛି; ତେଣୁ ବାପା-ବୋଉଙ୍କୁ ଆଣି ପାଖରେ ରଖିଛି। ଏବେ ଖାଲି ସ୍ମୃତି ହେଇ ଗାଁରେ ସେ ଜାଗା ଖଣ୍ଡକ ପଡ଼ିଛି। କେତେ ଲୋକ ଜାଗାଟାକୁ କିଣିବାକୁ ଚାହିଁଲେ ବି ସେ ବିକିବାକୁ ଚାହୁଁନି। ଘର ଭିତରେ ପଶି ଫ୍ୟାନ୍‌ଟିକୁ ଚଲେଇଦେଲା ହାତ ଗୋଡ଼ ଧୋଇସାରି ସନ୍ତୋଷ ଖାଉଥିବା ବେଳେ ସବିତା କଅଁଳେଇ ହେଇ କହିଲା ଯେ ଆଜି ସାହୁ ବାବୁଙ୍କ ସ୍ତ୍ରୀ ଗୋଟେ ଲୁଗା ଦେଖାଉଥିଲେ। ବଢ଼ିଆ ଲାଗୁଥିଲା। ମୁଁ କ'ଣ କହୁଥିଲି କି ମୋର ତ ବାହାରକୁ ପିନ୍ଧିକି ଗଲା ଭଳିଆ ସେମିତି କିଛି ଶାଢ଼ି ନାହିଁ। ଯଦି ସୁବିଧା ହୁଏ ତାହାଲେ ମୋ ପାଇଁ ସାବିତ୍ରୀକୁ ସେଇ ଲୁଗାରୁ ଖଣ୍ଡେ ଆଣିଲେ ହଅନ୍ତାନି ? ସନ୍ତୋଷ ତା' କଥା ଶୁଣୁଥିଲା କି ନାଇଁ କେଜାଣି ତା'ର ହାତ ଦଉଡ଼ି ଚାଲିଥିଲା ଥାଳିରୁ ପାଟିକୁ ଆଉ ପାଟିରୁ ଥାଳିକୁ। ସବିତା ପାଟିରୁ ଶାଢ଼ିର ଦାମ୍ ଶୁଣି ଘୋଡ଼ାର ଲଗାମ ଟାଣିଲା ପରି ସନ୍ତୋଷର ହାତ ଥାଳିରୁ ଆଉ ଉଠିପାରିଲାନି ସତେ ଯେମିତି ଦଉଡୁଥିବା ଘୋଡ଼ାଟି ମୁହଁ ମାଡ଼ି ପଡିଯାଇଛି ଆଉ ଉଠିପାରୁନି। କିଛି ସମୟ ଏମିତି ଚାହିଁରହିବା ପରେ ସନ୍ତୋଷ ଶାଢ଼ି କି ପଇସା କଥା କିଛି ନ ଭାବି ହଉ ଦେଖିବା ବୋଲି କହି ଆଉ ଥରେ ଦି'ଥର ଖାଇଦେଇ ଉଠି ଆସିଲା ସେଇ ଅଧାଖିଆ ଭାତଥାଳି ପାଖରୁ।

**ସତେ ଯେମିତି ସେ ଶୋଇଥିଲା ଝାଳ ସାଗରରେ, ଆଉ ଦେଖୁଥିଲା ତା ପାଖ ଦେଇ ଭାସି ଯାଉଥିବା ଶହ ଶହ ଚିନ୍ତାମାନଙ୍କୁ ଖୁବ ମନଯୋଗ ସହ।**

ସନ୍ତୋଷ ତଉଲିଆଟିକୁ ସିମେଣ୍ଟ୍ ଚଟାଣ ଉପରେ ପାରିଦେଇ ଶୋଇପଡ଼ିଲା। ଘରେ ଗୋଟିଏ ବଖରାରେ ସେ ସିଲିଙ୍ଗ୍ ଫ୍ୟାନ୍ ଲଗେଇଥିଲା। ଏବେ ସେ ବଖରାରେ ବାପା-ବୋଉ ଆଉ ସିପୁନ୍ ରହୁଛନ୍ତି। ଅନ୍ୟ ବଖରାଟିରେ କେବଳ ଗୋଟିଏ ଟେବୁଲ୍ ଫ୍ୟାନ୍‌ରେ ହିଁ ଚଳି ଯାଉଛନ୍ତି ସେ ଆଉ ସବିତା। ଟେବୁଲ୍ ଫ୍ୟାନ୍‌ଟା ବି ଆଉ ଆଗ ଭଳି ବୁଲୁନି। କେତେ ଥର ଭାବିଲାଣି ଆଉ ଗୋଟିଏ ଟେବୁଲ୍ ଫ୍ୟାନ୍ ନ ହଲେ ସିଲିଙ୍ଗ୍ ଫ୍ୟାନ୍ ଲଗେଇବ କିନ୍ତୁ ଆଜି ଯାର ଦେହ ଖରାପ ତ କାଲି ତା'ର, ଏମିତି ହେଇ ହେଇ ସେ କେତେବେଳେ ବି ଫ୍ୟାନ୍ କିଣିବାର ସୁବିଧା ପାଇପାରୁନି। ଫ୍ୟାନ ବୁଲୁଚି। ସାଇଁ ସାଇଁ ଶବ୍ଦ ହଉଚି କିନ୍ତୁ ଯେ କୌଣସି ଲୋକ ଯେ ଜଲ୍‌ଦି ଜଲ୍‌ଦି ସଂଖ୍ୟା ଗଣତି କରିପାରୁଥିବ ସେ ସହଜରେ କହିଦେଇ ପାରିବ ଯେ ମିନିଟ୍‌କ ଭିତରେ ଫ୍ୟାନ୍‌ରେ ଲାଗିଥିବା ଏଇ ନେଳିଆ, ନାଲିଆ, ହଳଦିଆ ବ୍ଲାକ୍ ଟେପ୍ ମରା ପର କେତେ ଥର ବୁଲିଲା। ଫ୍ୟାନ୍‌ର ଏଇ ହତାଶା ତଳେ ତଥାପି ସନ୍ତୋଷ ଶୋଇଛି। ତା' ଦେହରେ ପବନ ବାଜୁଥିଲା କି ନାଇଁ କେଜାଣି କିନ୍ତୁ ତା' ଦେହର ଗୋଟିଏ ପାଖ ଝାଳ ହେଇଗଲାଣି। ସେ କିନ୍ତୁ ନିର୍ବିକାର ଭାବରେ ଚାହିଁଛି ସେଇ ନେଳି ରଙ୍ଗ ମରା କାନ୍ଥଟାକୁ ଯୋଉଥିରେ ଦେଖାଯାଉଛି ଅସଂଖ୍ୟ ଦାଗ। ସତେ ଯେମିତି ସେ ଶୋଇଥିଲା ଝାଳ ସାଗରରେ ଆଉ ଦେଖୁଥିଲା ତା ପାଖ ଦେଇ ଭାସି ଯାଉଥିବା ଶହ ଶହ ଚିନ୍ତାମାନଙ୍କୁ ଖୁବ ମନଯୋଗ ସହ। କୋଉ ଚିନ୍ତାକୁ ଧରି ସେ ଉଠିଆସିବ ତା'ର ଏହା ବି ଗୋଟିଏ ଚିନ୍ତା। ଚିନ୍ତାରେ ଚିନ୍ତାରେ କେତେବେଳେ ସେ ଶୋଇପଡ଼ିଛି ତା' ସେ ନିଜେ ବି ଜାଣେନି।

ସବିତା ଡାକିବା ପରେ ସନ୍ତୋଷ ଧଡ଼ପଡ଼ ହୋଇ ଉଠି ଦେଖେ ପାଞ୍ଚଟା ବାଜିଲାଣି ଟ୍ରେନ୍ ଟାଇମ୍ ମିସ୍ ହେଇଗଲା ଭଳି ତରତର ହୋଇ ନ ଖାଇ ବାହରିଗଲା ସେଇ ଆଶ୍ରମକୁ ଯୋଉଠି ସେ ପଢ଼ାଏ କିଛି ଛୋଟ ଛୋଟ ପିଲାମାନଙ୍କୁ ଆଉ ତା' ବି ବିନା ପାରିଶ୍ରମିକରେ। ସେଠୁ ପଢ଼େଇ ସାରି ଧୀର ମନ୍ଥର ଗତିରେ ପାଦ ପକାଇ ଫେରୁଥିଲା ସନ୍ତୋଷ। ତାକୁ ଦେଖିଲେ ଲାଗିବ ସତେ ଯେପରି ସେ ଖାଲି ରାସ୍ତାକୁ ଦେଖୁଛି କିନ୍ତୁ ରାସ୍ତାରେ କ'ଣ ହଉଚି, ନ ହଉଚି ସେ କିଛି ଜାଣିପାରୁନାହିଁ। ହଠାତ୍ ତା' ଭାବନାର ବନ୍ଧ ଭାଙ୍ଗି ଧସେଇ ପଶି ଆସିଲା ପରି କେହି ଜଣେ ତା' ପାଖକୁ ଲାଗିଆସିଲେ ତା' ସହ କଥା ହେବାପାଇଁ।

ବେଶ୍ ଆପଣାର ଲୋକ ପରି ଲାଗି ଆସି ସେ, କହିଲେ ନମସ୍କାର ସନ୍ତୋଷ ବାବୁ।

ନମସ୍କାରର ପ୍ରତି ନମସ୍କାର କରି ସନ୍ତୋଷ କହିଲା ହଁ ମୁଁ ସନ୍ତୋଷ କିନ୍ତୁ ଆପଣଙ୍କ ବୁଝିବାରେ କିଛି ଭୁଲ ରହୁଛି। ମୁଁ ସାମାନ୍ୟ ଜଣେ ପିଅନ, ମୁଁ କିଛି ଚଉକିରେ ବସୁଥିବା ବାବୁ ନୁହେଁ।

ନାଇଁ ଆଜ୍ଞା ମୁଁ ସବୁ ଜାଣିଛି। ଆପଣ ଜଣେ ମହାନ୍ ବ୍ୟକ୍ତି। କଥା କ'ଣ କି ଆମେ କେତେ ଜଣ ମିଶିକି ଗୋଟେ

ନୂଆ କୋଚିଂସେଣ୍ଟର ଖୋଲିଛୁ। ଆପଣ ଚାହିଁଲେ ସେଇ କେତେଟା ପିଲା କୂଳରେ ଲାଗିଯାଆନ୍ତେ...

ହଁ କୁହନ୍ତୁ, ମୋ ଦ୍ୱାରା ଯଦି କିଛି ହେଇପାରିବ ମୁଁ ନିଶ୍ଚୟ କରିବି। ଖାଲି ଆପଣଙ୍କ କଥାରେ ନୁହେଁ, ମୁଁ ଏ କାମରେ ଆପଣଙ୍କୁ କିଛି ସାହାଯ୍ୟ କରିପାରିଲେ ବେଶ୍ ଖୁସି ହେବି।

ସେ ଭଦ୍ରଲୋକ କ'ଣ କହିଲେ କେଜାଣି ସନ୍ତୋଷ ସେଠୁ ରାଗିକରି ଚାଲି ଆସିଲା। ସନ୍ତୋଷ ଚାଲିଆସୁଥିବାବେଳେ ଭଦ୍ରଲୋକ ଜଣଙ୍କ ବେଶ ଚତୁରତାର ସହ ତାଙ୍କ କାର୍ଡଟିକୁ ସନ୍ତୋଷର ପକେଟରେ ପୂରେଇଦେଲେ।

ଘରେ ପହଞ୍ଚି ସନ୍ତୋଷ ଦେଖେ ତାଙ୍କ ଘର ବାହାରେ ଗାଡ଼ି ଥୁଆହୋଇଛି। ଘରକୁ ଯେ କେହି ଆସିଛି ଏହା ସ୍ପଷ୍ଟ ଭାବରେ ସେ ବୁଝିପାରିଲା। ସାଙ୍ଗେସାଙ୍ଗେ ପକେଟରୁ ମୋବାଇଲଟି କାଢ଼ି ସମୟ ଦେଖିଲା ରାତି ଆଠଟା ହେଲାଣି। କିଛି କ୍ଷଣ ପାଇଁ ସେ ଚିନ୍ତିତ ହୋଇପଡ଼ିଲା। ଏତେ ରାତିରେ କେହି ବନ୍ଧୁବାନ୍ଧବ ଆସିଥିଲା ପରି ମନେହେଉନି। ସାହୁବାବୁ ଘର ଭଡ଼ା ନବା ପାଇଁ ଆସିଥିଲେ ତ ଏତିକି ବାଟକୁ ଗାଡ଼ି ଆଣି ନ ଥାନ୍ତେ; ତାହେଲେ କ'ଣ ରଘୁ ଦୋକାନୀ ଆଉ କାଳିଆ ପରିବା ବାଲା ଜାଣିପାରିଲେ କି ମୁଁ ବାକି ଟଙ୍କା ଦେଇପାରୁନି ବୋଲି ତାଙ୍କଠୁ ଲୁଚି ଲୁଚି ଅନ୍ୟ ଜାଗାରୁ ସଉଦାପତ୍ର କିଣୁଛି ? ହଃ ଯାହା ହବ ଦେଖାଯିବ। ମୁଁ ଆଗ ଘରକୁ ଯାଏ ମୁଁ ତାଙ୍କୁ ବୁଝେଇବି। ମୁଁ ତାଙ୍କ ଟଙ୍କା ଦେଇଦେବି। ମୁଁ କାହା ଟଙ୍କା ଖାଏନି। ଘରକୁ ଯାଇ ଦେଖେ ତ ସବିତାର ଭାଇ ସାବିତ୍ରୀ ଭାର ଧରି ଆସିଛନ୍ତି। ଶଳା-ଭିଣୋଇ କେହି କାହା ସହ କଥା ହଉନାହାନ୍ତି ଆଜିକୁ ଦି ବର୍ଷ ହେବ। ସନ୍ତୋଷ ଘରକୁ ଆସିବାର କିଛି ମିନିଟ୍ ଭିତରେ ସବିତାର ଭାଇ ଚାଲିଗଲେ।



ସବିତାର ଭାଇ ଯିବା ପରେ ସେ ସନ୍ତୋଷକୁ କହିଲା ଭାଇ ବହୁତ ବେଳୁ ଆସିଲେଣି ପ୍ରାୟ ତମେ ଯିବା ପରେ ପରେ। ଆମ ଫ୍ୟାନ୍‌ଟାର ତ ରୋଗ ଅଛି ମାଡ଼ ନ ଖାଇଲେ ବୁଲିବନି। ବୋଉଙ୍କର ଜର ହଉଚି ବୋଲି ସେ ସେପଟ ଘରେ ଶୋଇଥିଲେ। ଭାଇ ଆଗରେ ଫ୍ୟାନକୁ ବାଡ଼େଇବାକୁ ଭଲ ଲାଗିଲାନି; କ'ଣ କରିବି ଜାଣିପାରିଲିନି, ସେଥିପାଇଁ ସାଙ୍ଗେସାଙ୍ଗେ ସିପୁନକୁ କହି ସାହୁବାବୁଙ୍କ ଘରୁ ଫ୍ୟାନ୍‌ଟା ନେଇ ଆସିଲି, ଭାଇ ଜାଣିପାରିଲେନି। ବେଶ୍ ଆନନ୍ଦରେ କହିଚାଲିଛି ସବିତା। ସନ୍ତୋଷ କିଛି ନ କହି କେବଳ ବଲବଲ ଆଖିରେ ସବିତା ଆଡ଼େ ଚାହିଁ ରହିଲା। ମନେମନେ କହିଲା ଫ୍ୟାନ୍‌ଟା ଯେମିତି ମଣିଷ ହେଇଛି ମାରିବାକୁ ଯାଙ୍କୁ ଖରାପ ଲାଗିଲା; କିଛି ତ ଜାଣିପାରୁନ। ସାହୁବାବୁଙ୍କ ଘରୁ ଫ୍ୟାନ୍ ଆଣିବା କଥା ଜାଣିଲ କେମିତି ? ସବିତା ଆମ ଅବସ୍ଥା ଏମିତି ଲୁଚେଇ ବଡ଼ଲୋକି ଢଙ୍ଗ ଦେଖେଇହୁଅନ୍ତି କ'ଣ ପାଇଁ କେଜାଣି ? ସିପୁନ୍‌ର ଚିତ୍କାରରେ ସନ୍ତୋଷର ଭାବନାର ତାର ଛିଡ଼ିଗଲା। ସେ ପଛକୁ ଚାହିଁ ଦେଖେ ତ ସିପୁନ ତଳେ ପଡ଼ିଛି ଆଉ ତା' ଗୋଡ଼ରେ ସାପ ଭଳି ଗୁଡ଼େଇ ହେଇଯାଇଛି ଫ୍ୟାନ୍ ତାର। ଆଉ ଫ୍ୟାନଟି ପଡ଼ିଛି ସିପୁନ୍‌ଠୁ ହାତେ ଦୂରରେ ମନ୍ଦିରରେ ଲମ୍ବଦଣ୍ଡ ହେଇ ପଡ଼ିବା ପରି। ସିପୁନ୍‌ର କିଛି ହେଇନି ବୋଲି ଅନୁଭବ କରିବା ପରେ ସନ୍ତୋଷ ବୁଝିପାରିଲା ଏ ଫ୍ୟାନଟା ତା ନିଜର ନୁହେଁ; ଏଟା ସାହୁ ବାବୁଙ୍କର। ଫ୍ୟାନ୍‌କୁ ଠିଆ କରି ସୁଇଚ ମାରିଲା ପରେ ଦଉଡୁ ଥିବା ଘୋଡ଼ାଟି ହଠାତ୍ ଦଉଡ଼ିବାକୁ ଇଚ୍ଛା ନ ଥିବା ପରି ଠିଆ ହୋଇ ରହିଲା। ଯେତେ ବାଡ଼ାବାଡ଼ି କଲେ ବି ଫ୍ୟାନ୍ ବୁଲିଲାନି; ସତେ ଯେମିତି ଫ୍ୟାନଟି ପଥର ହେଇଗଲାଣି ତିଳେ ହେଲେ ବି ତାକୁ ଚଳେଇ ହବନି। ସନ୍ତୋଷ ଜାଣିସାରିଲାଣି। ଯେ ଫ୍ୟାନ୍ ଖରାପ ହେଇଯାଇଛି ସେ ଚାହିଁଲେ ମଧ୍ୟ ସାହୁବାବୁଙ୍କୁ ତାଙ୍କ ନୂଆ ଫ୍ୟାନ୍ ଭଳି ଫ୍ୟାନ୍ କିଣି ଦେଇପାରିବିନି। ଜଣା ନାହିଁ ଠିକ୍ କଲେ ବି କେତେ ଟଙ୍କା ଖର୍ଚ୍ଚ ହେବ।

ସେଦିନ ରାତିରେ ସନ୍ତୋଷ କିଛି ନ ଖାଇ ବାହାରେ ଖାଇକି ଆସିଛି କହି ସେମିତି ଶୋଇଗଲା। ସନ୍ଧ୍ୟା ବେଳର

ସେଇ ଢିଲା ପ୍ୟାଣ୍ଟ ଆଉ ସାର୍ଟ ଖଣ୍ଡକ ପିନ୍ଧି। କିଛି ସମୟ ପରେ ତାକୁ ଘର ଭିତରଟା ଅଣନିଃଶ୍ୱାସୀ ଲାଗିଲା। ସେ ବାହାରେ ଟିକେ କାମ ଅଛି ବୋଲି କହି ବାହାରକୁ ବାହାରିଲା। ସନ୍ଧ୍ୟା ବେଳର ସେଇ ସାର୍ଟ ପ୍ୟାଣ୍ଟ ହଳକ ସହ ପାଦରେ ଗଳେଇ ଦେଲା ଢିଲା ଚପଲ ହଳେ। ସନ୍ତୋଷ ଚାଲିଛି ଧୀର ମନ୍ଥର ଗତିରେ ଗୋଟିଏ ପରେ ଗୋଟିଏ ପାଦ ପକାଇ। ଆଉ ତା' ପାଦ ସହ ସମାନ ଭାବେ ତାଳ ଦେଇ ଚାଲିଥିଲା ବାପାଙ୍କ ମୋତିଆ ବିନ୍ଦୁ ଅପରେସନ, ରାଜୁ ଆଉ କାଳିଆ ଦୋକାନର ବାକି ପଇସା, ସାହୁ ବାବୁଙ୍କ ଫ୍ୟାନ, ନିଜର ଗୋଟେ ଫ୍ୟାନ, ସିପୁନ ପଢ଼ା ଖର୍ଚ୍ଚ, ସବିତାର ଶାଢ଼ି, ଘର ଭଡ଼ା ଆଦି ଏମିତି କେତେ କଥା। ନା ଆଉ ଭାବି ହଉନି। ଏ ସବୁର କ'ଣ କିଛି ସମାଧାନ ଅଛି ? କିଛି ସମୟ ସ୍ଥିର ହୋଇ ଠିଆ ହୋଇଗଲା ସେଇ ରାସ୍ତା ଉପରେ। ଏ ସବୁ ସମସ୍ୟାର ସମାଧାନ ମୋ ପାଖରେ ଅଛି। ମୁଁ ବି ମଣିଷ, ମୁଁ ବି ଧନୀ ହେବି, ନିଜର ଘର, ଗାଡ଼ି କେତେ କ'ଣ କରିବାକୁ ଚାହେଁ , ମୁଁ ବି ଖୁସିରେ ରହିବାକୁ ଚାହେଁ। ନା ଆଦର୍ଶର କିଛି ମୂଲ୍ୟ ନାହିଁ। ମତେ ସେ କାମ କରିବାକୁ ହିଁ ପଡ଼ିବ। ପକେଟ୍‌ରୁ ସେ କାର୍ଡଟି କାଢ଼ି ସେ ନମ୍ବର୍‌ରେ ଫୋନ୍ କରି ଜଣେଇଦେଲା ଯେ ତାଙ୍କ କାମ କରିବା ପାଇଁ ସେ ରାଜି।

**ପକେଟରୁ ଫୋନ୍ କାଢ଼ିଲା ବେଳେ ତା'ର ପୁଣି ମନେ ହେଲା ସତେ ଯେମିତି ସେ ପଙ୍କ ଭିତରେ ପଶି ପଶି ଯାଉଛି। ସେ ଚାହିଁଲେ ବି ସେଥିରୁ ବାହାରି ପାରୁନି।**

ପରଦିନ ସକାଳେ ସନ୍ତୋଷ ତା' କାମ କରିବା ପାଇଁ କଲେଜ୍‌ରେ ଭଲ ସୁଯୋଗ ପାଇଥିଲା। ସେ ହେଡ୍ ପିଅନ ହେଇଥିବା ଯୋଗୁ ସବୁବେଳେ ରୁମ୍‌କୁ ଅବାଧରେ ଯାଇପାରୁଥିଲା। ଅଫିସ ରୁମ୍‌କୁ ଯାଇ ଦେଖେ ତ ଆଲମିରା ଚାବି ଖୋଲା ଅଛି ଆଉ ଚାବି ସେଠି ଲାଗିଛି। ସାଙ୍ଗେସାଙ୍ଗେ ରୁମ୍ କବାଟଟିକୁ ଭିତର ପଟୁ ଲକ୍ କରିଦେଇ ସେ ଧାଇଁଗଲା ଆଲମାରି ପାଖକୁ। ଆଲମାରି ଚାବି ଖୋଲିବାକୁ ଗଲାବେଳେ ତାକୁ ଲାଗିଲା ସତେ ଯେମିତି ସେ ତା' ଭାଗ୍ୟ ଚାବି ଖୋଲିବା ସହ କିଛି ପିଲାଙ୍କ ଭାଗ୍ୟର ତାଲା ବନ୍ଦ କରିଦେଉଛି। ଏମିତି କି ନାଇଁ ସେ ଜାଣେନା କିନ୍ତୁ ରିଜର୍ଭେସନ ଆଉ ଚିହ୍ନାଜଣା ତଥା ଟଙ୍କା ନେଇ ଚାକିରି ବିକ୍ରି ହେବାର ଶିକାର ସେ ବି ହେଇଛି ଯୋଉଁଥିପାଇଁ ମାଷ୍ଟର ଡିଗ୍ରୀ ଧରି ମଧ୍ୟ ସେ ଆଜି ପିଅନ।

କିଛି ସମୟ ସେଠି ଠିଆ ହେଇଯିବା ପରେ ସେ ପୁଣି ଭାବୁଛି ନା ମୁଁ ପିଅନ ହେଇଥିଲି, ମୋ ପାଖରେ ବର୍ତ୍ତମାନ ସୁଯୋଗ ଅଛି ମୁଁ ମୋ କ୍ଷମତାଠୁ ଅଧିକ ପାଇପାରିବି। ମୁଁ ଖୁସିରେ ଚଳିପାରିବି। ମୋ ଅସୁବିଧା ସବୁ ଦୂର ହେଇଯିବ। ମୁଁ ବି ମଣିଷ, ମୁଁ ମଧ୍ୟ ସୁଖରେ ବଞ୍ଚିବାକୁ ଚାହେଁ। ତେଣୁ ଯାହା ବି ହେଲେ ମତେ ଏ କାମ କରିବାକୁ ହିଁ ହେବ। ନିଜ ଥରୁଥିବା ଡାହାଣ ହାତକୁ ବାଁଆ ହାତରେ ଜାବୁଡ଼ି ଧରି ସେ ଆଗେଇଲା ଆଲମାରି ପାଖକୁ। ଆଲମାରି ଖୋଲି ହାତରେ ପ୍ରଶ୍ନ ପତ୍ର ଧରି ପକେଟରୁ ଫୋନ୍ କାଢ଼ିଲା ବେଳେ ତା'ର ପୁଣି ମନେ ହେଲା ସତେ ଯେମିତି ସେ ପଙ୍କ ଭିତରେ ପଶି ପଶି ଯାଉଛି। ସେ ଚାହିଁଲେ ବି ସେଥିରୁ ବାହାରି ପାରୁନି। ହଠାତ୍ ତା'ର ମନେ ପଡ଼ିଗଲା ମହାଭାରତ କଥା। ସେ ସାଙ୍ଗେସାଙ୍ଗେ ଆଲମାରି ବନ୍ଦ କରିଦେଇ ଭାବିବାକୁ ଲାଗିଲା କର୍ଣ୍ଣଙ୍କ ବିଷୟରେ। ଯିଏ ନିଜ ସମ୍ମାନ କଥା ଭାବିଭାବି ଅଧର୍ମ ଜାଣି ମଧ୍ୟ ଅଧର୍ମ କରିଥିଲା; ତା'ହେଲେ ମୁଁ କ'ଣ କର୍ଣ୍ଣ ହେବି ! ନା ମୁଁ କର୍ଣ୍ଣ ଭଳି ହେବିନି। ନିଜ ଅଧିକାର ଖୋଜି ଖୋଜି ନିଜ ଅସ୍ତିତ୍ୱର ପ୍ରତିପାଦନ ପାଇଁ ଅସତ୍ ସହ ମିଶିପାରିବିନି। ମୁଁ ଯଦି କାହା ଭଳି ହେବି ମତେ ଅଭିମନ୍ୟୁ ପରି କର ପ୍ରଭୁ। ମୁଁ ନିଜର କୃତିକୁ ଶ୍ରେଷ୍ଠ କରିବା ଅପେକ୍ଷା ସତ୍ ସହ ମିଶିବି। ନିଜ ସ୍ଥିତି ସଜାଡ଼ିବାକୁ ଯାଇ ମୁଁ ମୋ ପରିସ୍ଥିତିହଜା ଗୋଷ୍ଠୀ ସୃଷ୍ଟି କରିପାରିବି ନାହିଁ...ନା ମୁଁ ଏ କାମ କରିବି ନାହିଁ...

ସାବିତ୍ରୀ ବ୍ରତ ଦିନ ଦେଖାଗଲା ସବିତା ପାଇଁ ଆଉ ନୂଆ ଲୁଗା କିଣା ହେଇନି; ସେ ପିନ୍ଧିଚି ନିଜ ଭାଇ ଆଣିଥିବା ଲୁଗା। ସନ୍ତୋଷ ବାପାଙ୍କର ମୋତିଆ ବିନ୍ଦୁ ଅପରେସନ ହେଇଯାଇଛି, ସିପୁନ ଇଂଲିଶ ମିଡ଼ିଅମ ସ୍କୁଲରୁ ଶିଶୁମନ୍ଦିରକୁ ପଳେଇ ଆସିଛି ଅନ୍ୟମାନଙ୍କ ଗୋଡ଼ ତଳେ ପଡ଼ି ସନ୍ତୋଷ କିଛି ଦିନ ପାଇଁ ସମୟ ମାଗିଛି।

□□

ଲେଖିକାଙ୍କ ଇ-ମେଲ ଠିକଣା:
babitasahoo481@gmail.com


**ପ୍ରବନ୍ଧ**

# ସାମ୍ପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଦାଦନ ସମସ୍ୟାର ଚିତ୍ର



ଡ. ସ୍ୱାଧୀନ ଚନ୍ଦ୍ର ପ୍ରଧାନ

ସାମ୍ପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ବିଭିନ୍ନ ଚେତନାର ସମ୍ମିଶ୍ରିତ ରୂପ ଲକ୍ଷ୍ୟ କରାଯାଏ । ସମକାଳୀନ ଗଳ୍ପରେ କଥାକାରଗଣ ଜୀବନର ଚରମ ବାସ୍ତବତାକୁ ଫୁଟାଇବାକୁ ବ୍ୟାକୁଳ । ତେଣୁ ଗଳ୍ପଗୁଡ଼ିକ କାଳ୍ପନିକତାର ମାୟାଜାଲରୁ ମୁକ୍ତ ହୋଇ ବାସ୍ତବାଭିମୁଖୀ ଆଡ଼କୁ ଗତି କରୁଛି । ଜୀବନକୈନ୍ଦ୍ରିକ ଜଟିଳତା ଓ ସମସ୍ୟା ହୋଇଉଠିଛି ଗଳ୍ପକାରର ପ୍ରଧାନ ଧ୍ୟେୟ ବସ୍ତୁ । ସେ ଉଜୁଡ଼ା ପଲ୍ଲୀଠାରୁ ସଜ୍ଜିତ ସହରୀକରଣ ଓ ସୁବିଧାବାଦୀ ମଣିଷର ବାସ୍ତବ ଚିତ୍ର ଅଙ୍କନ କରିବାରେ ସାଜିଛି ଧୁରନ୍ଧର ଶିଳ୍ପୀ । ନିଜର ଶିଳ୍ପୀମନରେ ସେ ଆଙ୍କିଛି କେତେ ଯେ ଗରିବ, ଖଟିଖିଆ, ଅସହାୟ, ନିଃଷ୍ପେଷିତ ମଣିଷର ଦାରୁଣ ଜୀବନର ମାର୍ମିକ ଆଲେଖ୍ୟ । ବିଶେଷତଃ ସାମ୍ପ୍ରତିକ କାଳଖଣ୍ଡର ଗଳ୍ପ ଏକ ପ୍ରକାର ସାମାଜିକ ମଣିଷର ଯାବତୀୟ ଦୁଃଖ ଓ ଅସହାୟତାକୁ କେନ୍ଦ୍ରକରି ପରିକଳ୍ପିତ । ଏ ସମୟର ଗଳ୍ପକାର ଏକ ପ୍ରକାର ସହରର ଚାକଚକ୍ୟ ଭିତରେ କାରାରୁଦ୍ଧ ତଥା ଗ୍ରାମ୍ୟ ମଣିଷର ସମସ୍ୟା ଜଡ଼ିତ ଅସହାୟତାର ଚିତ୍ରକୁ ବେଶ୍ ସଫଳତାର ସହ ଅଙ୍କନ କରିଛି । ସାମ୍ପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଦେଖାଦେଉଥିବା ବିଭିନ୍ନ ଭାବବସ୍ତୁ ମଧ୍ୟରୁ 'ଦାଦନ' ପ୍ରସଙ୍ଗ ଏକ ନୂଆ ଭାବରେ ଉଭା ହୋଇଛି । ଏହି ଦାଦନ ସମସ୍ୟାକୁ ଭିତ୍ତିକରି ଅନେକ ଗଳ୍ପକାର ନିଜର ସର୍ଜନଶୀଳତା ମାଧ୍ୟମରେ ଏହାର ରୂପରେଖକୁ ଉତାରି ଗଳ୍ପକୁ ଜୀବନ୍ତ କରି ଦେଇଛନ୍ତି ।



## ସାମାଜିକ ବ୍ୟାଧି

ଓଡ଼ିଆ ଗଳ୍ପ ସାହିତ୍ୟରେ ଏହି ଦାଦନ କୈନ୍ଦ୍ରିକ ସମସ୍ୟା ଏକ ସାମାଜିକ ବ୍ୟାଧିରୂପେ ଆଜି ଉଭା ହୋଇଛି । ଏହି ଭାବନାକୁ ଉପଜୀବ୍ୟ କରି ସଞ୍ଜୟ ମିଶ୍ରଙ୍କ 'ଦାଦନ ସୁନ୍ଦରୀ' ନାମକ ଉପନ୍ୟାସ ପୁସ୍ତକଟିଏ ରଚନା କରିଛନ୍ତି । ଯହିଁରେ ଦାଦନର ବିକଟାଳ ରୂପ ବର୍ଣ୍ଣିତ । ତାଙ୍କ 'ସାପପେଟର ଆକାଶ' ଗଳ୍ପ ସଂକଳନ ୨୦୧୯ ମସିହାରେ ପ୍ରକାଶ ପାଏ । ଏଥିରେ ସନ୍ନିବେଶିତ 'ସାପପେଟର ଆକାଶ' ଓ 'ସେ ଏକ ଦାଦନର ସ୍ତ୍ରୀ' ଗଳ୍ପଦ୍ୱୟରେ ଦାଦନର ଚିତ୍ର ଉଲ୍ଲିଖିତ । ପ୍ରଥମ ଗଳ୍ପଟିରେ ଅଣ୍ଡାଲିପୁର ଗ୍ରାମର ପରଶୁ ଓ ତାର ସ୍ତ୍ରୀ ଶରାବନୀ କଣ୍ଟ୍ରାକ୍ଟର ରାଜେନ୍ଦ୍ର ଦୀପଙ୍କ ଠାରୁ ଅଗ୍ରିମ ଟଙ୍କା ଆଣି ଦାଦନ ଖଟିବାକୁ ସେମାନେ ବାହାରିଛନ୍ତି । ସେଠାରେ ଶରାବନୀ ମାଲିକର ଦେହଜ କାମନାର ଶିକାର ହୋଇ ଗର୍ଭବତୀ ହୋଇଛି । ପରଶୁ ପ୍ରତିବାଦ କରିବାରୁ ତାକୁ ଅସହ୍ୟ ଯନ୍ତ୍ରଣା, ମାଡ଼ ଦିଆଯାଇଛି । ତାକୁ ପଠାଇ ଦିଆଯାଇଛି ବଲାଙ୍ଗୀର । ଶରାବନୀ ମଧ୍ୟ ଫେରିଛି ଗାଁକୁ । ନବବିବାହିତ ଦମ୍ପତିଙ୍କ ସ୍ୱପ୍ନ ଆଶାଭଙ୍ଗର ଚିତ୍ର ସାଙ୍ଗକୁ ଦାଦନ ଖଟିବାକୁ ଯାଇଥିବା ମଣିଷର ଅତ୍ୟାଚାରିତ କାହାଣୀ, ନାରୀର ଦେହ ଲୁଣ୍ଠନର ଚିତ୍ର ଗଳ୍ପଟିକୁ ରସସିକ୍ତ କରିଛି ।

ସେହିପରି 'ସେ ଏକ ଦାଦନର ସ୍ତ୍ରୀ' ଗଳ୍ପରେ ସେଦିନ ଆଇ.ଏ.ଏସ୍. କୋଚିଂ କ୍ଲାସ୍‌ର ଛାତ୍ରଥିବା ଅଭିଷେକ ଓ ନିତୁ ଦୁହେଁ ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦ ନିକଟବର୍ତ୍ତୀ କିସିରା ଅଞ୍ଚଳର ଏକ ଇଟାଭାଟିକୁ ଦାଦନ ମଣିଷଙ୍କ ସ୍ଥିତି ଜାଣିବା ପାଇଁ ବାହାରିଛନ୍ତି । ସେମାନେ ଭେଟିଥିଲେ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକର ଖଲିଆମୁଣ୍ଡା ଗ୍ରାମର ଲଖପତି କୁମ୍ଭାର ଓ ତା ସ୍ତ୍ରୀକୁ । ଲଖପତି କହୁଥିଲା - 'ଦାଦନର ଆରମ୍ଭ ହଠାତ୍ ଟଙ୍କା ପଇସାର ଆବଶ୍ୟକତାରୁ ନୁହେଁ ବରଂ କ୍ରମାଗତ ମରୁଡ଼ିର ଅଭାବୀଚକ୍ର ଓ ସରକାରୀ ଅବହେଳାର ଏକ କରୁଣ ପରିଣତିରୁ ।' (ପୃଷ୍ଠା-୪୮)

ପୁନଶ୍ଚ କାହ୍ନୁ ବନଛୋର, ତାର ଗର୍ଭବତୀ ସ୍ତ୍ରୀ, ଶାଶୁ,

ଶ୍ୱଶୁର ମଧ୍ୟ ସେଠାକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ କାହ୍ନୁର ସ୍ତ୍ରୀ ଗର୍ଭଜାତ ସନ୍ତାନଟିକୁ ଜନ୍ମ ଦେଇ ମୃତ୍ୟୁବରଣ କଲା। ନବଜାତ ଶିଶୁକୁ ପାଇବା ପାଇଁ କାହ୍ନୁ ଇଟାଭାଟିର ମାଲିକ ପାଖରେ ନେହୁରା ହେଲା। ମାତ୍ର ସେ କିଛି ବୁଝିଲା ନାହିଁ। ପରେ ଜିଲ୍ଲାପାଳ, ମାଜିଷ୍ଟ୍ରେଟ୍ ପର୍ଯ୍ୟନ୍ତ କଥା ଗଲା। କାହ୍ନୁର ଛୋଟଶିଶୁକୁ ଉଦ୍ଧାର କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ପଠାଗଲା। ଆଇ.ଏ.ଏସ୍. ପଢୁଥିବା ନିତୁ କାହ୍ନୁର ଜୀବନ ଦୁଃଖରେ ମ୍ରିୟମାଣ ହୋଇ ତାର ସ୍ତ୍ରୀ ହେବାକୁ ଇଚ୍ଛା କରିଛି। ଜଣେ ଦାଦନ ମଣିଷର ପାରିବାରିକ ଅସହାୟତା ସାଙ୍ଗକୁ ଅଭାବମୟତା କିପରି ତାଙ୍କୁ ଦଳିତଦଳାନ୍ତ କରିଦେଇଥିଲା ତାହା ଚିତ୍ରିତ। ଗଳ୍ପଟିରେ ଗାଳ୍ପିକ ଦାଦନ ବିଷୟରେ କହୁଛନ୍ତି - 'ଦାଦନ ଏକ ଘା, ଦାଦନ ଏକ ମାରକ। ଦାଦନ ଏକ ଅପନିୟତିର ଅପକର୍ମ।' (ପୃଷ୍ଠା-୪୯) ଏ ମନ୍ତବ୍ୟରୁ ଦାଦନର ପୂର୍ଣ୍ଣାଙ୍ଗରୂପ ପାଠକଙ୍କ ଆଗରେ ଉନ୍ମୋଚିତ ହୁଏ।

## ସାମାଜିକ ସ୍ଥିତାବସ୍ଥା

ସାମ୍ପ୍ରତିକ ଓଡ଼ିଆ ଗଳ୍ପ ସାହିତ୍ୟରେ ଜଣେ ସ୍ମରଣୀୟ ଗାଳ୍ପିକା ଭାବେ ଗାୟତ୍ରୀ ସରାଫ୍‌ଙ୍କ ସିଦ୍ଧି ଓ ସ୍ୱାକ୍ଷର ପାଠକଙ୍କୁ ବେଶ୍ ଆଛନ୍ନ କରିଥାଏ। ବିଶେଷତଃ ବଲାଙ୍ଗିର ଅଞ୍ଚଳର ସାମାଜିକ ସ୍ଥିତାବସ୍ଥାକୁ ଅତି ଜୀବନ୍ତ ଢଙ୍ଗରେ ସେ ପ୍ରତିପାଦନ କରିଛନ୍ତି। ତାଙ୍କ ସାହିତ୍ୟରେ ନାରୀ ଜୀବନର ଅକୁହା କଥା ଯେଉଁଭଳି ଜୀବନ୍ତ ଓ ବାସ୍ତବ ଭାବରେ ପରିପ୍ରକାଶ କରିଛନ୍ତି, ଦାଦନ ସମସ୍ୟାର ଉତ୍କଟତାକୁ ମଧ୍ୟ ସେତିକି ମାର୍ମିକ ଢଙ୍ଗରେ ପରିପ୍ରକାଶ କରିଛନ୍ତି। ତାଙ୍କର 'ଇଟାଭାଟିର ଶିଳ୍ପୀ' ସଂକଳନଟି ୨୦୧୫ ମସିହାରେ ପ୍ରକାଶ ପାଇ ୨୦୧୭ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛି। ଏ ସଂକଳନସ୍ଥ 'ଦାଦନ ଲହଡ଼ା', 'ଦାଦନ କନ୍ୟାର ହସ', 'ଇଟାଭାଟିର ଶିଳ୍ପୀ' ପ୍ରଭୃତି ଗଳ୍ପରେ ଦାଦନ ସମସ୍ୟା ବହୁଳତାକୁ ସେ ସ୍ପର୍ଶକାତର ଢଙ୍ଗରେ ବର୍ଣ୍ଣନା କରିଛନ୍ତି। 'ଦାଦନ ଲହଡ଼ା' ଗଳ୍ପଟିରେ ଗାଳ୍ପିକା ଗୀତିକାଙ୍କ ପ୍ରଥମ ଉପନ୍ୟାସ 'ଦାଦନ' ପଢ଼ି ସମସ୍ତେ ହଲ୍‌ଚଲ୍ ହୋଇଗଲେ। ସବୁଠି ରାଜନୀତିର ସୁଅ ଛୁଟିଲା। ମୁଖ୍ୟମନ୍ତ୍ରୀଙ୍କ ଆଦେଶକ୍ରମେ ଦାଦନ ସମସ୍ୟାର ଦୂରୀକରଣ ପାଇଁ ଏକ ତୁରନ୍ତ ବୈଠକ ଡକାଗଲା। ସମସ୍ତ ଦାଦନ ଲୋକଙ୍କୁ ବୁଝାଗଲା ଏଠି କାମ ମିଳିବ, କେହି ବାହାର ରାଜ୍ୟକୁ ଯିବେ ନାହିଁ, ଏକ ହଜାର ଟଙ୍କା ଲେଖାଏଁ ରିଲିଫ୍ ଦିଆଗଲା। ସଭା ସରିଗଲା ସମସ୍ତ ନେତାମନ୍ତ୍ରୀ ଫେରିଗଲେ ରାଜଧାନୀ। ଯୋଉଠି ସଦାବେଳେ ଆଲୁଅ। ଦାଦନର ଯେଉଁ ଦୁଃଖକୁ ସେଇ ଦୁଃଖ ରହିଲା। ସେହିପରି 'ଦାଦନ କନ୍ୟାର ହସ' ଗଳ୍ପଟିରେ ମଧ୍ୟ ଦାଦନ ସମସ୍ୟାର ଚିତ୍ର ଲକ୍ଷ୍ୟ କରାଯାଇପାରେ। ଜଗମୋହନ ଓ ଯମୁନା ତାଙ୍କର ଝିଅ ଜାନ୍‌କୀକୁ ନେଇ ରଙ୍ଗାରେଡ୍ଡି ଗାଁକୁ ଦାଦନ ଶ୍ରମିକ ଭାବେ ଯାଇଥିଲେ। ସେଠାରେ ଇଟାଭାଟିରେ କାମ ଓ ନିର୍ଯାତନା ସହ୍ୟ କରୁଥିଲେ। ପୁଣି ସାହୁକାରର ନଜରରୁ ଏ କୁନି ଝିଅଟି ମଧ୍ୟ ବର୍ତ୍ତି ନ ଥିଲା। ଏନ୍‌ଜିଓମାନଙ୍କ ଉଦ୍ୟମରେ ସେଠାରୁ ରକ୍ଷାପାଇ ନିଜର ଭିଟାମାଟି କାନିବାହାଲ ଗାଁକୁ ଫେରି ଆସିଥିଲେ। ସେଦିନ ଜଗମୋହନ କହୁଥିଲା - 'ମୁଇଁ ଜାନିଥିଲି। କହିତ ଥିଲି ତତେ। ତୁଇ ଜିଦ୍ କଲୁ ଯିମା... ଯିମା... ଗଲୁ। କ'ଣ ଲାଭ ପାଏଲୁ? କେତେ ଟଙ୍କା ଆଣି ପାର୍‌ଲୁ? ସେ ଦାଦନ ନୁହେଁରେ ଯମ୍‌ନା... ସୁନାର ହରିନ୍ ଆଏ... ଖାଲି ଲୋଭ ଦେଖାସି; ବାଟ ବଣା କର୍‌ସି...।' (ପୃଷ୍ଠା-୪୫) ଏ ମନ୍ତବ୍ୟରେ ଦାଦନ ଖଟିବାକୁ ଯାଇଥିବା ମଣିଷର ଅଙ୍ଗେନିଭା ଅନୁଭୂତିରେ ନିଛକ ବାସ୍ତବତା ପ୍ରକଟିତ। ଅନ୍ୟତମ ଗଳ୍ପ 'ଇଟାଭାଟିର ଶିଳ୍ପୀ' ଗଳ୍ପଟିରେ କାର୍ତ୍ତିକ ଓ ଭୂମିସୂତାଙ୍କ ଏକମାତ୍ର ପୁଅ ବାବୁ। ବୟସ ସାଢ଼େ ବାର ବର୍ଷ। ଏମାନେ ତିନିଜଣ ଗରିବର ତୀବ୍ର ଜ୍ୱାଳାରେ ଦଗ୍ଧୀଭୂତ ହୋଇ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ମାଲିକର ଜୁଲମ ସହ୍ୟ କରୁଥିଲେ। ନିଜ ଗାଁ ସରପଞ୍ଚଙ୍କ ଝିଅ ମନୋରମାର ମୂର୍ତ୍ତି ତିଆରିବା ପାଇଁ ମାଟି ଖୋଳୁଥିଲା ଇଟାଭାଟିରେ ବାବୁ। ତେଣୁ ମାଲିକ ତା'ର ଗୋଟିଏ ହାତକୁ ଠେଙ୍ଗାରେ ପ୍ରହାର କରିବାରୁ ଅକାମି ହୋଇଗଲା। ସେଠାରେ କଳେବଳେ କୌଶଳେ ସେମାନେ ଫେରିଆସି ବୁର୍ଲା ଡାକ୍ତରଖାନାକୁ ଗଲେ ବାବୁର ହାତର ଚିକିତ୍ସା କରେଇବା ପାଇଁ। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଗୋଟିଏ ହାତ କାଟିବାକୁ ପଡ଼ିଲା। ତଥାପି ଏ କୁନି ଶିଳ୍ପୀଟି ନିଜ ମନର ଅଦମ୍ୟ ସାହସ ଓ ଉଦ୍ଦୀପନା ନେଇ


> **"ମୁଇଁ ଜାନିଥିଲି। କହିତ ଥିଲି ତତେ। ତୁଇ ଜିଦ୍ କଲୁ ଯିମା... ଯିମା... ଗଲୁ। କ'ଣ ଲାଭ ପାଏଲୁ ?"**

ସମସ୍ତେ ପ୍ରତିବନ୍ଧକକୁ ଡେଇଁ ମନର ମାନସୀର ମୂର୍ତ୍ତି ତିଆରିଛି। ଦାଦନମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ଲୋମହର୍ଷଣ କାହାଣୀ ଗଳ୍ପଟିର ଉପଜୀବ୍ୟ ବିଷୟବସ୍ତୁ। ଗାଳ୍ପିକା ତାଙ୍କ ଗଳ୍ପଗୁଡ଼ିକରେ ଦାଦନ ସମସ୍ୟାର ବହୁଳତା ଓ ଉତ୍କଟତାର ପ୍ରତିପାଦନ କରି ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଲୋକେ ଆହୁରି ଦାଦନମୁହାଁ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସାମ୍ପ୍ରତିକ ଓଡ଼ିଆ ଗଳ୍ପାକାଶରେ କ୍ଷେତ୍ରବାସୀ ନାଏକ ଜଣେ ଯୁବଗାଳ୍ପିକ ଭାବେ ବେଶ୍ ପରିଚିତ। ତାଙ୍କର 'ଦାଦନ' ଗଳ୍ପ ସଂକଳନଟି ୨୦୧୧ ମସିହାରେ ପ୍ରକାଶିତ ହୋଇ ୨୦୧୩ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଲାଭ କରିଛି। ଏ ସଂକଳନସ୍ଥ ଶୀର୍ଷକ ଗଳ୍ପ 'ଦାଦନ'ରେ ଜଣେ ଅଭାବୀ ମଣିଷର କାକୁସ୍ଥପଣ ଓ ଅଭାବମୟତା ତାକୁ କିପରି ଦାଦନ ଖଟିଯିବାକୁ ବାଧ୍ୟକରେ, ପରିଣତିରେ ସେ ଭୋଗକରେ ଅସହ୍ୟ ଦୁଃଖ ଯନ୍ତ୍ରଣା - ଏଭଳି ପ୍ରସଙ୍ଗକୁ ଭିତ୍ତିକରି ଗଳ୍ପର କଥାବସ୍ତୁ ପରିକଳ୍ପିତ। ଗଳ୍ପନାୟକ ମାଗୁଣି ବରିହା ଓ ସ୍ତ୍ରୀ କାଇଁଚ ସହ ଦୁଇଟି ପୁଅ ମିଶି ଚାଷକାମ କରି ଆରାମରେ ଚଳିଯାଉଥିଲେ। ସେଥର ମରୁଡ଼ି ହେବାରୁ ଖାଇବାକୁ ନ ପାଇ ହାଇଦ୍ରାବାଦ ଦାଦନ ଖଟିବାକୁ ବାହାରିଛନ୍ତି। ଯେଉଁ ବଳଦ ଦୁଇଟିକୁ ମାଗୁଣି ନିଜ ପୁଅପରି ସ୍ନେହ କରୁଥିଲା ତାକୁ ମୁକ୍ତ କରିଦେଇଛି, ଫଳରେ ଗଉଁତିଆ ହାତରେ ଧରାପଡ଼ି ବଳଦ ଦୁଇଟି ଅସହାୟ ଭାବରେ ମୃତ୍ୟୁବରଣ କରିଛନ୍ତି। ଅନ୍ୟପଟେ ମାଗୁଣିର ଦୁଇ ଦୁଇଟି ପୁଅ ଜ୍ୱରାକ୍ରାନ୍ତ ହୋଇ ସଂଘର୍ଷ କରି ମୃତ୍ୟୁବରଣ କରିଛନ୍ତି। ଜ୍ୱରାକ୍ରାନ୍ତ ପୁଅକୁ ବଞ୍ଚେଇବା ନିମିତ୍ତ ଇଟାଭାଟିର ମାଲିକର ରାତ୍ରି ସଙ୍ଗିନୀ ସାଜିଛି କାଇଁଚ। ସେ ମାଗୁଣିକୁ କହୁଥିଲା - 'ପୁଅର ଜୀବନ ପାଇଁ ରାତିଟାଏ ମାଲିକକୁ ଖୁସ୍ କରିଦେଲେ ଦେହଟା ଶେଷ ହୋଇଯିବନି, ହାଡ଼ମାଂସର ଦେହକୁ ତୁମକୁ ଦେଇଛି, ମନ ତମକୁ ଦେଇଛି, ପୁଅ ପାଇଁ... ତୁମେ ଏତିକି ତ୍ୟାଗ କରିପାରିବନି।' (ପୃଷ୍ଠା-୨୬) ପରେ ସ୍ତ୍ରୀ କାଇଁଚ ଇଟାଭାଟିରେ ଝାସ ଦେବାର ଦେଖି ମାଗୁଣି ପାଗଳପ୍ରାୟ ହୋଇଉଠିଛି।

**ଅଙ୍ଗେନିଭା କାହାଣୀ**

ସାମ୍ପ୍ରତିକ ଓଡ଼ିଆ ଗଳ୍ପାକାଶରେ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଏକ ସୁପରିଚିତ କଥାକାର। ତାଙ୍କର 'କଥା ଶୁଭେ ଲଥା ଲୁଚିଯାଏ' ଗଳ୍ପ ସଂକଳନଟି ୨୦୨୨ ମସିହାରେ ପ୍ରକାଶିତ। ଏହାର ପ୍ରଥମ ଗଳ୍ପ 'କମ୍ଭୁପାଣି କୁମ୍ଭାରର କାହାଣୀ' ଗଳ୍ପରେ ନିଜେ ଅଙ୍ଗେ ନିଭାଇଥିବା ତଥା ବଲାଙ୍ଗିରରେ ରହଣି କାଳରେ




ଦେଖିଥିବା ଏକ ବାସ୍ତବ କାହାଣୀର ପ୍ରତିବିମ୍ବକୁ ସେ ବର୍ଣ୍ଣନା କରିଛନ୍ତି। ଦାଦନ ମଣିଷଟିର ଆର୍ଥିକ ଅବସ୍ଥା, ଗାଁ ଛାଡ଼ି ଅନ୍ୟ ରାଜ୍ୟକୁ ପଇସା ଆଶାରେ ଯିବା ଓ ସେଠାରେ ସବୁକିଛି ହରାଇ ଦୁଃଖ ଯନ୍ତ୍ରଣାରେ ଛଟପଟ ହେବା ବିଷୟ ମାର୍ମିକ ଢଙ୍ଗରେ ଏଥିରେ ଚିତ୍ରିତ। ବଲାଙ୍ଗିର ଅଞ୍ଚଳ କ୍ରମଶଃ ଆଧୁନିକତା ଆଡ଼କୁ ଅଗ୍ରସର ହେବାବେଳେ ମାଟିପାତ୍ରର ଆଉ ବିକ୍ରି ହୁଏ ନାହିଁ। ଯାହା ଫଳରେ କମ୍ଭୁପାଣି କୁମ୍ଭାର ତା' ସ୍ତ୍ରୀ କୁମୁଦିନୀକୁ ନେଇ ଆନ୍ଧ୍ରର ଗୁଣ୍ଟୁର ସହରକୁ ଯାଏ ଦାଦନ ଖଟିବାକୁ। ସେଠାରେ ଇଟା ଓ ମାଟିପାତ୍ର ଗଢ଼ିବାରେ ଲାଗିଗଲା। ନିଜ ମାଁର ଦେହ ଖରାପ ଖବର ପାଇ ଗାଁକୁ ଆସିଛି ଏକାକୀ। ସ୍ତ୍ରୀ ରହିଯାଇଛି ମାଲିକାଣୀଙ୍କ ପାଖରେ। ପରେ ମାଲିକାଣୀ ଘରେ ପହଞ୍ଚି ଦେଖିଛି କୁମୁଦିନୀ ଘରେ ନାହିଁ। ସେ ଯାଇଛି ମାଲିକାଣୀର ଭାଇ ଭେଙ୍କଟର୍‌ର ଅସୁସ୍ଥ ସ୍ତ୍ରୀର ସେବା ପାଇଁ। ଏହା ଭିତରେ ଅନେକ ଦିନ ବିତିଗଲା। ପାଖେଇ ଆସୁଛି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ। ଯେମିତି ହେଲେ କୁମୁଦିନୀକୁ ନେଇ ଗାଁରେ ପହଞ୍ଚିବାକୁ ପଡ଼ିବ। ଠିକଣା ଖୋଜି ବିଜୟୱାଡ଼ା, ଭେଙ୍କଟର ଦୁଇମହଲା କୋଠା ପାଖରେ ସେ ପହଞ୍ଚିଲା। ବାଲକୋନିରୁ କୁମୁଦିନୀକୁ ଦେଖିଲା କିନ୍ତୁ ସେ ତଳକୁ ଆସିଲା ନାହିଁ। ଯାହା ଫଳରେ କମ୍ଭୁପାଣି ଗଳା ଫଟାଇ ଚିତ୍କାର କରିଛି

ନୂଆଖାଇଁ ପାଇଁ ଘରକୁ ଯିବା ପାଇଁ। ଜଣେ ଦାଦନର କରୁଣ ଅସହାୟତା ଗଳ୍ପଟିର ପ୍ରତିପାଦ୍ୟ ବିଷୟ।

ସାମ୍ପ୍ରତିକ ଓଡ଼ିଆ ଗଳ୍ପ ସାହିତ୍ୟରେ ଗାଳ୍ପିକା ଅମୂଲ୍ୟମଣି ମିଶ୍ରଙ୍କ ଅବଦାନ ବାସ୍ତବରେ ଅତୁଳନୀୟ। ତାଙ୍କ 'ଏକ ଦାଦନ କାହାଣୀର ଭିନ୍ନ ସମାପନ' ଗଳ୍ପ ସଂକଳନଟି ୨୦୧୫ ମସିହାରେ ପ୍ରକାଶିତ। ଏଥିରେ ସନ୍ନିବେଶିତ ଶୀର୍ଷକ ଗଳ୍ପରେ ଦାଦନ ସମସ୍ୟାର ଉତ୍କଟତା ଓ ସମସ୍ୟାର ଚିତ୍ର ପ୍ରଦର୍ଶିତ। ସୁମନ୍ତ ସେଦିନ ଗପ ଲେଖିଛି ଦାଦନ ବିଷୟରେ। ଗଳ୍ପନାୟକ ଶ୍ରୀପତି ଓ ସ୍ତ୍ରୀ ମୁଲତା ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶ କିମ୍ବା ରାୟପୁର ଯିବା ପ୍ରସ୍ତୁତ ହୋଇଛନ୍ତି। ମହାଜନର ଟଙ୍କା ଫେରସ୍ତ କରିବାର ମାନସିକ ଚିନ୍ତାଚେତନା ତାଙ୍କୁ ଅସ୍ତବ୍ୟସ୍ତ କରିପକାଉଥିବା ବେଳେ ଗାଳ୍ପିକାଙ୍କ କଲେଜର କିଛି ଛାତ୍ରଙ୍କ ସାହାଯ୍ୟ ସହଯୋଗରେ ଶ୍ରୀପତିର ଗାଁରେ ଟଙ୍କା ବଣ୍ଟନ କରାଗଲା। ଶ୍ରୀପତି ମହାଆନନ୍ଦରେ ଟଙ୍କା ପାଇ ଘରକୁ ଫେରୁଥିଲା। ଗଳ୍ପଟିରେ ଦାଦନ ସମସ୍ୟାର ନିରାକରଣ ବିଷୟ ପ୍ରତିପାଦିତ। ସେହିପରି ତାଙ୍କର 'ଅନ୍ଧାର ଋତୁ' ଓ 'କ୍ଷୁଧାର୍ତ୍ତ ଦାଦନ ହାରୁନ ମାଝି' ଗଳ୍ପଟିରେ ମଧ୍ୟ ଏହି ଦାଦନ ସମସ୍ୟାର ଚିତ୍ର ପ୍ରକଟିତ ହାରୁନ୍ ମାଝି ପାରିବାରିକ ଦୁଃଖ ଦୁର୍ଦ୍ଦଶାର ଶିକାର ହୋଇ ଶଦଲାଲ୍ ଦେବରାଜ ବନ୍‌ଗୁଲ୍‌ଠାରୁ ପଚାଶ ହଜାର ଟଙ୍କା ଆଣି ଦାଦନ ଯିବାକୁ ପ୍ରସ୍ତୁତ ହେଉଥିଲା। ସେତେବେଳେ ତା' ମା'ର ସ୍ୱାସ୍ଥ୍ୟାବସ୍ଥାର ଖରାପ ହେବାରୁ ଯାଇପାରି ନ ଥିଲା। ଫଳରେ ହାରୁନ୍ ଓ ଦେବରାଜ ମଧ୍ୟରେ ପାଟିତୁଣ୍ଡ ହୋଇଛି। ସେ ଦେବରାଜଙ୍କୁ ମରଣାନ୍ତକ ଆକ୍ରମଣ କରିଛି। ତା'ପରେ ସେ ଧାଇଁ ଧାଇଁ କେଉଁ ଅଜଣା ଜାଗାକୁ ଟ୍ରେନରେ ପହଞ୍ଚିଛି। ଯେଉଁଠାରେ ଶ୍ରମିକମାନେ କାମ କରନ୍ତି। ସେଠାରେ ଗୋଟିଏ ବାବା ପାଖରେ ହାରୁନ୍ କହୁଥିଲା - 'ପ୍ରତ୍ୟେକ ଦାଦନ ପାଖରେ କହିବା ପାଇଁ କଥାଟିଏ ଥାଏ। କେହି ମନଖୁସିରେ ଦାଦନ ଖଟିଯାଏ ନାହିଁ। ବଞ୍ଚିରହିବା ପାଇଁ, ପେଟପାଟଣା ଲାଗିଯାଏ। ଗାଁରେ ଅନ୍ୟ ରୋଜଗାରର ବିକଳ୍ପ ଥିଲେ କିଏ କାହିଁକି ଯିବ? ବାହାରକୁ ଯାଇ କିଛି ଉପାର୍ଜନ କରି ପୁଣି ନିଜ ଗାଁକୁ ଫେରି ଆସିବା ଲାଗି ମନ ଭିତରେ ଅସୁମାରି ସ୍ୱପ୍ନ ନେଇ ସେ ଯାଏ।' (ପୃଷ୍ଠା-୧୨୨) ଗଳ୍ପଟିରେ ଦାଦନ ଖଟିବାକୁ ଯାଇଥିବା ମଣିଷର ପାରିବାରିକ ପରିସ୍ଥିତି କିପରି ତାକୁ ବାଧ୍ୟ କରେ। ଅଭାବ ଅନଟନ ସ୍ୱପ୍ନ ନେଇଯାଏ ଅଥଚ ତା'ର ସବୁ ସ୍ୱପ୍ନ ଆଶାରେ ରହିଯାଏ, ଏ ପ୍ରସଙ୍ଗ ଆଲୋଚ୍ୟ ଗପରେ ଚିତ୍ରିତ।

**ଚାଷୀର ଅସହାୟତା**

ଯୁବ ଗାଳ୍ପିକ ଜଗନ୍ନାଥ ସାହୁଙ୍କ 'ଦୃଶ୍ୟ ଆରପାରିର' ଗଳ୍ପଟି କଥାପତ୍ରିକାରେ ୨୦୧୪ ମସିହାରେ ପ୍ରକାଶିତ। ଏଥିରେ ଜଣେ ଚାଷୀ ବିଜାରୁର ଅସହାୟତା, ମହାଜନର ଋଣ ଶୁଝିବାର ଚିନ୍ତାରେ ସେ ଦାଦନ ଯିବାକୁ ପ୍ରସ୍ତୁତ ହେଇଥିଲା। ତା'ର ମନସ୍ତାତ୍ତ୍ୱିକ ଭାବାବେଗକୁ ଗାଳ୍ପିକ ଚମତ୍କାର ଢଙ୍ଗରେ ପରିପ୍ରକାଶ କରିଛନ୍ତି - 'ଦାଦନ ଶବ୍ଦ ଶୁଣିଲେ ବିଜାରୁର ଦେହ ଶୀତେଇ ଉଠେ। ବେଳେବେଳେ ପ୍ରଳୟଠୁ ବି ବେଶି ଭୟଙ୍କର ହୋଇପାରେ ଦାଦନର ରୂପ। ଦି'ପାଦ ଆଗେଇ ଯାଇ ଯେତେବେଳେ ନିଜ କୂଅ ଭିତରକୁ ଦେଖେ ମାଛମାନେ ଫଡ଼ ଫଡ଼୍ ହେଉଥାନ୍ତି କାଦୁଅ ଭିତରେ।' (କଥା, ଡିସେମ୍ବର, ୨୦୧, ପୃଷ୍ଠା-୧୯) ସେହିପରି ଅନୁଲିପ୍ତା ମିଶ୍ରଙ୍କ 'ମାଟିମୋହ'ରେ ବି ଏହି ଦାଦନ ସମସ୍ୟାର ଚିତ୍ର ପ୍ରକଟିତ। ଗଳ୍ପନାୟକ ମା' ସହ ଏକାକୀ ଗାଁରେ ରହୁଥିଲା। ପାଠ ପଢ଼ି ମଧ୍ୟ ଚାକିରି ନ ହେବାରୁ ସେ ନିଜ ବନ୍ଧୁର ସହାୟତାରେ ତେଲେଙ୍ଗାନା ରାଜ୍ୟକୁ ଯାଇଛି। ବଡ଼ କମ୍ପାନୀରେ ଚାକିରି କରେଇଦେବାର ପ୍ରଲୋଭନ ଦେଖାଇ ତା'ର ବନ୍ଧୁଟି ତାକୁ ଠକି ଦେଇଛି। ଗାଳ୍ପିକାଙ୍କ ଭାଷାରେ- 'କମ୍ପାନୀରେ ଚାକିରି କରିବା ଆଳରେ ସେ ଆସି ପହଞ୍ଚି ଯାଇଥିଲା ତେଲେଙ୍ଗାନାର କେଉଁ ଏକ ଇଟାଭାଟି ମାଲିକର କବ୍‌ଜାରେ। ବନ୍ଧୁଜଣକ ଯେ ଇଟାଭାଟି ମାଲିକ ପାଖରେ ଦଲାଲ୍ ଭାବରେ କାର୍ଯ୍ୟ କରୁଥିଲା, ଏ କଥା ଆଉ ଅଛପା ନ ଥିଲା ତାକୁ। ଶାରୀରିକ ଓ ମାନସିକ ଯନ୍ତ୍ରଣାରେ କଟୁଥିଲା ଦିନସବୁ।' (କଥା, ବାର୍ଷିକ ବିଶେଷାଙ୍କ ୨୦୨୩, ପୃଷ୍ଠା-୧୪୩) ସମ୍ପ୍ରତି ଶିକ୍ଷିତ ଯୁବକମାନେ କାମ ଓ ଚାକିରି ଅଭାବରୁ କିପରି ବିପଥଗାମୀ ହୋଇପଡୁଛନ୍ତି, ବାହାର ରାଜ୍ୟକୁ ଶ୍ରମିକ

**ଦାଦନ ଶବ୍ଦ ଶୁଣିଲେ ଦେହ ଶୀତେଇ ଉଠେ। ବେଳେବେଳେ ପ୍ରଳୟଠୁ ବି ବେଶି ଭୟଙ୍କର ହୋଇପାରେ ଦାଦନର ରୂପ।**

ଦାଦନଭାବେ ଖଟିଯିବାକୁ ବାଧ୍ୟ ହେଉଛନ୍ତି ତା'ର ଚିତ୍ର ଏଠି ପ୍ରଦର୍ଶିତ। ସେହିପରି ଯୁବଗାଳ୍ପିକ ବିଶ୍ୱନାଥ ସାହୁଙ୍କ 'ଦାଦନାୟଣ' ଗଳ୍ପଟିରେ ମଧ୍ୟ ଦାଦନର ମାର୍ମିକ ଚିତ୍ର ବର୍ଣ୍ଣିତ।

ସାମ୍ପ୍ରତିକ କାଳର ଅନ୍ୟତମ ପ୍ରସିଦ୍ଧ କଥାକାର ଭାବେ ମନୋଜ କୁମାର ପଣ୍ଡାଙ୍କ ସିଦ୍ଧି ଓ ସ୍ୱାକ୍ଷର ଓଡ଼ିଆ ଗଳ୍ପ ସାହିତ୍ୟକୁ ଉଭୟ ପରିଣାମାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ପରିପୁଷ୍ଟ କରିଛି। ଏହି ଦାଦନ କୈନ୍ଦ୍ରିକ ସମସ୍ୟାକୁ ଭିତ୍ତିକରି ତାଙ୍କର କେତୋଟି ଗଳ୍ପର ପରିକଳ୍ପନା। ତାଙ୍କ 'ମାୟା ବଗିଚା' (୨୦୧୦) ସଂକଳନସ୍ଥ 'ଈଶ୍ୱରଙ୍କ ସାକ୍ଷ୍ୟ ପ୍ରଦାନ', 'ହାଡ଼ ବଗିଚା ସଂକଳନ' (୧୯୯୨)ର ମୃତ୍ୟୁ ମହୋତ୍ସବ ଓ 'ବର୍ଣ୍ଣବଗିଚା' (୨୦୦୩), ସଂକଳନସ୍ଥ 'ଶୂନ୍ୟସ୍ଥାନ ପୂରଣ କରିବାର ଖେଳ', 'ନିରନ୍ତର ଯାଯାବର', 'ତେନ୍ତୁଳିଗଛର ଛାଇ', 'ବର୍ଣ୍ଣବଗିଚା' ପ୍ରଭୃତି ଗଳ୍ପଗୁଡ଼ିକରେ ଏହି ଭାବଧାରା ଲକ୍ଷ୍ୟ କରାଯାଏ। ତାଙ୍କର 'ଈଶ୍ୱରଙ୍କ ସାକ୍ଷ୍ୟ ପ୍ରଦାନ' ଗଳ୍ପଟିରେ ଦାଦନ ଖଟିବାକୁ ଯାଇଥିବା ପ୍ରେମଶୀଳା ହାଇଦ୍ରାବାଦରୁ ଫେରୁଥିବାବେଳେ ଟ୍ରେନ୍ କମ୍ପାର୍ଟମେଣ୍ଟ ଭିତରେ ତା' ଜ୍ୱରାକ୍ରାନ୍ତ ପୁଅର ମୃତ୍ୟୁ ହୋଇଯାଇଛି। ଦୁଇ ବର୍ଷ ପୂର୍ବରୁ ଠିକ୍ ଏହିଭଳି ପରିସ୍ଥିତିରେ ପ୍ରେମଶୀଳା ବିଶାଖାପାଟଣା ପ୍ଲାଟ୍‌ଫର୍ମରେ ତା' ସ୍ୱାମୀକୁ ହରାଇଥିଲା। ତା'ର ପୁଅର ମୃତ୍ୟୁ ଖବର ସାରା ଦେଶରେ ପ୍ରଚାରିତ ହେବା, ପରେ ପରେ ସେ କିପରି ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛି ତା'ର ଚିତ୍ର ମାର୍ମିକ ଢଙ୍ଗରେ ଗଳ୍ପରେ ଉପସ୍ଥାପିତ। ଗାଳ୍ପିକ ଶ୍ରୀ ପଣ୍ଡା ପଶ୍ଚିମାଞ୍ଚଳର ବାସିନ୍ଦା ହୋଇଥିବାରୁ ହିଁ ତାଙ୍କ ସୃଷ୍ଟିବଳୟ ମଧ୍ୟରେ ଏ ଦାଦନ ସମସ୍ୟାର ଚିତ୍ର ଏତେ ଜୀବନ୍ତ ଓ ମର୍ମସ୍ପର୍ଶୀ ହୋଇପାରିଛି। ଶୋଭାକର ପ୍ରଧାନଙ୍କ କୁଣିଆଁ ଗପରେ ବି ଏ ଭାବନା ଜୀବନ୍ତ ଭାବେ ଚିତ୍ରିତ।

**ଦାଦନ ଖଟୁଥିବା ଲୋକମାନଙ୍କର ନିର୍ଯାତନା ସହିତ ଦଲାଲ୍‌ମାନଙ୍କ ବ୍ୟାବସାୟିକ ମନୋବୃତ୍ତି ଏହି ସମସ୍ୟାକୁ ଆହୁରି ଉତ୍କଟ କରିଛି।**

## ସମସ୍ୟାର ଜୀବନ୍ତ ରୂପ

ଓଡ଼ିଆ ଗଳ୍ପ ସାହିତ୍ୟର ଅନ୍ୟତମ ବିସ୍ମୟ ଆଦିତେଶ୍ୱର ମିଶ୍ର। ସେ ମଧ୍ୟ ଏହି ଭାବଧାରାକୁ କେନ୍ଦ୍ରକରି କେତେଗୁଡ଼ିଏ ଗଳ୍ପର ପରିକଳ୍ପନା କରିଛନ୍ତି। ପଶ୍ଚିମ ଓଡ଼ିଶାର ବାସିନ୍ଦା ହୋଇଥିବା ହେତୁ ସେ ଦାଦନ ସମସ୍ୟାକୁ ମର୍ମେ ମର୍ମେ ଅନୁଭବ କରିଛନ୍ତି। ଦାଦନ ଶ୍ରମିକ ସହିତ ବିତାଇଥିବା ମୁହୂର୍ତ୍ତକୁ ସେ ଜୀବନ୍ତ ଢଙ୍ଗରେ ପରିମାର୍ଜନା କରିଛନ୍ତି। ତାଙ୍କର ତପତ ଭାତ ଓ ଫେରେଇ ଦିଅ ଜୀବନ ଦୁଇଟି ଗଳ୍ପରେ ଏ ଭାବନାର ଜୀବନ୍ତ ରୂପ ପ୍ରକାଶିତ।

ବସ୍ତୁତଃ ଏହି ଆଲୋଚନାରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ସାମ୍ପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଅନେକ ମାତ୍ରାରେ ଏହି ଦାଦନ ସମସ୍ୟା କୈନ୍ଦ୍ରିକ। ପଶ୍ଚିମାଞ୍ଚଳର କେତେଜଣ ଲେଖକଙ୍କ ସୃଷ୍ଟିରେ ଏହା ଜୀବନ୍ତ ରୂପ ଧାରଣ କରିଛି। ଦାଦନ ସମସ୍ୟା ଏକ ଅର୍ଥନୈତିକ ସମସ୍ୟା। ଦାଦନ ଖଟୁଥିବା ଲୋକମାନଙ୍କର ନିର୍ଯାତନା ସହିତ ଦଲାଲ୍‌ମାନଙ୍କ ବ୍ୟାବସାୟିକ ମନୋବୃତ୍ତି ଏହି ସମସ୍ୟାକୁ ଆହୁରି ଉତ୍କଟ କରିଛି। ବୃତ୍ତିହୀନତା ସରକାରଙ୍କ ଅଣଦେଖା, ମାଳମାଳ ସରକାରୀ ଯୋଜନା ସତ୍ତ୍ୱେ ଗରିବ ଲୋକଙ୍କପାଖେ କିପରି ତାହା ଅପହଞ୍ଚ ରହିଯାଉଛି, ମୁଠାଏ ଦାନାପାଣି ପାଇଁ ବାହାରକୁ ଯିବା ପାଇଁ ସେମାନେ କିପରି ବାଧ୍ୟ ହେଉଛନ୍ତି ଏହାର ଚିତ୍ର ସାମ୍ପ୍ରତିକ ଗଳ୍ପଗୁଡ଼ିକରେ ଯେପରି ରହିଛି। ବିଭିନ୍ନ ଭାବେ ଶାରୀରିକ, ଆର୍ଥିକ, ମାନସିକ, ଯୌନତାର ଶିକାର ହୋଇ, ହାତଗୋଡ଼ କଟାହୋଇ, ନିଜ ସମ୍ପର୍କୀୟମାନଙ୍କ ଶବଧରି ଗାଁକୁ ଫେରିବା ମଧ୍ୟ ଦାଦନର କରୁଣ କାୟାକୁ ସୂଚାଇଦିଏ। ସାମ୍ପ୍ରତିକ କଥାକାରଙ୍କ ଗଳ୍ପ ସୃଷ୍ଟିରେ କେବଳ ଦାଦନ ସମସ୍ୟାର ଉତ୍କଟତା ପ୍ରତିପାଦନ କରାଯାଇନାହିଁ ବରଂ ଏ ସମସ୍ୟା ସମାଧାନର ପନ୍ଥା କିପରି ଶୀଘ୍ର ବାହାରିବ, ଦାଦନ ଶ୍ରମିକଟିଏ ବାହାର ଅଞ୍ଚଳକୁ ନ ଯାଇ ନିଜ ଅଞ୍ଚଳ ମଧ୍ୟରେ କାମ ପାଇବ ତା'ର ବିଧି, ବ୍ୟବସ୍ଥା ଓ ନିରାକରଣର ଚିତ୍ର ଆଙ୍କିଛନ୍ତି। ସରକାରଙ୍କ ସାହାଯ୍ୟ, ସହଯୋଗ, ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ସହଭାଗିତା ସହ ସମାଜସେବୀମାନଙ୍କ ପରିବର୍ତ୍ତନମୁଖୀ ମନୋଭାବ ହିଁ ଗୋଟେ ବୈପ୍ଳବିକ -ପରିବର୍ତ୍ତନ ଆଣି ପାରିଲେ ହଜାର ହଜାର ଦେଶାନ୍ତରୀଙ୍କୁ ସ୍ୱଦେଶାଗତ କରାଇ ସେମାନଙ୍କ ଆର୍ଥିକ, ମାନସିକ ସ୍ଥିତିକୁ ସୁଦୃଢ଼ କରିବ ବୋଲି ଆଶା ଓ ବିଶ୍ୱାସ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
swadhinchandrap@gmail.com



ଏକାଙ୍କିକା

# ଝାଡୁ ମାହାତ୍ମ୍ୟ

ଡା. ଅଭୟ ଦାଶ


(ବାପୁ ଆଶ୍ରମ ପରିସର, କୋଠରି ଭିତରେ ବହି ଆଲମାରି, ଉପରେ ଗାନ୍ଧୀଙ୍କ ଫଟୋ, ଚରଖା, ଗୋଲ ଚଷମା, ବାଡ଼ି, ଚପଲ ଯଥାସ୍ଥାନରେ ରଖାଯାଇଛି ସରପଞ୍ଚଙ୍କ ପ୍ରବେଶ)

ସରପଞ୍ଚ - ଆରେ ହେ ଘନିଆ ! ପାଣୁଆ ! ଆରେ କୁଆଡ଼େ ଗଲ ? ଓଃ ଶଳାଙ୍କର ଖାତିର ନାହିଁ। ମୁଁ ଗୋଟାଏ ସରପଞ୍ଚ ଡ୍ୟାସ୍ କଲେକ୍ଟର !

ଘନିଆ - ଆଜ୍ଞା ସାରେ ମୋତେ ଖୋଜୁଥିଲେ ?

ସରପଞ୍ଚ - ହଁ ! ତେତେ ! କାଲି ଗାନ୍ଧୀ ମହାତ୍ମାଙ୍କ ଜନ୍ମ ଦିନ ଜାଣିଚୁଟି ?

ଘନିଆ - କୋଉଁ ଗାନ୍ଧୀ ସାରେ ? କାଲି ତ ଟିଭିରେ ଆଉ କ'ଣ କହୁଥିଲେ ?



ସରପଞ୍ଚ - ଆରେ ସିଏ ନୁହେଁ ! ଇଂଲିସ୍‌ରେ ଯିଏ ହେଉଛନ୍ତି ଫାଦର ଅଫ୍ ନେସନ।

ଘନିଆ - ସତେ ସାରେ ? ଫାଦର ମାନେ ତ ବାପା ମଦର ମାନେ ମା ! ଫାଦର ମଦର, ଗ୍ୟାଣ୍ଡର ଗୁଜ୍ କେତେ ଘୋଷିଛୁ !

( ପାଣୁଆ ତରବର ହୋଇ ପ୍ରବେଶ )

ପାଣୁଆ - ସାରେ ! ମୋତେ ଖୋଜୁଥିଲେ ? ମୁଁ ସେ ମୁଣ୍ଡରୁ ଶୁଣି ଧାଇଁଚି।

ସରପଞ୍ଚ - ଆରେ ସେ ଫଟୋବାଲାଙ୍କୁ ପାଇଲୁ ?

ପାଣୁଆ - ନାଇଁ ସାରେ ! ତାଙ୍କ ଘରବାଲି କହିଲା, 'ସେ ଯାଇଛନ୍ତି, ସେପାରି ! କିଏ ମନ୍ତ୍ରୀ ଆସୁଛନ୍ତି ତ !'

ସରପଞ୍ଚ - ମନ୍ତ୍ରୀ ? ଶଳା ! ମନ୍ତ୍ରୀ ଆସୁଛି, ମତେ ଜଣା ନାହିଁ ? ମିଛ, ମିଛ ଡାହାମିଛ ! ଆରେ ଗାନ୍ଧୀଙ୍କ ଜନ୍ମ ଦିନରେ ତ ସତ କହ !

ଘନିଆ - ପାଣୁଆ'ଇ, ତୁ ସେ ଗାନ୍ଧୀ ବୁଢା ଚଷମା ସଫା କର, ନାଇଁ ନାଇଁ ଥାଉ ! ତୁ ଭାଙ୍ଗିଦବୁ ! ମୁଁ କରିଦେବି।

ପାଣୁଆ - ସେ ବଗିଚାର ଘାସ ସେ ଜରିବେଗ୍ କାଗଜ ପ୍ଲେଟ୍ ସିଗାରେଟ କାଗଜ ଗିଲାସ ସବୁ ଅଗଷ୍ଟ ପନ୍ଦର ଠାରୁ ସେଇଠି ପଡିଛି। ସେଗୁଡ଼ା ସଫା ହେବ।

ସରପଞ୍ଚ - ଆରେ ସେ ମଲିବୋଉକୁ ଡାକିଦେ ! ଘରଟା ସଫା କରି ପୋଛା ଲଗାଇଦେବ।

ପାଣୁଆ - ସାରେ ସେ ମନା କରି ଦେଲା। ସେ ଆଉ ସେ କାମ କରୁ ନାହିଁ। ଅଙ୍ଗନବାଡ଼ି ଦିଦି ହେଇଚି ତ ତାକୁ ଫୁରୁସତ ନାହିଁ।

ଘନିଆ - ଏଁ ! ଅଙ୍ଗନବାଡ଼ି ! ଭଲ ତ ! ସେଠି ପିଲାଙ୍କ ପାଇଁ ଅଣ୍ଡା, ଫଳ, ଡାଲି ଆସୁଛି। ଭଲ !

ପାଣୁଆ - ସାରେ, ଆମକୁ ଗୋଟାଏ ସେଥିରୁ ମିଳି ଯାଆନ୍ତାନି ?

ସରପଞ୍ଚ - କେଉଁଥିରୁ ?

ଘନିଆ ଓ ପାଣୁଆ ଏକସ୍ୱରରେ - ସେଇ ମଲିବୋଉ ଚାକିରି, ଅଙ୍ଗନଓ୍ୱାଡ଼ି ଦିଦି ଚାକିରି।

ସରପଞ୍ଚ - ସେ କଥା ବୁଝିବା। ଆଗ ଏ ଦୁଇଦିନ ଯାଉ। ଏକ ଆଉ ଦୁଇ। ତୁମେ ଦୁହେଁ ଲାଗିପଡ଼ ଯାହା ଖର୍ଚ୍ଚ ହେବ ଚିନ୍ତା ନାହିଁ।

ଘନିଆ - ବୁଝିଗଲୁ ସାରେ।

ପାଣୁଆ - କ'ଣଟା ବୁଝିଲୁ ?

ଘନିଆ - ସାରେ ଯାହା କହୁଛନ୍ତି।

ସରପଞ୍ଚ - ଆରେ ଯାହା ଅଳିଆ ଅଛି, ସେ ସବୁକୁ ସେ ଗଛ ଆଡ଼କୁ ଗଦେଇଦେବ। ତା' ଉପରେ ଗୋଟାଏ ଜାଲ

ପକାଇ ଦେବ।

ଘନିଆ - ପ୍ଲାଷ୍ଟିକ ଜାଲ?

ସରପଞ୍ଚ - ହଁ, ପ୍ଲାଷ୍ଟିକ ଜାଲ। ସବୁଜ କି ନେଳି ରଙ୍ଗ ଜାଲ ଫଟୋରେ ଭଲ ଆସିବ। ଦେଖିଲ ମୋବାଇଲରେ କେମିତି ଦିଶୁଛି? (ମୋବାଇଲ ଦେଖାଇ)

ଦୁହେଁ ମୁଣ୍ଡ ହଲାଇଲେ।

ପାଣୁଆ - ସାରେ ବୁଝିଗଲୁ।

(ଘନିଆକୁ ଚାହିଁ )

ଘନିଆ'ଇ ସାରେ ଯାହା କହିଲେ, ଭଲ ଦିଶୁଛି ତ!

ସରପଞ୍ଚ - ସବୁ ସଫା କରିବା ଦରକାର ନାହିଁ। ସେ ଫଟୋ, ଚଷମା ବାଡ଼ି ଚରଖା ଚପଲ ସବୁ ଝାଡ଼ିଦେବ।

ଘନିଆ - ସାରେ! ଗୋଟାଏ କଥା ପଚାରିବି? ଗାନ୍ଧୀ କୁଆଡ଼େ ଏଠି ରହିଥିଲେ?

ପାଣୁଆ - ରହି ନ ଥିଲେ ତ ଏ ଚପଲ ବାଡ଼ି ଚଷମା ଆସିଲା କୁଆଡୁ?

ସରପଞ୍ଚ - ନାହିଁରେ ଏ ସବୁ ଡୁପ୍ଲିକେଟ୍। ଲୋକଙ୍କୁ ଦେଖାଇବା ପାଇଁ ଏ ସବୁ ରଖାଯାଇଛି।

ଘନିଆ - ହଁ ସାରେ, ଲୋକଙ୍କୁ ଶିକ୍ଷା ଦେବା କଥା ତ! ଆମେ କ'ଣ ବୁଝୁନାହୁଁ?

ପାଣୁଆ - ସାରେ ସେ ଚଷମାରେ ତ କାଚ ନାହିଁ? ପରେ କହିବ ପାଣୁଆ ଭାଙ୍ଗି ଦେଲା।

ସରପଞ୍ଚ - ଆରେ ନାହିଁ ମ! ସେ ଚଷମା କ'ଣ ଗାନ୍ଧୀଙ୍କର? ସେଇଟା ମୋର ଗୋଟିଏ ଚଷମା ଥିଲା। ତୁମେ ତ ଜାଣିଛ? ମୁଁ ଜଣେ ଗାନ୍ଧିବାଦୀ ଲୋକ! ସେଥିପାଇଁ ଏଇଠି ରଖି ଦେଇଛି। ଫଟୋରେ କ'ଣ ଜଣା ପଡ଼ିବ?

ପାଣୁଆ - ସାରେ! ଆଉ ଦିନଟାଏ ରହିଲା! ମୁଁ ଟିକିଏ ଆଗରୁ ଗଲେ ବ୍ଲକ ଅଫିସରୁ ଦଳେଇ ଫଟୋଗ୍ରାଫରକୁ ଡାକି ଆଣିବି।

ସରପଞ୍ଚ - ହଁ ତାକୁ କହିବୁ, ମୁଁ ଡାକିଛି! ଆଉ ସେ ହଟଚମଟ ଟିଭିର ସାମ୍ବାଦିକ ଲଠାସିଂହକୁ କହିବୁ। ମଦନା ତନ୍ତିକୁ କହିବୁ, ଭଲ ଖାଇବା ପିଇବା କରିବ।

ଘନିଆ - ସାରେ! ମୁଁ ଯାଇଥିଲି ଯେ, ସେ ଆଡଭାନ୍ସ ମାଗୁଥିଲା!

**ସେ ଚଷମା କ'ଣ ଗାନ୍ଧୀଙ୍କର? ସେଇଟା ମୋର ଗୋଟିଏ ଚଷମା ଥିଲା। ତୁମେ ତ ଜାଣିଛ। ମୁଁ ଜଣେ ଗାନ୍ଧିବାଦୀ ଲୋକ!**

ସରପଞ୍ଚ - ଆଡଭାନ୍ସ? ମୁଁ କଣ କୁଆଡ଼େ ଚାଲିଯାଉଛି? ମିଳିବ ମିଳିବ! ସବୁ ଏକାଥରେ ମିଳିବ! ଖାଇବା ପିଇବା ଯେମିତି ଏକ ନମ୍ବର ହେବ।

ଘନିଆ - ସେ ପଚାରୁଥିଲା ଭେଜ୍ ନା ନନଭେଜ୍?

ସରପଞ୍ଚ - ଆରେ ଗାନ୍ଧୀଙ୍କ ଜନ୍ମ ଦିନରେ ସେ ନାଁ ଧରନା। ଦିନକର କଥା ତ!

ତୁମେ ସଫା କରିବା ଜିନିଷ ଯୋଗାଡ଼ କର।

(ଫୋନ ଧରି) ହା ଲୋ ଓ! ମଧୁଆ'ଇ! ଗାଡ଼ି ମୁହଁ କୁଆଡ଼କୁ? ଇଆଡ଼େ? ଆମ ପଞ୍ଚାୟତ ଆଡ଼େ? ହଁ ହଁ ହ ଉ ଗାଡ଼ି ତ ତୋ ହାତରେ, ଟିକିଏ ଇଆଡ଼କୁ ବୁଲାଇଦେବୁ। ମୋ ଭାଇଟା ପରା!

ଆରେ ପାଣୁଆ! ଆରେ ଫଟୋବାଲାଙ୍କୁ ଡକା। ସେ ଅଳିଆ ସବୁ ଗୋଟେଇ ଆଣି ଏ ରାସ୍ତା ଉପରେ ଜମେଇ ଦିଅ। ଫଟୋ ବାଲା ଆସିଲେ ମତେ ଡାକି ଦେବ। ରିହରସାଲ୍ କରିଦେବା। ହଉ ମୁଁ ଆସୁଛି।

(ସରପଞ୍ଚଙ୍କ ପ୍ରସ୍ଥାନ)

ଘନିଆ ଓ ପାଣୁଆ - ସବୁ ଅଳିଆ ଆଣି ଗଦେଇ ଦେଲେ ଦି ଚାରିଟା ଲମ୍ବା ଝାଡୁ ଆଣି ରଖିଲେ।

( ମଞ୍ଚ ଅନ୍ଧାର )

* * * * *

ଦ୍ୱିତୀୟ ଦୃଶ୍ୟ

( ମଞ୍ଚ ଆଲୋକିତ )

ସରପଞ୍ଚଙ୍କ ତରବର ହୋଇ ପ୍ରବେଶ।

ସରପଞ୍ଚ - ଘନିଆ ହେ ଘନିଆ ।

ଘନିଆ - ଆସିଲି ସାରେ।

ସରପଞ୍ଚ - ଶୁଣ୍, ତୁ ଯାଆ! ସେ ଦଳେଇ ଫଟୋଗ୍ରାଫର ଆଉ ଆଉ ସେ ଟିଭିବାଲାଙ୍କୁ କହିବୁ, ସକାଳୁ ସକାଳୁ ଆସି ମୋ ଫଟୋ ଉଠାଇଦେଇ ଚାଲିଯିବେ। ସେ କଥା ମୁଁ ବୁଝିବି। ବୁଝିଲୁ?

ଘନିଆ - ହଉ ସାରେ, ମୁଁ ଚାଲିଲି।

ପାଣୁଆର ପ୍ରବେଶ।

ଦୂରରୁ ଶୁଭୁଥାଏ, "ଆମର ଦାବି ପୂରଣ ହେଉ।"

ସରପଞ୍ଚ - ଆମର ଦାବି ! କାହା ଦାବି କିରେ ?

ପାଣୁଆ - ସାରେ ସେ ସଫାଇ କର୍ମଚାରୀଙ୍କୁ ଛ' ମାସ ହେଲା ଦରମା ମିଳିନାହିଁ ତ ! ସେମାନେ ମନ୍ତ୍ରୀଙ୍କ ଆଗରେ ସ୍ଲୋଗାନ ଦେବାକୁ ରିହରସେଲ୍ କରୁଛନ୍ତି।

ସରପଞ୍ଚ -( ହସି) ଶଳା ! ମନ୍ତ୍ରୀ ଦେଖା ନାହିଁ ! ନଈ ନ ଦେଖି ଶଳା ଲୁଗା ବଦଳାଇ ସାରିଲେଣି।

(ଫୋନ ଧରି) ହାଲୋଓ ମଧୁଆଇ କ'ଣ କହିଲୁ ? ମନ୍ତ୍ରୀ ସିଆଡ଼େ ମୁହେଁଇଲେ ? ହ ଉ ଶ ଳା !

ଆରେ ସେ ଅଳିଆ ସବୁ ରେଡି ?

ପାଣୁଆ ଓ ଘନିଆ - ହଁ ସାରେ !

ସରପଞ୍ଚ - କାଇଁ ?

ପାଣୁଆ ଘନିଆ - ହେଇଟି ଦେଖୁନାହାନ୍ତି !

ସରପଞ୍ଚ - ଉଁ ହୁଁ ! ଏତିକି ? ଆରେ ଆଉ ପୁଳାଏ ଗଦେଇ ଦେଇଥା।

ପାଣୁଆ - ସାରେ ! ଫଟୋଗ୍ରାଫର ଆସିଗଲେଣି।



ସରପଞ୍ଚ - ଦଳେଇ ବାବୁ ! କ'ଣ ଏତେ ଡେରି ?

ଦଳେଇ - ଆଜ୍ଞା ! ମନ୍ତ୍ରୀଙ୍କୁ କଭର କରି, ଅରିଲୋ ପଞ୍ଚାୟତରେ ଛାଡ଼ି ଆସିଲି।

ସରପଞ୍ଚ - (ବିବ୍ରତ ହୋଇ) ଅରିଲୋ ! ଆଉ ଏଠିକି କାଇଁ ଆସିଛ ?

ଘନିଆ - ସାରେ ! ଆପଣ ଗୋଟାଏ ଝାଡୁ ସେ ଅଳିଆ ଆଡ଼େ ଦେଖାଇ, କ୍ୟାମେରାକୁ ଚାହାନ୍ତୁ। ଆମେ ଅଛୁ ଆପଣଙ୍କ ପଛରେ। ଦଳେଇ ବାବୁଙ୍କ ହାତ ବାଜିଗଲେ ଫଟୋ ଭାଇରାଲ କରିଦେବାନି !

ଦଳେଇ - ଆପଣ ପୋଜ୍ ନିଅନ୍ତୁ। କ୍ୟାମେରାକୁ ଚାହାନ୍ତୁ। ଝାଡୁ ଚଳାନ୍ତୁ। ପାଣୁଆ ଘନିଆ ତୁମେ ସାରଙ୍କ ପଛରେ ଓଲଟା ପଟୁ ଅଳିଆ ଆଣି ନିଜ ନିଜ ଝାଡୁରେ, ସାରଙ୍କ ଝାଡୁ ଆଗକୁ ପେଲିଦିଅ।

ସାରେ ଦି ଚାରିଟା ଛିଙ୍କ ମାରନ୍ତୁ। ଲୁଗା କାନିରେ ବାଁ ହାତରେ ନାକ ପୋଛନ୍ତୁ। ରେଡି ! ଭିଡିଓ ଅନ୍, ଡନ୍ ଥ୍ୟାଙ୍କ ୟୁ ! ହେଇଗଲା ନମସ୍କାର।

ସରପଞ୍ଚ - କ'ଣ ହେଇଗଲା ? ଭଲ ହେଇଚି ? ଆଜି ତ ଗଲା ସ୍ୱଚ୍ଛ ଭାରତ ଦିବସ, କାଲି ଗାନ୍ଧୀ ଆଉ ଶାସ୍ତ୍ରୀ ଜୟନ୍ତୀ। ମାନେ ଆକସନ୍ ରିପ୍ଲେ। ଅଳିଆ ଦୁଇଗୁଣ ଜମା ହେବା କଥା। ଡବଲ ଇଞ୍ଜିନ ଆହ୍ୱାନ। ଦଳେଇ ବାବୁ କାଲି ଫଟୋ ଯେମିତି ଡବଲ୍ ମାରଗେ ହବ ! ଘନିଆ ପାଣୁଆ, ସେ ଗଛ ମୂଳରୁ ଅଳିଆ ଆଣି ଗଦେଇବ। ଯେମିତି ଗୋଟାଏ ଫଟୋଜେନିକ୍ ଏଫେକ୍ଟ ବାହାରିବ।

ଘନିଆ - ହଁ ସାରେ, ବୁଝି ଗଲୁ।

ପାଣୁଆ - ସାରେ ସେ ତନ୍ତି ଭାଇ ପଚାରୁଥିଲା ପିଇବା ଆ, ମୁଁ କହୁନାହିଁ, ତନ୍ତି ଭାଇ ପଚାରୁ ଥିଲା।

ସରପଞ୍ଚ - ହବ ହବ ସବୁ ହବ।

ମନ୍ତ୍ରୀ ଆସିବା ଯୋଗାଡ଼ କରୁଛି।

ହଁ ଘନିଆ ପାଣୁଆ -ସେ ଅଳିଆ ସବୁକୁ ଗୋଟାଏ ଗାତ ଖୋଳି ସେ ଭିତରେ ପକାଇବା। ତା' ଚାରିପଟେ ବାଡ଼ ବୁଲାଇ ଲେଖିଦେବା କମ୍ପୋଷ୍ଟ ପିଟ୍।

ପାଣୁଆ ଘନିଆ - ହଁ ସାରେ।

ସରପଞ୍ଚ - ଆଉ ଗୋଟାଏ କଥା ସେ କମ୍ପୋଷ୍ଟ ପାଖରେ ଯେଉଁ ହୋସ୍ ପାଇପ ଓ ଭଙ୍ଗା ଲୁହା ଚକ ପଡିଛି, ତାକୁ ଗୋଟାଏ ଡିଜାଇନ କରିଦେବା, 'ଗାର୍ବେଜ୍ ରିସାଇକଲିଂ ପ୍ଲାଣ୍ଟ !' ସେଇଟା ଜାନୁଆରୀ ପହିଲା 'ନିୟୁ ଇୟର୍ସ ଡେ'ରେ ମୁଖ୍ୟମନ୍ତ୍ରୀଙ୍କ ପାଞ୍ଚ-ଟି ସେକ୍ରେଟାରୀଙ୍କ କରକମଳରେ ଉଦ୍‌ଘାଟନ କରିବା ଆଶା ରଖିଛି। (ଅଡିଆନ୍‌ସ୍‌କୁ ଚାହିଁ) ! ଆପଣମାନଙ୍କୁ ସାଦର ନିମନ୍ତ୍ରଣ ରହିଲା।

(ହଟଚମଟ ଟିଭିର ସାମ୍ବାଦିକ ଲଠାସିଂହଙ୍କ ପ୍ରବେଶ )

ଲଠାସିଂହ - ଆଜ୍ଞା ସାରେ ନମସ୍କାର। ମୁଁ ଆଜ୍ଞା ମନ୍ତ୍ରୀଙ୍କୁ ବାଙ୍କିମୁହାଣି ସ୍ୱର୍ଗଦ୍ୱାର ରାସ୍ତାରେ ଛାଡ଼ି ଧାଇଁଚି।

ସରପଞ୍ଚ - କହନ୍ତୁ ! କ'ଣ ପଚାରିବେ ?

ଲଠାସିଂହ - ଆପଣ ତ ଆମ ହଟଚମଟ ଟିଭିକୁ ଜାଣନ୍ତି ! ଆମେ ସତ ବ୍ୟତୀତ କିଛି ଦେଖାଉ ନାହୁଁ।

ସରପଞ୍ଚ - ନୁହେଁ ଆଉ କ'ଣ ! ନ ହେଲେ କ'ଣ ଏତେ ଡିମାଣ୍ଡ ଥାଆନ୍ତା ଆପଣଙ୍କର ? ପଚାରନ୍ତୁ।

ଲଠାସିଂହ - ସ୍ୱଚ୍ଛତା ବିଷୟରେ ଆପଣ କ'ଣ କହିବେ ?

କ'ଣ ଏ ସ୍ୱଚ୍ଛତା ?

ସରପଞ୍ଚ - ପରିଷ୍କାର ପରିଚ୍ଛନ୍ନ ପରିମଳ। କଥାରେ ନାହିଁ, 'ଗାଁ ପରିମଳ ଧୋବା ତୁଠରୁ !'

ଲଠାସିଂହ - ସେ ଆଡ଼କୁ ଗଲେ ସମୟ ନାହିଁ। କହନ୍ତୁ ଆପଣ ଯେଉଁ ଗାର୍ବେଜ ରିସାଇକ୍ଲିଙ୍ଗ୍ ପ୍ଲାଣ୍ଟ କଥା କହୁଥିଲେ, ତା'ର ଆଭିମୁଖ୍ୟ କ'ଣ ?

ସରପଞ୍ଚ - ଆରେ ପାଣୁଆ ଘନିଆ ତୁମେ ସେପଟେ ଖାଇବା ପିଇବା କଥା ବୁଝ। ହଁ ଆଭିମୁଖ୍ୟ ! ସେଇ ଅଳିଆକୁ ଏଠୁ ନେଇ ସେଠି ଥୋଇ, ସେଠୁ ଆଣି ଏଠି ଥୋଇ ଫରେନ୍ ଏକ୍ସଚେଞ୍ଜ ବଞ୍ଚାଇ ପାରିବା।

ଆପଣ ଜାଣିଥିବେ ଆମକୁ କେତେ ମିଲିୟନ ଡଲାରର ଗୋବର ଇମ୍ପୋର୍ଟ କରିବାକୁ ପଡୁଛି। ଏ ଗାର୍ବେଜ୍ ଦିନେ ସୁନା ଫଳେଇବ। ବାଇଓ ଇଲେକ୍ଟ୍ରିସିଟି ପ୍ରଡ୍ୟୁସ କରିବ। ଆଉ ଅନେକ ରିସର୍ଚ୍ଚ ଚାଲିଛି ଆମ ପଞ୍ଚାୟତରେ। ସେ ସବୁ ପାଞ୍ଚ ଟି'ଙ୍କ ଆଗରେ କହିବି। ହଉ ଭାଇ ଆଜି ଆଉ ବେଳ ନାହିଁ। ଆଉ ଟିକିଏ ସେପଟେ ଦୃଷ୍ଟି ପଡୁ। ଆଜ୍ଞାମାନେ ଆପଣଙ୍କ ଧୈର୍ଯ୍ୟକୁ ନମସ୍କାର। ସେପଟକୁ ପ୍ରସ୍ଥାନ କରିବାକୁ ଅନୁରୋଧ। ନମସ୍କାର।

( ମଞ୍ଚ ଅନ୍ଧାର)

ମ୍ୟୁଜିକ୍

'ଝାଡୁ ମୋର କି ସୁନ୍ଦର କରଇ ଅସନା ଦୂର

ଆମ ପୁରୀ ଗଜପତି ଠାକୁରରାଜା ବୋଲାନ୍ତି

ବଡ଼ ଦାଣ୍ଡ ଖରକନ୍ତି ରଥଯାତେ ସ୍ୱହସ୍ତର।

ଝାଡୁ ମୋର କି ସୁନ୍ଦର'

(ଯବନିକା ପତନ)

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com

ରେଳପଥ ନିଯୁକ୍ତି
ଦଲାଲ/ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ

ସାର୍ବଜନିକ ବିଜ୍ଞପ୍ତି

- ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ
- ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି
- ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ
- ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ

ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ:

www.rrbbbs.gov.in | www.rrcbbs.org.in

ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ:

ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: sdgm@ecor.railnet.gov.in

ମୁଖ୍ୟ ଜନ ସମ୍ପର୍କ ଅଧିକାରୀ
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: cpro@ecor.railnet.gov.in


ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ:
www.facebook/@EASTCOASTRailway1
www.twitter/@EastCoastRail
www.instagram.com/cproecor
www.kooapp.com/@eastcoastrail

ପୂର୍ବ ତଟ ରେଳପଥ
ଆପଣଙ୍କ ପାଇଁ ଆମେ ଯତ୍ନବାନ

ସାକ୍ଷାତକାର

# ବରିଷ୍ଠ କଥାକାର ସଦାନନ୍ଦ ତ୍ରିପାଠୀଙ୍କ ସହ ଏକ ସାରସ୍ୱତ ବାର୍ତ୍ତାଲାପ

*ସଦାନନ୍ଦ ତ୍ରିପାଠୀ ଓଡ଼ିଆ କଥାସାହିତ୍ୟ ଜଗତର ଜଣେ ଅଗ୍ରଣୀ ସ୍ରଷ୍ଟା। ୧୯୫୬ ମସିହାରେ ଜନ୍ମିତ ଏହି ପ୍ରତିଭାଧର ୧୯୭୫ ମସିହାରୁ ସାହିତ୍ୟ ସର୍ଜନାରେ ମଗ୍ନ ଅଛନ୍ତି। ଏ ଯାବତ୍ ତାଙ୍କର ୧୬ଟି ପୁସ୍ତକ ପ୍ରକାଶିତ ଏବଂ ତନ୍ମଧ୍ୟରୁ 'ସତୀ' ଗଳ୍ପଗ୍ରନ୍ଥ ପାଇଁ ସେ ୨୦୦୩ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଦୀର୍ଘ ୩୪ ବର୍ଷ କାଳ ସେବା ପ୍ରଦାନ କରି ଅବସର ଗ୍ରହଣ କରିବା ଉପରାନ୍ତେ ଏବେ ବି ସେ ନିଜର ଲେଖନୀ ଚାଳନା ଜାରି ରଖିଛନ୍ତି। ତାଙ୍କ ସହିତ ତାଙ୍କର ବାସଭବନରେ ସାକ୍ଷାତ କରି ବିବିଧ ସାରସ୍ୱତ ପ୍ରସଙ୍ଗରେ ବାର୍ତ୍ତାଲାପ କରିଥିଲେ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ପ୍ରଥମ ଗଳ୍ପ ସଂକଳନ 'ଅନ୍ୟ ଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁ ପରେ'କୁ ନେଇ ରୋଚକ କଥାଟିଏ ଶୁଣାଯାଏ। ଆପଣ କଲେଜ ଛାତ୍ର ଥିବାବେଳେ ଥରେ କୁଆଡ଼େ ଗୁଜବ ଉଠିଥିଲା ଯେ ଆପଣଙ୍କର ମୃତ୍ୟୁ ହୋଇଯାଇଛି। ଏହା କ'ଣ ସତ?

**ସଦାନନ୍ଦ ତ୍ରିପାଠୀ:** ହଁ, ସେମିତି ହୋଇଥିଲା। ଗୋଟିଏ ରେଳ ଦୁର୍ଘଟଣା ସେତେବେଳେ ଘଟିଥିଲା, ଯେଉଁଥିରେ ମୋ'ର ଆଉ ଜଣେ ସହପାଠୀ ମୃତ୍ୟୁବରଣ କରିଥିଲେ। କିନ୍ତୁ ଭୁଲବଶତଃ ପ୍ରଚାରିତ ହୋଇଗଲା ଯେ ଦୁଇଜଣ ସାଙ୍ଗ ସେହି ଟ୍ରେନ୍ ରେ ଯାଉଥିଲେ ଏବଂ ସେମାନଙ୍କ ମଧ୍ୟରୁ ସଦାନନ୍ଦ ତ୍ରିପାଠୀଙ୍କ ଦେହାନ୍ତ ଘଟିଛି।

**ସାହିତ୍ୟ ଚର୍ଚ୍ଚା:** ଏହା ଶୁଣି ଆପଣଙ୍କ ମନରେ କ'ଣ ପ୍ରତିକ୍ରିୟା ଆସିଥିଲା?

**ସଦାନନ୍ଦ ତ୍ରିପାଠୀ:** ସେକଥା ମୁଁ ଶୁଣିବାବେଳକୁ ତ କିଛି ଦିନ ବିତିଗଲାଣି। ଅବଶ୍ୟ ମୁଁ ସେହି ଦୁର୍ଘଟଣାରେ କ୍ଷତବିକ୍ଷତ ହୋଇଥିଲି। ହସପିଟାଲରୁ ଫେରିବା ପରେ ଏକଥା ମୋ କାନରେ ବାଜିଲା। ଏହା ମନରେ ଯେ କି ଭାବ ସୃଷ୍ଟିକରିଥିଲା, ସେକଥା ଏବେ ଆଉ କ'ଣ କହିବି!

**ସାହିତ୍ୟ ଚର୍ଚ୍ଚା:** ତେବେ ଏହାରି ପ୍ରତିକ୍ରିୟାରେ କ'ଣ ଆପଣ ଲେଖିଲେ ସେହି ଅନନ୍ୟ ଗଳ୍ପଟି, 'ଅନ୍ୟ ଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁ ପରେ?'


**ସଦାନନ୍ଦ ତ୍ରିପାଠୀ:** ସେକଥା ଅନ୍ୟମାନେ କହୁଛନ୍ତି; ଯେହେତୁ ଘଟଣାଟା ସମସ୍ତେ ଜାଣିଛନ୍ତି। ତେଣୁ ଗଳ୍ପଟିକୁ ତା' ସହିତ ଯୋଡ଼ି ଦେଖୁଛନ୍ତି। କିନ୍ତୁ ପ୍ରକୃତରେ ଘଟଣାଟି ସେଇଆ ନୁହେଁ। ମୋ'ର ଜଣେ ସହକର୍ମୀ ତାହାର କିଛି ବର୍ଷପରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ, ଯାହାକି ପ୍ରକୃତରେ ଗୋଟିଏ ଆତ୍ମହତ୍ୟା ଥିଲା। ତାଙ୍କର ମୃତ୍ୟୁ ମୋତେ ଅତ୍ୟନ୍ତ ଆଘାତ ଦେଇଥିଲା। ତେଣୁ ସେହି କଥା ମନରେ

ରଖି ଲେଖିଥିଲି ଗଳ୍ପଟି।

**ସାହିତ୍ୟ ଚର୍ଚ୍ଚା:** ତେବେ ସେ ହେଉଛନ୍ତି ସେହି 'ଅନ୍ୟ ଜଣେ ସଦାନନ୍ଦ'!

**ସଦାନନ୍ଦ ତ୍ରିପାଠୀ:** ଆଜ୍ଞା।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ୧୯୯୨ରେ ପ୍ରକାଶ ପାଇଥିବା ଆପଣଙ୍କ ସେହି ଗଳ୍ପ ସଂକଳନ, 'ଅନ୍ୟ ଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁ ପରେ'ର ପୃଷ୍ଠା ଓଲଟାଇ ଆମେ ଯେତେବେଳେ ସେହି ଶୀର୍ଷକରେ ଥିବା ଗଳ୍ପଟି ପାଖକୁ ଆସୁ, ସେତେବେଳେ ପାଉ ଯେ ସେଠାରେ ଗଳ୍ପ ବୋଲି କିଛି ହିଁ ନାହିଁ; ବରଂ ପୃଷ୍ଠାଟି ପ୍ରାୟ ଶୂନ୍ୟ। ତା ବଦଳରେ ଅଛି କେବଳ ଗଳ୍ପର ଶିରୋନାମା, ଏବଂ ତା'ତଳକୁ ଗଳ୍ପ ନାମରେ ମାତ୍ର ତିନୋଟି ଶବ୍ଦ।




**ସଦାନନ୍ଦ ତ୍ରିପାଠୀ:** ସେଇଟା ହିଁ ଗଳ୍ପ।

**ସାହିତ୍ୟ ଚର୍ଚ୍ଚା:** ଆପଣ କହିବା କଥା, ସେହି ତିନୋଟି ଶବ୍ଦ, '.... ଆଉ କ'ଣ ଅଛି?' – ଏତକ ହେଉଛି ଗୋଟିଏ ସଂପୂର୍ଣ୍ଣ ଗଳ୍ପ? ତେବେ ତ ଆମ ମତରେ ଏହାକୁ ପୃଥିବୀର କ୍ଷୁଦ୍ରତମ ଗଳ୍ପ ବୋଲି କୁହାଯିବ। କାରଣ ଅର୍ଣ୍ଣେଷ୍ଟ ହେମିଙ୍ଗ୍‌ୱେଙ୍କର ଯେଉଁ ଗଳ୍ପଟିକୁ ସବୁଠାରୁ କ୍ଷୁଦ୍ର ବୋଲି ଆମେ ଜାଣୁ, ସେଥିରେ ତ ଅଛି ଛଅଗୋଟି ଶବ୍ଦ। କିନ୍ତୁ ଆପଣ ତ ଏହାକୁ ବି ଟପିଗଲେ।

**ସଦାନନ୍ଦ ତ୍ରିପାଠୀ:** କିନ୍ତୁ ମୁଁ ଗୋଟିଏ ଛୋଟିଆ ଗଳ୍ପ ଲେଖିବି ବୋଲି ଭାବି ଏହା ଲେଖିନାହିଁ। ମୋତେ ଲାଗିଲା ଯେ ଜଣେ ଲୋକ ଯଦି ମରିଯାଏ, ତେବେ ତା ପାଇଁ ଆଉ କ'ଣ ବାକି ରହିଲା ଯେ? ତା'ର ତ ସବୁ କିଛି ସରିଗଲା।

**ସାହିତ୍ୟ ଚର୍ଚ୍ଚା:** ତଥାପି, ମନେହୁଏ ଏହି ମାତ୍ର ତିନୋଟି ଶବ୍ଦ, ଅର୍ଥାତ୍ ଛଅଟି ଅକ୍ଷରକୁ ନେଇ ଲେଖାହୋଇଥିବା ଗଳ୍ପକୁ ଆମେ ଓଡ଼ିଆ ଭାଷାର ଗୋଟିଏ କ୍ଲାସିକ୍ ଗପ ବୋଲି କହିପାରିବା।

**ସଦାନନ୍ଦ ତ୍ରିପାଠୀ:** ଗଳ୍ପଟିରେ ସିନା ଅଛି ଛଅଟି ଅକ୍ଷର, ଏହାର ଶିରୋନାମା କିନ୍ତୁ ୧୬ଟି ଅକ୍ଷରବିଶିଷ୍ଟ। ଏଣୁ ଶିରୋନାମାଟି ଗଳ୍ପ ଅପେକ୍ଷା ଦୀର୍ଘତର। ବାସ୍ତବରେ ଦେଖିବାକୁ ଗଲେ, ଶିରୋନାମାଟି ହେଉଛି ଗଳ୍ପ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମଧ୍ୟ। ଏହା ବିନା ଗଳ୍ପଟିର ମର୍ମ ବୁଝିହେବନାହିଁ।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣ କହିବା କଥା ଯେ ଟାଇଟଲ୍ ହିଁ ହେଉଛି ଗଳ୍ପଟିର ମୁଖ୍ୟ ନ୍ୟାରେଟିଭ୍?

**ସଦାନନ୍ଦ ତ୍ରିପାଠୀ:** ହଁ, ଆଉ ମଧ୍ୟ ଲକ୍ଷ୍ୟ କରିବେ ଯେ ସେହି ଟାଇଟଲ୍ ତଳେ ଏକ ବଡ଼ ଶୂନ୍ୟ ସ୍ଥାନ ଛଡ଼ାଯାଇଛି, ଗଳ୍ପଟିର ପୂର୍ବରୁ। ଏହି ଶୂନ୍ୟ ସ୍ଥାନ ମଧ୍ୟ ଥିମ୍ ର ଗୋଟିଏ ବଡ଼ ଅଂଶ। ଲୋକଟିଏ ଚାଲିଯିବା ପରେ ତ କେବଳ ଶୂନ୍ୟ ହିଁ ଥାଏ; ତା'ପରେ ଅବା ଆଉ କ'ଣ ଅଛି ଯେ !

**ସାହିତ୍ୟ ଚର୍ଚ୍ଚା:** ଆପଣ ୧୯ ବର୍ଷ ବୟସରୁ ହିଁ କଥାସାହିତ୍ୟରେ ଲେଖନୀ ଚାଳନା ଆରମ୍ଭ କଲେ, ଏବଂ ଏ ଯାବତ୍ ଆପଣଙ୍କର ଅନେକ ଗଳ୍ପ ସଂକଳନ ଓ ଦୁଇଟି ଉପନ୍ୟାସ ମଧ୍ୟ ପ୍ରକାଶ ପାଇଛି। ତେବେ କୌଣସି କବିତା କାହିଁକି ନୁହଁ?

**ସଦାନନ୍ଦ ତ୍ରିପାଠୀ:** ପ୍ରକୃତରେ ମୁଁ ଗପରୁ ହିଁ ଲେଖା ଆରମ୍ଭ କରିଥିଲି। କବିତା ପ୍ରତି ମୋର କୌଣସି ବିତୃଷ୍ଣା ନାହିଁ; କିନ୍ତୁ କବିତା ଲେଖିବାପାଇଁ ମୋ ମନ କେବେ ଡାକିନଥିଲା। ଅବଶ୍ୟ କାଁ ଭାଁ କେତେବେଳେ କିଛି ଲେଖିଛି।

**ସାହିତ୍ୟ ଚର୍ଚ୍ଚା:** କବିତାରେ ଆପଣ ନିଜକୁ ଅସହଜ ମନେକରନ୍ତି!

**ସଦାନନ୍ଦ ତ୍ରିପାଠୀ:** ହଁ, କବିତା କେବେବି ମୋତେ କମ୍ଫର୍ଟେବଲ୍ ଲାଗେନାହିଁ।

**ସାହିତ୍ୟ ଚର୍ଚ୍ଚା:** ତେବେ ସାହିତ୍ୟିକମାନେ ତ କେବେ ହେଲେ କବି-ଭାବରୁ ଦୂରେଇ ରହିପାରନ୍ତିନାହିଁ। ବୋଧହୁଏ ଆପଣଙ୍କ ମନରେ ଯେଉଁ କବି-ଭାବ ଆସୁଥିବ ତାହାକୁ ଆପଣ ଗଳ୍ପ ଜରିଆରେ ହିଁ ପ୍ରକାଶ କରିଦେଇଥିବେ।

**ସଦାନନ୍ଦ ତ୍ରିପାଠୀ:** ଠିକ୍ କଥା। ମୋ ଗଳ୍ପରେ କବିତାର ଝଲକ ଆପଣ ପାଇବେ। ଦେଖନ୍ତୁ, ମୁଁ କବିତାର ବିରୋଧୀ ନୁହେଁ; କବିତା ମୋର ଅତି ପ୍ରିୟ, ଏବଂ ମୁଁ ଅନେକ କବିତା ପଢ଼େ। କିନ୍ତୁ ମୁଁ ପରବର୍ତ୍ତୀ କାଳରେ ଅନୁଭବ କରିଛି ଯେ କବିତା ଲେଖିବାଟା ଏତେ ସହଜ ବ୍ୟାପାର ନୁହେଁ। ଆପଣ

ଗଳ୍ପଟିଏ ଫାବ୍ରିକେଟ୍ କରିଦେଇ ପାରନ୍ତି। କିନ୍ତୁ କବିତାଟିଏ ହୃଦୟର ଭାବରୁ ସୃଷ୍ଟ ହୁଏ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ କହିବା କଥା ଯେ କବିଟିଏ ହେବା ଦୁଃସାଧ୍ୟ ବ୍ୟାପାର!

**ସଦାନନ୍ଦ ତ୍ରିପାଠୀ:** କବିମାନେ ଜନ୍ମ ହୁଅନ୍ତି; କିନ୍ତୁ ଗାଳ୍ପିକଟିଏ ସୃଷ୍ଟି ହୋଇଥାଏ। ତେଣୁ ଭଲ କବିତାଟିଏ ଲେଖିବା ସହଜ ନୁହେଁ; ଅବଶ୍ୟ କବିତାଟିଏ ତିଆରି କରିବା ସହଜ। ଏପରିକି ଜଣେ ଜଣେ ଦିନକୁ ଚାରୋଟି କି ପାଞ୍ଚୋଟି କବିତା ଗଢ଼ିଦିଅନ୍ତି। ସେଥିପାଇଁ ଆଜିକାଲି ଅନେକ କବିତା ବିରକ୍ତିକର ଲାଗେ।

**ସାହିତ୍ୟ ଚର୍ଚ୍ଚା:** ୧୯୭୧ରୁ ନେଇ ୨୦୧୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ପଶ୍ଚିମାଞ୍ଚଳ ହିଁ ଥିଲା ଆପଣଙ୍କର ବିଚରଣ କ୍ଷେତ୍ର। ଆପଣଙ୍କର ରଚନାରେ ପଶ୍ଚିମାଞ୍ଚଳର ଭାଷା ଓ ସଂସ୍କୃତି ପ୍ରତିଫଳିତ ହେବାର ଏହା ଏକ କାରଣ କି?

> **କବିମାନେ ଜନ୍ମ ହୁଅନ୍ତି; କିନ୍ତୁ ଗାଳ୍ପିକଟିଏ ସୃଷ୍ଟି ହୋଇଥାଏ। ତେଣୁ ଭଲ କବିତାଟିଏ ଲେଖିବା ସହଜ ନୁହେଁ; ଅବଶ୍ୟ କବିତାଟିଏ ତିଆରି କରିବା ସହଜ।**

**ସଦାନନ୍ଦ ତ୍ରିପାଠୀ:** ସେଇଟା ଗୋଟିଏ କାରଣ ନିଶ୍ଚୟ। ମୋ'ର କଲେଜ ଦିନରୁ ଚାକିରି ଜୀବନର ୨୦୧୦ ମସିହା ପର୍ଯ୍ୟନ୍ତ ମୁଁ ରାଉରକେଲା ସମେତ ପଶ୍ଚିମ ଓଡ଼ିଶାର ଅନେକ ଅଞ୍ଚଳ ବୁଲିଛି।

**ସାହିତ୍ୟ ଚର୍ଚ୍ଚା:** ସେଥିପାଇଁ ଆପଣଙ୍କ ଅନେକ ଗଳ୍ପର ସଂଳାପରେ ସମ୍ବଲପୁରୀ ଭାଷାର ପ୍ରୟୋଗ ଦେଖିବାକୁ ମିଳେ କି?

**ସଦାନନ୍ଦ ତ୍ରିପାଠୀ:** କେବଳ ସମ୍ବଲପୁରୀ ନୁହେଁ, ସାଦ୍ରୀ ଭାଷାରେ ମଧ୍ୟ ଅଛି; ସାଦ୍ରୀ ହେଉଛି ସୁନ୍ଦରଗଡ଼ ଜିଲ୍ଲାର ଭାଷା। ଆଉ ଯେହେତୁ ମୋର ଜନ୍ମସ୍ଥାନ ଗଞ୍ଜାମ, ତେଣୁ ଗଞ୍ଜାମୀ ଭାଷାର ପ୍ରୟୋଗ ମଧ୍ୟ କରିଛି।

**ସାହିତ୍ୟ ଚର୍ଚ୍ଚା:** 'ସତୀ' ଗଳ୍ପ ସଂକଳନ ପାଇଁ ଆପଣ ୨୦୦୩ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। ଏଥିରେ ଥିବା ସତୀ ନାମକ ଗଳ୍ପଟିର ପଛରେ ମୂଳ ପ୍ରେରଣା କ'ଣ ଥିଲା?

**ସଦାନନ୍ଦ ତ୍ରିପାଠୀ:** ୧୯୮୬ ମସିହାରେ ଘଟିଥିବା ରୂପ କନୱାରଙ୍କ ସତୀଦାହ ଘଟଣାଟି ବହୁତ ଚର୍ଚ୍ଚିତ ହୋଇଥିଲା, ଯାହା ମୋ' ମନକୁ ଅତି ମାତ୍ରାରେ ଆନ୍ଦୋଳିତ କରିଥିଲା। ଏହା ହିଁ ଥିଲା ଗଳ୍ପ ପଛର ପ୍ରେରଣା।

**ସାହିତ୍ୟ ଚର୍ଚ୍ଚା:** ଆମେ ଯାହା ଦେଖୁ, ଏହି ଗଳ୍ପରେ ଆପଣ 'ଫାଣ୍ଟାସି'ର ଆଶ୍ରୟ ନେଇଛନ୍ତି, ଯେମିତି ଅସୁର ଓ ଗୁମ୍ଫା ପ୍ରଭୃତି। କିନ୍ତୁ ସତୀର ପ୍ରେମିକ ହେଉଛନ୍ତି ଆଧୁନିକ ଯୁଗର ଜଣେ ମିଲିଟାରୀ ଅଫିସର। ତେଣୁ ଆମେ ଏହାକୁ ମିଥ୍ ଓ ଆଧୁନିକତାର ଏକ ସଂଗମ ବୋଲି କହିପାରିବା କି?

**ସଦାନନ୍ଦ ତ୍ରିପାଠୀ:** ହଁ, କୁହାଯାଇପାରେ। ତେବେ ସେ ଗଳ୍ପରେ ସମସାମୟିକ ଘଟଣାର ହିଁ ଉପସ୍ଥାପନ ହୋଇଛି। ଅବଶ୍ୟ ସେଥିରେ ଅସୁର ଚରିତ୍ର ମଧ୍ୟ ଅଛି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ସଦ୍ୟତମ ଗଳ୍ପ ସଂକଳନ 'କଥା ଶୁଭେ, ଲଥା ଲୁଚିଯାଏ' ଗତବର୍ଷ ପ୍ରକାଶିତ ହୋଇଛି। ଏହାପରେ ପାଠକଙ୍କୁ ଆଉ କିଛି ନୂଆ କଥାସାହିତ୍ୟ ମଧ୍ୟ ଉପହାର ଦେବାପାଇଁ ପ୍ରସ୍ତୁତ ହେଉଛନ୍ତି କି?

**ସଦାନନ୍ଦ ତ୍ରିପାଠୀ:** ହଁ, ନୂଆ କିଛି ମଧ୍ୟ ପ୍ରକାଶିତ ହେବାର ଅଛି। ଆହୁରି ଚାରୋଟି ଗଳ୍ପ ସଙ୍କଳନ ହୋଇପାରିଲା ଭଳି ଲେଖା ମୋ ପାଖରେ ମହଜୁଦ ଅଛି। କିନ୍ତୁ ପ୍ରକାଶକମାନେ ଚାହୁଁଥିବା ସତ୍ତ୍ୱେ, ସେଗୁଡ଼ିକୁ ଏକତ୍ରିତ କରି ସୁସଜ୍ଜିତ ଭାବରେ ସେମାନଙ୍କୁ ଦେଇନପାରିବାଟା ହେଉଛି ମୋର ଦୁର୍ବଳତା।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ଗଳ୍ପ ସାହିତ୍ୟର ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଆପଣଙ୍କର ମନେହୁଏ କି, ଯେ ଏହା ଗୋଟିଏ ନୂଆ ମୋଡ଼ ନେବାକୁ ବସିଛି?

**ସଦାନନ୍ଦ ତ୍ରିପାଠୀ:** ଅବଶ୍ୟ ଶୈଳୀରେ କିଛି ନୂଆ ମୋଡ଼ ଦେବାକୁ କେତେଜଣ ଗାଳ୍ପିକ ଚେଷ୍ଟା କରୁଛନ୍ତି। ବିଶେଷତଃ ଯେଉଁ ନୂଆ ନୂଆ ପିଲା ଗଳ୍ପ ସାହିତ୍ୟକୁ ଆସୁଛନ୍ତି। ସେମାନଙ୍କ ଲେଖାରେ ଗୋଟିଏ ତ୍ୱରିତ ଗତିଶୀଳତା ଆମେ ଲକ୍ଷ୍ୟ କରୁଛୁ। ତେବେ ଭାବ ବା କଥାବସ୍ତୁରେ ବେଶୀ କିଛି ପରୀକ୍ଷା ନିରୀକ୍ଷା ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋଜ୍ଞ ଆଲୋଚନା ଟି ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ।

□□

ଗଳ୍ପ

# ଆଉ ଜଣେ ତ୍ରିଶଙ୍କୁ




ରବି ପଣ୍ଡା

ଦୂରରୁ ଛାଇଟି ଭଳି ଦେଖାଯାଉଥିଲେ ବି ପାଖକୁ ଗଲେ ଜଣା ପଡ଼ିବ ସେ ସୁମତି।

ଧାଇଁ ଆସିବ ଗୋଟେ ବିକଳ ପ୍ରଶ୍ନ ନେଇ, ତମେ ସୁଦୁରିଆକୁ ଦେଖିଚକି ? ଏଇ ବାଟେ ତ ଆସିଲ ....

ଅଚିହ୍ନା ଲୋକ ତାଟକା ହବ, କୋଉ ସୁଦୁରିଆ !!

ତା' ପରେ ସେ ବୁଝିଯିବ ସେ ଭୁଲ ଲୋକକୁ ପଚାରି ଦେଇଚି ଏ କଥା। ସେ ଥମ୍ ପଡ଼ିଯିବ ଆଉ ଗୋଟେ ଘୃଣାରେ ମୁହଁ ବୁଲାଇନବ, ଯେମିତି ସୁଦୁରିଆକୁ ନ ଜାଣିବା ହୁଏତ ତମ ଅଯୋଗ୍ୟତା କିମ୍ବା ଅପରାଧ।



ସେ ଫେରିଯିବ ତା' ଜାଗାକୁ। ଛୋଟ ଗୋଟେ ଚାଳଘର। ମଝି ଦୁଆର। ଦି' ପଟକୁ ଅଣଓସାରିଆ ପିଣ୍ଡା। ଦୁଆର ଆଗରେ ଗୋଟେ ବଡ଼ ତେନ୍ତୁଳି ଗଛ। ସେ ପିଣ୍ଡାର କ'ଣ ମୁଣ୍ଡିଆ କାନ୍ଥକୁ ଆଉଜି ସେ ବସେ। ଯେଉଠୁ ଦେଖାଯାଏ, ଗାଁ'ରୁ ଲମ୍ବିଯାଇଥିବା ରାସ୍ତା, ବିଲ ଗୋହିରି ଦେଇ ଆଉ ଗୋଟେ ଝାପ୍‌ସା ଦିଶୁଥିବା ଗାଁ ପାଖ ମୁଖ୍ୟ ସଡ଼କ ଆଡ଼େ। ଯୋଉଠୁ କିଏ ଆସିଲେ ବି ନଜର ପଡ଼ିବ ଆଗ ତା'ର।

ବେଳେବେଳେ ଗାଁ ଲୋକ, ପାଖପଡ଼ିଶା, ଚିହ୍ନା ଲୋକ ତାକୁ ଦେଖି ନ ଦେଖିଲା ପରି ବାରେଇ ଚାଲିଯାଉଥାନ୍ତି ତ ସୁମତି ଝପଟି ଯିବ ଆଉ ପଚାରିବ, ଏଇ ବାଟେ ତ ଆସିଲ, ସୁଦୁରିଆକୁ ଦେଖିନ ?

ମଲା .... ମଣିଷ। ବୁଢ଼ୀ ଏବେ ମୁଣ୍ଡ ଖରାପ କରିବ ... ଏଇ ଆତଙ୍କ ଭାବ ନେଇ ସେ ବହଲେଇ ଦବ, ହଁ ହଁ ସୁଦୁରିଆ ତ ? ସାଇକେଲ ପମ୍ପ୍ ଦଉଥିଲା ... ଏଇ ଆସୁଥିବ, ସୁମତି ହସିଦିଏ। ହଁ 'ପା' ମୁଁ ତ ସବୁବେଳେ କହେ, ଗେଟି ପଥର ସବୁ ରାସ୍ତାରେ ... ଦେଖିକି ଯିବୁ ... ମୋ କଥା କ'ଣ ସେ ମାନେ ? ଖାଲି ତ ଉଡ଼େଇବ, ଫାଟିବନି ଚକ ?

ଏତକ କହି ଅନେଇଲା ବେଳକୁ କେହି ନ ଥିବେ ପାଖରେ। ଶୁଣୁଥିବା ଲୋକଟି ଗାଁ ମୁଣ୍ଡ ବାଙ୍କରେ ପହଞ୍ଚି ସାରିଥିବ। ସୁମତି ମୁହଁ ମୋଡ଼ିଦବ ।

ସେ ଫେରିବ ତା' ଦୁଆରକୁ। କବାଟ ଖୋଲିବ। ବହୁଦିନରୁ ବ୍ୟବହାର ହୋଇ ନ ଥିବା, ରଙ୍ଗ ଛାଡ଼ି କଳଙ୍କି ଲାଗି ଆସୁଥିବା ମୁମୂର୍ଷୁ ସାଇକେଲଟି ଡେରା ହେଇଥିବ କାନ୍ଥରେ।

ସୁମତି ଘରର ଆଗପଟ ଭବିଷ୍ୟତକୁ ଚକେଇ ଥାଏ। ଘରର ପଛପଟ ଅତୀତକୁ ଧରି ରଖିଥାଏ।

ସୁତରାଂ ସୁମତି ପଛପଟ ଝର୍କା ଖୋଲିଦେଲେ ଦୟାନିଧି ସେଇ ବିସ୍ତୃତ କ୍ଷେତବାଡ଼ି ଭିତରେ କୋଉଠି ନାଁ କୋଉଠି କାମ କରୁଥିଲାପରି ଲାଗେ। ରାସ୍ତାର ଧାରେ ଧାରେ ଲମ୍ବି ଯାଇଥିବା ଗାଁ ତଳି ଜମିରେ ବର୍ଷସାରା କିଛି ନା କିଛି ଫସଲ ଭିତରେ ଥାଏ ସେ। ତା'ର ଏ ଗଧ ଖଟଣି ଦେଖି ଆକଟ କଲେ ଦୟାନିଧି ତା' ଦି ବାହୁକୁ ହଲେଇ ଦେଇ କହେ ଏଥିରେ ଖୁନ୍ଦି ହେଇ ରହିଥିବା ବଳ ସବୁକୁ କୋଉଠି ଲଗେଇବି ? ଆଁ ? ଯୁଦ୍ଧ ଫୁଦ୍ଧକୁ ଯାଇଥିଲେ ଦେଶ ପାଇଁ ଯାଇଥାଆନ୍ତା, ନ ହେଲେ ମାଟି ପାଇଁ ଯାଉଚି ... ମାଟି ତ ମତେ ନିରାଶ କରୁନି ? ଦେଖିଲୁ, ଏ ସବୁ କା' ଦାନ ?

ଦୟାନିଧି ତା' ଘର ବାରିଆଡ଼େ ଆଖି ବୁଲେଇ ଆଣେ। ସୁମତି ଦେଖେ ଦି' ଶେଣିଆ ଖଞ୍ଜା ଘରଟି ଭିତରେ ଯାହା ଯାହା ସବୁ ସ୍ୱଚ୍ଛଳ ସ୍ୱଚ୍ଛଳ ଦିଶୁଛି ସବୁ ତା' ପରିଶ୍ରମର ଫଳ।

ସୁମତି ଗୋଟେ ଭରପୂର ହସ ହସିଦିଏ। ଦୟାନିଧି ଥଟ୍ଟା କରେ, ତୋର ଏଇ ହସଟିକକ ପାଇଁ ମୋର ଏ ସବୁ ମେହେନତ ଲୋ ସୁମି ... ଗୋଟେ ଭରିଲା ପୂରିଲା ଜୀବନ କୋଉ ସ୍ତ୍ରୀ ନ ଚାହେଁ? ସେଇଥିପାଇଁ ତ ପୁରୁଷମାନଙ୍କୁ ନିଜ ନିଜ କ୍ଷେତ୍ରରେ ଧାଇଁବାକୁ ପଡୁଥାଏ ଅନବରତ ... ଯେତିକି ଯିଏ ପାରିଲା ...

ସୁମତି ସନ୍ତୁଷ୍ଟ ହୁଏ। କେମିତି ବଦଳିଗଲେ ଯେ' ସତରେ!!

ବା' ହେଇ ଆସିଲା ବେଳକୁ ପୂରା ବାଉଡ଼ଙ୍ଗରିଆ ହେଇ ବୁଲୁଥିବା ଲୋକଟି ମୁଣ୍ଡରେ ଏବେ ମୁଣ୍ଡେ ବୁଦ୍ଧି। ଶଶୁର ସବୁବେଳେ କହନ୍ତି, ଦେଖୁଚୁ ବୋହୂ, ଟୋକାଟା ବାହାସାହା ହେଇ ବି କିମିତି ବେପରୁଆ ବୁଲୁଚି? ପାଠଶାଠ ତ ପଢ଼ିଲା ନାହିଁ, ମୋ ସାଙ୍ଗରେ ଟିକେ ବିଲବାଡ଼ି କାମରେ ଲାଗନ୍ତା ନାଇଁ? ମୁଁ ଏ ବୟସରେ କା ପାଇଁ ଏତେ ଖଟୁଚି? ଶାଶୁ ବି କହନ୍ତି ଆଗରୁ ଯା' ଥିଲୁ ଥିଲୁ .. ଏବେ ହାତକୁ ଦି' ହାତ ହେଲୁଣି, ତଥାପି ସେଇ ଢଙ୍ଗ? ତୁ' ତ ଟିକେ ଆକଟ କରନ୍ତୁ ... ଗିରସ୍ତକୁ ବାଟକୁ ନ ଆଣି ପାରିଲେ କି ସ୍ତିରୀ ?

**ଏବେ ହାତକୁ ଦି' ହାତ ହେଲୁଣି, ତଥାପି ସେଇ ଢଙ୍ଗ ? ତୁ' ତ ଟିକେ ଆକଟ କରନ୍ତୁ ... ଗିରସ୍ତକୁ ବାଟକୁ ନ ଆଣି ପାରିଲେ କି ସ୍ତିରୀ ?**

ସୁମତି ରାତିକୁ ବୁଝାଏ। ଦୟା ଫାଏଁ କରି ହୁଏ। ରହବା... କାଇଁକି ଏମିତି ହଉଚୁ, ବେଳ ଆସିଲେ ମୁଁ କରିବିନି କି? ଆଲୋ... ବାପା କ'ଣ କରୁଚି, ମୁଁ ତା'ର ଦି' ଡବଲ ତିନି ଡବଲ କାମ କରିବି, ଏ ଘରକୁ ଭର୍ତ୍ତି କରିଦେବି... କେତେ ନବୁ ଧାନ, ବିରି, ମୁଗ, ବାଦାମ, ପରିବା? ଆଲୁଅ ଲିଭା... ଶୋଇବା ଆ'...

ସୁମତି ଏ ହୁମାଳିଆ ବିଶ୍ୱାସକୁ ମୋଟେ ଭରସା କରିପାରେନା। କହେ, ଅଳସୁଆଙ୍କ ବାରବାଟୀ ଚାଷ।

ସତରେ, ଶାଶୁ ଶଶୁର ଗଲା ପରେ କି ଅଦ୍ଭୁତ ପରିବର୍ତ୍ତନ ହେଇଗଲା ଦୟାନିଧିର। ପୁଣି ବେଶି ନିଘା ହେଇଗଲା ସୁଦୁରିଆ ଜନ୍ମ ପରେ। ପୁଅ ଜନ୍ମ ପରେ ତାକୁ କହିଲା, ସୁମିଲୋ .. ଏବେ ମୁଁ ବାପ ହେଇଗଲି, ଏବେ ବୁଝୁଚି ବାପା ମୋ ପାଇଁ କାହିଁକି ବ୍ୟସ୍ତ ହଉଥିଲା। ମୋ ବାପା ସିନା ଗରିବ ଥିଲା, ଅଭାବ ଅନଟନ ଭିତରେ ମତେ ପାଠ ପଢ଼େଇ ପାରିଲା ନାଇଁ... କେତେ ମନଦୁଃଖ କରେ ... ଭାଗ୍ୟକୁ ନିନ୍ଦେ ... ମୁଁ କିନ୍ତୁ ତା' ହବାକୁ ଦେବିନି। ଯେଉଁ ମାଟି ମୋ ବାପାକୁ ସମ୍ବଳ ଦେଇନାଇଁ, ସେଇ ମାଟିରୁଁ ମୁଁ ଉପୁଜାଇବି ଦେଖିବୁ ଟଙ୍କା ଗଛ ...

ଦୟାନିଧି କହେ, ମୁଁ ଜାଣେ, ଏବେ ଆଉ ମୋର କୋଉ କଥା ତୋ କାନରେ ପଶିବ ନାଇଁ। ହଉ ହେଲା ... ଦେଖିଲୁ କେଡ଼େ ସୁନ୍ଦର ଆମ ପୁଅ ହେଇଚି। ଏମିତି ଗୋଟେ ନାଁ ବାଛିବୁ ସେଥିରେ ତୋ ନାଁ ଆଉ ମୋ ନାଁ ରହୁଥିବ ... ସୁନ୍ଦରକୁ ମଧ୍ୟ ବୁଝଉଥିବ ... ଭାବିଲୁ ...

ସୁମତି ବହୁତ ଭାବି ଭାବି ନାଁ ଦେଇଥିଲା ସୁଦର୍ଶନ। ଦୟାନିଧି ସେଦିନ ବିହ୍ୱଳ ପ୍ରାୟ ହୋଇ ମା' ପୁଅକୁ ଏକାଥରେ ଜାବୁଡ଼ି ଧରିଥିଲା।


ହେଇ ସୁଦୁରିଆ ଆସିଲାକି? ଦୁଆରେ ବୋଉ ବୋଲି ଡାକୁଚି ତ ... ଝପଟି ଆସିଲା ସୁମତି। କାଇଁ କେହି ନାଇଁ ତ? ଦୁଆର ଟପିଲେ ଉଦୁଉଦିଆ ଖରାବେଳ। ଆଖି ଝଲସା ଖରା ଖାଁ ଖାଁ କରିଦେଉଚି ପୃଥ୍ୱୀକୁ। ସବୁ ଖରା ତାଉକୁ ବେଖାତିରି କଲାଭଳି ଆକାଶକୁ ମୁଣ୍ଡ ଟେକି ଠିଆ ହେଇଚି ଗଛ। ଚୁପ୍‌ଚାପ୍। ନିରବ। ସବୁ ପାର୍ଥିବ କଷ୍ଟକୁ ହଜମ କରି ଯୋଗୀଟିଏ ପରି । ତା' ଛାଇ ମେଲେଇ ହେଇ ପଡ଼ିଚି ପିଣ୍ଡାସାରା। ସେ ସେଇଠି ନଥ୍ କରି ବସିବଢ଼ିଲା।

ସୁମତି କାନ୍ଦେ। ବୁଝାଏ, ନାଇଁ ନାଇଁ ... ନ ଥିବା ଠାରୁ ଥିବା ଦୁଃଖଟା ଭାରି ଲୋ ... ଦେଖୁନୁ, ସମସ୍ତେ ତ ଥିଲେ, କୁଆଡ଼େ ଗଲେ ସେମାନେ? ତୁ ନ ଥିଲେ ମୋ ପାଖରେ ବି କେହି ନ ଥାନ୍ତା। ଗଛର ଡାଳପତ୍ର ଟିକେ ହଲିଯାଏ।

ରହିଥା' ଲୋ... ମୁଁ ଯାଏ... ଭୋକ ଆତୁରା ଲୋକଟା ଆସି ଚକାମାଡ଼ି ବସିବଣି। ପୁଅକୁ ଅନେଇଲେ ସେଣେ ବାପର ଡେରି। କୋଉଦିନେ ବାପପୁଅ ଦି' ଜଣ ବସି ଖାଇପାରିଲେ ନାଇଁ ଏକାଠି ... ସେଇ ଯା' ଦଶବର୍ଷ ତଳେ ...

ଘର ଭିତରକୁ ଝପଟି ପଶିଲା ସୁମତି। ଘର କୋଣ ହାଣ୍ଡିରେ

ପଖାଳ। ପାଖରେ ଲଙ୍କା ପାଚିଆ, ପିଆଜ ଦି' ଟା ପଡ଼ିଚି ସେଥିରେ କାଚ ହର୍ଲିକ୍ସ ବୋତଲରେ ଗୋଟା କୋଳି ତେନ୍ତୁଳି ଖଟା। ପଖାଳ କଂସେ ଆଣି ଥୋଇଲା। ପିଢ଼ା ପକେଇଲା। ଲୁଣ ଖଟା, ଲଙ୍କା ରଖିଲା ପାଖରେ। କହିଲା, ଆସ ଏତକ ଖାଇଦିଅ। ଖଟ ଭିତରୁ ଦୟାନିଧି ବାହାରି ଆସିଲା, ତୁ ଏମିତି ବାଇଆଣୀ ପରି କାଇଁକି ହଉଚୁ ସୁମି? ତତେ ପା' ଦଶବର୍ଷ ହେଲା ଛାଡ଼ିଆସିଲିଣି। ପୁଅକୁ ଦେଇ ଆସିଥିଲି ପାଖରେ । ତାକୁ କୋଉ ରଖି ପାରିଲୁ?



ମତେ ସେ ରଇଜଳା କଥା କହନା ... ମୁଁ କ'ଣ ତାକୁ ବାନ୍ଧି ରଖିଥାନ୍ତି? ଏଡ଼େ ପୁଅଟା, କହିଲା, ଆଉ ଚାଷବାସରେ କିଛି ଫାଇଦା ନାଇଁ ବୋଉ ... ବର୍ଷାକୁ ଭରସା ନାଇଁତ ଆକାଶକୁ ବିଶ୍ୱାସ ନାଇଁ। ପାଣିପାଗ ପୂରା ବଦଳି ଗଲାଣି। ଖରା ଖୋଜିଲା ବେଳକୁ ମାଡ଼ି ଆସୁଚି ଝଡ଼ ବତାସ, ବର୍ଷା ଖୋଜିଲା ବେଳକୁ ମୌସୁମୀ ଫେରାର୍। କିମିତି ହବ ଚାଷବାସ। ବାପା ବେଳେ ଅଲଗା ଥିଲା, ଏବେ ବେଳ ବଦଳି ଗଲାଣି ... ମୁଁ ଚାଲି ଯାଉଚି ଆନ୍ଧ୍ର କି ସୁରଟ। ଖାଲି କଞ୍ଚା ପଇସା। ଯୋଉ ବଳ ମାଟିରେ ଲଗେଇ ମୁଁ ଫସଲର ମୂଲ ପାଏନା, ସେଇ ଏକା ବଳରେ କଞ୍ଚା ପଇସା ...

ସୁମତି ଛାତି ବିଦାରି ହେଇ ଯାଇଥିଲା। କହିଲା, ତୋ' ବାପତ ମତେ ଦାଣ୍ଡରେ ବସେଇ ଚାଲିଗଲା, ତୁ ମତେ ନିଆଁରେ ବସେଇ ଦେଇ ଯାଉଚୁ। ମୁଁ କାହା ମୁହଁ ଚାହିଁ ବଞ୍ଚିବି ରେ ...

ସୁଦୁରିଆ ବୋଉ ଆଖି ପୋଛିଦେଇ କହିଲା, କିଛି ନ ହରେଇଲେ କିଛି ମିଳେନା ଲୋ ବୋଉ। ଏଠି ଏ ଦହଗଞ୍ଜିଆ ଜୀବନ ବିତେଇବା ଅପେକ୍ଷା ଦି' ପଇସା କମେଇ ଆଣିଲେ ଭଲରେ ରହିବା। କେତେଦିନ କି? ଚାରି ପାଞ୍ଚ ବର୍ଷ ଖଟିଦେଲେ, ସେତକ ରଖିଲେ ଆମ ମା' ପୁଅଙ୍କ କି ଦକ? ଆର ସାଇରେ ବଟିଆ ସାମଲ ଭାଇକୁ ଦେଖୁନୁ ପଇସା ଜମେଇ ଆଣି କିମିତି ଗୋଟେ ଭୂସାମାଲ୍ ଦୋକାନ ଖୋଲି ବସିଚି ... ଚାଷକୁ ଚାଷ ବି କରୁଚି ... ଆମ ଜମି କ'ଣ କୁଆଡ଼େ ପଳଉଚି? ଭାଗବଖରା ଲଗେଇ ତୁ ଚଳୁଥା, ମୁଁ ଆସିଲେ ଯାହା ...

ସୁମତି ବୁଝୁଥିଲା ପୁଣି ବୁଝୁ ନ ଥିଲା। ମାଇପି ବୁଦ୍ଧିରେ ଛନ୍ଦି ହେଉଥିଲା ... ମା' ମନରେ ଧନ୍ଦି ହଉଥିଲା।

ସୁଦୁରିଆ ସବୁ ବ୍ୟବସ୍ଥା କରିଦେଇଗଲା, ଗାଁ'ର ଆଉ କେତେଜଣଙ୍କ ସହ। ଗୋଟେ ସୁଟ୍‌କେସ ନେଇ ବାହାରିଗଲା। ତା' ଭିତରେ ନେଇଗଲା ତା' କଲିଜା।

ତିନିଚାରି ମାସ ପରେ ଫେରିଥିଲା ହୁରିଆ। ଆର ସାହିର ପିଲା। ଦୌଡ଼ି ଯାଇଥିଲା ସୁମତି। ତୁ ଆସିଲୁ, ସୁଦୁରିଆ? ସେ' ତ ପଇସା ଛାଣିବାରେ ଲାଗିଚି ... ମୋ ଦେହରେ ସେ ପାଣିପାଗ ଗଲା ନାଇ, ଖାଇବାରେ ଖାଲି ଖଟା ରାଗ, ଦେହ ବିଗିଡ଼ିଗଲା ପଳେଇ ଆସିଲି। ହେଇ ପା' ଦେଖ୍ ... ତୋ ପୁଅ ଦେଇଚି ଟଙ୍କା। କହିଲା ହୁରିଆ।

ଟଙ୍କା ପ୍ରତି ନିଘା ନ ଥିଲା ସୁମତିର। ଆସି ଥାଆନ୍ତା ଭଲା ତୋ'ରି ଭଳି, ତା' ଦିହପା' ଭଲ ଅଛି ତ ବାପା?

ହୁରିଆ ହସିଲା, କହିଲା ରହ, ଆଉ ଗୋଟେ ଜିନିଷ ଦେଇଛି ଦେଖ୍। ଗୋଟେ ଖୋଳରୁ ରଙ୍ଗିନ୍ ଫଟୋଟେ କାଢ଼ି ଧରେଇ ଦେଲା ସୁମତି ହାତରେ।

ଫଟୋ ଦେଖୁ ଦେଖୁ ଫାଟି ପଡ଼ିଲା ସୁମତି। ହସ ଲୁହ ଏକାକାର କରି କହିଲା, ମୁଁ ତା' ନାଁ କ'ଣ ଖାଲି ମିଛଟାରେ ସୁଦର୍ଶନ ଦେଇଥିଲି? ଆଉଁଶି ଦେଲା ହାତରେ ପୋଛିଦେଲା କାନିରେ ... ତାକୁ ଲାଗିଲା, ଫଟୋରେ ଦେଖୁଥିବା ଚେହେରା ପରି ସୁଦୁରିଆ ଭଲରେ ଥିବ ସେଇଠି।

ହୁରିଆ କହିଲା, ଟଙ୍କା ଗଣିନେ ... ହଜାରେ।

ହଜାରେ ! ଏକାଥରେ ହଜାରେ ଟଙ୍କା ଧରିବା ଭାଗ୍ୟ କେବେ ଆସି ନ ଥିଲା ସୁମତିର। ପୁଅ ମୋର ରୋଜଗାର

କରି ଦେଇଚି । ତାକୁ ଲାଗିଲା, ଦୟାନିଧି ପାଖରେ ଠିଆହେଇ କହୁଚି କ'ଣ କହୁଥିଲି ସୁମି ? ପୁଅ ମୋର ପାଣି କାଦୁଅରେ ଲଟପଟ ନ ହେଇ ଚାକିରି କରି ରୋଜଗାର କରିବ ... କଲା ନା ନାହିଁ ?

ସୁମତି ଅଣ୍ଟିରେ ଖୋସିଲା ଟଙ୍କା । ହାତରେ ଧରିଲା ଫଟୋ । ହୁରିଆ ଘରଠାରୁ ତା' ଘରଯାଏ ପହଞ୍ଚିବାକୁ ଢେର୍ ସମୟ ଲାଗିଥିଲା ତାକୁ ସେଦିନ । ଯାହାକୁ ବାଟରେ ଦେଖିଲା ଫଟୋ ଦେଖେଇଲା ତ ହଜାରେ ଟଙ୍କା ଦେଇଚି ପୁଅ ବୋଲି କହିଲା । ଏ କଥା ବଖାଣୁ ବଖାଣୁ ସକାଳୁ ଖରାବେଳ ...

ଏହାର ଢ଼େର୍ ଦିନଯାଏ ଆଉ ସୁଦୁରିଆର ଖୋଜ୍ ଖବର ନଥିଲା । ସେ ଘାଲି ହୁରିଆ ଘରକୁ ଦଉଡୁଥିଲା । ହୁରିଆ ବି କିଛି କହିପାରୁନଥିଲା । ଖାଲି ଯେ ଜାଗା ଛାଡ଼ି ଆଉ କୁଆଡ଼େ ଯାଇଚି ବୋଲି ଉଡା ଖବରଟିଏ ପହଞ୍ଚିଥିଲା ବୋଲି କହିଥିଲା ।

ମଝିରେ ମଝିରେ ସେ ଧାଉଁଥିଲା ହୁରିଆ ପାଖକୁ । ନେହୁରା ହେଉଥିଲା, ତୁ ନ ହେଲେ ଟିକେ ଯା' ତା' ପାଖକୁ ବାପା... ହୁରିଆ ହଁ ହାଁ କହୁଥିଲା ।

ଦିନେ ସକାଳୁ ସକାଳୁ ହୁରିଆ ଘରେ ହାଜର ହେଲା ସୁମତି । ତା' ହାତରେ ଟଙ୍କା ପୁଳାଏ ଗୁଞ୍ଜିଦେଇ କହିଲା, ବାପାଟା ପରା, ମୁଁ ଖର୍ଚ୍ଚା ଦଉଚି, ତୁ ଟିକେ ଯାଆ । ମନ ଖାଲି ଆଉଟୁ ପାଉଟୁ ହଉଚି ...

ହୁରିଆ ଟଙ୍କା ଖୋଲି ଦେଖିଲା ବର୍ଷେତଳେ ସେ ଦେଇଥିବା ସୁଦୁରିଆ ଟଙ୍କା ଯେମିତି ଭାଙ୍ଗ ଥିଲା ସେଇମିତି ଅଛି । କହିଲା ମାଉସୀ ବର୍ଷେ ହେଲାଣି ଏ ଟଙ୍କା ତୁ ଖର୍ଚ୍ଚ କରିନୁ ?

ବାପାରେ ... ମୋର ଧାନ, ଚାଉଳ, ଶାଗ, ମାଛରେ ଚଳି ଯାଉଚି, ଏ ଟଙ୍କା ମୁଁ କାହିଁ ଖର୍ଚ୍ଚ କରନ୍ତି ? ରଖିଥିଲି, ସୁଦୁରିଆ ଆସିଥିଲେ ତା'ରି ହାତରେ ମୋ ପାଇଁ ଖର୍ଚ୍ଚ କରେଇଥାନ୍ତି । ପୁଅଟି ନିଜେ ବାପା, ମା' ପାଇଁ ଖର୍ଚ୍ଚ କରିବାର ଆନନ୍ଦ କେତେ ତୁ କାହୁଁ ଜାଣିବୁ ?

ହୁରିଆ ବିମର୍ଷ ହେଇଗଲା । ଟଙ୍କା ରଖିଲା ।

ତା' ପରେ ଢେରଥର ହୁରିଆ ଘରକୁ ଯାଇଚି ସୁମତି । ତା'ର ବି ଖୋଜ ଖବର ନ ପାଇ ବରାବର ଫେରୁଥିଲା ।

ତା'ପରଠାରୁ ସୁମତିକୁ ସମୟ ବିଷାଦର ତଳିତଳାନ୍ତ ସ୍ଥିତିକୁ ଆସ୍ତେ ଆସ୍ତେ ନେଇ ଯାଉଥିଲା ।

ରାତି ଗଭୀର ହେଲେ, ଗାଁର ନିରବତାକୁ ଭାଙ୍ଗି ଶୁଭୁଥିଲା ଗୋଟେ ବିକଳ କାନ୍ଦ । ତା' ପରେ ସୁଦୁରିଆରେ ... ସୁଦୁରିଆରେ ... ବୋଲି ଖୁବ୍ ଲମ୍ବା ଲମ୍ବା ଡାକ । ପୁଣି କିଛିଦିନ ପରେ ଶୁଭିଲା ହୁଳହୁଳି ଶବ୍ଦ । ରାତି ଅ'ଧରେ କାହା କାହା ଦୁଆର ବାଡ଼େଇ ଡ଼ାକୁଥିଲା ଆସ ଲୋ ଆସ... ମୋ ସୁଦୁରିଆକୁ ମଙ୍ଗୁଳେଇବ ଆସ, ତା'ର ପା' ବାହାଘର ...

ଏମିତି ଏମିତି ସୁମତିର ନିୟମିତ ଆଚରଣରେ ଗାଁ ଲୋକେ ଅତିଷ୍ଠ ହୋଇଉଠିଲେ । ଏହାର ପରବର୍ତ୍ତୀ ଘଟଣା ଥିଲା ଆହୁରି ଭୟାନକ । ଯେତେବେଳେ ସୁମତି ନବଜାତ ଶିଶୁମାନଙ୍କୁ ଝାମ୍ପିନେଇ ହେଇ ମୋ ନାତି ... ହେଇ ମୋ ନାତୁଣୀ କହି ଚାପି ଧରୁଥିଲା, ଗେଲ କରୁଥିଲା, ଚାଟି ପକଉଥିଲା ...

**ଗାଁର ନିରବତାକୁ ଭାଙ୍ଗି ଶୁଭୁଥିଲା ଗୋଟେ ବିକଳ କାନ୍ଦ । ତା' ପରେ ସୁଦୁରିଆରେ ... ସୁଦୁରିଆରେ ... ବୋଲି ଖୁବ୍ ଲମ୍ବା ଲମ୍ବା ଡାକ ।**

ଏବେ ସୁମତି ଖାଲି ବାୟାଣୀ ନୁହେଁ, ଡାହାଣୀର ଆଖ୍ୟା ମଧ୍ୟ ପାଇସାରିଥିଲା । ଏ ଆଉ ଗାଁ ଭିତରେ ରହିବା ନିରାପଦ ନୁହେଁ । ଖୁବ୍ ଉପଦ୍ରବ କଲାଣି । ଗାଁ ଲୋକଙ୍କ ସମ୍ବେଦନଶୀଳତା ଆତଙ୍କ ଆଉ ଅସହିଷ୍ଣୁତାରେ ବଦଳି ଯାଇଥିଲା । ଦିନେ ସାରା ଗାଁ ତାକୁ ଟେକା ଢେଲା ଫୋପାଡ଼ି ତଡ଼ି ତଡ଼ି ଆଣି ଏଇଠି ଛାଡ଼ିଦେଇଗଲେ । ଧମକ ଦେଲେ, ଗାଁ'କୁ ପଶିବୁ ତ ପିଟିକି ଛାଲ ଉତାରି ଦବୁ ପିଠିରୁ । ଉଦ୍‌ଭ୍ରାନ୍ତ ଜନତା ଆଗରେ ତା'ର ଅପତ୍ୟ ପ୍ରାଣଟି ଖାଲି ଯାହା ଛଟପଟ ହେଉଥିଲା କିନ୍ତୁ ପ୍ରତିରୋଧ କରିପାରୁ ନ ଥିଲା ।


ସୁମତି ଏବେ ଏଇଠି । ଚାଷ ଜମି ଜଗାରଖା କରିବାକୁ ଗାଁ ମୁଣ୍ଡରେ ଦୟାନିଧି କରିଥିବା ଏଇ ବାହାର ଘରଠି ଏଇଠି ପଡ଼ିଥାଏ । ଯାହାକୁ ଦେଖେ ପଚାରି ହେଉଥାଏ, ସୁଦୁରିଆକୁ ଦେଖିଛ କି ?

ସେଦିନ ସଞ୍ଜକୁ ଗୋଟେ ନୂଆକଥା ଦେଖିଲା ସୁମତି । ଗଛ ଡାଳରେ ଗୋଟେ ଚଢ଼େଇ । ଚୁପ୍‌ଚାପ୍ ବସିଚି । ଦୂରଦିଗନ୍ତରୁ ପରସ୍ତ ପରସ୍ତ ଅନ୍ଧାର ଆବୋରିବା ପୂର୍ବରୁ ଯେମିତି ସେ ତା'ର ଆଶ୍ରୟସ୍ଥଳ ପାଇଯାଇଚି । ତାକୁ ଲାଗିଲା ଗଛ ଆଜି ବେଶ୍ ଖୁସି ଜଣାପଡୁଚି । ଧୀରେ ଧୀରେ ହଲଉଚି

ତା' ଡାଳପତ୍ର । ବହୁଦିନରୁ ନିଜକୁ ଖୁବ୍ ନିରାଶ ଭିତରେ ରଖୁଥିବା ଗଛ ଯେମିତି ଆଜି ନୂଆ ଅନୁଭବ ପାଇଛି ।

ଏଇମିତି କ'ଣ ଆଶା ସଞ୍ଚାର ହୁଏ ମନରେ ? ଦଉଡ଼ିଗଲା ସେ ଘର ଭିତରକୁ । ଦୟାନିଧିର ମଳିଛିଆ ଫଟୋଟିକୁ ଶୁଣେଇଲା ଭଳି କହିଲା ଜାଣିଲ, ସୁଦୁରିଆ ଫେରି ଆସିବ ନିଶ୍ଚୟ । ସେ ଶୁଭ ସୂଚନା ମତେ ମିଳିଲାଣି ।

ରାତି ପୃଥିବୀକୁ ଘୋଡ଼େଇବା ଯାଏ ଆଉ ତା' ଆଖରୁ ଅସ୍ପଷ୍ଟ ହେବାଯାଏ ସେ ଚଢ଼େଇର ଆକୃତି ସେଇମିତି ସେ ପିଣ୍ଡା କଣରେ ବସି ଚାହିଁଥିଲା ଚଢ଼େଇ ଆଡ଼େ । ତା' ପରେ ଶୋଇ ଯାଇଥିଲା ।



ପରଦିନ ସକାଳୁ ତା' ନିଦ ଭାଙ୍ଗିବା କ୍ଷଣି ତା' ନଜର ଚାଲିଗଲା ସେଇ ଡାଳଆଡ଼େ । ଚଢ଼େଇ ନ ଥିଲା । ବିଷାଦରେ ଭରିଗଲା ତା'ର ମନ । ଭାବିଲା ପକ୍ଷୀଜାତି ସକାଳୁ ସଞ୍ଜଯାଏ ଉଡ଼ି ଉଡ଼ି ଖାଦ୍ୟ ସଂଗ୍ରହ କରିବା ତା'ର ପ୍ରବୃତ୍ତି । ପୁଣି ରାତିକି ଫେରିବନି କି ?

ଦିନସାରା ତା'ର ଯାବତୀୟ କାମ ଭିତରେ ନିଘା ରଖିଥାଏ ଡାଳଟିକୁ । ଚଢ଼େଇ ଫେରିଲା କି ? ସତକୁ ସତ ସଞ୍ଜ ହେବାର ଢେର୍ ପୂର୍ବରୁ ଫେରି ଆସିଲା ଚଢ଼େଇ । ଖୁବ୍ ଆଶ୍ୱସ୍ତ ହେଲା ସୁମତି । ଏତେ ସହସା ବିଶ୍ୱାସେ ହରେଇଦବା ଠିକ୍ ନୁହେଁ ।

ଏବେ ସେ ଆଉ ଲୋକଙ୍କୁ ଦେଖି ସୁଦୁରିଆକୁ ଦେଖିଚ କି ବୋଲି ପଚାରେ ନାହିଁ । ବରଂ କହେ, ଜାଣିଚ ? ସୁଦୁରିଆ ଆସୁଚି ...

ଏମିତି ବସି ଚଢ଼େଇ କଥା ଭାବୁ ଭାବୁ ତା' ମନକୁ ଆସିଲା ଚଢ଼େଇଟି ଖାଦ୍ୟ ସଂଗ୍ରହ କରିବାକୁ କୁଆଡ଼େ ନା କୁଆଡ଼େ ଦିନସାରା ବୁଲୁଚି । ତା' ପାଇଁ ଯଦି ଖାଦ୍ୟ ସେ ଏଇଠି ଯୋଗେଇ ଦିଅନ୍ତା, ସେ ସୁଦୁରିଆ ଭଳି କାହିଁକି ହୁଅନ୍ତା ?

ତା' ପରଠାରୁ ସେ ବିଲ ଗହୀରରୁ ତୋଳିଲା କୋଳି, ଗଛରୁ ତୋଳିଲା ପିଜୁଳି, ବାଛି ଆଣିଲା ବରକୋଳି, ଗୋଟେଇ ଆଣିଲା ଲାଲ୍ ଲାଲ୍ ପାଚିଲା ବରଫଳ । ଗଛମୂଳେ କୁଢ଼େଇଲା । କହିଲା, ଆରେ ଚଢ଼େଇ ଆ ଆ ଖା ଏସବୁ ... ତୁ ଆଉ କୁଆଡ଼େ ଯାଆନା ...

ଚଢ଼େଇର କିଛି ପରିବର୍ତ୍ତନ ହୁଏନା । ରାତିରେ ରହେ । ସକାଳୁ ଉଡ଼ିଯାଏ । ଗଛମୂଳେ ଦିନ ପରେ ଦିନ ପଡି ଫଳ କୋଳି ଶୁଖୁଥାଏ ଆଉ ପଚୁଥାଏ ।

ଲୋକେ ଆଶ୍ୱସ୍ତ ହୁଅନ୍ତି । ହସନ୍ତି । ଥଟ୍ଟା କରନ୍ତି । ଯା ହେଉ ବୁଢ଼ୀର ପାଗଳାମି କମିଗଲାଣି । ଚଢ଼େଇକୁ ପୁଅ କଲାଣି ।

ବେଶ୍ କିଛିଦିନ୍ ପରେ ଏମିତି ଦିନେ ଦି' ପହର ଗଡ଼ି ସଞ୍ଜ ଆସିଲା । ସୁମତି ସବୁଦିନ ପରି ବସି ଆକାଶକୁ ଚକେଇ ଥାଏ । ଚଢ଼େଇ ଆସିବା ବେଳ ହେଲାଣି । କାହିଁ ଚଢ଼େଇ ? ତା' ଅଦେଖାରେ ଉଡ଼ି ଆସିଚି କି ଆଉ ? ସେ ଖୁବ୍ ଗହୀରେଇକି ଚାହିଁଲା ଗଛକୁ, ଏ ଡାଳ ସେ ଡାଳ କନ୍ଦି ବିକନ୍ଦି ଖୋଜିଲା । ଚଢ଼େଇ ନ ଥିଲା ।

ତା' ପରଦିନ, ତା' ପରଦିନ, ଦିନ ଦିନ ଆଉ ଚଢ଼େଇର ଟେର୍ ନ ଥିଲା ।

ଏବେ ତା'ର ଦିନକୁ ଦିନ ଭାଷା ବଦଳିଗଲା, ଭାବ ବଦଳି ଗଲା, ଯାହାକୁ ଦେଖିଲା, କହିଲା, ହାୟ ହାୟ ... ଚଢ଼େଇଟା ବି ପୁଅ ହେଇଗଲା ।

ଲୋକେ ପୁଣି ତର୍କିଲେ । ବୁଢ଼ୀର ଯାହାଟିକେ ପାଗଳାମି କମିଥିଲା ପୁଣି ବଢ଼ିଗଲାଣି । ଦେଖୁ ଦେଖୁ ବାଟ ଭାଙ୍ଗି ଦଉଡ଼ିଲେ ।

ଏବେ ରାସ୍ତା ଉପରେ ଚଳପ୍ରଚଳ ସ୍ୱାଭାବିକ ଅଛି । ଆଉ ଆତଙ୍କଟେ ହୋଇ କେହି ଦଉଡ଼ି ଆସୁନାହିଁ ରାସ୍ତା ଉପରକୁ ଓଗାଳୁନାହିଁ ବାଟ, ଶୁଭୁନାହିଁ ସୁଦୁରିଆରେ ... ବୋଲି କରୁଣ ବିଳାପର ଲମ୍ବା ସ୍ୱର । ଖାଲି ସେଇ ନିଛାଟିଆ ଘରଟି ଆଡ଼କୁ ନଜର ପହଁରିଗଲେ ଦେଖାଯାଉଛି ଗୋଟେ ଛାଇ, ଯେ ସ୍ଥିରହେଇ ଆକାଶ ଆଡ଼େ ଚାହିଁ ରହିଚି...

□□

ଲେଖକଙ୍କ ଇ-ମେଲ୍ ଠିକଣା:
rabipanda97@gmail.com




ପ୍ରବନ୍ଧ

# ଓଡ଼ିଆ ଭାଷାକୋଷର ଉଚ୍ଚାଙ୍ଗ ଶବ୍ଦ ସମ୍ଭାର

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ପୃଥିବୀର ବହୁ ପ୍ରତିଷ୍ଠିତ ଓ ବହୁଳ ବ୍ୟବହୃତ ଭାଷାମାନଙ୍କ ପରି ଆମ ମାତୃଭାଷା ଓଡ଼ିଆର ଭାଷାକୋଷଗୁଡ଼ିକ ବେଶ୍ ବୃହତ କଳେବର ବିଶିଷ୍ଟ। ମୂଳ ସଂସ୍କୃତରୁ ପ୍ରାକୃତ ଓ ଅପଭ୍ରଂଶ ବାଟ ଦେଇ କ୍ରମ ବିବର୍ତ୍ତନରେ ସୃଷ୍ଟି ହୋଇଛି ଆଜିର ମାନକ ଓଡ଼ିଆ ଭାଷା। ତେଣୁ ସ୍ୱାଭାବିକ ଭାବେ ସଂସ୍କୃତ ଭାଷାରୁ ଉଦ୍‌ଭୁତ ହୋଇଥିବା ଓ ସଂସ୍କୃତ ଭାଷାର ସହ ରୂପଗତ ସାମ୍ୟ ରଖିଥିବା ତଦ୍‌ଭବ ଓ ତତ୍‌ସମ ଶବ୍ଦାବଳୀ ସହ ଶହ ଶହ ଦେଶଜ ଶବ୍ଦ ତଥା ଉର୍ଦ୍ଦୁ, ପାରସିକ ଆଦି ଭାଷାମାନଙ୍କ ପ୍ରଭାବରେ ଗଠିତ ଅନେକ ଶବ୍ଦ ଆମ ଭାଷାକୋଷମାନଙ୍କରେ ଉପଲବ୍ଧ। କିନ୍ତୁ ବାସ୍ତବତା ହେଉଛି ଆମର ଏଇସବୁ ଭାଷାକୋଷରେ ସ୍ଥାନିତ ଶବ୍ଦ ସମ୍ଭାରର ପ୍ରାୟ ଶତକଡ଼ା ପଚାଶ ଷାଠିଏ ଭାଗ ଆମେ ଆମ ସାହିତ୍ୟିକ କର୍ମ ବା ଆମ ମୌଖିକ ଭାବ ବିନିମୟରେ ଆଦୌ ବ୍ୟବହାର କରୁନାହୁଁ। ବଡ଼ ଉଦ୍‌ବେଗଜନକ ଭାବରେ ଏବେ ଆମ ଭାଷାର ପରିସର ଓ ଶବ୍ଦ ଜ୍ଞାନର ବ୍ୟାପ୍ତି ଖୁବ୍ ସୀମିତ, ସଙ୍କୁଚିତ ହୋଇ ଚାଲିଛି। ତେଣୁ ପ୍ରଶ୍ନଟିଏ ଉଠିଥାଏ- ଯଦି ଆମେ ଆମର ସାହିତ୍ୟ ଓ ଆମର ଆଳାପ, ଆଲୋଚନା ଇତ୍ୟାଦି କର୍ମଗୁଡ଼ିକ ପାଇଁ ଆମ ଭାଷାକୋଷରେ ସ୍ଥାନିତ ଶବ୍ଦାବଳୀରୁ ଏତେ ସୀମିତ ଶବ୍ଦରେ କାମ ଚଳାଇ ଦେଉଛେ ତେବେ ଏଡ଼େ ଏଡ଼େ କଳେବରର ଭାଷାକୋଷ ବା ଶବ୍ଦକୋଷଗୁଡ଼ିକର ପ୍ରକାଶନ କାହିଁକି କରି ଚାଲିଛେ ? କାହିଁକି କୌଣସି ଗୋଟିଏ ଶବ୍ଦର ଅର୍ଥ ଜାଣିବା ପାଇଁ ଏଡ଼େ ଏଡ଼େ ବୃହଦାକାର ଶବ୍ଦକୋଷଗୁଡ଼ିକର ପୃଷ୍ଠାଗୁଡ଼ିକ ଓଲଟାଇ ଚାଲିଛେ ?


ପୂର୍ଣ୍ଣଚନ୍ଦ୍ର
ଓଡ଼ିଆ ଭାଷାକୋଷ।
ପଞ୍ଚମ ଖଣ୍ଡ (ବ୍ୟଞ୍ଜନ ବର୍ଣ୍ଣ, ଫ—ମ)
PŪRNNACHANDRA
ORDIĀ BHĀSHĀKOSHA.
( A lexicon of the Oriya language )
Volume—V (Consonants, Pha—Ma)
Compiler—G. C. Praharaj
(Kaiser-I-Hind)
Advocate, Patna High Court, Cuttack, B. N. R., Orissa (India).
THE UTKAL SAHITYA PRESS
CUTTACK

ବଡ଼ ବିସ୍ମୟର କଥା – ଆମର ଆଧୁନିକ ଜୀବନର ପରିସର କ୍ରମଶଃ ବ୍ୟାପକରୁ ବ୍ୟାପକତର ହେଇ ଚାଲିଥିବାବେଳେ ଆମର ଭାଷାର ପରିସର କ୍ରମଶଃ ଅଧିକତର ସଂକୀର୍ଣ୍ଣ ଓ ସଙ୍କୁଚିତ ହୋଇଚାଲିଛି। ତଥାକଥିତ ନବ୍ୟସଭ୍ୟ ଓ ଶାଣିତ ମେଧାଧାରୀ ବୁଦ୍ଧିଜୀବୀମାନେ ବାରମ୍ବାର ଆମକୁ ଆମ କଥାବାର୍ତ୍ତା, ପାରସ୍ପରିକ ମତବିନିମୟ ଓ ସାହିତ୍ୟିକ କର୍ମରେ ଯେତେ ସମ୍ଭବ ସରଳ ଓ ଆଶୁ ବୋଧଗମ୍ୟ ଶବ୍ଦ ବ୍ୟବହାର କରିବାକୁ ଚେତାଇ ଦେଇ ଚାଲିଛନ୍ତି। ଆମର ଉଭୟ ଲିଖିତ ଓ ମୌଖିକ ଯୋଗାଯୋଗ, ଭାବ ଆଦାନ ପ୍ରଦାନରେ ବ୍ୟବହୃତ ଭାଷାର ସରଳତା ଓ ସାବଲୀଳ ବୋଧଗମ୍ୟତାରୁ ସେହି ଭାଷାର ପ୍ରକୃତ ଗୁଣବତ୍ତା ଜଣାଯାଇଥାଏ ବୋଲି ଆମର ଆଧୁନିକ ଶିକ୍ଷାଗୁରୁ ଓ ମସୀଧାରୀମାନେ ନାନା ବାଗରେ, ନାନା ଆଳରେ କହି ଚାଲିଛନ୍ତି।

### ସଂକ୍ଷିପ୍ତତା ହିଁ ମେଧା

ସଂକ୍ଷିପ୍ତତା ହିଁ ମେଧାର ଚିହ୍ନ- ଏଇ ଆପ୍ତ ବାକ୍ୟଟିକୁ ଆମେ ଏକ ସର୍ବକାଳୀନ ସିଦ୍ଧବାକ୍ୟ ବୋଲି ମାନିନେବାକୁ ଏକପ୍ରକାର ବାଧବାଧକ ଉତ୍ସାହ ପ୍ରଦର୍ଶନ କରି ଚାଲିଛେ। ଲାଗୁଛି, ସତେ ଯେପରି ଭାଷା ଦାର୍ଶନିକ ଉଇଟ୍ ଗେନ୍ଷ୍ଟାଇନଙ୍କ ପରି ଆମେ ବୁଝି ଯାଇଛେ ଯେ ଜୀବନ ଓ ଜଗତର ସକଳ ଦୁର୍ବୋଧତା ପଛରେ ରହିଛି ଆମର 'ଭାଷା ଖେଳ' ପ୍ରତି ମାତ୍ରାଧିକ ପ୍ରୀତି ଓ ଆସକ୍ତି। ଆମକୁ ସତର୍କ କରି ଦିଆଯାଇଛି ଯେ ଲିଖନ ବା ଉଚ୍ଚାରଣରେ ଶବ୍ଦର ଆଡ଼ମ୍ବରପୂର୍ଣ୍ଣ

ଓ ଅତିରଞ୍ଜିତ ପ୍ରୟୋଗ, ବ୍ୟବହାର ଦ୍ୱାରା ଆମର ଭାବନା, ଆମର ଚିନ୍ତା ଚେତନାରେ ବିକ୍ଷୁବ୍ଧ ତରଙ୍ଗ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ଥାଏ। ବୋଧହୁଏ ସେଇଥିପାଇଁ ଆମେ ଏବେ ଆମର ଭାଷା ଜ୍ଞାନର ପରିସରକୁ ସୀମିତ, ସଙ୍କୁଚିତ କରି ଚାଲିଛୁ ଓ ଆମ ଲିଖନ, ଉଚ୍ଚାରଣରେ ଶବ୍ଦର ପ୍ରୟୋଗ, ବ୍ୟବହାରରେ ଅତ୍ୟଧିକ ସଂଯମ, ନିୟନ୍ତ୍ରଣ ଓ ଶୃଙ୍ଖଳା ପ୍ରଦର୍ଶନ କରି ଚାଲିଛୁ। କିନ୍ତୁ ଏଇ ସଂଯମ, ନିୟନ୍ତ୍ରଣ, ଏଇ ଶୃଙ୍ଖଳାର ଯେଉଁ ନକାରାତ୍ମକ ପ୍ରଭାବ ଅଛି ସେ ସମ୍ପର୍କରେ ଆମେ ସଚେତନ ନୋହୁଁ। ଭାଷା ବ୍ୟବହାର ଓ ଶବ୍ଦ ସଂଯୋଜନାରେ ସାରଲ୍ୟ ତଥା ସଂକ୍ଷିପ୍ତତାକୁ ଏକ ଆଦର୍ଶ ବୋଲି ଏବେ ଆମେ ଖୁବ୍ ନିଷ୍ଠା, ପ୍ରତିବଦ୍ଧତାର ସହ ମାନି ନେଇଥିବାରୁ ଆମର ଶବ୍ଦକୋଷଗୁଡ଼ିକର ସହସ୍ରାଧିକ ଶବ୍ଦ ଆଉ ଆମେ ଲୋଡୁନାହୁଁ। ହାତଗଣତି କେତୋଟି ମାତ୍ର ଶବ୍ଦରେ ଆମେ କିପରି ସମସ୍ତ ପ୍ରକାର ଯୋଗାଯୋଗ, ମତ ବିନିମୟ କରିପାରିବୁ ସେ ନେଇ ଆବଶ୍ୟକ ପ୍ରଶିକ୍ଷଣ ନେଇ ଚାଲିଛୁ। ଶିଷ୍ଟ, ଶାସ୍ତ୍ରୀୟ, ଉଚ୍ଚାଙ୍ଗ ଶବ୍ଦଗୁଡ଼ିକ ପ୍ରତି ଶ୍ରଦ୍ଧା ରଖି ସେଗୁଡ଼ିକୁ ସେମାନଙ୍କ ସାହିତ୍ୟ କୃତିରେ ଯଦି କେହି ବ୍ୟବହାର କରି ବସେ, ତେବେ ଆମ ଭିତରେ ଥିବା ଅତ୍ୟାଧୁନିକ ଚତୁରମାନେ ସେହି ସାହିତ୍ୟିକଟିକୁ ମରହଟ୍ଟିଆ ପଣ୍ଡିତିଆ କହି ନିନ୍ଦିତ, ଅପମାନିତ କରିବାରେ ପ୍ରବଳ ସୁଖ ପାଉଛନ୍ତି। ଆମର ପ୍ରାଜ୍ଞ ପୂର୍ବ ପୁରୁଷମାନେ ଯେଉଁ ଉଚ୍ଚାରଣକୁ, ଯେଉଁ ଶବ୍ଦ ପ୍ରୟୋଗକୁ ଅଭଦ୍ର, ଅଶିଷ୍ଟ, ଅସୌଜନ୍ୟମୂଳକ ମନେ କରୁଥିଲେ, ଏବେ ଆମେ ଅନାୟାସରେ ସେହି ଉଚ୍ଚାରଣ, ସେହି ଶବ୍ଦ ପ୍ରୟୋଗ ସ୍ଥାନ କାଳ ପାତ୍ର ନିର୍ବିଶେଷରେ କରି ଆମ ଆଧୁନିକର ମାନସିକତାର ଡିଣ୍ଡିମ ବଜାଇ ଚାଲିଛୁ। ଗଣଙ୍କ ପାଇଁ ଉଦ୍ଦିଷ୍ଟ ଭାଷା ଖୁବ୍ ସରଳ ହେବା ଉଚିତ୍ ଓ ଯେଉଁ ଭାଷା ବ୍ୟବହାର କରିବେ ତାହା ଶ୍ଳୀଳ-ଅଶ୍ଳୀଳ, ଶିଷ୍ଟ-ଅଶିଷ୍ଟ ବା ଶାସ୍ତ୍ରୀୟ-ଅଶାସ୍ତ୍ରୀୟ ମଧ୍ୟରେ ଥିବା ସୀମାରେଖା ଅନୁପାଳନ କରିବା ଜରୁରୀ ନୁହେଁ ଏଇ ଧାରଣାଟି ଏବେ ଆମ ମନରେ ଆସ୍ଥାନ ଜମାଇ ସାରିଲାଣି।

ଆମ ମାତୃଭାଷା ଓଡ଼ିଆର ପ୍ରାଚୀନତା ଓ ଶାସ୍ତ୍ରୀୟ ବାଙ୍ମୟତା ନେଇ ଆମେ ଗର୍ବ ଗୌରବରେ ବକ୍ଷ ସ୍ଫୀତ କରି ଚାଲିଥିଲେ ମଧ୍ୟ ଆମ ମାତୃଭାଷାର ସମୃଦ୍ଧ ଭାଷା ଭଣ୍ଡାରରେ ମହଜୁଦ ଥିବା ଶବ୍ଦ ରତ୍ନଗୁଡ଼ିକୁ ଦେଖିବାକୁ ବା ଜାଣିବାକୁ ଚାହୁଁ ନାହୁଁ। ଯଦିବା ଦୈବାତ୍ କେହି ସ୍ୱାଭାବିକ ଭାବୋଚ୍ଛ୍ୱାସରେ ଆପଣା ଉଚ୍ଚାରଣ ବା ଲିଖନରେ କିଛି କିଛି ଅଜ୍ଞାତ ଅଥଚ ଉଚ୍ଚାଙ୍ଗ ଶବ୍ଦ ବ୍ୟବହାର କରେ, ଆମେ ସେଇ ମଣିଷକୁ ମଧ୍ୟଯୁଗୀୟ ସାମନ୍ତବାଦୀ ଚିନ୍ତାଧାରାର ଗୋଟେ ଅବାଗିଆ ସଂସ୍କରଣ ବୋଲି କହିଥାଉ। ଫଳସ୍ୱରୂପ, ଆଜି ଆମ ଓଡ଼ିଆ ଭାଷାର ସାହିତ୍ୟିକ କୃତିମାନଙ୍କରେ ଅଜ୍ଞାତ ଅଥଚ ଭାବଗୁମ୍ଫନରେ ବେଶ୍ ସମୃଦ୍ଧ ଶବ୍ଦମାନଙ୍କୁ କ୍ୱଚିତ୍ ଦେଖିବାକୁ ପାଉଛେ। ଯେତେବେଳେ ଜଣେ ସତ୍ ଭାଷା ପ୍ରେମୀ ଆମ ମାତୃଭାଷାର ଏକ ପ୍ରାମାଣିକ ଶବ୍ଦକୋଷର ପୃଷ୍ଠା ଓଲଟାଇଥାଏ, ସେ କେତେ କେତେ ସୁନ୍ଦର ପୋଷାକ ପରିଚ୍ଛଦରେ ସୁଶୋଭିତ, ଧ୍ୱନିଗତ ଲାଳିତ୍ୟରେ ତରଙ୍ଗିତ, ବ୍ୟଞ୍ଜନାପୂର୍ଣ୍ଣ ଓ ଭାବଗର୍ଭକ ଶବ୍ଦମାନ ପ୍ରତ୍ୟକ୍ଷ କରିଥାଏ। କିନ୍ତୁ ଯେତେବେଳେ ସେ ଭାବିବ ଯେ : ଏଇସବୁ ବିମଣ୍ଡିତ ଶବ୍ଦାବଳୀ କେବେଠାରୁ ଆମର ସହଜିଆ ଭାଷା ସାହିତ୍ୟ ସାଧକମାନଙ୍କ ଦ୍ୱାରା ଅସ୍ପୃଶ୍ୟ ଘୋଷିତ ହୋଇ ସାରିଲେଣି, ସେ ଗଭୀର ମର୍ମବେଦନା ଅନୁଭବ କରିଥାଏ। ସେ ଯୁଗ ବହୁକାଳୁ ଅତୀତ ହୋଇଗଲାଣି ଯେବେ ଆମେ ଶବ୍ଦକୁ ନାଦବ୍ରହ୍ମ କହି ଉପାସନା କରୁଥିଲୁ, କାରଣ ଆମେ ଜାଣିଥିଲୁ ଉଚ୍ଚାଙ୍ଗ, ଶାସ୍ତ୍ରୀୟ ଶବ୍ଦର ଉଚ୍ଚାରଣ ତଥା ପଠନ, ମନନରେ ଆମ ପ୍ରାଣରେ, ଆମ ମନୋଭୂମିରେ ରୋମାଞ୍ଚକ ସକାରାତ୍ମକ ସ୍ପନ୍ଦନମାନ ସୃଷ୍ଟି ହୋଇଥାଏ ଓ ଆମ ଚେତନାର ଉତ୍ତରଣ ସମ୍ଭବ ହୋଇଥାଏ।

> **ଆଜି ଆମ ଓଡ଼ିଆ ଭାଷାର ସାହିତ୍ୟିକ କୃତିମାନଙ୍କରେ ଅଜ୍ଞାତ ଅଥଚ ଭାବଗୁମ୍ଫନରେ ବେଶ୍ ସମୃଦ୍ଧ ଶବ୍ଦମାନଙ୍କୁ କ୍ୱଚିତ୍ ଦେଖିବାକୁ ପାଉଛେ।**

## ଶିକ୍ଷା ବ୍ୟବସ୍ଥାର ଅବକ୍ଷୟ

ବୈଷୟିକ, ବସ୍ତୁବାଦୀ ଓ ଉପଯୋଗିତା ସର୍ବସ୍ୱ ଶିକ୍ଷା ବ୍ୟବସ୍ଥାର ଶରବ୍ୟ ଆମର ଯୁବବର୍ଗ ଓଡ଼ିଆ ଭାଷାର ଯାଦୁକରୀ ମହିମା ଓ ଐଶ୍ୱର୍ଯ୍ୟ ସମ୍ପର୍କରେ ଜାଣିବାର ସମ୍ଭାବନା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ଆମ ଦାୟାଦମାନଙ୍କର ଏଇ ଅଜ୍ଞତା ଓଡ଼ିଆ ଭାଷାର ଭବିଷ୍ୟତ ପାଇଁ ଭୟଙ୍କର ସାବ୍ୟସ୍ତ ହେବା ନିଶ୍ଚିତ। ଏହା ଅବଶ୍ୟ ନିଃସନ୍ଦେହ ଯେ ଆମର

ସାହିତ୍ୟ, ଆମର ଯୋଗାଯୋଗରେ ଭାଷା ଯେତେ ସରଳ, ଯେତେ ସହଜ ବୋଧଗମ୍ୟ ହେବ, ଜନସାଧାରଣ ପାଇଁ ତାହା ସେତେ ଉପଯୋଗୀ ସାବ୍ୟସ୍ତ ହେବ। ଗଣଙ୍କ ସରଳ, କଥିତ ଭାଷା ବହୁଳ ଭାବରେ ବ୍ୟବହୃତ ହେବା ଦୋଷାବହ ନୁହେଁ; ମାତ୍ର ଦୋଷାବହ ହେଉଛି ସହଜ ବୋଧଗମ୍ୟତା ଓ ସରଳତାର ଦ୍ୱାହି ଦେଇ ସଚେତନ ଭାବରେ ଉଚ୍ଚାଙ୍ଗ, ଶାସ୍ତ୍ରୀୟ ବା ସମ୍ଭ୍ରାନ୍ତ ଶବ୍ଦଗୁଡ଼ିକୁ ଅଛୁଆଁ, ଅଲୋଡ଼ା କରିଦେବା। ଅନେକ ଭାଷାବିତ୍ ଓ ମନସ୍ତତ୍ତ୍ୱବିତ ଉଚ୍ଚାରିତ ଶବ୍ଦସବୁ କିପରି ଆମ ଅନ୍ତର୍ମନରେ ସୂକ୍ଷ୍ମ ଭାବତରଙ୍ଗ, ସୂକ୍ଷ୍ମ ଭାବ ସ୍ପନ୍ଦନ ସୃଷ୍ଟିକରେ ସେ ସମ୍ପର୍କରେ ବିଶଦ୍ ଆଲୋଚନା କରିଛନ୍ତି। ଶିଷ୍ଟ, ଶ୍ଳୀଳ, ଶୋଭନୀୟ ଶବ୍ଦର ପ୍ରୟୋଗ, ବ୍ୟବହାରରେ ଅଭ୍ୟସ୍ତ ମଣିଷର ଭାବଭାବନା ସଂଯତ, ଶୃଙ୍ଖଳିତ ହୋଇଥାଏ, ତା'ର ଆଚରଣ, ଚାଲିଚଳନ ଭଦ୍ର ଓ ରୁଚିପୂର୍ଣ୍ଣ ହୋଇଥାଏ। ସହଜ ସରଳ କଥିତ ଭାଷା ବହୁ ସ୍ଥଳରେ ବ୍ୟାପକ ଭାବ ସଞ୍ଚାରୀ ହେଲେ ମଧ୍ୟ ଏହାର ବ୍ୟବହାରକାରୀ ଶ୍ଳୀଳତା, ଶିଷ୍ଟତା ଓ ସଂଯମ ଶୃଙ୍ଖଳାର ଲକ୍ଷ୍ମଣରେଖାଗୁଡ଼ିକୁ ଅମାନ୍ୟ କରିବାରେ ଏକ ପ୍ରକାର ଫୁଙ୍ଗୁଳା, ଲଗାମହୀନ ସ୍ୱାଧୀନତାର ବିକୃତ ସ୍ୱାଦ ପାଇଥାନ୍ତି। ଏହି କାରଣରୁ ଆମେ ସବୁଠି ଦେଖିବାକୁ ପାଉଛୁ କିପରି ଆମର ଯୁବାବର୍ଗ ନିହାତି ଅଶ୍ଳୀଳ, ଅଶିଷ୍ଟ, ଅଶୋଭନୀୟ ଭାଷା ସର୍ବସାଧାରଣରେ ବେଶ୍ ସ୍ୱାଚ୍ଛନ୍ଦ୍ୟରେ ବ୍ୟବହାର କରିବାରେ ସାମାନ୍ୟ ଦ୍ୱିଧା, ସଂକୋଚ ଅନୁଭବ କରୁନାହାନ୍ତି। ବିଶେଷ କରି ଆମର ମନୋରଞ୍ଜନ କ୍ଷେତ୍ରରେ ଏଇ ଭାଷାଗତ ପ୍ରଦୂଷଣ ଓ ଅଶାଳୀନତାର ପ୍ରାବଲ୍ୟ ବେଶି ବେଶି ଦେଖାଯାଉଅଛି।


ପ୍ରମୋଦ-ଅଭିଧାନ

PRAMODA AVIDHANA
Compiled and Published
by
Sri PRAMODACHANDRA DEB, Puttayat
TALCHER

Printed by
C. S. Mishra B. A.
AMBIKA PRESS
CUTTACK
1942

## ଭାଷାର ଗରିମା

ସମୟ ଆସିଛି ଆମେ ଆମ ମାତୃଭାଷାର ଶିଷ୍ଟ, ଶାସ୍ତ୍ରୀୟ, ଉଚ୍ଚାଙ୍ଗ ଶବ୍ଦଗୁଡ଼ିକୁ ଆଦର କରି ଶିଖିବା ଓ ସମୟେ ସମୟେ ଆମ ସାହିତ୍ୟ, ଏପରିକି ଆମ ନିତିଦିନିଆ କଥୋପକଥନରେ ବ୍ୟବହାର କରି ଆମ ଭାଷାର ଗରିମା ଐତିହ୍ୟ ସର୍ବସମ୍ମୁଖରେ ପ୍ରତିଷ୍ଠା କରିବା। ଯଦି ଏହା କରିବାକୁ ଆମେ କୁଣ୍ଠିତ, ଯଦି ଆମେ ଆଧୁନିକତାର ଧ୍ୱଜା ଉଡ଼ାଇବାକୁ ଯାଇ କେବଳ ସହଜିଆ, ସାଦାସିଧା ଓ ସମସ୍ତ ପ୍ରକାର ଅଳଙ୍କାର ଆଭୂଷଣ ବିବର୍ଜିତ ଭାଷା ବ୍ୟବହାରକୁ ପ୍ରାଧାନ୍ୟ ଦେଇ ଚାଲିବା, ତେବେ ଆମ ଭାଷାକୋଷମାନଙ୍କରେ ଯେଉଁ ସହସ୍ରାଧିକ ତଦ୍‌ଭବ, ତତ୍‌ସମ ଓ ଲଳିତ ଦେଶଜ ଶବ୍ଦଗୁଡ଼ିକ ସନ୍ନିବିଷ୍ଟ ହୋଇଛନ୍ତି, ସେଗୁଡ଼ିକ ଖୁବ୍ ଅଳ୍ପ ଦିନ ମଧ୍ୟରେ ଭାଷା ଇତିହାସର ଯାଦୁଘରକୁ ସ୍ଥାନାନ୍ତରି ହୋଇଯିବେ। ଆଜି ଯେତେବେଳେ ଆମେ ଆମ ମାତୃଭାଷାର କ୍ରମ ସଙ୍କୁଚିତ ବ୍ୟବହାର ଦେଖି ଆତଙ୍କିତ ଓ ଏହାର ପ୍ରସାରଣ, ବହୁଳ ବ୍ୟବହାର ପାଇଁ ନାନା ଉପାୟ, ମାର୍ଗ ସମ୍ପର୍କରେ ବିଚାର ବିମର୍ଶ କରି ଚାଲିଛେ, ସେତେବେଳେ ଆମ ଭାଷାର ଶାସ୍ତ୍ରୀୟ ସୌନ୍ଦର୍ଯ୍ୟ, ଗାମ୍ଭୀର୍ଯ୍ୟ, ଲାଳିତ୍ୟ ଓ ସ୍ନିଗ୍ଧ ଲାବଣ୍ୟ ସମ୍ପର୍କରେ ସଭିଙ୍କି ସଚେତନ କରାଇବା ଖୁବ୍ ମହତ୍ତ୍ୱ ରଖେ, ଏଥିରେ କେହି ଦ୍ୱିମତ ହେବେ ନାହିଁ ନିଶ୍ଚୟ।

ଆମ ଲିଖନ, ଉଚ୍ଚାରଣରେ ପାଣି, ପବନ, ଆକାଶ, ପାହାଡ଼ ଆଦି ଜଣାଶୁଣା ଶବ୍ଦଗୁଡ଼ିକୁ ଆଦର କରିବା ସଙ୍ଗେ ସଙ୍ଗେ ରୟ, ଅନିଳ, ଅଭ୍ର, ଅଦ୍ରି, ନଗ ବା ମହୀଧର ଶବ୍ଦଗୁଡ଼ିକୁ ମଧ୍ୟ ଆଦର କରିବା। ଯଦି ଆମ ଭାଷାକୋଷର 'ପାନ'ର ପ୍ରତିଶବ୍ଦ 'ନାଗବଲ୍ଲୀ' ଓ 'ଲବଙ୍ଗର' ପ୍ରତିଶବ୍ଦ 'ଗୀର୍ବାଣ କୁସୁମ' ବୋଲି ଉଲ୍ଲେଖ ଅଛି, ଏଇ ସୁନ୍ଦର ଭାବଗର୍ଭକ ଶବ୍ଦ ଦୁଇଟି ବ୍ୟବହାର କରି ଆମ ଭାଷାର କାବ୍ୟିକ ସୁଷମାର ପରିଚୟ ଦେବାକୁ କିମ୍ବା ଆପଣାର ଉଚ୍ଚାରଣକୁ କିଛିଟା ଚଟୁଳ କରିବାକୁ କେହି ଚାହିଁବାରେ ଅସ୍ୱାଭାବିକତା ନାହିଁ। ଏମିତି ବି କୁହାଯାଇପାରେ ଏଇ ଭାଷାପ୍ରେମୀ ମଣିଷଟିକୁ ଯଦି ଆମେ ଶ୍ରଦ୍ଧାର ସହ ଆମର ଆଦର୍ଶ କରି ଶିଖିବା, ତେବେ ଆମ ପ୍ରିୟ ମାତୃଭାଷା ତା'ର ମାଧୁର୍ଯ୍ୟ, ତା'ର ପ୍ରାଚୁର୍ଯ୍ୟକୁ ବିଶ୍ୱ ଦରବାରରେ ସୁପ୍ରତିଷ୍ଠିତ କରି ପାରିବ।

□□

ଲେଖକଙ୍କ ଇ-ମେଲ ଠିକଣା:
acharyadurgaprasad123@gmail.com



ଧାରାବାହିକ ବ୍ୟଙ୍ଗ

# ଏକଡିମ୍ ପୁରସ୍କାର

ଡ. ଅଜୟ କୁମାର ମିଶ୍ର

ଖାଇଲା ପୋଏ ଝିଏ ରଙ୍କା। ଯେଉଁମାନେ ବାରପ୍ରକାର ଖାଇଲେଣି, ତାଙ୍କ ଭିତରେ ରଙ୍କାପଣ ବଢ଼ିଲାଣି, ପୁଣି ପୁଣି ଖାଇବାକୁ ଆଗ୍ରହ କରିବା ଥୟ । ଯେମିତି ହେଲେ ଯେମନ୍ତ ପ୍ରକାରେ ଖାଇବାକୁ ଇଚ୍ଛା କରନ୍ତି। ସେମିତି ସାହିତ୍ୟ-ସଂସ୍କୃତିର ଖାଇବା ପଣ। ଲୋଭିଲା ଦୃଷ୍ଟି, ଥରେ କୌଣସି ପ୍ରକାରେ କାହାକୁ କାହାକୁ ଅତି ତୈଳାକ୍ତ ବଚନରେ ଜଡ଼ସଡ଼ କରି ପୋଷକତା ପାଆନ୍ତି। ବାସ୍ ଏତିକି ହେଲେ ଏବକାର ସାମାଜିକ ଗଣମାଧ୍ୟମରେ ତାର ଫଅଟ୍ ପଠେଇ ଚାରିଆଡ଼େ ପୁଷମାସର ଝଡ଼ାପତର ଶୀତୁଆ ପବନରେ ଉଡି ବୁଲିବା ଭଳିଆ ଉଡ଼େଇ ଦିଅନ୍ତି। ଏସବୁ ଫିକର ଜାଣି ନ ଥିବା ଲୋକେ ଭାବନ୍ତି, ଯାହା ହେଉ, ଲୋକ ବା ଲୋକୀଟି ନିଶ୍ଚୟ ସାହିତ୍ୟରେ କିଛି ତାଡ଼ି ପକେଇଚି, ନ ହେଲେ ଏମନ୍ତ ପୁରସ୍କାର ପାଇଥାଆନ୍ତା ନା? ଏବେ ତ ମୁଖପୁସ୍ତିକାରେ ସବୁ ସାଧାରଣ ଘଟଣା ଅସାଧାରଣ ହେଇ ହଇଚଇ ତିଆରି କରିଦେଉଛି ।




ସେଦିନ ମଟରରେ ଆସୁଥିବା ସହଯାତ୍ରୀ ଲାଲୁମୋହନ ଓ ତାଙ୍କ ଶ୍ରୀମତୀ ଇଳାବତୀଙ୍କ ସହିତ ଅଚାନକିଆ ଘଣ୍ଟୁ ଦେଖାହେଲେ । ଘଣ୍ଟେ ପାଟିରେ ଶହେ ଚଉରାଳିଶ ଜାରି କରି ଦେଇଥିଲେ। ଲାଲୁ ଓ ଇଳାବତୀ ପାଖ ସିଟ୍‌ରେ ଆଳାପରେ ବ୍ୟସ୍ତ। କାନ ପାରିଥିଲେ ଘଣ୍ଟୁ, ଆଖିବନ୍ଦ ଥିଲା। ଦମ୍ ଦିଆ ପତି ଲାଲୁ ଓ ଇଳା ଭାବିଲେ, ଯାହା ହେଉ ଲୋକଟି ନିଦ୍ରାଗତ। ତେଣୁ ପାରସ୍ପରିକ ସେ ଦିନର ଘଟଣାର ତର୍ଜମା କରିବା ସହିତ ଉତ୍ସାହିତ ହେଉଥିଲେ କବିନୀ ଇଳାବତୀ । କବିତା ନାଆଁରେ କ'ଣ କ'ଣ ଲେଖନ୍ତି, ତାଙ୍କୁ କବିତା ମାଡ଼େ, କଲମ ଧରି କାଗଜରେ ଲଟେଇ ଦିଅନ୍ତି। କେଉଁଠି କେଉଁଠି କବିତା ପାଠ ନାମରେ ପ୍ରାୟ ହେଉଥିବା ହଇଚଇଆ ସଭାର ସନ୍ଧାନ ପାଇଲେ ଲାଲୁଙ୍କୁ ଉଠାପକା କରନ୍ତି। ସେଠିକି ନ ଗଲେ ଖାଇବା ହଜମ ହୁଏନି। ଦିନେ କଷ୍ଟ କରି, ଅନ୍ୟ ଦିନଗୁଡ଼ିକ ଶାନ୍ତିରେ ବଞ୍ଚିବା ପାଇଁ, ବୋପାରାଣ ଡିଙ୍କି ଗିଳିବା ନ୍ୟାୟରେ ଲାଲୁ ପତିନୀ ଇଳାଙ୍କୁ ନେଇ ଇଚ୍ଛା ନ ଥାଇ ବି ଉଛବକୁ ଯାଆନ୍ତି।

### ପେଡ୍ ଅତିଥି

ଉଭୟ ସେଦିନ ନିମନ୍ତ୍ରଣ ପାଇ ଚାରିକୋଡ଼ି ଦଶ କି.ମି. ଦୂର ସାହିତ୍ୟ ସଭାକୁ ଯାଇଥିଲେ । ନିଜ ତରଫରୁ ଗାଡ଼ି ଭଡ଼ା ଦେଇ ଉଛବ ଥଳରେ ପହଞ୍ଚି, ସେଇଠି ଦୁଇଖଣ୍ଡ ଶତକିଆ ଗାନ୍ଧିମୁଣ୍ଡିଆ ଦେଇ ଆୟୋଜକଙ୍କ ଖତିଆନ୍‌ରେ ନାମ ସଇ କରି ସଭାରେ ଥୁଆ ହେଲେ। ପେଡ୍ ଅତିଥି, ତେଣୁ କିଛି କ୍ଷଣ ପରେ ପିଲେଟ୍‌ରେ ଲୁଣି ବିସ୍କୁଟ, ନୁତୁନୁତିଆ ଜରି କପ୍‌ରେ ଚା' ଆଣି ଗୋରୁ ଆଗରେ ନଡ଼ା ହଲେଇବା ଭଳିଆ ଜଣେ ସାହିତ୍ୟ ସ୍ୱେଚ୍ଛାସେବୀ ଦେଖେଇଲେ। ଯାଡ଼େସାଡ଼େ ଅନେଇ ଭଦ୍ରତା ଦୃଷ୍ଟିରୁ ଦି' ଦି'ପଟ ବିସକୁଟ ଧଇଲେ, ଚା' ଧରୁ ଧରୁ ଜରି କପ୍ ଚେପା, ତହିଁକି ସମ୍ଭାଳି କରି ଦିହେଁ ତଣ୍ଟି ଓଦା କଲେ।

ଗାଏମୋଟ୍ ତିନିକୋଡ଼ି କବି-କବିନୀଙ୍କୁ ନେଇ ଦୁଲୁକୁଥିଲା ରାଜ୍ୟସ୍ତରୀୟ କବିତା ପାଠୋଛବ ସଭା। ଇସ୍ତ୍ରୀ କରା ପଞ୍ଜାବୀ ଉପରେ ନେତାଙ୍କ ଭଳିଆ ଚଉଭାଙ୍ଗିଆ ଗାମୁଛା ପକେଇ ଜଣେ ଅଳ୍ପ ନିଶବନ୍ତ ଯୁବକ ଓ ମାଙ୍ଗଭଙ୍ଗା ଶାଢ଼ି ପରିହିତା, ସମାନ ଶୈଳୀରେ ଗଳା ଗାମୁଛାବୃତା, ସୁନ୍ଦର କେଶ ବିନ୍ୟାସିନୀ ଜଣେ ଯୁବତୀ ଥିଲେ କୋର୍ଟ ଦୁଆରେ ହାଉଦାପିନ୍ଧା ପିଆଦାଙ୍କ ଭଳିଆ, ହକାରିଆ ଓ ହକାରିଆଣୀ। ପିଜୁଳି ଗଛରେ ମାଙ୍କଡ଼ ମାଙ୍କେଡ଼ୀ ପିଜୁଳିକୁ ଦରଖଣ୍ଡିଆ କଲା ଭଳିଆ ଦରଖଣ୍ଡିଆ କବିତା ଧାଡ଼ିମାନ ତୁଣ୍ଡେ ତୁଣ୍ଡେ ବୋଲି ଉପସ୍ଥିତ କବି-

କବିନୀମାନଙ୍କୁ ଖଞ୍ଜା ହେଇଥିବା ବଡ଼ପାଟିଆ ପାଖକୁ ହକାରୁଥାନ୍ତି। ଏ ହକାରିବାରେ ଏତେ ଟେକାଣମନ୍ତ୍ର ଥାଏ ଯେ, କବି-କବିନୀଏ ଚକିତ। ଆହାଃ- ଆମେ ଏମନ୍ତ ରଚିଚୁ, ଆମେ ଜାଣିନୁ, ଅଜ୍ଞକେ ଆମ କାଗଜରୁ ମଞ୍ଜିଆ ମଞ୍ଜିଆ ଧାଡ଼ି ଯାଙ୍କ ଆଖିରେ ପଡ଼ିଚି। ନିଶ୍ଚେ ଏ ଗୁଣଚିହ୍ନା ବଣିଆ, ନ ହେଲେ କି ଏଠି ହକାରିଆ ହକାରିଆଣୀ ହେଇଥାନ୍ତେ!

କେଳାର ନାଉତୁମ୍ବା ବଜାଣରେ ପେଡ଼ି ଭିତରର ସାପ ଫଣା ତୋଳିବା ଭଳିଆ, ଏଇ ଯୁଗଳଙ୍କ ପାଖରେ ଥିବା ଟେକାଣ ଓ ଉସୁକାଣ ତୁମ୍ବା ବଜାଣରେ ସଭାଥଳର ଘୁମନ୍ତ, ସ୍ୱଳ୍ପଘୁମନ୍ତ କବି କବିନୀମାନଙ୍କ ଭିତରଟା କଦମ୍ବଫୁଲିଆ ପାଖୁଡ଼ା ଭଳିଆ ଉଲୁଛିଆ ଉଲୁଛିଆ ଭାବ। ଚାର୍ଜ୍ ହେଇଯାଆନ୍ତି କବିନୀ ଇଳାବତୀ ଓ କବି ନିଶ୍ୱକାନ୍ତମାନେ। ମଞ୍ଚ ନାମକ ଅଥାୟୀ କପଡାଟଙ୍ଗା ଭାଡ଼ି ଉପରକୁ ଆଡ଼ ଚାହାଣି ନେଇ ଜଗତୀ ଆରୋହଣର ଠାଣିରେ ଉଠିଯାଆନ୍ତି। ବଡ଼ପାଟିଆ ଖୋଳପା ଆଡ଼କୁ ମୁହଁ ଦେଖେଇ ଗଳା ଖିଙ୍କାରିବା ପରେ ସରସ୍ୱତୀଙ୍କୁ ବନ୍ଦାଣ କରି ଆବୃତ୍ତି କରନ୍ତି କବିତା ନାମରେ କାଗଜରେ ଗୁନ୍ଥି ଆଣିଥିବା ଏଠୁସେଠୁ ସାଉଁଟି ଆଣିଥିବା ବୋଝେ ଶବଦ ଜଞ୍ଜାଳ। କିଏ ଶୁଣୁ ବା ନ ଶୁଣୁ, ସେଥିକି ଖାତିର ନାହିଁ, ଗୋଟେ ଗୋଟେ ଧାଡ଼ିକୁ ବି ପାଞ୍ଚଥର ମଡ଼ାଣ କରନ୍ତି। ଛଉକା ପଣରେ ଟିକେ ବିରତି ନେଇ, ତଳେ ବସିଥିବା ଆଶାବନ୍ତ ଓ ଆଶାବନ୍ତୀମାନଙ୍କୁ ଡାଛଳିଆ ଆଖିରେ ଅନାନ୍ତି- ସେ ଚାହାଣିରେ ଥାଏ- "ଦେଖ! ମୁଁ କେମିତି ସରସ୍ୱତୀଙ୍କୁ ପୋଷା ମନେଇ, ସାନ୍ଧି ସୁନ୍ଧି ବଶ କରେଇ କାଗଜରେ ବନ୍ଦୀ କରିଚି, ବନ୍ଦୀ ଅକ୍ଷରଗୁଡ଼ିକୁ ମୋ ତୁଣ୍ଡରେ ମୋକ୍ଷଣ କରୁଚି।" ଶେଷ ବେଳରେ ସବିନୟ ପୁନଃ ପ୍ରଣାମଟେ ଫିଙ୍ଗନ୍ତି, ସେଇଟା ଦଣ୍ଡ ପ୍ରଣାମ ନୁହେଁ, ସାଷ୍ଟାଙ୍ଗ ପ୍ରଣାମ ନୁହେଁ- 'ସାରସ୍ୱତ ପ୍ରଣାମ'। ଗଡ଼ ଜିଣିଲା ଭଙ୍ଗୀରେ ଦୃପ୍ତ ପଦରେ ଭାଡ଼ିରୁ ଉତୁରି ଜାଗା ଧରନ୍ତି ଓ ନିକଟ ସିଟସ୍ଥମାନଙ୍କ ସହ ଆଳାପରେ ପ୍ରମତ୍ତ ରହନ୍ତି।

**ହଇଯେ ତମେ କ'ଣ ବୁଝିବ କବିତା। ତମ ବଉଁଶ ବୁନିୟାଦିରେ କେହି କେବେ ସାହିତ୍ୟର ଧାର ଧାରିଚନ୍ତି ?**

### ଲାଭକ୍ଷତି ହିସାବ

ବସ୍‌ଯାତ୍ରା ବେଳେ ଘଣ୍ଟୁଆ ଶୋଇବାର ଛଳନା କରି ଶୁଣୁଥିଲେ ସେଦିନର ସାରସ୍ୱତ କାମରେ ଦୁହେଁ ହରେଇଲେ କ'ଣ ଓ ପାଇଲେ କ'ଣ, ତା'ର ଲାଭକ୍ଷତି ହିସାବ। ଲାଲୁ କହିଲେ ଆମର ଯାଆସ, ବାହାର ଜଳଖିଆ, ମଟର ଓ ତିନିଚକିଆ ଭଡ଼ାରେ ଆମେ ପାଖାପାଖି ପାଞ୍ଚଶତକର ଦି'ଖଣ୍ଡ ଗାନ୍ଧି ମୁଣ୍ଡିଆ ଖର୍ଚ୍ଚ କରିଦେଇଛେ। ତମେ ପାଇଲ ଗୋଟେ ଗାମୁଛା, ଗୋଟେ ଏ-ଫୋରିଆ ଜରିଲଗା ବନ୍ଧେଇ ମାନପତ୍ର। ଏତକ ହିସାବ କଲେ ଖଣ୍ଡେ ଗାନ୍ଧିମୁଣ୍ଡିଆରେ ଚଳିଯିବ। ମାନପତ୍ର ବନ୍ଧେଇଟା ଏତେ ଟାଣୁଆ ଯେ, ଘରେ ତାକୁ ଟଙ୍ଗେଇ ହବନି କି ଥୋଇ ହେଇପାରିବନି। ଆଜି ଦିନରେ ବି ଅନେକ କାମ ବନ୍ଦ ରହିଲା।

ଖେଙ୍କି ଉଠିଲେ କବିନୀ ଇଳାବତୀ! "ହଇଯେ ତମେ କ'ଣ ବୁଝିବ କବିତା । ତମ ବଉଁଶ ବୁନିୟାଦିରେ କେହି କେବେ ସାହିତ୍ୟର ଧାର ଧାରିଚନ୍ତି? କେମିତିକା ନିରସିଆ, ବେରସିକିଆ ମଣିଷ ହେ ତମେ? ଟଙ୍କା ଦେଇ କ'ଣ ଏମନ୍ତ ସଭାରେ ଏତେ ଲୋକଙ୍କ ଆଗରେ କବିତା ପଢ଼ିବା ସଂଭବିବ ହେ? ତମେ ମଣିଷ ନା, ଗୋଡ଼ିଙ୍ଗା ନଙ୍ଗଳମୁଣ୍ଡା?" କଥା କଟାକଟି ଚାଲିଲା, କବିନୀ ଇଳାବତୀଙ୍କ ସାରସ୍ୱତ ଝଙ୍କାର, ମାର୍ଫତଦାର ଲାଲୁଙ୍କର ତାଚ୍ଛଲ୍ୟ। ଶେଷ ସୀମା ଟପିଲା ଦାମ୍ପତ୍ୟ ମହାଭାରତର ଉତୁପାତିଆ ସଂସ୍କରଣ। ଏତେବେଳକୁ ବାସୁକୀ କଡ଼ ଲେଉଟାଣ କରିବା ଭଳି, କଇଁଚ ଖଞ୍ଜରେ ବେକ କାଢ଼ିବା ଭଳି ମିଥ୍ୟା ପହୁଡ଼ରୁ ଟିକେ ଆଖି ଖୋଲିଲେ ଘଣ୍ଟୁ। ଉଭୟେ ସାମାନ୍ୟ ସଚେତନ ହେଲେ। ତଥାପି ଚୁପୁଚୁପିଆ ତାକତରକତକ ଅଷ୍ଟମପ୍ରହର ନାମଯଜ୍ଞ ଭଳିଆ ଅଖଣ୍ଡ ରହିଲା। ଚୂଡ଼ାନ୍ତ ପର୍ଯ୍ୟାୟ ହେଲା କବିନୀ ଇଳାଙ୍କର କହୁଣି ଆଘାତ ପ୍ରାପ୍ତ ମାର୍ଫତଦାର ଲାଲମୋହନଙ୍କର ଲୁଣ୍ଠିତ ପୌରୁଷ। କହୁଣିମରା ହାତର ପାପୁଲିକୁ ତାଙ୍କ ଟାଆଁସିଆ ହାତରେ ମୃଦୁ ସଣ୍ଟୁଆସିଆ ଚାପ ଦେଲେ । ଅତଃପର କବିନୀଙ୍କର ଲଘୁରୋଦନ। ନାକରେ ସୁଁ ସୁଁ ସୁଉଁ ସୁଉଁ ଉଁ- ଅନୁନାସିକ ସ୍ୱରବସାଣ। ତଥାପି ଘଣ୍ଟୁ ନିରୁତ୍ତର। ପାରସ୍ପରିକ ଶରୀରାଘାତ ସାମାନ୍ୟ ଚରମକୁ ଯିବା ବେଳକୁ, ଘଣ୍ଟୁଙ୍କ ଶାରୀରିକ ବିଚଳନ ହେଲା। ମାଣ୍ଟୁଆ ଦୋକାନୀ ଡେରିରେ ସଟର୍ ଖୋଲିଲା ଭଳିଆ, ଘଣ୍ଟୁ ଖୋଲିଲେ ତାଙ୍କ ମାଉଥିସଟର।

"କବି-କବିନୀ ହେବା ଭାଗ୍ୟର କଥା ଆଜ୍ଞା। କିଛି ମାଇଣ୍ଡ୍

କରିବେନି ସାଆରେ ମାଡାମ୍, ମୁଁ ଥାର୍ଡପାର୍ଟି। ଅନୁମତି ମିଳିଲେ ଟିକେ କହନ୍ତି।" ଲାଲମୋହନ ଓ ଇଳାବତୀ ଗଛରୁ ପଇଲେ ଯେମିତି। ଭିତର ଦରଜକୁ ମୁହଁ ଫୁଟାଣିର ଚାପା ଦେଇ, କୃତ୍ରିମିଆଁ ଦରହାସରେ କହିଲେ ଦିହେଁ - "ଆମର ଆପତ୍ତି କିଛି ନାଇଁ । ତା'ପରେ ଆପଣଙ୍କ 'କବି ହେବା ଭାଗ୍ୟର କଥା'ରୁ, ଆପଣ ଯେ କବିତାକୁ ଅତି ଭଲପାଉଥିବା ଅତିମହାନ ଚିହ୍ନରା ସାହିତ୍ୟ ବଣିଆ ତାହା ଆମେ କଳିନେଲୁଣି। ଘଣ୍ଟେ ବହୁଚିନ୍ତା କରି କରି, ତାଙ୍କ ଉର୍ବର ମଗଜର ଗୋବେଷଣାରୁ ଜାଇଁଲେ ଯେ, ଏମାନେ ବିନା ଥୋପରେ ଫାସି ଖାଇଲେଣି। ଯାଙ୍କୁ ଖାଳେଇସ୍ଥ କରିବା କେତେ ମାତ୍ର?

## ମୁନାଫାର ସୂତ୍ର

ବ୍ୟବସାୟୀ ମାର୍ଫତଦାର ଲାଲୁ ଓ ସାହିତ୍ୟଲୋଭିନୀ କବିନୀ ଇଳାବତୀ- ଉଭୟଙ୍କ ମୃଦୁକଳହରୁ ମୁନାଫାର ସୂତ୍ର ବାହାର କରି ଦେଇଥିଲେ ଘଣ୍ଟେ। ସର୍ପ ମାରଣ ହେବ, ଅଥଚ ଯଷ୍ଟି ଅଭଗ୍ନ ରହିବା ନ୍ୟାୟରେ ସେ ମନ୍ତବ୍ୟ ଦେଲେ, ଆପଣ ଉଭୟ ହାରାହାରି ମହାମଣିଷ ଶ୍ରେଣୀର। ଜଣେ ଲକ୍ଷ୍ମୀ ଉପାସକ ବ୍ୟବସାୟୀ ଅନ୍ୟ ଜଣକ ସରସ୍ୱତୀ ଉପାସିକା କବିନୀ। ସପତ୍ନୀ କଳହ ରହିବା ସ୍ୱାଭାବିକ। ଆମ କବିନୀ ମାଡାମ୍‌ଙ୍କର ମାନପତ୍ର, ମାଳ, ଗାମୁଛା- ଏସବୁ ତ ନିଶ୍ଚୟ ଦରକାର। ପୁଣି ସଭାମଞ୍ଚକୁ ଯାଆସିଆ ଖରଚା ଓ ସେ ଦିନର ସମୟ କ୍ଷୟ ଅବ୍ୟବସ୍ଥା ବେପାର ମାନ୍ଦା କରିଦେବ। ଆପଣ ଖରାପ ନ ଭାବିଲେ ମୁଁ ଗୋଟେ ଭଲ ଚଲାବାଟ ଦେଖାନ୍ତି, ଅତି ସଟ୍‌କଟିଆ ରାସ୍ତା। ସେ ବାଟେ ଗଲେ, ଦୁହିଁଙ୍କ ଓରିମାନ ମେଣ୍ଟିଯିବ, ମନ ବି ପୂରା କୁଲ୍ କୁଲ୍ ହେଇଯିବ। ଇଚ୍ଛା ଥିଲେ ଉପାୟ ଆସିବ ନା? ଏଇ ସଟ୍‌କଟିଆ ରାସ୍ତାରେ ଗଲେ ବାବୁଙ୍କ ନିଜ ବେପାର ମାନ୍ଦା ହବନି, କବିନୀଙ୍କର ମାନପତ୍ର ଓ ସମ୍ମାନ ପାଉଣା ବି ଊଣା ହେବ ନାହିଁ।

ଏତକ ବଚନର ସୋରିଷ ବୁଣି ଦେଇ ଡାଉକା ବିଲୁଆ ଭଳିଆ ଛକି ରହିଲେ ଘଣ୍ଟେ, ମାର୍ଫତଦାରେ ଓ କବିନୀ- ଉଭୟେ ତାତୁଣିଆ ଥିଲେ; ଘଣ୍ଟୁଙ୍କ ବଚନ ସୋରିଷ ଖୁଣ୍ଟୁ ଖୁଣ୍ଟୁ ପଇଲେ ତାଙ୍କ ଜାଲରେ। ଗୋଟାଏ ସୁନ୍ଦର ଗଣିତ ଥୋଇଲେ ଘଣ୍ଟେ। କହିଲେ ଆଜି ମାର୍ଫତଦାରଙ୍କ ବଣିଜରେ ଧୂପ ଦିଆ ହେଇନି, ଲାଭ ତ ଦୂର କଥା, ଅଧଲାଟାଏ ବି ବିକା ହେଇନି। ଦିହେଁ ବଡ଼ କଷ୍ଟରେ ହାତରୁ ଖାଇ ଘୋଟକ ସମୀପେ ନୃତ୍ୟ କରିଚନ୍ତି। ପାଇଲେ ମାନପତ୍ର, ଗାମୁଛା- ଗାଏ ମୋଟ୍ ଟଙ୍କା ଦିଇ ଶହର କାରବାର। ଚାରିକୋଡ଼ି କି.ମି. ଯାତ୍ରା ଓ ଫେରନ୍ତି ଚାରିକୋଡ଼ି କି.ମି. ପାଇଁ ମଟର ଭଡ଼ା ବାବଦକୁ ଅତି ନିକୁଛରେ ଟଙ୍କା ତିନି ଶହ ଗଣିଲେ, ବାଟରେ ଜଳଖିଆ ସେବନରେ ବି କିଛି ଗଲା। ଅତଏବ କେବଳ ଲସ୍ ହିଁ ଲସ୍। ଏମିତି ନ କରିଥିଲେ, ମାର୍ଫତଦାରେ ଦୋକାନରେ ଅତି ନିକୁଛାରେ ଟଙ୍କା ଦି' ହଜାର ଲାଭ ପାଇଥାନ୍ତେ। ଆମେ ପାଇବା ଠାରୁ ହରାଇବା ହେଲା ଅଧିକ।




## ସାହିତ୍ୟ ଦୋକାନ

ଏମିତି ଗାଁଠୁ ଅଧା ସହର, ପୂରା ସହର ଯାଏ ସବୁଆଡ଼େ ବର୍ଷସାରା ଚାଲିଛି ସାହିତ୍ୟ ଦୋକାନ, ଭଲ କାରବାର ଏଠି। ଏଠିକା ମାନପତ୍ର ଗୋଟାଏ ପାନପତ୍ର ତୁଳନାରେ ବି ନିକୁଛା। ପୁଣି ଏଠି ସେମିତି କବି ବା ସାହିତ୍ୟିକ ଜଣେ ଅଧେ ବି ନାହାନ୍ତି, ଯାହାଙ୍କ ସାଙ୍ଗରେ ମାନପତ୍ର ଧରି ଆପଣ ଫଅଟ୍ ଛପେଇଥାନ୍ତେ। କାଗଜରେ ଓ ଟିଭିଟିଭାରେ ଆପଣଙ୍କ ଫଅଟ୍ ବି ବାହାରୁନି। କବିତା ପଢ଼ାଳିମାନେ ଆପଣା ମନକୁ ଆପେ ତାରିଫ୍। ବରଷ ବରଷ ଧରି ଏମନ୍ତ ସଭାରେ ଯେତେ କବିତା ଉଦ୍‌ଗାରିଲେ ବି, ପଚାରେ କିଏ? ମୁଁ ବରଂ ଆପଣଙ୍କୁ ପାଦଚଲା ବଣୁଆ ବାଟଟେ ଦେଖଉଚି, ସେ ବାଟେ ଗଲେ, ଆପଣ କବିତା ନ ଲେଖି ବି କବି ହେବେ, ବଡ଼ ବଡ଼ କବି, ଲେଖୁଆଳଙ୍କ ସହ ଫଅଟ୍ ଉଠିବ, କାଗଜବାଲାଏ ଛାପିବେ, ଏମନ୍ତ କାରବାର ହୁସିଆରିରେ କଲେ ଆଗକୁ ହୋଡ଼ିଶା ସାଇତ୍ୟ ଏକଡିମ୍‌ରେ ସମ୍ବର୍ଦ୍ଧନା ପାଇବେ।

ପାଣି ଖୋଜୁଥିବା ଚାତକ ମୁହଁରେ ଅଦିନିଆ ବରଷା ଅଜାଡ଼ି ଦେବା ଭଳିଆ, ଘଣ୍ଟୁଙ୍କ ଏମନ୍ତ ବଚନବର୍ଷାରେ ଶୋଷ

ମେଣ୍ଟିଲା ଦିହିଁଙ୍କର। ପାଞ୍ଜିଆ ଜଉତିଷ ପାଖରେ କୋଷ୍ଠି ଦେଖାଉଥିବା ଗରାଖଙ୍କଠାରୁ ଆଉ ଅଧିକ ଉତ୍ସାହରେ ଦୁହେଁ ଘଣ୍ଟୁଙ୍କ ଠାରୁ ସଟ୍‌କଟିଆ ରାସ୍ତା କଥା ବୁଝିଲେ, ମଟରାବତରଣ ପରେ ନିକଟସ୍ଥ ମିଠା ଦୋକାନରେ ଘଣ୍ଟୁଙ୍କ ପେଟ ପୀଡ଼ା ଶାନ୍ତ କରେଇ, କାନଫୁଙ୍କା ନମ୍ବର ନେଇ ୱାପସ୍ ଯିବା ବେଳେ କବିନୀ ଅତି ଆବେଗରେ ଜ୍ୟେଷ୍ଠଭ୍ରାତ ଆସନରେ ବସାଇ ଘଣ୍ଟୁଙ୍କୁ 'ବଡ଼ଭାଇ' ସଂବୋଧି ନବେ ଡିଗ୍ରୀଆ ନମସ୍କାରଟେ ନିବେଦନ କଲେ।

## ପୁରସ୍କାର ପାଇଁ ହମହମ

ସାହିତ୍ୟ ପୁରସ୍କାର ଓ କବି ମର୍ଯ୍ୟାଦା ପାଇବା ପାଇଁ ଅତି ହମହମ୍ ହେଲେ କବିନୀ ଇଳାବତୀ। ସେଦିନ ତାଙ୍କ ଆଖିରୁ ରାତିରେ ନିଦ ଉଭାନ୍। ଘଣ୍ଟୁଭାଇକି କାନ ଫୁଙ୍କାରେ ଆମନ୍ତ୍ରଣ ଜଣେଇଲେ କବିନୀ। ଘଣ୍ଟେ ବି ଏଇ ସୁଯୋଗ ଉଣ୍ଡୁଥିଲେ। କାମ ଥିବାର ବାହାନା କରି ଦି'ଥର ଟାଳି ଦେଇ ତୃତୀୟ ଥରରେ ଆସି ଉପସ୍ଥିତ ହେଲେ। କବିନୀଙ୍କୁ ଭଲ ଭାବରେ ବୁଝାଇ ଦେଲେ ଯେ- ଆଗାମୀ ସଭାଗୁଡ଼ିକରେ ସ୍ୱଦେହରେ ଯାଇ ପହଞ୍ଚିବା ପରଠାରୁ ତା'ର ଅଧା ଖର୍ଚ୍ଚାରେ ମାନପତ୍ର ତିଆରି ହେଇଯିବ। ଯୋଜନାକୁ ଶହେ ଶହେରେ ସଫଳ କରିବା ପାଇଁ ଟଙ୍କା ଦଶହଜାର ମାର୍ଫତଦାର ଲାଲମୋହନଙ୍କ ଅଗୋଚରରେ ହାତେଇ ନେଇ ଘଣ୍ଟେ ବିଦା ହେଲେ।

ପନ୍ଦରଦିନ ବିତିଲା, ଘଣ୍ଟେ ଯା ଭିତରେ କବିନୀ ଇଳାବତୀଙ୍କଠାରୁ ଦିନକୁ ଦଶବାରଥର ଫୋନ୍ ଡକରା ପାଆନ୍ତି। ଶେଷରେ ଛଅଟି ମାନପତ୍ର ସହ କବିନୀଙ୍କ ପାଖରେ ପହଞ୍ଚି ପାକିଟ୍‌ରୁ ଉତାରି ଗୋଟାଏ ପରେ ଗୋଟାଏ ମାନପତ୍ର ଧରାଇଦେଲେ ସେ। ଛଅଟିରେ କବିନୀଙ୍କ ଛଅ ପ୍ରକାରେ ଫଅଟ୍, ଛଅ ପ୍ରକାରର ରୂପ। ହାତରେ ମାନପତ୍ର, ପାଖରେ ଦିଆ କରଉଚନ୍ତି ରାଜ୍ୟର ଷ୍ଟାମ୍ପ୍‌ଦିଆ ଲେଖୁଆଳ, ମୋହରମରା କବି। ଛଅଟା ମିଟିଂରେ ବ୍ୟାନର୍ ବି ଟଙ୍ଗା ହେଇଚି। ଆନନ୍ଦରେ ଅତି ଉଲୁଛିଆ ହେଲେ କବିନୀ। ଆଉ ନମସ୍କାର ନୁହେଁ, ଏଥର ନଇଁପଡ଼ି ଘଣ୍ଟୁ ଭାଇଙ୍କ ପାଦଧୂଳି କୋରି ନେଲେ। ଯେଉଁ ଷ୍ଟାମ୍ପୁଆ ଲେଖୁଆଳ, ମୋହରମରା କବି କବିନୀଙ୍କ ନାମ ଶୁଣି ସେ ଆବାକାବା ହେଉଥିଲେ, ତାଙ୍କ ହାତରୁ ମାନପତ୍ର ଗ୍ରହଣର ଫଅଟ୍ - କି ଭାଗ୍ୟ ଏ?

**ହାତରେ ମାନପତ୍ର, ପାଖରେ ଦିଆ କରଉଚନ୍ତି ରାଜ୍ୟର ଷ୍ଟାମ୍ପ୍‌ଦିଆ ଲେଖୁଆଳ, ମୋହରମରା କବି।**

ଘଣ୍ଟେ କହିଲେ- "ଏତିକିରେ ଏମିତି ଉଲୁଛିଆ ହନା ଲୋ କବିନୀ ସିଷ୍ଟର! ଆଗକୁ ବିରଳା ପୁରସ୍କାର, ଫିମ୍ପା ପୁରସ୍କାର, ଏକଡିମ୍ ପୁରସ୍କାର ହାତେଇଥିବା ବଛା ବଛା ଖେଳୁଆଳ ଓ ଗାନପୀଢ଼ ପୁରସ୍କାର ହାତେଇ ଥିବା ସରସ୍ୱତୀ ପିଲାଙ୍କ ସହ ତୋ ଫଅଟ୍ ମିଶେଇ ମାନପତ୍ରମାନ ଯୋଗାଡ଼ିବା। ଏସବୁ ନେଇ ତୁ ଘରେ ଗୋଟେ ପରେ ଗୋଟେ ବଡ଼ ବଡ଼ ଫଅଟ୍‌ମାନ ଖୁନ୍ଦେଇ ଦେବୁ। ଖରଚକୁ ଡରିଲେ ସେମିତି ଏ ବେଙ୍ଗେଳା, ସେ ବେଙ୍ଗେଳାରେ ପଶୁଥିବୁ, କିନ୍ତୁ କିଛି ବି ଫାଇଦା ହେବନି।"

ଚକିତା ହେଲେ କବିନୀ, ପ୍ରଶ୍ନ ତୋଳିଲା ଆଖିରେ ଆଖିଏ ଉତ୍ସୁକତା। "ଏସବୁ ନଛିଆ କମ୍ପ୍ୟୁଟରିଆର ହାତ କାମ ଲୋ ଭଉଣୀ। ଭାରି କାମିକା ସେ। ସିଏ ତା' ଫଅଟ୍ ସଅପ୍‌ରେ ଥୋଇ, ଛୋଟାକୁ ପବନସିଂ କରିପାରେ, କୁବୁଜାକୁ ସୁନ୍ଦରୀ କରିବା ତା' ହାତର କୁହୁକ । ଯା ସହ ତା' ଫଅଟ ଯୋଡ଼ିବାରେ ପୂରା ମାଷ୍ଟ୍ର ସେ। ତା' ପାଉଣା ବୁଝିଦେଲେ ଏସବୁ କେଉଁ ଛୁଣୁକା ହେଇଯିବ।"

କବିନୀ ଇଳାବତୀ ଘଣ୍ଟୁଙ୍କ ପାଉଣା ଦେଲେ, ତା' ସ୍ମାର୍ଟଫୁନ୍‌ରେ ମୁହଁବହି ଓ ହୁଆଟସଉପ୍ ଖୋଲି ଚାରିଆଡ଼େ ଏମନ୍ତ ପୁରସ୍କାରିଆ ଫଅଟ୍‌ମାନ ଛାଇ କରିଦେଲେ। ଲୋକେ ବି ଏମନ୍ତ ଜଣେ ଟାଣେଇ କବିନୀଙ୍କ ପ୍ରତିଭା ଦେଖି ଫୁଲ୍ ଜଳକା ହୋଇଗଲେ।

ଏବେ ଘଣ୍ଟୁଠାରୁ ଶୁଣିଲୁ, କବିନୀ ଇଳାବତୀଙ୍କ ନାମ ଏକଡିମ୍ ପୁରସ୍କାର ପାଇବା ପାଇଁ ପ୍ରସ୍ତାବ ହେଇଚି। କାହା ବିଶ୍ୱାସ ଅବିଶ୍ୱାସରେ କିଛି ନାଇଁ, ସେ ହାରାହାରି ପୁରସ୍କାର ପାଇବା ପାଇବା ଅବସ୍ଥାରେ। ନ ହେଲେ ସଅଁବର୍ଦ୍ଧନାଟା ତ ଷୋଳଣା ଥୟ।

ଯେଉଁମାନେ ଏମିତି ସନମାନ ଚାହାନ୍ତି, ସେମାନେ ଘଣ୍ଟୁଙ୍କ ସହ ଯୋଗାଯୋଗ କରିପାରନ୍ତି। (କ୍ରମଶଃ)

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

ପ୍ରବନ୍ଧ

# ପ୍ରକାଶକ ଓ ପ୍ରକାଶନର ସୋପାନ



ମାନସ ରଂଜନ ମହାପାତ୍ର

ସ୍ରଷ୍ଟା ନିଜର ସୃଷ୍ଟି କର୍ମଟି ଦାୟିତ୍ୱବାନ୍ ତଥା ଯତ୍ନବାନ ଭାବରେ କରେ। ମାତ୍ର ଯେ ପର୍ଯ୍ୟନ୍ତ ତାହା ସବୁରି ଦୃଷ୍ଟିରେ ନ ଆସେ ସେ ପର୍ଯ୍ୟନ୍ତ ସୃଷ୍ଟିର ମୂଲ୍ୟାୟନ ହୋଇ ପାରେ ନାହିଁ। ପୁସ୍ତକର ପାଣ୍ଡୁଲିପିଟି ପ୍ରସ୍ତୁତ କଲାପରେ ପ୍ରଥମେ ଆମେ ଯେଉଁ ପ୍ରାରୂପ ବା ଡ୍ରାଫ୍ଟ ଗଢୁ। ତାହାକୁ ପ୍ରାରମ୍ଭିକ ସମ୍ପାଦନା କହି ହେବ। ପ୍ରକାଶକମାନେ ଏହାକୁ ପୁନର୍ବାର ସମ୍ପାଦନ କରି ବା କରାଇ ମୁଦ୍ରଣ ଦିଗରେ ପଦକ୍ଷେପ ଦେଇଥାନ୍ତି।

ଲେଖକଟି ପ୍ରାରମ୍ଭିକ ପାଣ୍ଡୁଲିପିଟି ସଂଶୋଧନ କରି ପ୍ରସ୍ତୁତ କଲାପରେ ପ୍ରକାଶକ ହାତରେ ତାହାକୁ ଦିଏ। ପୃଥିବୀରେ ବିଭିନ୍ନ ପ୍ରକାର ପ୍ରକାଶକ ଅଛନ୍ତି, ଯଥା- (୧) ଲେଖକ-ପ୍ରକାଶକ (୨) ସରକାରୀ ବା ଆନୁଷ୍ଠାନିକ ପ୍ରକାଶକ (୩) ଘରୋଇ ପ୍ରକାଶକ (୪) ଲେଖକ ସହଯୋଗ ସମିତି (୫) ମୁଦ୍ରକ - ପ୍ରକାଶକ (୬) ଅନ୍ୟାନ୍ୟ ବା ବିବିଧ।



**ଲେଖକ - ପ୍ରକାଶକ**

ଅନେକ କ୍ଷେତ୍ରରେ ଲେଖକମାନେ ନିଜ ବହି ନିଜେ ପ୍ରକାଶ କରିଥାନ୍ତି। ସେମାନେ ଏକ କାଳ୍ପନିକ ପ୍ରକାଶନ ସଂସ୍ଥାର ନାମ ଦେଇ ବା ନିଜ ପରିବାରର କାହାର ନାମ ପ୍ରକାଶକ ଭାବରେ ଦେଇ ବହିଟି ମୁଦ୍ରଣ କରି ପ୍ରକାଶ କରିଥାନ୍ତି। କଲିକତାର 'ରାଇଟର୍ସ ୱାର୍କସପ୍' ପ୍ରଥମେ ଏହିଭଳି ପ୍ରକାଶନ କାମ ଭାରତରେ ଆରମ୍ଭ କଲେ। ପରବର୍ତ୍ତୀ କାଳରେ ବହୁ ବିଶିଷ୍ଟ ଲେଖକ ଏହିଭଳି କାଳ୍ପିନିକ ନାମ ବା ବ୍ୟକ୍ତିଗତ ନାମ ପ୍ରକାଶକ ଭାବରେ ଦେଇ ପୁସ୍ତକ ପ୍ରକାଶ କରିଛନ୍ତି।

**ସରକାରୀ ବା ଆନୁଷ୍ଠାନିକ ପ୍ରକାଶକ**

ଭାରତ ସରକାରଙ୍କ 'ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ', ସାହିତ୍ୟ ଏକାଡେମୀ, ପବ୍ଲିକେସନ ଡିଭିଜନ, ବିଜ୍ଞାନ ପ୍ରସାର, ପବ୍ଲିକେସନ ଆଣ୍ଡ ଇନଫରମେସନ ଡାଇରେକ୍ଟୋରିଏଟ (ପିଆଇଡି), ଜନଶିକ୍ଷା ସାଧନ କେନ୍ଦ୍ର, ବିଭିନ୍ନ ସରକାରଙ୍କ କର୍ତ୍ତୃତ୍ୱାଧୀନ ସଂସ୍ଥା, ଏକାଡେମୀ ଆଦି ଏ ପ୍ରକାର ଅନୁଷ୍ଠାନମାନଙ୍କ ଭିତରେ ଅନ୍ୟତମ। ବେସରକାରୀ ସଂସ୍ଥାମାନଙ୍କ ମଧ୍ୟରେ ମଧ୍ୟ ଭାରତୀୟ ଜ୍ଞାନପୀଠ, ପ୍ରଥମ ବୁକ୍ସ, ରିଡ୍ ଇଣ୍ଡିଆ, ରୁମ୍ ଟୁ ରିଡ୍ ଆଦି ବହୁଳ ଭାବରେ ପୁସ୍ତକ ପ୍ରକାଶନ କରିଛନ୍ତି। ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ୟୁନେସ୍କୋ, ୟୁନିସେଫ୍, ଡବ୍ଲ୍ୟୁଏଚ୍ଓ, ଏନ୍‌ବିଡିସିଏସ୍ ଆଦି ସଂସ୍ଥାମାନେ ପୁସ୍ତକ ପ୍ରକାଶନ କରିଛନ୍ତି। ଏ ପ୍ରକାର ସଂସ୍ଥାମାନରେ ପ୍ରକାଶନ ସମ୍ପୂର୍ଣ୍ଣ ନିୟମବଦ୍ଧ ଏବଂ ଏମାନଙ୍କ ପ୍ରକାଶନଗୁଡ଼ିକ ମୂଲ୍ୟ ଦୃଷ୍ଟିରୁ ସୁଲଭ।

**ଘରୋଇ ପ୍ରକାଶକ**

ଭାରତରେ ଘରୋଇ ପ୍ରକାଶକମାନଙ୍କ ସଂଖ୍ୟା ହିନ୍ଦୀ ଏବଂ ବଙ୍ଗଳାରେ ପର୍ଯ୍ୟାପ୍ତ। ରାଜକମଳ ପ୍ରକାଶକ, ବାଣୀ ପ୍ରକାଶକ, ପ୍ରଭାତ ପ୍ରକାଶକ, ରାଧାକୃଷ୍ଣ ପ୍ରକାଶକ, ଲୋକ ଭାରତୀ ପ୍ରକାଶକ, ଆନନ୍ଦ ପ୍ରକାଶକ, ଅକ୍ଷର ଆଦି ଏ ଦିଗରେ କେତେଗୁଡ଼ିଏ ଉଲ୍ଲେଖଯୋଗ୍ୟ ନାମ। ଓଡ଼ିଆ ଭାଷାରେ ମଧ୍ୟ ଲିଙ୍କ ବୁକ୍ସ, ଗ୍ରନ୍ଥ ମନ୍ଦିର, ଫ୍ରେଣ୍ଡସ ପବ୍ଲିକେସନ, କଟକ ଷ୍ଟୁଡେଣ୍ଟ ଷ୍ଟୋର, ବିଦ୍ୟାପୁରୀ, ଅଗ୍ରଦୂତ, ଚିତ୍ରୋତ୍ପଳା, ଓଡ଼ିଶା ବୁକ୍ ଷ୍ଟୋର, ଜଗନ୍ନାଥ ରଥ ଆଦି ଏ ଦିଗରେ ଉଲ୍ଲେଖ ଯୋଗ୍ୟ ନାମ।

**ଲେଖକ ସହଯୋଗ ସମିତି**

ଲେଖକ ସହଯୋଗ ସମିତି ମାଧ୍ୟମରେ ବିଭିନ୍ନ ସ୍ଥାନରେ ଲେଖକମାନେ ଏକାଠି ହୋଇ ସମିତି ଗଠନ କରି ପୁସ୍ତକ ପ୍ରକାଶନ କରିଛନ୍ତି। ଏ ପ୍ରକାର ସମିତି ଗଠନ କରି ପୁସ୍ତକ

ପ୍ରକାଶନର ଧାରା ପୃଥିବୀର ବିଭିନ୍ନ ଦେଶରେ ବିଶେଷ କରି କମ୍ୟୁନିଷ୍ଟ ଶୋଷଣାଧୀନ ଦେଶଗୁଡ଼ିକରେ ଅଛି। ଭାରତରେ କେରଳ ଏବଂ ପଶ୍ଚିମବଙ୍ଗରେ ଏପରି ଲେଖକ ସହଯୋଗ ସମିତିମାନ ପ୍ରାୟ ପ୍ରତ୍ୟେକ ସହରରେ ଅଛି। ଓଡ଼ିଶାରେ ଓଡ଼ିଆ ଲେଖକ ସହଯୋଗ ସମିତି, କଟକ ଲେଖକ ସହଯୋଗ ସମିତି, ପୁରୀ ଜିଲ୍ଲା ଲେଖକ ସହଯୋଗ ସମିତି, ନିଆଳି ଲେଖକ ସହଯୋଗ ସମିତି ଆଦି ଅନେକ ଲେଖକ ସହଯୋଗ ସମିତି ଗଢ଼ି ଉଠିଛି ମାତ୍ର ଘରୋଇ ପ୍ରକାଶନ ସଂସ୍ଥାମାନଙ୍କ ତୁଳନାରେ ଲେଖକ ସହଯୋଗ ସମିତିଗୁଡିକ ସଂଖ୍ୟା ଦୃଷ୍ଟିରୁ ଯଥେଷ୍ଟ କମ୍।

**ମୁଦ୍ରକ-ପ୍ରକାଶକ**

ବିଭିନ୍ନ ମୁଦ୍ରଣାଳୟର କର୍ମଚାରୀମାନେ ମଧ୍ୟ ପ୍ରକାଶନ ସଂସ୍ଥା ଗଠନ କରିଛନ୍ତି। ଓଡ଼ିଶାରେ ଏ ପ୍ରକାର ଦୁଇଟି ପ୍ରକାଶନ ସଂସ୍ଥା ହେଉଛି- ରାଧାନାଥ କୋଅପରେଟିଭ୍ ପ୍ରେସ୍, ରାଷ୍ଟ୍ରଭାଷା ପ୍ରଚାର ସମିତି।


**ଅନ୍ୟାନ୍ୟ ପ୍ରକାଶକ**

ପ୍ରକାଶନ ସଂସ୍ଥାର ପଞ୍ଜୀକରଣ ନେଇ ବିଶେଷ କିଛି ନିୟମ ନାହିଁ। ପୁସ୍ତକ ବ୍ୟବସାୟ ସାଧାରଣ ବ୍ୟବସାୟ ପରି ନ ହୋଇ ଥିବାରୁ ବିକ୍ରି ସଂପୃକ୍ତ ନିୟମଗୁଡିକ ପ୍ରାୟ ଏଥିରେ ଲାଗୁ ହୁଏ ନାହିଁ। ଭାରତରେ ପୁସ୍ତକଟିଏ ପ୍ରକାଶନ କରିବା ପାଇଁ ବା ଆଇଏସ୍‌ବିଏନ୍ ବା ଇଣ୍ଟରନ୍ୟାସନାଲ ଷ୍ଟାଣ୍ଡାର୍ଡ ବୁକ୍ ନମ୍ବର ନେବା ଜରୁରୀ ହୋଇଥିଲେ ମଧ୍ୟ ଏ ପ୍ରକାର ପଞ୍ଜୀକରଣ ନ କରି କୋଟି କୋଟି ବହି ପ୍ରକାଶିତ ହୋଇଥାଏ।

ପାଣ୍ଡୁଲିପିର ପ୍ରକାଶନ ପାଇଁ କୋରିଆରେ ଏକ ସରକାରୀ କମିଟି ଦ୍ୱାରା ପରୀକ୍ଷଣ କରାଇବାକୁ ପଡ଼େ। ଭାରତରେ ସରକାରୀ ସଂସ୍ଥା ବା ବିଧିବଦ୍ଧ ପଞ୍ଜୀକୃତ ସଂସ୍ଥାମାନଙ୍କୁ ବାଦ ଦେଲେ ପ୍ରକାଶନ ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତି - ନିୟନ୍ତ୍ରିତ। ବିଭିନ୍ନ ଯୁବକ ସଂଗଠନ, ମହିଳା ସମିତି, ମନ୍ଦିର, ଚର୍ଚ୍ଚ, ଅନ୍ୟାନ୍ୟ ଧର୍ମାନୁଷ୍ଠାନ ବିଭାଗ ମଧ୍ୟ ସାମୂହିକ ଭାବେ ନିଜ ନିଜର ପୁସ୍ତକ ପ୍ରକାଶନ କରିଥାନ୍ତି।

ପ୍ରକାଶନ ଏକ ବ୍ୟବସାୟିକ କାର୍ଯ୍ୟ, ମାତ୍ର ଭାରତରେ ଏହା କେବଳ ସରକାରୀ ଖରିଦ ବା ପାଠ୍ୟ ପୁସ୍ତକର ବ୍ୟବହାରକୁ ଆଖି ଆଗରେ ରଖି ହୋଇଥାଏ। ତଥାପି ବି ଭାଷା ଦୃଷ୍ଟିରୁ ଭାରତରେ ସର୍ବାଧିକ ଭାଷାଭିତ୍ତିକ ବହି ପ୍ରକାଶିତ ହୁଏ ଏବଂ ଭାରତରେ ଇଂରାଜୀ ଭାଷାର ପୁସ୍ତକ ପ୍ରକାଶନ ବିଶ୍ୱରେ ଚତୁର୍ଥ ସ୍ଥାନରେ ଅଧିକାରୀ।

ଭାରତରେ ପ୍ରକାଶନ ଶିଳ୍ପ ଅତି ଦୁର୍ବଳ ନ ହେଲେ ବି ବେଶି ସବଳ ନୁହେଁ। ବହୁ ପ୍ରକାଶକଙ୍କ ପାଖେ ନିୟମିତ ସଂପାଦକ ନ ଥାନ୍ତି। ତେବେ ଏକ ଆଦର୍ଶ ପ୍ରକାଶନ ସଂସ୍ଥାରେ ନିମ୍ନ ପ୍ରକାରେ ବ୍ୟବସ୍ଥା ପରିଚାଳିତ ହେବ।




ତେବେ, ସଂଖ୍ୟା ଦୃଷ୍ଟିରୁ ଯଥେଷ୍ଟ ହୋଇଥିଲେ ମଧ୍ୟ ଭାରତୀୟ ପ୍ରକାଶନ ମୁଦ୍ରଣ ଏବଂ ବିତରଣ ଦୃଷ୍ଟିରୁ ବିଶ୍ୱର ଅଧିକାଂଶ ବିକଶିତ ଦେଶମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରୁନାହିଁ। ଓଡ଼ିଆ ଭାଷାର ପ୍ରକାଶନ ମଧ୍ୟ ଯଥେଷ୍ଟ ପଛରେ। ଆମ ଭାଷାରେ ମଧ୍ୟ ଆନ୍ତର୍ଜାତିକ ସ୍ତରର ଲେଖକ ଓ ଲେଖକମାନଙ୍କ ରଚନାରେ ବିଶ୍ୱଦୃଷ୍ଟିରର ଅଭାବ ଲକ୍ଷଣୀୟ ତଥା ଚିନ୍ତାର ବିଷୟ।

□□

ଲେଖକଙ୍କ ଇ-ମେଲ ଠିକଣା:
mrmahapatra@yahoo.co.in





ଅନୁବାଦ

# ଶିକୁଳି

ମୂଳ ହିନ୍ଦୀ କାହାଣୀ- ଜୟଶଙ୍କର ପ୍ରସାଦ ଅନୁବାଦ- କନକ ମଂଜରୀ ସାହୁ

"ବାବୁ...ଗୋଟିଏ ପଇସା।" କେତେ କରୁଣ ସ୍ୱର! ଦେଖିଲି, ଏକ ନଅ ଦଶ ବର୍ଷର ପିଲାଟିଏ ଜଣେ ଅନ୍ଧର ବାଡ଼ି ଧରି ଛିଡ଼ା ହୋଇଥିଲା। ମୁଁ ତାଙ୍କୁ ପୂର୍ବରୁ ଦେଖିଥିଲି। ପଚାରିଲି, "ସୁରଦାସ,ଏହି ପିଲାଟି ତୁମକୁ କୋଉଠୁ ମିଳିଗଲା ?"

ଅନ୍ଧକୁ ଅନ୍ଧ ନ କହି ସୁରଦାସ ଡାକିବାକୁ ମୋତେ ଭଲ ଲାଗେ। ଏହି ସମ୍ବୋଧନରେ ସେଇ ଦରିଦ୍ର ଅନ୍ଧ ପ୍ରତି ସହାନୁଭୂତି ଏବଂ ସମ୍ମାନର ଭାବନା ଥିଲା। ବ୍ୟଙ୍ଗ ନ ଥିଲା।



ସେ କହିଲେ, "ବାବୁ, ଇଏ ମୋ ପୁଅ, ସେ ମୋ ସାହାରା, ଅନ୍ଧର ଆଶା ବାଡ଼ି। ସେ ଅଛି ବୋଲି ପେଟ ଭରି ଖାଇବାକୁ ମିଳୁଛି ଆଉ ଦଳି ମକଚି ହେଇଯିବା, ପଡ଼ିଯିବାରୁ ବଞ୍ଚି ଯାଉଛି।"

ମୁଁ ତାଙ୍କୁ ଅଣିଟିଏ ଦେଲି। ବାଳକଟି ଉତ୍ସାହର ସହ କହିଲା, ବାଃ ଏକ ଅଣି! ବୃଦ୍ଧ କହିଲେ, 'ଦାତା ଦୀର୍ଘଜୀବୀ ହୁଅ!

ମୁଁ ଆଗକୁ ବଢ଼ିଲି ଏବଂ ଭାବି ହେଉଥିଲି, ଏତେ କଷ୍ଟରେ ଯିଏ ଜୀବନ ବିତାଉଛି, ତା' ବିଚାରରେ ବି ଜୀବନ ସବୁଠାରୁ ଅମୂଲ୍ୟ ବସ୍ତୁ! ହେ ଭଗବାନ!

ଅନ୍ୟ ଏକ ଦିନର କଥା। ବନ୍ଧୁ ଦୀନନାଥଙ୍କୁ ରାସ୍ତାରେ ଅପେକ୍ଷା କରିଥିଲି। ଭାବୁଥିଲି, ସେ ଏତେ ଡେରି କରନ୍ତି କାହିଁକି ?

ଦଶାଶ୍ୱମେଧ ଆଡ଼କୁ ଯିବା ବେଳେ ମୋ କାନରେ ଜଣେ ବୃଦ୍ଧଙ୍କ ସ୍ୱର ଶୁଣାଗଲା। ସେଥିରେ ପ୍ରକୃତ ବିନୟ ଭାବ ଥିଲା, ଯେଉଁ ବିନୟ ଭାବ ତୁଳସୀ ଦାସଙ୍କ ରାମ ଚରିତ ମାନସରେ ଥାଏ। ସେଇ ବ୍ୟାକୁଳତା, ସାନ୍ନିର ଡାକ, ପ୍ରବଳ ପ୍ରହାର ପାଉଥିବା ମଣିଷର ବେଦନାଭରା ଚିତ୍କାର! ମୋଟର ଗାଡ଼ି ହର୍ଣ୍ଣର ଭୀଷଣ ଗର୍ଜନରେ ବିଲୀନ ନ ହୋଇ ବାୟୁମଣ୍ଡଳରେ ସେଇ ଚିତ୍କାର ଖେଳିଯାଉଥିଲା। ମୁଁ ଆଶ୍ଚର୍ଯ୍ୟ ହେଇ ଚାହିଁଲି, ସେଇ ବୃଦ୍ଧ! କିନ୍ତୁ ଆଜି ସେ ଏକୁଟିଆ ଥିଲେ। ମୁଁ ତାଙ୍କୁ କିଛି ପଇସା ଦେଇ ପଚାରିଲି, "ଆଜି ତୁମ ପୁଅ କୁଆଡ଼େ ଗଲା ?"

"ବାବୁ, ଭିକ୍ଷାରୁ ସେ କିଛି ପଇସା ଚୋରେଇ ରଖୁଥିଲା, ତାକୁ ନେଇ ଲୁଚି ଚାଲିଗଲା, କେଜାଣି କୁଆଡ଼େ ଗଲା!" ତା'ପରେ ତାଙ୍କର ସେଇ ଦେଖି ପାରୁ ନ ଥିବା ଆଖିରୁ ପାଣି ବହିଗଲା। ମୁଁ ପଚାରିଲି, "ତାକୁ ଖୋଜିଲନି ?" ମୁଁ ମୋର ଭୁଲ ବୁଝିପାରି ପଚାରିଲି, "କେତେ ଦିନ ହେଲାଣି ?"

ସେ କହିଲେ, ଲୋକେ କହୁଛନ୍ତି, ସେ କଲିକତା ପଳାଇଲା! ସେଇ ଚଗଲା ପିଲା ଉପରେ ରାଗି ମୁଁ ଘାଟ ଆଡ଼କୁ ଚାଲିଲି। ସେଠାରେ ଜଣେ ବ୍ୟାସଙ୍କ ଶ୍ରବଣ କୁମାର ଚରିତ କଥା କହୁଥିଲେ। ମୁଁ ଶୁଣୁ ଶୁଣୁ ସେଇ ପିଲା ଉପରେ ରାଗି ଅଧିକ ଉତ୍ତେଜିତ ହେଇ ପଡୁଥିଲି। ଦେଖିଲି, ପାଣି ଧୂଆଁ ଭଳି ଆକାଶ ଆଡକୁ ବିଛୁଡ଼ି ହେଇ ପଡୁଛି।

କିଛି ମାସ ପରେ ସହରର ଛକରେ ଦିନେ ସେଇ ବୃଦ୍ଧଙ୍କୁ ଦେଖିଲି। ତାଙ୍କ ବାଡ଼ି ଧରି ସେଇ ବାଳକଟି ଭିକ ମାଗୁଥିଲା। ମୁଁ ରାଗିକି ପଚାରିଲି, "ତୁ ଅନ୍ଧ ବାପାକୁ ଛାଡ଼ି କୁଆଡ଼େ ଚାଲି ଯାଇଥିଲୁ ?" ସେ ହସି କହିଲା, "ବାବୁ, ଚାକିରି ଖୋଜିବାକୁ ଯାଇଥିଲି।" ତା' କର୍ତ୍ତବ୍ୟପରାୟଣତା ଦେଖି ମୋ ମନ ଶାନ୍ତ ହେଲା। ମୁଁ ତାକୁ କିଛି ପଇସା ଦେଇ କହିଲି, "ପୁଅ, ଏହା ହେଉଛି ତୋ ଚାକିରି, ତୁ ତୋ ବାପାଙ୍କୁ ଛାଡ଼ି କୁଆଡ଼େ ଯିବୁନି।"

ବୃଦ୍ଧ କହିଲେ, 'ସେ ଏବେ ଆଉ କୁଆଡ଼େ ଯାଇପାରିବ

ନାହିଁ, ତା' ପାଦରେ ଶିକୁଳି ପକେଇ ଦିଆ ଯାଇଛି।' ମୁଁ ଆଶ୍ଚର୍ଯ୍ୟ ଏବଂ ଘୃଣାର ସହ ଦେଖିଲି, ସତକୁ ସତ ତା' ପାଦରେ ଶିକୁଳି ଲାଗିଥିଲା। ତେଣୁ ପିଲାଟି ବହୁତ ଧୀରେ ଧୀରେ ଚାଲୁଥିଲା। ମୁଁ ମନ ଭିତରେ ଭାବିଲି, ହେ ଭଗବାନ! ଭିକ ମଗେଇବା ପାଇଁ ବାପା ପୁଅ ପାଦରେ ଶିକୁଳି ବି ପକାଇପାରେ! ଆଉ ସେଇ ଚଗଲା ପିଲା ତଥାପି ହସୁଛି। ହେ ସଂସାର ତୋର ଜୟ ହେଉ! ମୁଁ ଆଗକୁ ବଢ଼ିଲି।

**ମୁଁ ମନ ଭିତରେ ଭାବିଲି, ହେ ଭଗବାନ! ଭିକ ମଗେଇବା ପାଇଁ ବାପା ପୁଅ ପାଦରେ ଶିକୁଳି ବି ପକାଇପାରେ!**

ମୁଁ ଜଣେ ଭଦ୍ରଲୋକଙ୍କ ଅପେକ୍ଷାରେ ଥିଲି। ଆଜି ନୌକା ବିହାର କରିବାର ଯୋଜନା ଥିଲା। ଗାଡ଼ି, ମୋଟର, ଟାଙ୍ଗା ସବୁ ସ୍ପିଡ୍‌ରେ ଧାଉଁଥିଲେ, ସମସ୍ତେ ଯେମିତି ବ୍ୟସ୍ତ ବ୍ୟାକୁଳ। ମୁଁ ଦାର୍ଶନିକ ଭଳି ସେମାନଙ୍କ ଚଞ୍ଚଳତା କଥା ଭାବୁଥିଲି। ଶିରୀଷ ଗଛ ପାଖରୁ ପୁଣି ସେଇ କଣ୍ଠସ୍ୱର ଶୁଣାଗଲା। ବୃଦ୍ଧ କହୁଥିଲେ ପୁଅ, ତୁ ତିନି ଦିନ ଆଉ ପଇସା ନେନା, ମୁଁ ରାମଦାସକୁ କହିଛି, ସାତ ଅଣାରେ ତୋର କୁର୍ତ୍ତା କରିଦେବ। ଏବେ ଥଣ୍ଡା ପଡ଼ିବାକୁ ଲାଗିଲାଣି। କିନ୍ତୁ ପିଲାଟି ଜିଦ୍ କରି କହୁଥାଏ, ନାଁ, ଆଜି ମତେ ପଇସା ଦିଅ, ମୁଁ କଚୋଡ଼ି ଖାଇବି। ସେଇ ରାସ୍ତା ସେପଟେ ବିକ୍ରି ହେଉଛି। ପିଲାଟିର ଆଖି ଏବଂ ପାଟିରେ ପାଣି ଭରି ଯାଉଥିଲା। ବୃଦ୍ଧ ତାକୁ ପଇସା ଦେଉ ନ ଥିଲେ। ପଇସା ନ ପାଇବାରୁ ସେ ଜିଦ୍ କରୁଥିଲା। ତା'ପରେ ବାଳକଟିର ବିଜୟ ହେଲା। ସେ ପଇସା ନେଇ ରାସ୍ତା ସେପଟକୁ ଚାଲିଲା। ଯୁଦ୍ଧରେ ବିଜୟ ହାସଲ କରି ଫେରିଲା ଭଳି ଶିକୁଳି ଲାଗିଥିବା ଗୋଡ଼କୁ ଫର୍କେଟେଇ ସେ କୌଶଳରେ ଚାଲୁଥିଲା।

ନବୀନ ବାବୁ ଚାଳିଶ ମାଇଲ ସ୍ପିଡ୍‌ରେ ନିଜ ହାତରେ ମୋଟର ଗାଡ଼ିକୁ ଦଉଡ଼ାଉଥିଲେ। ଦର୍ଶକମାନଙ୍କ ଚିତ୍କାରରେ ବାଳକଟି ପଡ଼ିଗଲା। ଭିଡ଼ ବଢ଼ିଗଲା। ଗାଡ଼ି ଚାଲିଗଲା। ସେଇ ବୃଦ୍ଧ ଜଣଙ୍କ ବିକଳ ହେଇ କାନ୍ଦିବାକୁ ଲାଗିଲେ, କହୁଥିଲେ, "ମୋ ପୁଅର କ'ଣ ହେଲା ? ମୁଁ କୁଆଡ଼େ ଯିବି ?"

ଜଣେ କହିଲା, "ବେଶି ଆଘାତ ହେଇନି।"

ଦ୍ୱିତୀୟ ଜଣଙ୍କ କହିଲା, "ହତ୍ୟାକାରୀ ଶିକୁଳି ଲଗେଇ ଦେଇଛି, ନ ହେଲେ କ'ଣ ପଡ଼ିଥାନ୍ତା ?"

ବୃଦ୍ଧ କହିଲେ, "ବାବା, ତା' ଶିକୁଳି କାଟିଦିଅ, ମୋର କିଛି ଦରକାର ନାହିଁ।"

ମୁଁ ସ୍ତମ୍ଭୀଭୂତ ହେଇ ଦେଖିଲି, ବାଳକଟିର ପ୍ରାଣପକ୍ଷୀ ଶିକୁଳି କାଟି ଉଡ଼ି ଯାଇଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
sahukanakmanjari@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୧୧.୮୦
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books

**ଭ୍ରମଣ ଅନୁଭୂତି**

# ଦେବଭୂମିରେ ଶ୍ରୀକ୍ଷେତ୍ରର ବିସ୍ମୟ



**ସନ୍ତୋଷ କୁମାର ପଟ୍ଟନାୟକ**

ପୂର୍ବବର୍ତ୍ତୀ ରାଜାମାନଙ୍କର ଶାସନକାଳ ସମୟରେ ସମୁଦ୍ରରେ ବୁଡ଼ିଯାଇଥିବା ଦ୍ୱାରକା ସଂଲଗ୍ନ ସ୍ଥଳଭାଗ ଉପରେ ବର୍ତ୍ତମାନର ଦ୍ୱାରକା ନଗରୀ ନିର୍ମିତ । ବେଟ ଦ୍ୱାରକା ଦ୍ୱୀପର ଯେଉଁ ଅଂଶ ସମୁଦ୍ରଜଳ ଉପରେ ଅଛି, ସେଠାରେ ଶ୍ରୀକୃଷ୍ଣଙ୍କର ମନ୍ଦିର, ରାଜପ୍ରାସାଦ ଓ ରାଣୀମାନଙ୍କ ମହଲ ଅଛି । ପୁରାଣ ପ୍ରସିଦ୍ଧ ଦ୍ୱାରକା ନଗରୀରେ ପହଞ୍ଚିବା ପରେ ମୁଁ ଭାବପ୍ରବଣ ହୋଇଯାଇଥିଲି । ଏହି ଦ୍ୱାରକାର ଭୂମି ଉପରେ ଭଗବାନ ଶ୍ରୀକୃଷ୍ଣ ପଦଚାରଣ କରୁଥିଲେ । ଏହାର ଜଳ ତାଙ୍କର ଶରୀର ଧୌତ କରିଥିବ ଏବଂ ବାୟୁକୁ ତାଙ୍କ ଶରୀର ମଧ୍ୟକୁ ଗ୍ରହଣ କରିଥିଲେ । କିଛି ସମୟ ପରେ ଦ୍ୱାରକାରୁ ବେଟ ଦ୍ୱାରକା ଯିବା ପାଇଁ କେଉଁ ମାଧ୍ୟମ ସବୁଠାରୁ ସୁବିଧାଜନକ ହେବ ସେ ବିଷୟରେ ମୁଁ ଚିନ୍ତା କରୁଥିଲି । ମତେ ନେଇ ଯାଉଥିବା ଅଟୋରିକ୍ସା ଚାଳକକୁ ପଚାରିଥିଲି, "ଦ୍ୱାରକାରୁ ବେଟ ଦ୍ୱାରକା ଯିବା ପାଇଁ ସବୁଠାରୁ ସୁବିଧାଜନକ ମାଧ୍ୟମ କ'ଣ ?" ରାସ୍ତା ଉପରେ ନିଜର ଦୃଷ୍ଟି ଅବ୍ୟାହତ ରଖି ସେ କହିଥିଲେ, "ଆଜ୍ଞା ଦ୍ୱାରକା ନୁହେଁ, ଦେବଭୂମି ଦ୍ୱାରକା" ବୋଲି କୁହନ୍ତୁ । ତା'ପରେ ମୋ ହୋଟେଲର ନା ଧରି କହିଥିଲା, ଆପଣଙ୍କ ହୋଟେଲରୁ ଦ୍ୱାରକା ଯିବା ପାଇଁ ସବୁ ବନ୍ଦୋବସ୍ତ ଅଛି । ମାତ୍ର ଏଠି ଦ୍ୱାରକା ଆଗରୁ 'ଦେବଭୂମି' ନାମକ ବିଶେଷ୍ୟ ଶବ୍ଦଟିକୁ ଯୋଡ଼ିବାକୁ ପଡ଼େ ବୋଲି ଜାଣି ନ ଥିଲି । କ୍ରମେ ସହରର ମଧ୍ୟସ୍ଥଳ ଦେଇ ଗଲାବେଳେ ରାସ୍ତାରେ ଅନେକ ସରକାରୀ ଅଫିସ ଓ ଦୋକାନ ଇତ୍ୟାଦିର ନାମ ଫଳକ ମୋର ଦୃଷ୍ଟିଗୋଚର ହୋଇଥିଲା । ସବୁଥିରେ ଲେଖା ଥିଲା "ଦେବଭୂମି ଦ୍ୱାରକା" ।



**ଦ୍ୱାରକା ଅଭିମୁଖେ ଯାତ୍ରା**

ଦେବଭୂମି ଦ୍ୱାରକାରେ ଭଗବାନ ଦ୍ୱାରିକାନାଥଙ୍କର ପ୍ରାତଃ ଦର୍ଶନ ତଥା ଆଳତି ଅର୍ପଣ ଦେଖିସାରିବା ପରେ, ତା'ପର ଦିନ ବେଟ ଦ୍ୱାରକା ଅଭିମୁଖେ ଯାତ୍ରା କରିଥିଲି । ରାସ୍ତାରେ ଶ୍ରୀକୃଷ୍ଣଙ୍କର ପାଟରାଣୀ ରୁକ୍ମିଣୀଙ୍କର ମନ୍ଦିରରେ ଆମର ଗାଡ଼ି କିଛି ସମୟ ପାଇଁ ଅଟକିଥିଲା । ସେଠାରେ ସବୁ ଏକତ୍ରିତ ଦର୍ଶନାର୍ଥୀଙ୍କୁ ମନ୍ଦିରର ପୂଜାରୀ କହିଥିଲେ, "ଏହା ହେଉଛି ଶ୍ରୀକୃଷ୍ଣଙ୍କର ପାଟରାଣୀ ରୁକ୍ମିଣୀ ଦେବୀଙ୍କ ମନ୍ଦିର । ସମଗ୍ର ଦ୍ୱାରକା ସମୁଦ୍ର ଗର୍ଭରେ ଜାଣି ମଧ୍ୟ ରୁକ୍ମିଣୀ ଓ ଅନ୍ୟ କେତେକ ରାଣୀ ଅର୍ଜୁନଙ୍କ ସହିତ ଇନ୍ଦ୍ରପ୍ରସ୍ଥକୁ ଯିବାକୁ ମନା କରିଦେଇଥିଲେ । ପରବର୍ତ୍ତୀ ସମୟରେ ମହାରାଣୀ ରୁକ୍ମିଣୀଙ୍କର ସ୍ମୃତିରେ ଏହି ମନ୍ଦିର ବିଭିନ୍ନ ରାଜାମାନଙ୍କ ଦ୍ୱାରା ନିର୍ମିତ ହୋଇଛି ଏବଂ ଏହାର ପୂଜାର୍ଚ୍ଚନା ଇତ୍ୟାଦିର ବ୍ୟବସ୍ଥା କରାଯାଇଛି । ମନ୍ଦିର ଭିତରେ ଭଗବାନ ଶ୍ରୀକୃଷ୍ଣଙ୍କର ଧର୍ମପତ୍ନୀଙ୍କର ପ୍ରସ୍ତର ମୂର୍ତ୍ତି ଅତୀବ ମନୋହର । ସମଗ୍ର ଶରୀର ପୁଷ୍ପମାଲ୍ୟ ଅଳଙ୍କାର ଓ ଉପଢ଼ୌକନରେ ଆବୃତ୍ତ ଥିଲେ ମଧ୍ୟ ମୁଖମଣ୍ଡଳର ଯେଉଁ କେତେକ ଅଂଶ ଦୃଷ୍ଟିଗୋଚର ହେଉଥିଲା, ତା'ର ସ୍ୱର୍ଗୀୟ ଆକର୍ଷଣ ଅତୁଳନୀୟ ଥିଲା । ସେଠାରୁ କେତେ କିଲୋମିଟର ଗଲାପରେ ଗୋଟିଏ ସ୍ଥାନ 'ଓଖା' । ସେହି ସ୍ଥାନରୁ ଯନ୍ତ୍ରଚାଳିତ ଡଙ୍ଗାରେ ସମୁଦ୍ରରେ ଥିବା ବେଟ ଦ୍ୱାରକା ଯିବାକୁ ପଡ଼ିଥିଲା । ମୋଟର ବୋଟରେ ବସିବା ପାଇଁ ସମସ୍ତେ ଟିକେଟ କରିଥିଲୁ ଓ ଆମେ ସବୁ ଗୋଟିଏ ଦଳରେ ଲାଇଫ୍‌ଜ୍ୟାକେଟ ପିନ୍ଧି ବୋଟରେ ବସିଥିଲୁ । ଆମ ଦଳରେ ଅଧିକାଂଶ ଯାତ୍ରୀ ବୃଦ୍ଧ ଓ ବୃଦ୍ଧା । ଶରୀର ଶିଥିଳ କିନ୍ତୁ ମନରେ ଶ୍ରୀକୃଷ୍ଣଙ୍କର ରାଜପ୍ରାସାଦ

ଦେଖିବା ପାଇଁ ଅପୂର୍ବ ଉତ୍ସାହ। ଅଧିକାଂଶ ଲୋକ ଉତ୍ତର ଭାରତର ଥିଲେ, ଅଳ୍ପ କିଛି ଓଡ଼ିଆ। ବୋଟ୍ ଦ୍ୱାରକାକୁ ଯାତ୍ରା ଆରମ୍ଭ କରିବା ପରେ ସମସ୍ତେ କ୍ରମିକ ସଂଖ୍ୟା ଦ୍ୱାରା ପଞ୍ଜୀକୃତ। ତାଙ୍କର ଜଣେ କର୍ମକର୍ତ୍ତା କହିଥିଲେ ଆମର ମୋଟର କ୍ରମିକ ନମ୍ବର ଅନୁସାରେ ବୋଟ୍ ଦ୍ୱାରକା କୂଳରେ ଉପସ୍ଥିତ ଗାଇଡ୍‌ମାନଙ୍କ ମଧ୍ୟରୁ ଜଣେ ସମସ୍ତ ସ୍ଥାନ ବୁଲାଇ ଦେଖାଇବେ। ମୋବାଇଲ ଫୋନରେ କଥା ହୋଇ କହିଲେ, ଆମର ଗାଇଡ୍ ଜଣକ ଜଣେ ବାବାଜୀ। ଅନ୍ୟ ଗାଇଡ୍‌ମାନଙ୍କ ପରି ସେ ଜଣପିଚ୍ଛା ପଇସା ଆଦାୟ କରନ୍ତି ନାହିଁ। ବୋଟ୍ ଦ୍ୱାରକା ଦର୍ଶନ କରାଇ ସାରିବା ପରେ ଯେ ଯାହା ଖୁସିରେ ଦିଅନ୍ତି। ଦକ୍ଷିଣା ଆକାରରେ ସେ ତାହା ଗ୍ରହଣ କରିଥାନ୍ତି। ଏକଥା ମତେ ନୂଆ ଲାଗୁଥିଲା। ଗାଇଡ ପୁଣି ବାବାଜୀ? ଯେକୌଣସି ଐତିହାସିକ ସ୍ଥାନ କିମ୍ବା ଧର୍ମସ୍ଥଳୀ ସମ୍ବନ୍ଧରେ ଦର୍ଶକଙ୍କୁ ବୁଝାଇବା ପାଇଁ ଗାଇଡ୍‌ଙ୍କର ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା ବେଶ୍ ସହାୟତା ପ୍ରଦାନ କରିଥାଏ। ମୁଁ ସେ ବୋଟର କର୍ମକର୍ତ୍ତାଙ୍କୁ ପଚାରିଲି, ଯିଏ ଆମର ଗାଇଡ୍ ହେବେ ବୋଲି କହୁଛନ୍ତି, ତାଙ୍କର ଅଭିଜ୍ଞତା କେତେ? ସେ ଉତ୍ତର ଦେଇଥିଲେ, ପ୍ରାୟ ଦଶବର୍ଷ ହେବ, ମୁଁ ତାଙ୍କୁ ଏପରି ଗାଇଡ୍ କାମ କରିବା ଦେଖି ଆସୁଛି।

**ସେଠାରେ ଜଙ୍ଗଲ ଭିତରେ ଲଟାର ଦୋଳିରେ ଝୁଲୁଥିବା ଅବସ୍ଥାରେ ଜାରା ଶବରର ତୀର ଆଘାତରେ ଦେହତ୍ୟାଗ କରିଥିଲେ ଦ୍ୱାରକାଧୀଶ।**

### ଆମର ଗାଇଡ୍

କେହି ବିଶିଷ୍ଟ ଲୋକ ଆସିଲେ, ସ୍ଥାନୀୟ ପ୍ରଶାସନ ତାଙ୍କୁ ଗାଇଡ୍ ରୂପେ ନିୟୋଜିତ କରନ୍ତି। କିନ୍ତୁ ବର୍ଷକୁ ଛ'ମାସ ସେ ଏପରି କାର୍ଯ୍ୟ କରନ୍ତି; ବାକି ଛ' ମାସ କୁଆଡ଼େ ପଳାନ୍ତି। ଆମର ବୋଟ୍‌ଟି ବେଟ ଦ୍ୱାରକା କୂଳରେ ଲାଗିବାପରେ ସେ ଗାଇଡ୍ ଜଣକ ଆମର ଦୃଷ୍ଟିଗୋଚର ହୋଇଥିଲେ। ବେଶ ସାତ୍ତ୍ୱିକ ଓ ଶାନ୍ତ ମୁଖମଣ୍ଡଳ। ମତେ ସେ ଜଣେ ନୈଷ୍ଠିକ ପରି ମନେ ହେଲେ। ଆମେ ବୋଟରୁ ଓହ୍ଲାଇବା ପରେ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ଏକାଠି କରି ପଚାରିଥିଲେ, "ଆପଣମାନେ ସମସ୍ତେ କେଉଁ କେଉଁ ରାଜ୍ୟରୁ ଆସିଛନ୍ତି? ଗୋଟିଏ କ୍ଷୁଦ୍ର କୋଳାହଳ ସୃଷ୍ଟି ହେଲା ଓ ଶୁଭିଲା- ଛତିଶଗଡ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ। ଟିକେ ପାଟିତୁଣ୍ଡ କମିବାରୁ କେତେଜଣ କହିଥିଲେ 'ଓଡ଼ିଶା'। ଗାଇଡ ନିଜର ପରିଚୟ ଦେଇ କହିଥିଲେ, "ମୁଁ ହେଉଛି ଦିବ୍ୟ ଚୈତନ୍ୟ ବ୍ରହ୍ମଚାରୀ। ମୁଁ ଆପଣମାନଙ୍କୁ ନିଜ ନିଜର ବାସସ୍ଥାନ ପଚାରିବାର ଉଦ୍ଦେଶ୍ୟ ମୁଁ ହିନ୍ଦୀ ଭାଷାରେ କହିଲେ, ସମସ୍ତଙ୍କୁ ସୁବିଧା ହେବ କି ନାହିଁ, ଜାଣିବାକୁ ଚାହୁଁଥିଲି। ଏକ ସ୍ୱରରେ ଆମେ ସବୁ ହଁ ବୋଲି କହିଥିଲୁ। ସେ ଆମକୁ ସାଙ୍ଗରେ ଧରି ବେଟ ଦ୍ୱାରକାର ପ୍ରାଚୀନ ରାଜପ୍ରାସାଦ, ଦ୍ୱାରିକାଧୀଶଙ୍କ ମନ୍ଦିର ଓ ଅନ୍ୟାନ୍ୟ ସାନ, ବଡ଼ ମନ୍ଦିର ଦର୍ଶନ କରାଇ ସାରିବା ପରେ ଆମ୍ଭମାନଙ୍କୁ ଗୋଟିଏ ସୁବିଧାଜନକ ସ୍ଥାନରେ ଠିଆ କରାଇ କହିଥିଲେ, "ଆଜିଠାରୁ ପ୍ରାୟ ଚାରିହଜାର ବର୍ଷ ଆଗରୁ ଏହି ଦ୍ୱାରକାରେ ଭଗବାନ ଶ୍ରୀକୃଷ୍ଣ ରାଜା ଭାବରେ ଶାସନ କରୁଥିଲେ। ଏହିଠାରେ ତାଙ୍କର ରାଜପ୍ରାସାଦ ଓ ରାଣୀ ମହଲ ଥିଲା। ମହାଭାରତ ସମ୍ବନ୍ଧରେ ଆପଣମାନେ ସମସ୍ତେ ଜାଣିଥିବେ। ମହାଭାରତ ଯୁଦ୍ଧର ପରିସମାପ୍ତି ପରେ ଶ୍ରୀକୃଷ୍ଣ ଦ୍ୱାରକାକୁ ଫେରି ସେଠାରେ ଶାସନ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଶ୍ରୀକୃଷ୍ଣ ଜାଣିଥିଲେ ଯେ, ସମସ୍ତ ଦ୍ୱାରକା ନଗରୀ ସମୁଦ୍ର ଗର୍ଭକୁ ଚାଲିଯିବ। ତେଣୁ ସେ ଅର୍ଜୁନଙ୍କୁ ଡକାଇ ଦ୍ୱାରକାର ସମସ୍ତ ସ୍ତ୍ରୀ ଓ ପିଲାମାନଙ୍କୁ ଇନ୍ଦ୍ରପ୍ରସ୍ଥ ନେଇଯିବାକୁ କହିଥିଲେ। ଯଦୁବଂଶୀମାନେ କାଦମ୍ବରୀ ନାମକ ମଦିରା ପାନକରି ପରସ୍ପର ମଧ୍ୟରେ ଯୁଦ୍ଧ କରି ବିନାଶ ହେବା ପରେ ଭଲାକା ତୀର୍ଥକ୍ଷେତ୍ରକୁ ପ୍ରସ୍ଥାନ କରିଥିଲେ। ସେଠାରେ ଜଙ୍ଗଲ ଭିତରେ ଲଟାର ଦୋଳିରେ ଝୁଲୁଥିବା ଅବସ୍ଥାରେ ଜାରା ଶବରର ତୀର ଆଘାତରେ ଦେହତ୍ୟାଗ କରିଥିଲେ ଦ୍ୱାରକାଧୀଶ। ଏହି ସ୍ଥାନ ଭେରାବାଲଠାରେ ଅବସ୍ଥିତ ଏବଂ ଭଲାକା ତୀର୍ଥ ନାମରେ ବିଖ୍ୟାତ। ଗାଇଡ୍ ମହାଶୟଙ୍କର ବର୍ଣ୍ଣନା କରିବାର ଶୈଳୀ ଏତେ ଜୀବନ୍ତ ହୋଇଥିଲା ଯେ, ଆମ ସମସ୍ତଙ୍କ ତୀର୍ଥଯାତ୍ରୀଙ୍କ ମଧ୍ୟରେ ଏକ ଗମ୍ଭୀର ନିରବତା ବ୍ୟାପିଯାଇଥିଲା।

ଶ୍ରୀକୃଷ୍ଣଙ୍କର ଶରୀର ତ୍ୟାଗ ପରେ ତାଙ୍କର ବନ୍ଧୁ ପରିଜନମାନେ ସେଠାର ଦାହ ସଂସ୍କାର କରାଇଥିଲେ। ସମସ୍ତ ଶରୀର ଅଗ୍ନିରେ ଦଗ୍ଧ ହେଲା ପରେ ନାଭି ସ୍ଥାନଟି ଅକ୍ଷତ ରହିଥିଲା। ଯେତେ ଚେଷ୍ଟା କଲେ ମଧ୍ୟ ତାହା ଅଗ୍ନିରେ ଦଗ୍ଧ

ହୋଇପାରି ନ ଥିଲା। ଚିତାଭସ୍ମ ସହିତ ଏହାକୁ ସମୁଦ୍ରରେ ବିସର୍ଜନ କରି ଦିଆଯାଇଥିଲା। ଏହା ସାମୁଦ୍ରିକ ସ୍ରୋତରେ ଭାସି ଭାସି ଯାଇ ଉତ୍କଳର ଶ୍ରୀକ୍ଷେତ୍ର ଉପକଣ୍ଠରେ ଲାଗିଥିଲା।

ଏହି ନାଭିବ୍ରହ୍ମକୁ ଜଣେ ଶବର ରାଜା ସମୁଦ୍ର ଜଳରୁ ଆଣି ପୂଜା ଅର୍ଚ୍ଚନା କରିଥିଲେ। ଉତ୍କଳର ତତ୍କାଳୀନ ଗଜପତି ମହାରାଜା ଚୋଡ଼ଗଙ୍ଗଦେବ ସେହି ବ୍ରହ୍ମକୁ ଶବର ରାଜାଙ୍କଠାରୁ ଶ୍ରୀକ୍ଷେତ୍ରରେ ମନ୍ଦିର ନିର୍ମାଣ କରି ସ୍ଥାନିତ କରି ଅଛନ୍ତି। ଏହା ଶ୍ରୀଜଗନ୍ନାଥଙ୍କ ନାମରେ ପୃଥିବୀରେ ସୁବିଖ୍ୟାତ। ଶ୍ରୀଜଗନ୍ନାଥଙ୍କର ନବକଳେବର ପ୍ରତି ବାର ବର୍ଷରେ ଥରେ ହୁଏ ଏବଂ ଏହି ବ୍ରହ୍ମ ନୂତନ କଳେବରରେ ସ୍ଥାପିତ ହୁଏ। ଏଠି ଥିବା ଉତ୍କଳୀୟ ଭଦ୍ର ବ୍ୟକ୍ତିମାନେ ଏ ବିଷୟରେ ଭଲ ରୂପେ ଜାଣିଥିବେ ବୋଲି ମୁଁ ଆଶା କରୁଛି।



ଗାଇଡ୍ ପୁଣି କହି ଚାଲିଲେ "ଦ୍ୱାରକାରୁ ମହାପ୍ରଭୁ ଶ୍ରୀକ୍ଷେତ୍ରକୁ କାହିଁକି ଆସିଲେ? ରାମଙ୍କ ଅବତାରରୁ କୃଷ୍ଣ ଓ ବର୍ତ୍ତମାନ ଶ୍ରୀଜଗନ୍ନାଥଙ୍କ ରୂପ କାହିଁକି ଧାରଣ କରିଛନ୍ତି, ତା'ର ରହସ୍ୟ ମୁଁ ଆପଣଙ୍କୁ ବୁଝାଇବା ପାଇଁ ଅସମର୍ଥ। ସେଥିପାଇଁ ସ୍କନ୍ଦ ପୁରାଣରେ ଲେଖାଅଛି,

"ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ
ଦେବୋ ନ ଜାନାନି କୁତୋ ମନୁଷ୍ୟ?

**ଈଶ୍ୱରଙ୍କ ରହସ୍ୟ**

ସ୍ମିତହାସ୍ୟ କରି କହିଲେ, ଭଗବାନଙ୍କ ରହସ୍ୟ ଦେବତାମାନେ ବୁଝିବା ଅସମର୍ଥ, ଆମେ ତ ମନୁଷ୍ୟ ମାତ୍ର। ପୁଣି କହି ଚାଲିଲେ ଦେଖନ୍ତୁ ଆମର ଧର୍ମଶାସ୍ତ୍ରଗୁଡ଼ିକରେ ଲେଖାଅଛି, ଭଗବାନ ଗୋଟିଏ ପରେ ଗୋଟିଏ ଅନେକ ଅବତାରରେ ଅବତୀର୍ଣ୍ଣ ହୁଅନ୍ତି। ସବୁ ଯୁଗରେ ତାଙ୍କର କେତେଜଣ ବିଶିଷ୍ଟ ଭକ୍ତ ଚିରଞ୍ଜିବୀ ଅର୍ଥାତ୍ ସେମାନେ ସବୁଦିନ ବଞ୍ଚି ରହିବେ। ମୃତ୍ୟୁ ସେମାନଙ୍କୁ ସ୍ପର୍ଶ କରିପାରିବ ନାହିଁ। ସେହି ଭକ୍ତମାନେ ଭଗବାନ ଯେକୌଣସି ଅବତାରରେ ରହିଲେ ମଧ୍ୟ ଜାଣି ପାରନ୍ତି ଓ ତାଙ୍କର ଦର୍ଶନ ପାଇଁ ଆସିଥାନ୍ତି। ବର୍ତ୍ତମାନ କଳିଯୁଗରେ ମଧ୍ୟ ଏଭଳି ଘଟଣା ବେଳେବେଳେ ବିଜୁଳିର ଚମକ ପରି ପରିପ୍ରକାଶ ହୋଇ ଭଗବାନଙ୍କ ଅବତାର ସମ୍ବନ୍ଧରେ ସ୍ପଷ୍ଟ ସୂଚନା ଦେଇଥାଏ। ଏ ସମ୍ବନ୍ଧରେ ମୋର ନିଜ ଅନୁଭୂତିରୁ ଗୋଟିଏ ଘଟଣା କହୁଛି। ଦ୍ୱାରକାରୁ ପ୍ରତିବର୍ଷ ମୁଁ ରାମେଶ୍ୱରମ, ବଦ୍ରିନାଥ ଓ ସେଠାରୁ ପୁରୀ ଯାଇ କିଛିଦିନ ରହି ପୁଣି ଦ୍ୱାରକା ଫେରିଥାଏ। ଏପରି ନିୟମିତ ତୀର୍ଥଯାତ୍ରା ଫଳରେ ପୁରୀର ଜଣେ ସମ୍ଭ୍ରାନ୍ତ ପରିବାରର ପଣ୍ଡାଙ୍କ ସହିତ ମୋର ପରିଚୟ ହୋଇଥିଲା। ଗତବର୍ଷ ମୋର ତୀର୍ଥଯାତ୍ରା ସମୟରେ ତାଙ୍କ ସହିତ ପୁରୀରେ ସାକ୍ଷାତ ହୋଇଥିଲା। ସେତେବେଳେ ତାଙ୍କ ସହିତ କେତେଜଣ ବାହାର ତୀର୍ଥଯାତ୍ରୀ ମଧ୍ୟ ଥିଲେ। ସେମାନଙ୍କ ମୁହଁରେ ଆନନ୍ଦର ଲହରି ଦେଖି ସୌରାଷ୍ଟ୍ର ଅଞ୍ଚଳର ଜଣେ ବୟୋବୃଦ୍ଧ ବ୍ୟକ୍ତିଙ୍କୁ ପଚାରିଥିଲି "ବୋଧହୁଏ ଠାକୁରଙ୍କ ଦର୍ଶନ ଅତି ଭଲ ହୋଇଛି।" ସେ ଉତ୍ତର ଦେଇଥିଲେ 'ଶ୍ରୀଜଗନ୍ନାଥଙ୍କ ଦର୍ଶନ ସଙ୍ଗେ ସଙ୍ଗେ ପଣ୍ଡା ମହାଶୟ ଆମକୁ ରାମଜୀଙ୍କର ଅନ୍ୟତମ ଭକ୍ତ ବିଭୀଷଣଙ୍କ 'କଙ୍କଣ'ର ଦର୍ଶନ ମଧ୍ୟ କରାଇଥିଲେ। ଏହା ଆମର ଅପୂର୍ବ ସୌଭାଗ୍ୟ। ସୌରାଷ୍ଟ୍ର ବୃଦ୍ଧଙ୍କର 'ବିଭୀଷଣଙ୍କ କଙ୍କଣ'ର ଉଚ୍ଚାରଣ ମୋ ପାଇଁ ମଧ୍ୟ ଏକ କୌତୂହଳର ବିଷୟ ଥିଲା। ଏହା ବିଷୟରେ ଜାଣିବା ପାଇଁ ପଣ୍ଡା ମହୋଦୟଙ୍କୁ ଅନୁରୋଧ କରିଥିଲି, କିନ୍ତୁ ସେ ସେତେବେଳେ ମତେ ଶାନ୍ତ ରହିବାକୁ ସଙ୍କେତ ଦେଇଥିଲେ।

ମତେ ସାଙ୍ଗରେ ଧରି ପ୍ରଥମଥର ପାଇଁ ତାଙ୍କର ବାସଭବନକୁ ଯାଇଥିଲେ। ସେଠି ପହଞ୍ଚିବା ପରେ ମତେ ଆସନ ଦେଇ କହିଲେ ସେ କଙ୍କଣ ବିଷୟ ଆମର ପରିବାରର ଏକ ଅତିଗୁପ୍ତ ସତ୍ୟ। ଯେହେତୁ ଆପଣ ସେ ବିଷୟରେ ଜିଜ୍ଞାସା କଲେ, ମତେ ସେ କଥା କହିବାକୁ ପଡୁଛି। ସେ କହିଲେ ପୁରୀ ଗଜପତି ମହାରାଜାଙ୍କ ଆଦେଶ କ୍ରମେ ଆମର ପୂର୍ବପୁରୁଷମାନେ ବଂଶାନୁକ୍ରମେ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ସେବା ପୂଜାରେ ନିୟୋଜିତ ଅଛୁ। ବର୍ତ୍ତମାନ ପ୍ରକୃତ ଘଟଣାଟି କହୁଛି, କେତେଶହ ବର୍ଷ ଆଗରୁ ଏହା ହୋଇଥିଲା। ଠିକ୍ ଭାବରେ ମୁଁ କହିପାରିବି ନାହିଁ, ବୋଧହୁଏ ଗଜପତି

ମୁକୁନ୍ଦଦେବଙ୍କ ସମୟର କଥା। ତତ୍କାଳୀନ ଆମ୍ଭର ଜଣେ ପୂର୍ବ ପୁରୁଷ ଅତ୍ୟନ୍ତ ଗରିବ ଥିଲେ। ବହୁଚେଷ୍ଟା କରି ମଧ୍ୟ ସେ ତାଙ୍କର ପରିବାରର ପ୍ରତିପୋଷଣ କରିପାରୁ ନ ଥିଲେ। ଏକଦା କେତେଦିନ ଧରି ତାଙ୍କର ଛୋଟ ସନ୍ତାନସନ୍ତତିମାନେ କ୍ଷୁଧାରେ ଛଟପଟ ହେବା ଦେଖି ସେହି ପୂର୍ବଜଙ୍କ ପତ୍ନୀ ତାଙ୍କୁ ଅତି କଟୁଭାଷାରେ ଭର୍ତ୍ସନା କରିଥିଲେ। ଦାରିଦ୍ର୍ୟଜନିତ ଦୁଃଖ ସନ୍ତାନସନ୍ତତିଙ୍କ କଷ୍ଟ ସାଙ୍ଗକୁ ପତ୍ନୀଙ୍କର ତାଡ଼ନା ସହ୍ୟ କରିବାର ସମସ୍ତ ସୀମା ଅତିକ୍ରମ କରିଥିଲା। ସେତେବେଳକୁ ସମୟ ପ୍ରାୟ ଅର୍ଦ୍ଧରାତ୍ର ହେବ। ସେ ନିଜର ପ୍ରାଣବିସର୍ଜନ କରିବାକୁ ସଙ୍କଳ୍ପ କରି ସମୁଦ୍ର ଦିଗକୁ ଯିବାକୁ ଲାଗିଲେ। ସମୁଦ୍ର କୂଳରେ ପହଞ୍ଚି ଭଗବାନଙ୍କୁ ଶେଷ ଥର ପାଇଁ ପ୍ରଣାମ କରି ସମୁଦ୍ରଗର୍ଭକୁ ପ୍ରବେଶ କରିବାକୁ ଯାଉଛନ୍ତି, ଅସ୍ପଷ୍ଟ ଚନ୍ଦ୍ରାଲୋକରେ ଦେଖିଲେ ଗୋଟିଏ ବିରାଟ ପ୍ରାଣୀ ସମୁଦ୍ର ଜଳ ମଧ୍ୟରୁ ତୀର ଆଡ଼କୁ ଚାଲି ଆସୁଛି। ତାହାର ପ୍ରକାଣ୍ଡ ଆକୃତିରୁ ତାହା ଗୋଟିଏ ବିରାଟ ଜଳଜୀବ ବା ରାକ୍ଷସ କ'ଣ ହୋଇପାରେ ଚିନ୍ତା କରି ଭୟ କରିଗଲେ। ତାହା କ୍ରମେ ସମ୍ପୂର୍ଣ୍ଣ ରୂପେ କୂଳକୁ ଆସିବା ପରେ ସେ ଜାଣିପାରିଲେ ଯେ, ସେ ଜଣେ ବିରାଟ ବପୁବିଶିଷ୍ଟ ପୁରୁଷ। ସେ ମୋର ପୂର୍ବଜଙ୍କୁ ଅତିକ୍ରମ କରି ଶ୍ରୀମନ୍ଦିର ରାସ୍ତାରେ ଦ୍ରୁତଗତିରେ ଚାଲିବାକୁ ଲାଗିଲେ। ମୋର ପୂର୍ବଜ ନିଜର ଅଦମ୍ୟ କୌତୂହଳବଶତଃ ସେ ବିଶାଳ ମୂର୍ତ୍ତିଙ୍କ ପଛେ ପଛେ ଦୌଡ଼ିଲେ ମଧ୍ୟ ତାଙ୍କ ସାଙ୍ଗରେ ତାଳ ମିଶାଇ ଆଗକୁ ଯିବାରେ ଅସମର୍ଥ ହେଉଥିଲେ। ଏପରି ଏକ ଅଦ୍ଭୁତ ଓ ଅଭାବିତ ଘଟଣା ତଥା ଅତିକାୟ ବପୁଥିବା ପୁରୁଷଙ୍କୁ ଦେଖି ତାଙ୍କୁ ମନରୁ ଆତ୍ମହତ୍ୟାର ସଂକଳ୍ପ କେତେବେଳୁ ବିସ୍ମୃତ ହୋଇସାରିଥିଲା। ଶ୍ରୀମନ୍ଦିର ସାମ୍ନାକୁ ଥିବା ବିରାଟ କବାଟ ପାଖେ ସେହି ବ୍ୟକ୍ତି ପହଞ୍ଚିଲେ। ସେହି କବାଟକୁ ସ୍ପର୍ଶ କରିବା ମାତ୍ରେ ତାହା ଖୋଲିଯାଇଥିଲା ଓ ସେ ମନ୍ଦିର ଭିତରକୁ ପ୍ରବେଶ କରିଯାଇଥିଲେ। ମୋର ପୂର୍ବଜ ସେହି ପଣ୍ଡା ମହାଶୟ ଅତିଶୟ ଆଶ୍ଚର୍ଯ୍ୟ ହୋଇ ମନେ ମନେ ଚିନ୍ତା କରୁଥିଲେ ଏ ଅତିକାୟ ବ୍ୟକ୍ତି କିଏ ହୋଇ ପାରନ୍ତି ? ସେ ଦିନର ଅଜା ଗୋସେଇଁ ବାପାମାନଙ୍କ ଠାରୁ ଶୁଣିଥିଲେ ବିଭିନ୍ନ ଯୁଗର ଯକ୍ଷ, ରାକ୍ଷସ ଓ ଦେବତାମାନେ ଗୁପ୍ତରେ ଓ ଲୋକଲୋଚନର ଅନ୍ତରାଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସନ୍ତି।

**ଆପଣଙ୍କୁ ସମୁଦ୍ର ଗର୍ଭରୁ ଉଠି ଆସୁଥିବାର ଦେଖି ଆତ୍ମହତ୍ୟା କଥା ଭୁଲି କୌତୂହଳବଶତଃ ଆପଣଙ୍କ ପଛେ ପଛେ ଆସି ଏଠି ଅପେକ୍ଷା କରିଛି।**

### ମନ୍ଦିର ଭିତରୁ ପଦଧ୍ୱନି

ସାମାନ୍ୟ ଚିନ୍ତା କରିବା ପରେ ମୋର ପୂର୍ବଜ ପଣ୍ଡା ମହୋଦୟ ସେ କବାଟ ଦୁଇଟିକୁ ଦୁଇ ହାତରେ ଧରି ମଝିରେ ରାସ୍ତା ଅବରୋଧ କରି ଠିଆ ହେଲେ। କବାଟ ସେପଟେ ମନ୍ଦିରର ଅଭ୍ୟନ୍ତରରେ ଦୁର୍ଭେଦ୍ୟ ଅନ୍ଧକାର ଥିଲା। ସିଂହମୂର୍ତ୍ତିଙ୍କ ପାଖରେ ଜଳୁଥିବା ଏକମାତ୍ର ମଶାଲ କ୍ଷୀଣ ଆଲୋକ ଦେଇ ଜଳୁଥିଲା। କିଛି ସମୟ ପରେ ସେ ପଣ୍ଡା ମହାଶୟ ମନ୍ଦିର ଭିତରୁ ଭାରି ପଦଧ୍ୱନି ଶୁଣିପାରିଥିଲେ। ସେ ବିଶାଳମୂର୍ତ୍ତି କବାଟ ପାଖକୁ ଆସି ସେହି ପଣ୍ଡାଙ୍କୁ ହଠାତ୍ ଦେଖି ଅଟକି ଯାଇଥିଲେ। ପର ମୁହୂର୍ତ୍ତରେ ମୃଦୁସ୍ୱର ଏବଂ ମାର୍ଜିତ ସଂସ୍କୃତରେ କହିଥିଲେ।

"ମତ ମାର୍ଗ ଦଦାତୁ"

ପଣ୍ଡାଙ୍କ ପ୍ରତି ମା' ଲକ୍ଷ୍ମୀଙ୍କ କୃପା ନ ଥିଲା। କିନ୍ତୁ ମା' ସରସ୍ୱତୀ ଦୁଇ ହାତରେ ପଣ୍ଡା ମହୋଦୟଙ୍କ ଉପରେ ଆଶୀର୍ବାଦ ଢାଳିଥିଲେ। ସଂସ୍କୃତ ଭାଷାରେ ତାଙ୍କର ଅସାଧାରଣ ବ୍ୟୁତ୍ପତ୍ତି ଥିଲା। ସେ ସେହିପରି କବାଟକୁ ଦୁଇ ହାତରେ ଧରି ଶୁଦ୍ଧ ସଂସ୍କୃତରେ ଉତ୍ତର ଦେଇଥିଲେ-

"ହେ ଯକ୍ଷ, ରାକ୍ଷସ ବା ଦେବ ଆପଣ ଯେ କେହି ହୁଅନ୍ତୁ। ମୋର ଯଥାମାନ୍ୟ ଗ୍ରହଣ କରନ୍ତୁ। ଦାରିଦ୍ର୍ୟର କଷାଘାତରେ ମୁଁ ମୋର ପରିବାର ପୋଷଣରେ ଅସମର୍ଥ ହୋଇ ମାନସିକ ଗ୍ଲାନିବଶତଃ ସମୁଦ୍ରକୁ ଆତ୍ମହତ୍ୟା ପାଇଁ ଯାଇଥିଲି, କିନ୍ତୁ ଆପଣଙ୍କୁ ସମୁଦ୍ର ଗର୍ଭରୁ ଉଠି ଆସୁଥିବାର ଦେଖି ଆତ୍ମହତ୍ୟା କଥା ଭୁଲି କୌତୂହଳବଶତଃ ଆପଣଙ୍କ ପଛେ ପଛେ ଆସି ଏଠି ଅପେକ୍ଷା କରିଛି। ଦୟାକରି ଆପଣଙ୍କ ପରିଚୟ ପ୍ରଦାନ କରନ୍ତୁ।

କିନ୍ତୁ ସେ ବିଶାଳ ମୂର୍ତ୍ତି ନିରବ ରହିଥିଲେ। ପଣ୍ଡା ମହାଶୟ ପୁଣି କହିଲେ ଆପଣ ଚାହିଁଲେ ମୋର ଜୀବନ ନେଇ ପାରନ୍ତି ଅଥବା ମତେ ବଳପୂର୍ବକ ଲଙ୍ଘି ଯାଇପାରନ୍ତି କିନ୍ତୁ ପରିଚୟ ନ ଜାଣିଲେ ମୁଁ ଆପଣଙ୍କୁ ସ୍ୱଇଚ୍ଛାରେ ଛାଡ଼ିବି ନାହିଁ। ସେ ବିଶାଳ ମୂର୍ତ୍ତି ଆଗକୁ ଆସି ପଣ୍ଡାଙ୍କୁ ଚାହିଁଥିଲେ। ପଣ୍ଡାଙ୍କର ଉପରିଭାଗ ଅନାବୃତ ଶରୀରରେ ଯଜ୍ଞୋପବୀତ ବାମ ସ୍କନ୍ଦର

ଦକ୍ଷିଣ ହାତ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ବୋଧହୁଏ ତାକୁ ଦେଖିପାରି ସେ ପଣ୍ଡାଙ୍କୁ ଲଘିଂବା ଅନୁଚିତ ମନେ କଲେ।

ପଣ୍ଡା ମହାଶୟଙ୍କ ବଚନର ଦୃଢ଼ତାରେ ସାମାନ୍ୟ ସନ୍ଦେହ ନ ଥିଲା। ସାମାନ୍ୟ ଇତସ୍ତତଃ ହୋଇ ସେ ବିଶାଳ ଶରୀର ବିଶିଷ୍ଟ ବ୍ୟକ୍ତି କହିଥିଲେ-

"ମୁଁ ବିଭୀଷଣ"

ପଣ୍ଡା ମହାଶୟଙ୍କର ବିସ୍ମୟ ଆକାଶ ଛୁଉଁଥିଲା। ତାଙ୍କ ମୁହଁ ସ୍ୱତଃ ଅସ୍ପଷ୍ଟ ଶବ୍ଦ ଉଚ୍ଚାରିତ ହେଲା।

"ବିଭୀଷଣ ?"

"ହଁ ମୁଁ ବିଭୀଷଣ, ଲଙ୍କେଶ ରାବଣଙ୍କର ଅନୁଜ। ତ୍ରେତା ଯୁଗର ଶ୍ରୀରାମଚନ୍ଦ୍ର ବର୍ତ୍ତମାନ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଅବତାର ରୂପେ ବିଦ୍ୟମାନ। ମୁଁ ତାଙ୍କରି ଦର୍ଶନ ପାଇଁ ଆସିଥିଲି। ଏଥର ମତେ ଯିବାକୁ ଦିଅନ୍ତୁ।"

**ଯଦିଚ କପାଳରେ ଚିନ୍ତାର ରେଖା ସୁସ୍ପଷ୍ଟ, ମୁଖମଣ୍ଡଳ ଆଦୌ ଭୟ ଉଦ୍ରେକକାରୀ ନ ଥିଲା।**

ପଣ୍ଡା ମହାଶୟ ଏଥର ସିଧାସଳଖ ନିଜକୁ ବିଭୀଷଣ ପରିଚୟ ଦେଇଥିବା ବିଶାଳ ପୁରୁଷଙ୍କୁ ଚାହିଁଲେ। ବାହାରର ଜଳୁଥିବା ମଶାଲର ଆଲୋକରେ ସେ ଦେଖି ପାରିଲେ, ସେଇ ଅତିକାୟ ମୂର୍ତ୍ତିଙ୍କର ମସ୍ତକ ମନ୍ଦିର ମୁଖ୍ୟ ଦ୍ୱାରବନ୍ଧକୁ ସ୍ପର୍ଶ କରୁଛି। ଦେହର ବର୍ଣ୍ଣ ଧୂସର ଉଷ୍ଟ୍ର ସଦୃଶ। ମୁଖର ଗଠନ ଅତି ସରଳ, ଗୋଟିଏ ଛୋଟ ଶିଶୁପରି। ଯଦିଚ କପାଳରେ ଚିନ୍ତାର ରେଖା ସୁସ୍ପଷ୍ଟ, ପଣ୍ଡା ମହୋଦୟ ଆଶ୍ଚର୍ଯ୍ୟ ହେଉଥିଲେ ମୁଖମଣ୍ଡଳ ଆଦୌ ଭୟ ଉଦ୍ରେକକାରୀ ନ ଥିଲା। ମୂର୍ତ୍ତି ଗଳା ଓ ହସ୍ତରେ ଅଳଙ୍କାର ପରିଧାନ କରିଥିଲେ।

ପଣ୍ଡା ମହାଶୟ କହିଥିଲେ, "ହେ ରାଜା, ମୁଁ ଦରିଦ୍ର ବ୍ରାହ୍ମଣ। ମୁଁ ଭାଗ୍ୟରୁ ମୋର ଆପଣଙ୍କ ସଙ୍ଗେ ସାକ୍ଷାତ୍ ହେଲା, ତାହା ମୁଁ ଜାଣିବାରେ ଅସମର୍ଥ। ଆପଣଙ୍କୁ ସମୁଦ୍ରରେ ଦେଖି ମୋର ଦାରିଦ୍ର୍ୟ ହେତୁ ଆତ୍ମହତ୍ୟାର ପ୍ରୟାସ ବ୍ୟର୍ଥ ହୋଇଛି। ବର୍ତ୍ତମାନ ମୋର ନିବେଦନ ଯେ, ମୋର ଏଇ ଉତ୍କଟ ଦାରିଦ୍ର୍ୟରୁ ମୁକ୍ତି ପାଇଁ ସ୍ୱଇଚ୍ଛାରେ କିଛି ଦାନ ଦିଅନ୍ତୁ।"

ସେ ବିଶାଳ ମୂର୍ତ୍ତି କହିଥିଲେ, ହେ ବ୍ରାହ୍ମଣ ବର୍ତ୍ତମାନ କଳିଯୁଗରେ ମୋର ଦାନ କରିବାର ସାମର୍ଥ୍ୟ ନାହିଁ। ମୁଁ ରାଜ୍ୟ, ପରିଜନଙ୍କୁ ତ୍ୟାଗ କରି ଅଜ୍ଞାତବାସରେ ଅଛି। ତେବେ ମୁଁ ଆପଣଙ୍କୁ ନିରାଶ କରିବି ନାହିଁ। ମୋ ଶରୀରରେ ଥିବା ଅଳଙ୍କାରରୁ କିଛି ଦାନ ସ୍ୱରୂପ ଗ୍ରହଣ କରନ୍ତୁ। ଏତିକି କହି ସେ ଦକ୍ଷିଣ ହସ୍ତର ବାହୁରେ ଥିବା ସ୍ୱର୍ଣ୍ଣ କଙ୍କଣକୁ ବାହାର କରି ପଣ୍ଡା ମହାଶୟଙ୍କୁ ବଢ଼ାଇ ଦେଇଥିଲେ। ପଣ୍ଡା ମହୋଦୟ ତାକୁ ନିଜ ହସ୍ତରେ ପରିଧାନ ବସ୍ତ୍ରକୁ ମିଶାଇ ଗ୍ରହଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କଙ୍କଣକୁ ଧରି ରଖିପାରିଲେ ନାହିଁ। ଅତ୍ୟଧିକ ଓଜନ ହେତୁ ସେ କଙ୍କଣ ସହିତ ଭୂମି ଉପରେ ବସିପଡ଼ିବାକୁ ବାଧ୍ୟ ହୋଇଥିଲେ। ଏଥର ସେ ମୂର୍ତ୍ତି ବାମହସ୍ତରେ ଦକ୍ଷିଣ ବାହୁରେ ପିନ୍ଧିଥିବା କଙ୍କଣକୁ କାଢ଼ିବାକୁ ଉଦ୍ୟତ ଦେଖି, ପଣ୍ଡା ମହାଶୟ ହାତଯୋଡ଼ି କହିଥିଲେ, ହେ ରାଜା! ଆପଣ ମତେ ଯାହା ଦେଲେ, ତାହା ମୋ ପାଇଁ ଆଶାତୀତ ଓ ମୋର ସାରା ବଂଶର ଦାରିଦ୍ର୍ୟ ଦୂର କରିବାରେ ସମର୍ଥ। ଆଉ କିଛି ନ ଦେଇ ମୋର ଅନ୍ତରର ଆଶୀର୍ବାଦ ଗ୍ରହଣ କରନ୍ତୁ। ସିଂହଦ୍ୱାର କବାଟରୁ ପଣ୍ଡା ମହାଶୟଙ୍କର ହାତ ଛାଡ଼ିଯାଇଥିଲା। ସେ ବିଶାଳ ମୂର୍ତ୍ତି ମୁହୂର୍ତ୍ତେମାତ୍ର ବିଳମ୍ବ ନ କରି ପ୍ରସ୍ଥାନ କରିଥିଲେ। ତାଙ୍କ ପଛରୁ ପଣ୍ଡା ମହାଶୟ ଆଶୀର୍ବାଦର ବର୍ଷା କରିଥିଲେ।

କିଛି ସମୟ ନିରବ ରହିବା ପରେ ଗାଇଡ୍ ମହାଶୟ କହିଥିଲେ ପଣ୍ଡା ମହୋଦୟ ଏଭଳି ଦାନ ପ୍ରାପ୍ତି ପରେ ଏତେ ଓଜନିଆ କଙ୍କଣକୁ ଘରକୁ ନେବେ କିପରି ଚିନ୍ତାରେ ପଡ଼ିଲେ। ନିଜର ପରିଧାନ ବସ୍ତ୍ରରେ ସେ କଙ୍କଣକୁ ବାନ୍ଧି ବଡ଼ କଷ୍ଟରେ ସିଂହଦ୍ୱାର ସାମ୍ନାରୁ ପେୟନଳା ପର୍ଯ୍ୟନ୍ତ ନେଇପାରିଥିଲେ। ସେଠାରେ ତାକୁ ବାଲି ତଳେ ଲୁଚାଇ ନିଜ ଘରକୁ ଦୌଡ଼ିଥିଲେ। ପରିବାରର ସମସ୍ତ ସଦସ୍ୟ ଆସି ଏକତ୍ର ସେ କଙ୍କଣଟିକୁ ଘରକୁ ନେବାରେ ସମର୍ଥ ହୋଇଥିଲେ। ପଣ୍ଡା ମହାଶୟଙ୍କ ଘରୁ ଦାରିଦ୍ର୍ୟ ସେଇ ମୁହୂର୍ତ୍ତରେ ବିଦାୟ ନେଇଥିଲା।

ଆମେ ସମସ୍ତେ ତୀର୍ଥଯାତ୍ରୀ ମନ୍ତ୍ରମୁଗ୍ଧ ହୋଇ ଗାଇଡ୍‌ଙ୍କର କଥା ଶୁଣୁଥିଲୁ। ଜଣେ ବୟୋବୃଦ୍ଧ ଯାତ୍ରୀ ପଚାରିଥିଲେ, ମହାଶୟ ଆପଣ ସେ କଙ୍କଣଟିକୁ ଦେଖିଛନ୍ତି ? ଗାଇଡ୍ କହିଥିଲେ "ହଁ ଥରେ ମାତ୍ର। ସେ କଙ୍କଣ ବଂଶାନୁକ୍ରମେ ସେବକ ପଣ୍ଡାଙ୍କ ଘରେ ସୁରକ୍ଷିତ।"

□□

ଲେଖକଙ୍କ ଇ-ମେଲ ଠିକଣା:
santoshpatnaikcb@gmail.com

ପ୍ରବନ୍ଧ

# ସାହିତ୍ୟ ଓ ସଭ୍ୟତା

ଡ. ପ୍ରଦୀପ କୁମାର ସ୍ୱାଇଁ

ମଣିଷ ଗୋଟିଏ ଚିନ୍ତାଶୀଳ ଜୀବ। ଭାବପ୍ରବଣତା ରସରେ ସେ ଏହି ଚିନ୍ତାକୁ ରସାଣିତ କରେ, ମାର୍ଜିତ, ଉନ୍ନତ କରେ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ମଣିଷ ପରୀକ୍ଷା, ନିରୀକ୍ଷା, ଆଲୋଚନା କରି ସେ ଯେଉଁ କଳାବିଭବ ସୃଷ୍ଟି କରେ ତାହା ହିଁ ହୁଏ ଚିରନ୍ତନ ଭାବବାଦୀ ସାହିତ୍ୟ। ହସକାନ୍ଦ, ସୁଖଦୁଃଖ, ଭଲମନ୍ଦ, ମାନଅଭିମାନ ଇତ୍ୟାଦ ଆନୁଷଙ୍ଗିକ ମାନବିକତା ଗୁଣଯୋଗୁ ସାହିତ୍ୟ ଅଧିକ ବଳିଷ୍ଠ ଓ ହୃଦୟଗ୍ରାହୀ ହୋଇଥାଏ। ତେଣୁ ଇଂରାଜୀ ସମାଲୋଚକ 'ଅସ୍କାର ୱାଇଲଡ'ଙ୍କ ମତାନୁସାରେ,

"ଲିଟରେଚର୍ ଅଲ୍‌ୱେଜ୍ ଆଣ୍ଟିସିପେଟ୍‌ସ ଲାଇଫ୍। ଇଟ୍ ଡଜ୍ ନଟ୍ କପି ଇଟ୍, ବଟ୍ ଉଡ୍ ସିଟ୍ ଟୁ ଇଟ୍‌ସ ପରପଜ୍।" ତେଣୁ ଚିନ୍ତା, ଭାବ, ଅନୁଭୂତି ଇତ୍ୟାଦିକୁ ବାହାର ଜଗତରେ ପ୍ରକାଶ କରିବା ପାଇଁ ସାହିତ୍ୟ ଯେ ଗୋଟିଏ ବିରାଟ ମାଧ୍ୟମ ଏହା ନିଃସନ୍ଦେହରେ କୁହାଯାଇପାରେ।


ଅସ୍କାର ୱାଇଲଡ

ଅନେକ ସମୟରେ ମନରେ ପ୍ରଶ୍ନ ଉଠେ, ସତେ କ'ଣ ସାହିତ୍ୟ ହୃଦୟର ଗଭୀରତମ ଉଦ୍ଦେଶ୍ୟ ସାଧନ କରି ଦୃଢ଼ ତତ୍ତ୍ୱର ଉଦ୍‌ଘାଟନ କରିପାରିବ ? ସାହିତ୍ୟର ଏ କ୍ଷମତା ନିଶ୍ଚୟ ରହିଛି। ତେଣୁ ପୂର୍ବ କାଳର ପଣ୍ଡିତମାନଙ୍କ ମତରେ ସାହିତ୍ୟ ହିଁ ମନୁଷ୍ୟର ମନୋବୃତ୍ତିକୁ ଆଶ୍ରୟ କରି ଗଠିତ ହୋଇଥାଏ, କିନ୍ତୁ ମନୁଷ୍ୟଦ୍ୱାରା ଗଠିତ ସଭ୍ୟତା ପରିବର୍ତ୍ତନଶୀଳ, ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ପରିବର୍ତ୍ତନଶୀଳ। ଏହି ପରିବର୍ତ୍ତନ ଯୋଗୁ ସାହିତ୍ୟର ବାହ୍ୟ ରୂପ ମଧ୍ୟ ପରିବର୍ତ୍ତିତ ହୋଇଥାଏ। ସଭ୍ୟତା ସାହିତ୍ୟକୁ ପରିତ୍ୟାଗ କରି, ଅଥବା ସାହିତ୍ୟ ସଭ୍ୟତାକୁ ପରିତ୍ୟାଗ କରି ବଞ୍ଚିପାରିବ ନାହିଁ। କାରଣ ସଭ୍ୟତା ହେଉଛି ମନୁଷ୍ୟର କାର୍ଯ୍ୟ। ଆଉ ସାହିତ୍ୟ ହେଉଛି ମନୁଷ୍ୟର ଚିନ୍ତନ ଶକ୍ତି। ସଭ୍ୟତା ଯଦି ବହ୍ନି ହୁଏ ତେବେ ସାହିତ୍ୟ ହେଉଛି ସେହି ବହ୍ନିର ଦାହିକ ଶକ୍ତି। ଏ ବହ୍ନିର ଶେଷ ନାହିଁ। ଅଥବା ଏହି ଦାହିକା ଶକ୍ତିର ମଧ୍ୟ ଶେଷ ନାହିଁ। ଯୁଗ ଯୁଗ ପାଇଁ ଏ ଦୁଇଟିର ଅବିଚ୍ଛେଦ୍ୟ ସମ୍ପର୍କ ନିଶ୍ଚୟ ସବୁଦିନ ସ୍ଥିର ରହିବ।

**ବର୍ଦ୍ଧନଶୀଳ ସଭ୍ୟତା**

ସଭ୍ୟତାକୁ କେନ୍ଦ୍ରକରି ବର୍ଦ୍ଧନଶୀଳ ଜୀବନଧାରା ବୁଦ୍ଧିର ବିକାଶ କରିବା ସହିତ ଏକ ଚରମ ମାନବିକ ପରମ୍ପରାର ଆରୋଗ୍ୟ ସାଧନ କରେ। ହେଲେ ଏ କଥା ସର୍ବଦା ମନରେ ଚିନ୍ତା କରିବା ଉଚିତ ଯେ ଏକ ଅପ୍ରାକୃତିକ ତଥା କୃତ୍ରିମତାର ଆଧିକ୍ୟ ଘେନି ସଭ୍ୟତାର ବିକଶିତ ସ୍ୱରୂପ ମନୁଷ୍ୟ ସମାଜକୁ ଚୁମ୍ବକପରି ଆକର୍ଷିତ କରେ। ଅରଣ୍ୟବାସୀ ପ୍ରସ୍ତର ଯୁଗର ମଣିଷ ପ୍ରକୃତିର ନିକଟ ସମ୍ପର୍କରେ ଆସି ନିଜ ଜୀବନର ପରିପୂର୍ଣ୍ଣତା ପ୍ରତି ଆଗ୍ରହୀ ଥିଲା। କିନ୍ତୁ ପରବର୍ତ୍ତୀ ଯୁଗରେ ବୁଦ୍ଧିର ବିକାଶ ଫଳରେ ଉପଭୋଗ ଓ ବିଳାସର ତାଡ଼ନାରେ ସେ ନବୀନ ଜୀବନର ଧାରା ସୃଷ୍ଟି କରିବାକୁ ଲାଗିଲା। ଜୀବନର ଗତିକୁ ସୁଗମ, ସୁଠାମ କରିବାକୁ ଚେଷ୍ଟା କଲା। ତାହାର ଫଳରେ ସଭ୍ୟତାର ଉନ୍ମେଷ ଘଟିଲା। ତେଣୁ ସଭ୍ୟତା ହେଉଛି ମାନବ ପ୍ରାଣର ଏକ ଅପ୍ରାକୃତିକ କ୍ରମବର୍ଦ୍ଧିଷ୍ଣୁ ବିକାଶଧାରା।

ସାହିତ୍ୟ ମାନବ ପ୍ରାଣର ଏକ ସହଜାତ ପ୍ରକୃତି ଓ ପ୍ରବୃତ୍ତି। ସେଥିପାଇଁ ଚିନ୍ତାହୀନ ସ୍ଥିର ମଣିଷ ମଧ୍ୟ ଗୁଣୁଗୁଣୁ ହୋଇ ସାହିତ୍ୟର ଅନ୍ୟତମ ଅଙ୍ଗ ସଙ୍ଗୀତର ପୂଜାରୀ ହୋଇ ଉଠେ। ସାହିତ୍ୟିକର ପ୍ରତିଭା ଅପ୍ରାକୃତିକ ଜିଜ୍ଞାସା ଦ୍ୱାରା ପରିବର୍ଦ୍ଧିତ

ହେଲେ ମଧ୍ୟ ଆଭ୍ୟନ୍ତରୀଣ ସ୍ଥିର ସୃଷ୍ଟିକାମୀ ବାସନା ସ୍ୱତଃ ବିକଶିତ କଳା ଦେଇ ପ୍ରକାଶିତ ହୁଏ। ତେଣୁ ସାହିତ୍ୟ ଓ ସଭ୍ୟତା ଦୁଇଟି ମେରୁ ସଦୃଶ। ଗୋଟିକର ଅନୁପସ୍ଥିତି ଅନ୍ୟଟିର ଅନୁପସ୍ଥିତିର ହେତୁ ବୋଲି କୁହାଯାଇପାରେ।

କଳା ଓ ସାହିତ୍ୟ; ସାମାଜିକ ସଂସ୍କୃତିଗୁଡ଼ିକରେ ଆଧାର ହୋଇ କୌଣସି ଗୋଟିଏ ଜାତିର ତୁଳନାତ୍ମକ ପ୍ରାଣ ସ୍ପନ୍ଦନର ନିଦର୍ଶନ ହୋଇଥାଏ। ଏପରି ଜରିଆରେ ସମାଜର ଅତୀତ ସ୍ମୃତି ଅଥବା ଜୀବନ, ବହୁ ପରିମାଣରେ ପ୍ରତିବିମ୍ବିତ ହୁଏ। କେତେକ ସମାଲୋଚକଙ୍କ ମତରେ ଏହି ସାଂସ୍କୃତିକ ଆଧାରଗୁଡ଼ିକ ସ୍ୱାଧୀନ ଅଥବା ଆତ୍ମପରିଚାଳିତ ନୁହନ୍ତି। ସମାଜର ରାଜନୈତିକ, ପରିସ୍ଥିତିର ଆଦର୍ଶଗତ ପ୍ରତିବିମ୍ବ ଦ୍ୱାରା ଏହା ପ୍ରଭାବିତ ହୋଇଥାଏ।

**ସାମନ୍ତବାଦ ଓ ଗଣତନ୍ତ୍ରବାଦ**

ତେବେ ମୋଟାମୋଟି ଆମେ ଯଦି ସାହିତ୍ୟକୁ ଦୁଇଟି ବିରାଟ ଭାଗରେ ବିଭକ୍ତ କରୁ ତେବେ ସାହିତ୍ୟକୁ ସାମନ୍ତବାଦୀ ଓ ଗଣତନ୍ତ୍ରବାଦୀ ଏହିପରି ଦୁଇଟି ଭାଗରେ ବିଭକ୍ତ କରାଯାଇପାରିବ। ସାମନ୍ତବାଦୀ ଯୁଗ ଗୋଟିଏ ବିରାଟ ଯୁଗ ଏହା ବିସ୍ତୃତ ଇତିହାସରୁ ଆରମ୍ଭ ହୋଇ ଅକ୍ଷୁଣ୍ଣ ଭାବରେ କବିସୂର୍ଯ୍ୟଙ୍କ ପର୍ଯ୍ୟନ୍ତ ଗତି କରି ଆସୁଛି, ହେଲେ ପରବର୍ତ୍ତୀ ଯୁଗରେ ଯେଉଁ ଗଣତନ୍ତ୍ରବାଦୀ ସାହିତ୍ୟ ସୃଷ୍ଟି ହେଲା - ସେହି ହେଉଛି ଆମର ତଥାକଥିତ ଆଧୁନିକ ସାହିତ୍ୟର ଜନକ। ସାମନ୍ତବାଦୀ ଯୁଗ ଓ ଗଣତନ୍ତ୍ରବାଦୀ ଯୁଗ ମଧ୍ୟରେ ଅସଲ ମୌଳିକ ପ୍ରଭେଦ କେବଳ ଗୋଟିଏ ଦୃଷ୍ଟିକୋଣରୁ ସମ୍ଭବ ହୋଇଛି। ସାମନ୍ତବାଦୀ ସାହିତ୍ୟ ଥିଲା ଆନନ୍ଦବାଦୀ ସାହିତ୍ୟ। ଏହା ଦେହରେ ଯେ ଦୁଃଖ ବା ଖେଦ ସ୍ଥାନ ପାଇ ନ ଥିଲା ତାହା ନୁହେଁ। କିନ୍ତୁ ମୌଳିକ ଲକ୍ଷ୍ୟ ଥିଲା ଆନନ୍ଦବାଦକୁ ଆଶ୍ରୟ କରି ଏକ ସ୍ୱର୍ଗୀୟ ସାମ୍ରାଜ୍ୟ ପ୍ରତିଷ୍ଠା। ହେଲେ ଗଣତନ୍ତ୍ରବାଦୀ ସାହିତ୍ୟର ମୂଳ କଥନୀ ହେଉଛି ଦୁଃଖବାଦ। ଏହି ଦୁଃଖବାଦକୁ କେନ୍ଦ୍ରକରି ପୋଡ଼ାଭୂଇଁର କବିତାଦୁର୍ଗ ନିର୍ମାଣ କରାଯାଇଛି। ସାମନ୍ତବାଦୀ ଯୁଗରେ ଶାସକଗଣ କବି ଓ କଳାକାରମାନଙ୍କୁ ଯେପରି ପୋଷିତ ଓ ନିଷ୍ପେଷିତ କରି ରଖିଥିଲେ ତାହାରି ଫଳରେ ପରବର୍ତ୍ତୀ ଯୁଗରେ ଜନଜାଗରଣର ସୂତ୍ରପାତ ହେଲା ଓ ବିପ୍ଳବକୁ କେନ୍ଦ୍ରବିନ୍ଦୁ ରୂପେ ଗ୍ରହଣ କରି ସାହିତ୍ୟ ସୃଷ୍ଟି ହେଲା। ଏହି ଦୁଃଖବାଦର ଅଭ୍ୟନ୍ତରରେ ଯେଉଁ ବିପ୍ଳବାତ୍ମକ ଚିନ୍ତାଧାରା ଅଭିରାମ ସ୍ରୋତ ପ୍ରବାହିତ, ତାହା କେବଳ ଗବେଷକମାନେ ହିଁ ଅନୁଭବ କରିପାରିବେ।

**ମୌଳିକ ଲକ୍ଷ୍ୟ ଥିଲା ଆନନ୍ଦବାଦକୁ ଆଶ୍ରୟ କରି ଏକ ସ୍ୱର୍ଗୀୟ ସାମ୍ରାଜ୍ୟ ପ୍ରତିଷ୍ଠା। ହେଲେ ଗଣତନ୍ତ୍ରବାଦୀ ସାହିତ୍ୟର ମୂଳ କଥନୀ ହେଉଛି ଦୁଃଖବାଦ।**

ଏଠାରେ ଆଉ ଏକ ରହସ୍ୟ ଭେଦ କରିବାର ରହିଛି। ସେହିଟି ହେଉଛି ସଂସ୍କାରବାଦୀ ଦୃଷ୍ଟିକୋଣ। ଅବଶ୍ୟ ଏକଥା ସତ୍ୟ ଯେ କବି କଳାକାର ଯୁଗେ ଯୁଗେ ଇତିହାସର ଆରମ୍ଭ କାଳରୁ ସଂସ୍କାରକ। ତଥାପି ଗଣତନ୍ତ୍ରବାଦୀ ସାହିତ୍ୟର ମୂଳଦୁଆ ପଡ଼ିବା ବେଳେ ଏହି ସଂସ୍କାରବାଦ ପ୍ରବଳ ହୋଇ ଉଠିଲା। ଫଳରେ ସାମାଜିକ ଦୃଷ୍ଟିକୋଣରୁ ସମସ୍ତ ବିଶୃଙ୍ଖଳାର ପରିବର୍ତ୍ତନ କରି କବି ସଂସ୍କାର କାମନା କଲେ ଯାହା ଦ୍ୱାରା କି ବିପ୍ଳବର ଏକ ମୁଖ୍ୟ ଉଦ୍ଦେଶ୍ୟ ହୋଇ ସଂସ୍କାର ସ୍ଥାନ ପାଇଲା। ପ୍ରାୟ ପ୍ରତ୍ୟେକ ଆଧୁନିକ ସାହିତ୍ୟର ପ୍ରତିଭା ଦେହରେ ଏହି ସଂସ୍କାରର ସ୍ୱର ନିହିତ। କେବଳ ଗପ କହିବା ଆଧୁନିକ ସାହିତ୍ୟର ଉଦ୍ଦେଶ୍ୟ ନୁହେଁ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଆଉ ଆମ ଭିତରେ ବିରାଟ ପ୍ରଭେଦ ଏଇଠି। କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ବିଶ୍ୱମନଭୁଲା ସୌନ୍ଦର୍ଯ୍ୟରେ ଉପେନ୍ଦ୍ର ବିଭୋର ହୋଇ କେବଳ ସୌନ୍ଦର୍ଯ୍ୟ ଭିତରେ ଆତ୍ମଗୋପନ କରିଥିବା ଐଶ୍ୱରିକ ଶକ୍ତିର ପୂଜକ ହୋଇ ପଡ଼ିଥିଲେ। କିନ୍ତୁ ଆମେ ଦେଖୁଛୁ ଏଇ ସୌନ୍ଦର୍ଯ୍ୟ ନାୟକକୁ କିପରି ଅନ୍ଧ, କାମୁକ ମୂକ କରିଦେଇପାରେ।

**ଭଞ୍ଜ ସାହିତ୍ୟ**

ଉପେନ୍ଦ୍ରଙ୍କ ସାହିତ୍ୟ ଥିଲା ଏକ ବର୍ଣ୍ଣନାତ୍ମକ ସାହିତ୍ୟ। କିନ୍ତୁ ଆମ ସାହିତ୍ୟ ଏକ ବିଶ୍ଳେଷଣାତ୍ମକ ସାହିତ୍ୟ। ଯୁଗର ଭେଦରେ ରୁଚି ବଦଳେ। ଆଦର୍ଶ ବଦଳେ। ସେହିପରି ଉପେନ୍ଦ୍ରଙ୍କ ଯୁଗର ଆଦର୍ଶଠାରୁ ଆମ ଯୁଗର ଆଦର୍ଶ ଭିନ୍ନ। ଉପେନ୍ଦ୍ର ଯୁଗରେ ପାଣ୍ଡିତ୍ୟ ବା ଶୈଳିକ ଚାତୁରୀ ଦେଖାଇବା କବିଙ୍କର ମହାନ କର୍ତ୍ତବ୍ୟ ଥିଲା। ଅଳଙ୍କାର, ଛନ୍ଦ, ସ୍ୱର ଦେହରେ ଉପେନ୍ଦ୍ର ନିଜକୁ ଭସାଇ ଦେଇଥିଲେ। ଆମେ କିନ୍ତୁ ଏସବୁ ଗୁଣର ପୂଜାରୀ ନୋହୁ। ଆମେ ମାନବବାଦୀ। ସମାଜର ଦୁଃଖ

ଦୁର୍ଦ୍ଦଶାରେ ଆମର ପ୍ରାଣ ବ୍ୟଥିତ । ତେଣୁ ଅଧୁନାତନ ସାହିତ୍ୟିକ ପୁଣି ଉପେନ୍ଦ୍ରଙ୍କ ଯୁଗକୁ ଫେରିଯିବାର ଆବଶ୍ୟକତା ନାହିଁ। ଆଜିର ଯୁଗରେ ଯଦି ଉପେନ୍ଦ୍ରଭଞ୍ଜ ଜନ୍ମ ନେଇଥାନ୍ତେ ତେବେ ହୁଏତ ସେ ମଧ୍ୟ କହନ୍ତେ ଯେ –

ଯନ୍ତ୍ର ତେତେ କି ମନ୍ତ୍ର ଦେଇଛି
ମାଟିର ମଣିଷ ଆରେ।
ରୁଗ୍ଣ ତୋହର ଚିତ୍ତ ଗହନେ
ଚିହ୍ନି ପାରୁନୁ ବାରେ।

ମଣିଷ ଯେତେ ସମାଜ ସଚେତନ ହେବ, ତାହାର ସାହିତ୍ୟ ସେତେ ଉଗ୍ର ସାହିତ୍ୟ ହେବ। ଆଧୁନିକ ସାହିତ୍ୟ ସାମାଜିକ ପରିବେଶ ବା ପରିସରକୁ ସ୍ୱୀକୃତି ନ ଦେଇଥିଲେ ମଧ୍ୟ ଏକ ଅନ୍ତର୍ଜାତୀୟ ସମନ୍ୱୟୀ ସମାଜ ଗଠନ କରିବାକୁ ବ୍ୟାକୁଳ। ତେଣୁ ଭଞ୍ଜ ସହିତ ଆଜି ସାଲିସ୍ କରିବାର ଆବଶ୍ୟକତା ନାହିଁ। ଏ ସାଲିସ୍ ମଧ୍ୟ ଚିରନ୍ତନ ହେବ ନାହିଁ। ଯୁଗ ପୁଣି ବଦଳିପାରେ, ପରିସ୍ଥିତି ହିଁ ପ୍ରଚାରର ନିୟାମକ। କେତେକ କହନ୍ତି – ଏହି ଗଣତନ୍ତ୍ରବାଦୀ ବର୍ତ୍ତମାନର ସାହିତ୍ୟ ଦେହରେ ମଧ୍ୟ ଆନନ୍ଦବାଦର ସ୍ୱର ରହିଛି। ଶତ ଶତ ପ୍ରେମ କବିତା ବର୍ତ୍ତମାନ ଲେଖାଯାଉଛି। ଯୁକ୍ତି ମନ୍ଦ ନୁହେଁ। ବିପ୍ଳବ ପରେ ଶାନ୍ତି ଫେରିବା ପରି ଭାରତର ସ୍ୱାଧୀନତା ପରେ ପ୍ରେମର ତଥା ଆନନ୍ଦର ଆବଶ୍ୟକତା ରହିଛି, ହେଲେ ଏ ପ୍ରେମ ସାବିତ୍ରୀ ସତ୍ୟବାନର ପ୍ରେମ ନୁହେଁ। କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ପ୍ରେମ ନୁହେଁ।



ଏ ପ୍ରେମ ନାୟିକାର ନାମ ଶ୍ରାବଣୀର ପ୍ରେମ, ଏ ପ୍ରେମ ଇନ୍ଦ୍ରଦେବ ଅହଲ୍ୟାଙ୍କର ପ୍ରେମ। ପ୍ରେମ ଏକ ସ୍ଥିର ବିନ୍ଦୁ ହୋଇନାହିଁ। ଏହା ଗତିଶୀଳ, ଅସ୍ଥିର। କାମନାର ଚରିତାର୍ଥ ପାଇଁ ଦେହର ବାହିକା ଶକ୍ତି ପାଇଁ ପ୍ରେମ ଆବଶ୍ୟକ। ରୁଦ୍ଧ କୋଠରି ମଧ୍ୟରେ ଏହାକୁ ଆବଦ୍ଧ କରି ରଖିବାର କାରଣ ନାହିଁ। ତେଣୁ କବି ସମ୍ରାଟ ଉପେନ୍ଦ୍ରଙ୍କ ସହିତ ଆମକୁ ତୁଳନା କରି ଲାଭ ନାହିଁ। ଆମେ ଯେଉଁ ଯୁଗର ମଣିଷ, ସେହି ଯୁଗର ଆଦର୍ଶଗତ ପ୍ରଭାବ ହିଁ ଆମ ଚିନ୍ତାକୁ ବଳିଷ୍ଠ କରିଛି। ଆମେ ଉପେନ୍ଦ୍ରଙ୍କୁ ଉପେକ୍ଷା କରୁନାହୁଁ, ହେଲେ ଉପେନ୍ଦ୍ର ଯଦି ଜାତକର କବିତାକୁ ବୈଦେହୀଶ ବିଳାସରେ ପରିଣତ କରିବାକୁ କହନ୍ତି, ତେବେ ଭୁଲ ହେବ।

**ଆତ୍ମପ୍ରକାଶର ପ୍ରବଣତା**

ମଣିଷ ସର୍ବଦା ଆତ୍ମପ୍ରକାଶ କରିବା ପାଇଁ ବ୍ୟାକୁଳ। ଆତ୍ମପ୍ରକାଶ ହିଁ ଏକ ସୃଷ୍ଟିମୁଖର କଳା। କିନ୍ତୁ ଆତ୍ମବିକାଶର କୌଶଳ ଭିନ୍ନ ଭିନ୍ନ। ସାହିତ୍ୟ ସେହି କୌଶଳଗୁଡ଼ିକ ମଧ୍ୟରୁ ଅନ୍ୟତମ। ପୁଣି ସାହିତ୍ୟ ଦେହରେ ଯେଉଁ କୌଶଳ ଆତ୍ମଗୋପନ କରିଛି, ତାହା ମଧ୍ୟ ଭିନ୍ନ ଭିନ୍ନ ରୂପେ ପରିପ୍ରକାଶ ହୁଏ। ନିଜକୁ ପ୍ରକାଶ କରିବାର ଯେଉଁ ଦୁରନ୍ତ ପ୍ରଚେଷ୍ଟା ଯୁଗ ଯୁଗ ଧରି ମନୁଷ୍ୟ ପ୍ରାଣରେ ପ୍ରତିକ୍ରିୟା ସୃଷ୍ଟିକରି ଚାଲିଛି, ତାହା ହିଁ ସଭ୍ୟତାର ଇତିହାସରେ ମହାନ୍ ସାହିତ୍ୟ ବା କଳା ଆକାରରେ ପରିପ୍ରକାଶିତ ହୋଇଛି। ତେବେ ଏଠାରେ ଆଉ ଗୋଟିଏ କଥା ବିଚାର କରିବାର ରହିଛି। ସାହିତ୍ୟ ଇଚ୍ଛା କଲେ ନିଜକୁ ପ୍ରକାଶ କରିପାରିବ ନାହିଁ। ତା'ର ପ୍ରକାଶ ପାଇଁ ଦରକାର ଭାଷା। ଭାଷା ଯେତେ ଜୀବନ୍ତ, ଯେତେ ପ୍ରାଣବନ୍ତ ଯେତେ ଉନ୍ନତ ଓ ହୃଦୟଗ୍ରାହୀ ହେବ ସାହିତ୍ୟ ସେତେ ସୁନ୍ଦର ଓ ବଳିଷ୍ଠ ହେବ। ତେଣୁ ଭାଷା ମନୁଷ୍ୟର ଗୋଟିଏ ଶ୍ରେଷ୍ଠ ଆବିଷ୍କାର କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ପ୍ରକାଶିତ ହୋଇ ପାଠକ ବା ଶ୍ରୋତାମାନଙ୍କୁ ମୁଗ୍ଧ କରିଥାଏ। ଏହି ଭାବକୁ ବହନ କରିଚାଲିଥିବା ଭାଷା ଯେତେବେଳେ ରସାଳ ହୁଏ, ସେତେବେଳେ ସାହିତ୍ୟ ସୃଷ୍ଟି ହୋଇ ଯୁଗକୁ ନିୟନ୍ତ୍ରିତ କରେ।

ସାହିତ୍ୟରେ ଭାବ ଏକ ଅହେତୁକି ସଞ୍ଚାର। ଏହା ମନକୁ ପୁଲକିତ କରେ, ହୃଦୟକୁ କୋଳାୟିତ କରେ, ପ୍ରାଣୀକୁ ଉନ୍ନତ କରେ, ଦୃଷ୍ଟିକୁ ପ୍ରସାରିତ କରେ, ଜୀବନକୁ ଅନୁପ୍ରାଣିତ କରେ, ଆତ୍ମାକୁ ଲୀଳାୟିତ କରେ। ତେଣୁ ମନୁଷ୍ୟ ପ୍ରାଣରେ ଉଦ୍ରେକ ହେଲା ଭଳି ନାନାବିଧ ଶୂନ୍ୟ ଭାବନା ଆଉ ସାହିତ୍ୟିକ ଭାବନା ମଧ୍ୟରେ ନିଶ୍ଚୟ ପାର୍ଥକ୍ୟ ରହିଛି। ସାଧାରଣ ଭାବନା ଦେହରେ ଛନ୍ଦ, ଗତି ଅଥବା କ୍ରମିକ ବିକାଶର ପ୍ରଶ୍ନ ନ ଥାଏ। ହେଲେ ସାହିତ୍ୟର ଭାବନା ଭିତରେ ଏ ସବୁର ଅବିଚ୍ଛେଦ୍ୟ ସ୍ଥାନ

ରହିଛି। ତେଣୁ ସାହିତ୍ୟର ଭାବନା ସାଧାରଣ ଭାବନାଠାରୁ ନିଶ୍ଚୟ କଷ୍ଟକର ଓ ଦୁଷ୍କର।

ପୁଣି ରୁଚି ଭାବନାର ବାହକ। ମନୁଷ୍ୟର ଭାବନାରେ ଅନେକ କିଛି କଥା ସ୍ଥାନ ପାଇପାରେ। ହେଲେ ସେ ଭାବନାକୁ ପାଠକ ବା ଶ୍ରୋତା ଗ୍ରହଣ କରି ନ ପାରନ୍ତି। ତେଣୁ ଭାବନାଗୁଡ଼ିକ ସର୍ବଦା ରୁଚି ଅନୁମୋଦିତ ହେବା ବିଧେୟ। ଯାହା ଦ୍ୱାରା କି ଏହା ଦେହରେ ସ୍ଥାନ, କାଳ, ପାତ୍ରକୁ ଲକ୍ଷ୍ୟକରି ସାର୍ବଜନୀନ ଆବେଦନ ରହିପାରିବ। ତା' ଛଡ଼ା ଆଉ ଏକ ବଡ଼ କଥା ହେଉଛି ସାହିତ୍ୟ ଭାବନାରେ ଆମେ ସର୍ବଦା ମାନବିକତାର ଆରୋପ କରିବା ଉଚିତ। କାରଣ ଆମେ ସାହିତ୍ୟ ରଚନା କରୁ କେବଳ ମଣିଷମାନଙ୍କ ପାଇଁ। ପଶୁପକ୍ଷୀ କୀଟପତଙ୍ଗ ପାଇଁ ନୁହେଁ। ତେଣୁ ମାନବିକତାର ପରୀକ୍ଷା ନିରୀକ୍ଷାରେ ଆମ ଭାବନା ପୁଷ୍ଟ ହୋଇ ନ ଥିଲେ ଅଶ୍ରଦ୍ଧାଭାଜନ ହେବା ନିଶ୍ଚିତ।

**ଭାବନା ଏକ ଜନ୍ମଗତ ପ୍ରବୃତ୍ତି। ମନୁଷ୍ୟ ଇଚ୍ଛାକରି ଏହାର ଜନ୍ମ କରିପାରେନାହିଁ। ହେଲେ ମନୁଷ୍ୟ ଇଚ୍ଛା କରି ଭାବନାକୁ ମାର୍ଜିତ ଆଉ ଉନ୍ନତ କରିପାରେ।**

## ମାନବିକତାର ଆରୋପ

କେବଳ ମାନବିକତାର ଆରୋପ ଯେ ଭାବନାକୁ ବଳିଷ୍ଠ କରିପାରିବ ତାହା ମଧ୍ୟ ଠିକ୍ ନୁହେଁ। ମାନବ ବା କଳାକାରର ପ୍ରାଣର ଅନୁଭୂତି ସବୁଠାରୁ ବଡ଼ ଜିନିଷ। ଏହି ଅନୁଭୂତି ଯେତେ ବଳିଷ୍ଠ ହେବ ଭାବନା ସେତେ ଆବେଦନଶୀଳ ହେବ। ତେଣୁ ଅନୁଭୂତିର ରଙ୍ଗରେ ଭାବନାକୁ ରଙ୍ଗେଇ ନିଜ ରୁଚି ଅନୁସାରେ ମାନବିକ ସ୍ପର୍ଶ ଦେଇ ସାହିତ୍ୟ ରଚନା କଲେ ସାହିତ୍ୟ ଏକ ଅମର, ଅଜେୟ, ସର୍ବକାଳୀନ, ସର୍ବଯୁଗୀୟ କଳା ହୋଇପାରିବ। କେତେକଙ୍କ ମତରେ ଭାବନା ଏକ ସ୍ୱୟଂ ସୃଷ୍ଟିର ପ୍ରବୃତ୍ତି। ଏହାକୁ କେହି କେବେ ଅଭ୍ୟାସ କରି ହାସଲ କରିପାରେ ନାହିଁ। ଯଦି ଅଭ୍ୟାସ ଦ୍ୱାରା ଭାବନା ସୃଷ୍ଟି ହୋଇପାରୁଥାନ୍ତା ତେବେ ସମସ୍ତେ କବି ବା କଳାକାର ହୋଇପାରନ୍ତେ। ଏହା ଏକ ଐଶ୍ୱରିକ ଦାନ ବୋଲି ମଧ୍ୟ ଅନେକଙ୍କର ମତ।

ତେବେ ଏ କଥା ସତ ଯେ ଭାବନା ଏକ ଜନ୍ମଗତ ପ୍ରବୃତ୍ତି। ମନୁଷ୍ୟ ଇଚ୍ଛାକରି ଏହାର ଜନ୍ମ କରିପାରେନାହିଁ। ହେଲେ ମନୁଷ୍ୟ ଇଚ୍ଛା କରି ଭାବନାକୁ ମାର୍ଜିତ ଆଉ ଉନ୍ନତ କରିପାରେ। ଯେପରି ତଳକୁ ତଳ ବହିଯିବା ପାଣିର ଧର୍ମ। ହେଲେ ଧାରକାଟି ନଈରେ ଛାଡ଼ିଲେ ସେ ହେବ ନଈପାଣି, ନାଳରେ ଛାଡ଼ିଲେ ସେ ହେବ ନାଳପାଣି, ପୋଖରୀରେ ଛାଡ଼ିଲେ ସେ ହେବ ପୋଖରୀପାଣି। ଠିକ୍ ସେହିପରି ଭାବନା ଏକ କ୍ରିୟା। ତାକୁ ଆମେ ଭଲ ଉଦ୍ଦେଶ୍ୟରେ ବ୍ୟବହାର କଲେ ହୋଇପାରିବ, ଆଉ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କଲେ ମଧ୍ୟ ହୋଇପାରିବ।

ଅନେକ ସମୟରେ ସାହିତ୍ୟିକମାନେ କିନ୍ତୁ ସାହିତ୍ୟର ଭାବଧାରାକୁ ଉପଯୁକ୍ତ ଭାବେ ସମ୍ମାନ ଦେଇପାରନ୍ତି ନାହିଁ। ଫଳରେ ବହୁ ଅବାନ୍ତର ଅଶ୍ଳୀଳ ଭାବନା ମଧ୍ୟ ସାହିତ୍ୟରେ ସ୍ଥାନ ପାଇଥାଏ। ଆମେ ବିଚାରଶୀଳ ମଣିଷ। ଭାବନାକୁ ବିଚାର କରିବାର କ୍ଷମତା ଆମର ରହିଛି। ବିଚାର ଅନୁସାରେ ଆମେ ଯାହା ଉଚିତ୍ ମନେ କରିବା ତାହାକୁ ଗ୍ରହଣ କରିବା ଭଲ।

ଆମର ବିଚାର ସର୍ବଦା ବିବେକାଶ୍ରିତ ହେବା ଆବଶ୍ୟକ। ତା'ହେଲେ ବୈଚାରିକ ବିଭ୍ରାଟ ନିଶ୍ଚୟ ଲୋପ ପାଇଯିବ। ଆମେ ଭିନ୍ନ ଭିନ୍ନ ଯୁକ୍ତି କରିପାରୁ। ଭିନ୍ନ ଭିନ୍ନ ପଥ ବାଛି ନେଇପାରୁ। ହେଲେ ବିବେକ ଗୋଟିଏ ଏପରି ପ୍ରବୃତ୍ତି ଯାହା ପାଖରେ ସମସ୍ତେ ମୁଣ୍ଡ ନୁଆଇଁ ଦିଅନ୍ତି। ବିବେକ ହିଁ ଶ୍ରେଷ୍ଠ ମାନବିକତା ପ୍ରବୃତ୍ତି। ଏହା ଭାବନାକୁ ସଞ୍ଜତ ଓ ମାର୍ଜିତ କରିପାରେ। ତେଣୁ ସାହିତ୍ୟର ଭାବଧାରା ଦେହରେ ମଧ୍ୟ ବିବେକର ସ୍ପର୍ଶ ଆବଶ୍ୟକ। ତାହେଲେ ଯାଇ ଆମ ସାହିତ୍ୟ ବିଶ୍ୱରେ ମୁଣ୍ଡ ଟେକିପାରିବ।

ଆମେ ପୁରାତନ ପନ୍ଥୀ ହେଉ ବା ଆଧୁନିକ ପନ୍ଥୀ, ପ୍ରଥମେ ନିଜକୁ ପଚାରିବା ଉଚିତ୍, ହେ ମୋର ଭାବନା, ତୁ ମୋ'ର ବିବେକର ପାଖ ଛାଡ଼ି ବାଉଳା ହୋଇନାହୁଁ ତ ? କାରଣ ମୁଁ ବିବେକୀ ମଣିଷ। ମୁଁ ସିନା ମରିଯିବି ମୋର ଭାବନା କିନ୍ତୁ ଯୁଗ ଯୁଗ ପାଇଁ ଏ ଜାତିକୁ ପଥ ଦେଖାଇବାରେ ସାହାଯ୍ୟ କରିବ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
swain.ts2012@gmail.com

କବିତା




# ମନେ ପକାଅ

ପ୍ରଫୁଲ୍ଲ କୁମାର ତ୍ରିପାଠୀ

କେତେ ଦିନ ହେଲା......
ତୁମ ଖୋଲା ପାଦ ଛୁଇଁନି ମାଟି କି ଘାସ ?
କରିନାହଁ ଥରେ ନିର୍ଜଳା ଉପବାସ ?
ନିରେଖି ଦେଖିନ ପିଂପୁଡ଼ିଙ୍କ ଗତିପଥ ?
କଂକି ଡେଣାରେ ଛୁଆଁଇନ ନିଜ ହାତ ?

କେତେ ଦିନ ହେଲା.....
ଗାଧୋଇବା ପାଇଁ ଯାଇନ ନଈ, ପୋଖରୀ ?
ଏକାକୀ ବସିନ ବଡ଼ ବହିଟିଏ ଧରି ?
ଆକାଶକୁ ଚାହିଁ ଖୋଜିନାହଁ ନୂଆ ତାରା
ବଉଳ ମହକେ ହୋଇନ ଆତ୍ମହରା ?

କେତେ ଦିନ ହେଲା.....
ପାପୁଲି ଯୋଡ଼ି ପିଇନାହଁ ନଳ ପାଣି ?
ବହଳ କେଶକୁ କରିନାହଁ ଗୋଟେ ବେଣୀ ?



କେତେ ଦିନ ହେଲା.....
ଦେହରେ ମାଖିନ ବଟାହଳଦୀ ଓ ତେଲ ?
ଖେଳି ପାରିନାହଁ ଖପରା ଡିଆଁର ଖେଳ ?

କେତେ ଦିନ ହେଲା.....
ଗାଆଁ ଦାଂଡରେ ଦେଖିନାହଁ ଠିଆ ପାଲା ?
ରୋଷେଇ ଘରେ ଝୁଲାଇନ ବଡ଼ ତାଲା ?

କେତେ ଦିନ ହେଲା.....
କାହାଠୁ ପାଇନ, କାହାକୁ ଦେଇନ
ହାତଲେଖା ଲଂବା ଚିଠି ?
ଚାବିମାଳଟିଏ ସଂଭାଳି ରଖିନ
କାନିରେ ପକାଇ ଗଂଠି ?

କେତେ ଦିନ ହେଲା.....
ଚୋବାଇ ଚୋବାଇ ଘଷିନାହଁ ଦାଂତକାଠି ?
କୁକୁଡ଼ାର ଡାକ ଶୁଣି ପାରିନାହଁ
ସକାଳ ପୂର୍ବରୁ ଉଠି ?

କେତେ ଦିନ ହେଲା.....
ଆଖିରେ ଦେଖିନ ସଦ୍ୟତମ ସୂର୍ଯୋଦୟ ?
ତେବେ ବି କହୁଛ, ଯାହାକୁ ଭେଟୁଛ
'ହୋଇନାହିଁ କିଛି କ୍ଷୟ ?'

ମନେ ପକାଅ ଓ ଗଣି ଗଣି ଜାଣ
ହେଲଣି କେତେ ନିଃସ୍ୱ ?
କଥାର ବଳରେ ଚଳିପାରିବ କି
ଆମର ବିଶାଳ ବିଶ୍ୱ ?

□□

କବିଙ୍କ ଇ-ମେଲ ଠିକଣା:
info@sahityacharcha.com

ଗଳ୍ପ

# ଦୁଇଟି ମିନିଗପ

ଧରିତ୍ରୀ ପାଣିଗ୍ରାହୀ



## ରଙ୍ଗ ନମ୍ବର

ଏକ ଅଜଣା ଫୋନ କଲର ଘୁଂ ଘୁଂ ଶବ୍ଦ କୋଠରୀର ନୀରବତାକୁ ଭଙ୍ଗ କରିଦେଲା। ଦୀର୍ଘ ଶ୍ୱାସ ପକେଇ ପଚାରିଲା ଆଶିଷ, "ହ୍ୟାଲୋ, କିଏ କହୁଛନ୍ତି ?"

କେହି ଜଣେ ମହିଳା ଅଧୈର୍ଯ୍ୟ ହୋଇ କହୁଥାନ୍ତି, "ଥାଙ୍କ ଗଡ୍ ଆଜି ତମ ନମ୍ବରଟା ଲାଗିଗଲା। ଦୀର୍ଘ ତିନି ମାସ ହେବ କଉଠି ନ ଖୋଜିଚି ମୁଁ ତମକୁ ଆଉ ତମ ନମ୍ବରକୁ, କେବଳ ଏତିକି କହିବାକୁ,ବାସ୍ ଶେଷଥର ପାଇଁ ଥରେ ଫେରିଆସିବାର ଅନୁମତି ଦିଅ। ସବୁ ଭୁଲ ପାଇଁ କେବଳ ଶେଷ ପ୍ରାୟଶ୍ଚିତ ଚାହେଁ।"

-"ସତ କହୁଛ, ତମେ ପୁଣି ଫେରି ଆସିବାକୁ ଚାହଁ? ଶେଷ ଥର ଏକ ଶେଷ ସୁଯୋଗ ମତେ ଦେବା ପାଇଁ ? ମୋର ସବୁ ଭୁଲ, ଆଉ ତମ ପ୍ରତି କରିଥିବା ଅନ୍ୟାୟକୁ ମୁଁ ସ୍ୱୀକାର କରୁଛି ଆଶା। ତୁମେ ଫେରି ଆସ ଆଶା, ମୁଁ ସତରେ ଅନୁତପ୍ତ।" ରୁଦ୍ଧ କଣ୍ଠରେ, ବ୍ୟଗ୍ର, ବ୍ୟସ୍ତ ବିବ୍ରତ ହୋଇ ଉତ୍ତର ଦେଲା ଆଶିଷ।

-ଆଶା ? ସରୀ ! ଆପଣ କିଏ କହୁଥିଲେ ? ମୟଙ୍କ ପିଲାଳିଆମୀ ବନ୍ଦ କର, ତୁମେ ଜାଣ ମୁଁ ଆଶା ନୁହେଁ ନନ୍ଦିତା।

ଝରକା ଦେଇ ଆସୁଥିବା ଷ୍ଟ୍ରିଟ ଲାଇଟ୍‌ର ଆଲୁଅରେ ଝାପ୍ସା ଦେଖା ଯାଉଥିବା କାନ୍ଥକୁ ଚାହିଁଦେଲା ଆଶିଷ, ଫୁଲମାଳଟି ମନ୍ଦ ପବନରେ ସେମିତି ଦୋହଲୁଛି ପତ୍ନୀ ଆଶାଙ୍କ ଫୋଟୋରେ। ବହି ଆସୁଥିବା ଲୁହକୁ ସମ୍ଭାଳି ରୁଦ୍ଧ କଣ୍ଠରେ ଉତ୍ତର ଦେଲା ଆଶିଷ, "ଓଃ ନନ୍ଦିତା ? ମାଡାମ୍ ସବୁ ଭୁଲ ପାଇଁ ପ୍ରାୟଶ୍ଚିତ ନଥାଏ। ସରୀ, ରଙ୍ଗ ନମ୍ବର"।



## ଦାଗ

ମିନି ଭାରି ଅନ୍ୟମନସ୍କ ଜଣା ପଡୁଥିଲା, ବାହାରିଥିବା ପରୀକ୍ଷା ଫଳ ଦେଖି ମା' ବାପାଙ୍କ ପ୍ରତିକ୍ରିୟା କଣ ହେବ ସେଇ ଚିନ୍ତାରେ ବିବ୍ରତ ଓ ବ୍ୟଥିତ ହୋଇପଡ଼ିଥିଲା ସେ।

-ମିନି ଆସି ସଞ୍ଜବତୀ ଲାଗିଲାଣି ପରା ଘରେ, ଫେରୁ ଫେରୁ ଏତେ ଡେରି କାହିଁକି ହେଲା ?

-ହଁ ବୋଉ ଟିଉସନ୍ ହେଇ ଫେରିଲି, ସେଥିପାଇଁ।

ମିନିର ମୁହଁରେ କିଛି ଆତଙ୍କର ଭାବ ଲକ୍ଷ୍ୟକଲେ ବୋଉ। ସେ ତା' ମୁଣ୍ଡକୁ ଆଉଁଶି ଦେଉ ଦେଉ କହିଲେ,"ଫେଲ୍ ହବାଟା କିଛି ବଡ଼ କଥା ନୁହଁ ମ। ମୁଁ ଦିଥର ଆଉ ତୋ ବାପା ଥରେ ପା ଫେଲ୍ ହେଇଛନ୍ତି। ସେଥିରେ କଣ ଜୀବନରେ ଦାଗ ଲାଗେ ? ଆରଥରକୁ ରେଜଲ୍ଟ ଭଲ କଲେ ଏ ଦାଗ ଲିଭିଯିବ।" ଅଳ୍ପ ହସିଦେଲା ମିନି।

କିନ୍ତୁ, ନିଜ ଶରୀରର ଭିନ୍ନ ଭିନ୍ନ ଜାଗାରେ ପଡ଼ିଥିବା ମେଞ୍ଚା ମେଞ୍ଚା ଦାଗ ଦେଖି ଶତ ଧିକ୍କାର କରୁଥାଏ ସେ ନିଜକୁ। ମନେ ମନେ ବିଚାର କରୁଥାଏ ରେଜଲ୍ଟର ଦାଗ ସିନା ଲିଭିଯିବ, ହେଲେ ଏ ଦାଗରୁ କଣ କେବେ ମିଳେ ମୁକ୍ତି ? ମନେ ମନେ ଗୁଣୁଗୁଣେଇ କହୁଥାଏ, "ଗୁରୁଙ୍କୁ ନମଣିବ ନର, ସିଏ ବି ହୋଇପାରନ୍ତି ଅସୁର।"

□□

ଲେଖିକାଙ୍କ ଇ-ମେଲ ଠିକଣା:
dharitripanigrahi94@gmail.com


ଶିଶୁ ଗଳ୍ପ



# ବୁଢ଼ିଆ ଓ ଟଗରଗଛ

କୁଞ୍ଜ ବିହାରୀ ସାହୁ

ତୁମ ପରି ଛୋଟ ପିଲାଟିଏ। ଜେଜିମା ଗେଲରେ ବୁଢ଼ିଆ ଡାକେ। ବୁଢ଼ିଆ ସଭିଙ୍କର ଗେହ୍ଲି। ସବୁଦିନ ସକାଳୁ ବଗିଚାର ଫୁଲକୁ ଆଉଁଷି ସ୍କୁଲକୁ ଯାଏ। ଛୁଟିଦିନରେ ଗଛଗୁଡ଼ିକର ଯତ୍ନ ନିଏ, ଫୁଲମାନଙ୍କ ସାଥିରେ କଥା ହୁଏ। ଦୁଃଖ-ସୁଖ ବୁଝେ।



ସ୍କୁଲ ଛୁଟି, ଶିତୁଆ ପାଗ। ବୁଢ଼ିଆ ସ୍ୱେଟର ପିନ୍ଧିଲା। ଟଗରଫୁଲ ଗଛ ପାଖକୁ ଗଲା। ମୂଳରେ ପାଣି ଦେଇ ପଚାରିଲା – ତୁ କିଆଁ ଶୁଖିଲା ଦିଶୁଛୁ? ତୋତେ କିଏ ମାଇଲା ନା ଗାଳି କଲା? ତୋ ଡାଳକୁ କିଏ ଖଣ୍ଡିଆ କରିଦେଲା ନା ତୋ ଫୁଲ କଢ଼କୁ କିଏ ରାତିରେ ଛିଣ୍ଡେଇଦେଲା? ତୋ ଡାଳରେ ଅଧିକ ଫୁଲ ଫୁଟୁନି। ଡାଳକୁ ଧରି ତଳକୁ ଟାଣିଲେ ମୋ ହାତ ଦରଜ ହେଇଯାଉଛି।'

ଟଗରଗଛ ଲୁହ ଗଡ଼େଇଲା। ତା' ଡାଳରୁ ବାସିଫୁଲ ଖସିପଡ଼ିଲା। ବୁଢ଼ିଆ ବାସିଫୁଲକୁ ହାତରେ ଧରିଲା। ଟଗରଗଛ କହିଲା – ଜାଣିଛୁ ବୁଢ଼ିଆ, ତୁ ଯେମିତି ଶୀତରେ ଥରୁଛୁ, ମୁଁ ସେମିତି ଶୀତ କାକରରେ ଥରୁଛି। ତୋ ଦେହର ଚମ ଯେମିତି ଶୁଖିଲା ଦିଶୁଛି, ମୋ ଦେହର ଚମ ବି ଶୁଖିଲା ଦିଶୁଛି। ସକାଳ ସଞ୍ଜରେ କାକର ପଡୁଛି। ତୁ ଗଛ ମୂଳରେ ପାଣି ଦେଉଛୁ ବୋଲି ଜିଇଛି। ତୋ ଭଳିଆ ସୁନାପିଲା କୋଉଠି ମିଳିବେନି।

ଟଗରଗଛ ଥରିଥରି କହିଲା – ମୋ ଡାଳରେ ଫୁଲ ଫୁଟୁନି। ଫୁଲଗୁଡାକ ମୋଡ଼ି ମୋଡ଼ି ହେଇଯାଉଛି। ଏଇଟା ତ ମୋ ଜୀବନ। ଶୀତ ଦିନ ହେଲେ ମୋ ଡାଳରେ ଫୁଲକଢ଼ ଆସୁନି। ଫୁଲ ବି ବେଶି ବେଶି ଫୁଟୁନି। ମୋ ମନ ବହୁତ ଦୁଃଖ। ତୋ ସାଙ୍ଗମାନେ ସକାଳୁ ଆସି ବଗିଚାରୁ ଗେଣ୍ଡୁ ଫୁଲ ତୋଳୁଛନ୍ତି। କିଏ କିଏ ଅପରାଜିତା ଫୁଲ ତୋଳୁଛନ୍ତି। ମୁଁ ଜଳ ଜଳ ଅନଉଛି, ମୋ ପାଖକୁ କିଏ ଆସୁନାହାନ୍ତି କି କିଏ ଦୂରରେ ଥାଇ କଥା ହେଉନାହାନ୍ତି। ମୁଁ କେମିତି ଏକଲା ହେଇ ରହିବି କହିଲୁ ବୁଢ଼ିଆ !

ଟଗର ଗଛର କଥା ଶୁଣି ବୁଢ଼ିଆ କଇଁ କଇଁ କାନ୍ଦିଲା। କେଡ଼େ ସୁନ୍ଦର ଗଛଟି। ଧଳା ରଙ୍ଗର ଫୁଲ ଫୁଟୁଥିଲା, ଅଥଚ ଏ ଶୀତ କୁହୁଡ଼ିରେ ଗୋଟେ ବି ଫୁଲ ଫୁଟୁନି। ତା' ଦେହରେ ଖରା ପଡ଼ିଲେ ସିନା କଢ଼ଟି ଫୁଟିବ।

ଟଗର ଗଛକୁ ଆଉଜି ବୁଝେଇଦେଲା – ତୁ କିଆଁ ମନଦୁଃଖ କରୁଛୁ। ଆଜି ପର୍ଯ୍ୟନ୍ତ ତୋ' ଡାଳରେ ଧଳାରଙ୍ଗର ଫୁଲ ଫୁଟୁଥିଲା। ଏଇ ମାଘୁଆ ଶୀତରେ ଫୁଲ ଫୁଟିବା କମିଯାଇଛି। ତୋର ଦୋଷ ନାହିଁ। ମୁଁ ତ ତୋହର ସବୁ ସେବା କରୁଛି।

ଏଇ ଦେଖୁନୁ ଗଙ୍ଗଶିଉଳି ଫୁଲ ବି ମନଦୁଃଖରେ ଅଛି। ସେ ଆଗପରି ଫୁଟୁନି, ରାତି ପାହୁ ପାହୁ ଝଡ଼ିଯାଉଛି। ଏଇଟା ତ ନିୟମ। ରତୁ ଅନୁସାରେ, ପାଗ ଅନୁସାରେ ଫୁଲ ଫୁଟେ। ତୁ ସିନା ଶୀତରେ ଥରିଥରି ଶୁଖିଲା ଦିଶୁଛୁ, ଫଗୁଣ ମାସ ଆସିଲେ ତୁ ବହୁତ ସୁନ୍ଦର ଦିଶିବୁ। ତୋ ଡାଳରେ ପତର କଅଁଳିବ। ଅଧିକ କଢ଼ ହୋଇ ଫୁଲ ଫୁଟିବ।

ଘର ସାରା ଜେଜିମା ନାତୁଣୀକୁ ଖୋଜିଲା। କୁଆଡ଼େ ବୁଢ଼ିଆ ଯାଇଛି। ଗାଧେଇନି କି ଖାଇନି। ତାକୁ ଭୋକ ହେବଣି। ଟିକକ ପରେ ବଗିଚାକୁ ଗଲା, ଦେଖିଲା ବୁଢ଼ିଆ ଟଗରଗଛ

ପାଖରେ ଠିଆ ହେଇଛି। ଆସ୍ତେ ଆସ୍ତେ ଯାଇ ପଚାରିଲା - ଏତେବେଳ ହେଲାଣି ଏଇଠି କଅଣ କରୁଛୁ ବୁଢ଼ିଆ ?

ବୁଢ଼ିଆ କହିଲା - ଜେଜିମା ଦେଖିଲୁ ଦେଖିଲୁ ଟଗର ଗଛଟି କେମିତି ଶୁଖିଲା ଦିଶୁଛି। ତା' ଡାଳରେ ବେଶି ଫୁଲ ଫୁଟୁନି। ଲୁହ ଗଡ଼େଇ କାନ୍ଦୁଛି।



ଜେଜିମା କହିଲା - ତୁ କିଆଁ ମନଦୁଃଖ କରୁଛୁ ବୁଢ଼ିଆ, ଋତୁ ଅନୁସାରେ ଫୁଲ ଫୁଟିବ। ଏବେ ଦେଖୁନୁ ଗୋଲାପ ଫୁଲ, ଗେଣ୍ଡୁଫୁଲ, ରଜନୀଗନ୍ଧା ଫୁଲ ଫୁଟି ବାସ ମହକୁଛି। ଆ ଘରକୁ ଯିବା, ଖାଇବୁ।

ବଗିଚାର ଅନ୍ୟ ଫୁଲଗଛଗୁଡିକ ଏସବୁ ଦେଖୁଥିଲେ। ମନେ ମନେ ଭାବୁଥିଲେ ସତରେ ବୁଢ଼ିଆ ଛୋଟପିଲା ହେଲେ ବି ବହୁତ ବୁଦ୍ଧିଆ, ଆମମାନଙ୍କୁ ବେଶି ଭଲପାଏ। ଆମମାନଙ୍କର ସେବା କରେ। ଟଗରଗଛ ପରି ଆମ ଅବସ୍ଥା ବି ବେଳେ ବେଳେ ଏମିତି ହେଉଛି। ଏଇଟା ତ ଋତୁର ନିୟମ। ସମସ୍ତେ ମୁଣ୍ଡ ହଲେଇଲେ। ବୁଢ଼ିଆକୁ କହିଲେ - ତୁ ଭଲ ପାଠ ପଢ଼ି ବାପା ମା'ଙ୍କର ନାଁ ରଖିବୁ। ଆମର ସେବା ଯତ୍ନ କରି ଆମକୁ ବଡ଼ କରିପାରୁଛୁ ବୋଲି ବନ ମହୋତ୍ସବ ସପ୍ତାହରେ ସ୍କୁଲରେ ପୁରସ୍କାର ପାଇବୁ। ତୋର ମଙ୍ଗଳ ହେଉ।

ବୁଢ଼ିଆ ଉତ୍ତର ଦେଲା - ତୁମେ ସଭିଏଁ ଭଲରେ ଥାଅ। ହସିଖେଳି ମୋ ବଗିଚାକୁ ହସଉଥାଅ।

ବୁଢ଼ିଆ ଟଗର ଗଛକୁ ଆଉଁଶିଦେଲା ଓ ସବୁ ଫୁଲଗଛକୁ ଟା..ଟା...କରି ତା ଜେଜିମା ସାଥିରେ ଘରକୁ ଫେରିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
kunjasahu63@gmail.com

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ୱଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ।

୯. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।




ପୁସ୍ତକ ସମୀକ୍ଷା

# ଝରଣା ଦାସ: ଆତ୍ମଲିପି

**ଲେଖିକା: ଝରଣା ଦାସ**
**ପ୍ରକାଶକ: ସୋମବିତ୍ ଦାସ, କଟକ**
**ପୃଷ୍ଠା: ୧୧୨ ମୂଲ୍ୟ: ଟ. ୨୫୦**

ଓଡ଼ିଶାର ଅଭିନୟ ଜଗତରେ, ସେ ମଞ୍ଚ ହେଉ ବା ବେତାର ଅବା ଚଳଚ୍ଚିତ୍ର, ଝରଣା ଦାସ ଜଣେ ପ୍ରବାଦ-ଅଭିନେତ୍ରୀ ଭାବରେ ସୁପରିଚିତ। ଗତ ଷାଠିଏ ଦଶକରୁ ନେଇ ଦୀର୍ଘ ବହୁବର୍ଷ ପର୍ଯ୍ୟନ୍ତ ନିଜର ଅଭିନୟ କଳାର ନିଆରାପଣ ବଳରେ ସେ ଏକ ସ୍ୱତନ୍ତ୍ର ପରିଚୟର ଅଧିକାରିଣୀ ହୋଇପାରିଥିଲେ। ଦଶ ମାସ ପୂର୍ବେ, ଅର୍ଥାତ୍ ୧ ଡିସେମ୍ବର ୨୦୨୨ ତାରିଖ ଦିନ ତାଙ୍କର ଦେହାବସାନ ଓଡ଼ିଶାର କଳାଜଗତ ପାଇଁ ଏକ ଅପୂରଣୀୟ କ୍ଷତି।

କିଛିଦିନ ତଳେ 'ଝରଣା ଦାସ – ଆତ୍ମଲିପି' ନାମରେ ତାଙ୍କର ଏକ ଆତ୍ମଜୀବନୀ ପ୍ରକାଶ ପାଇବା ତାଙ୍କର ଅଗଣିତ ପ୍ରଶଂସକଙ୍କ ପାଇଁ ନିଶ୍ଚିତ ଭାବରେ ସୁସମ୍ବାଦ। ତେବେ କେହି ପାଠକ ଏହାକୁ ଯଦି ଝରଣା ଦାସଙ୍କ ଏକ ପ୍ରାମାଣିକ ଆତ୍ମଜୀବନୀ ବୋଲି ଭାବି ପଢ଼ିବା ଆରମ୍ଭ କରିବେ ତେବେ ହୁଏତ ସେ ନିରାଶ ହୋଇପାରନ୍ତି। ଯାହା ମନେହୁଏ, ଝରଣା ଦାସ ଏକ ଆତ୍ମଜୀବନୀ ଲେଖିବା ଉଦ୍ଦେଶ୍ୟରେ ଏହା ରଚନା କରିନାହାନ୍ତି; ବରଂ ନିଜ ଜୀବନର କିଛି ଘଟଣାବଳୀକୁ ଅନୌପଚାରିକ ଭାବରେ ଲିପିବଦ୍ଧ କରିଛନ୍ତି ମାତ୍ର। ବୋଧହୁଏ ଏହି ଆତ୍ମଲିପିକୁ ଯଥାବତ୍ ପୁସ୍ତକ ଆକାରରେ ପ୍ରକାଶ କରିବାର ଯୋଜନା ତା'ଙ୍କର ନଥିଲା, ବରଂ ତାଙ୍କର ଆଶା ଥିଲା ଯେ ବହିଟିଏର ରୂପ ନେବା ପୂର୍ବରୁ ଏହା ଯଥାବିଧି ସୁସଂପାଦିତ ହେବ। ଏପରି କୌଣସି ସଂପାଦନାର ଚିହ୍ନବର୍ଣ୍ଣ ଏଥିରେ ଦେଖିବାକୁ ମିଳିଲା ନାହିଁ। ଉଦାହରଣ ସ୍ୱରୂପ, ଏଥିରେ ଥିବା ଓଡ଼ିଆ ଲେଖା ମଧ୍ୟରେ ଅନେକ ଶବ୍ଦକୁ ଅନାବଶ୍ୟକ ଭାବରେ ଇଂରାଜୀ ଅକ୍ଷରରେ ଅନ୍ତର୍ଭୁକ୍ତ କରାଯାଇଛି। 'ଖ୍ରୀଷ୍ଟ କଲେଜ', 'ଫଟୋ', 'ଡ୍ରେସିଂ ଟେବୁଲ୍' ଓ 'ପୋଲିସ' ଭଳି ଶବ୍ଦକୁ ହୁଏତ ନିଜର ଡ଼ାଏରୀ ଲେଖିବା ବେଳେ ଲେଖିକା ଗୋଟିଏ ପ୍ରବାହରେ ଓଡ଼ିଆରେ ନ ଲେଖି ଇଂରାଜୀରେ ଲେଖି ପକାଇଛନ୍ତି। ପୁସ୍ତକଟି ମୁଦ୍ରିତ ରୂପ ନେବା ପୂର୍ବରୁ ଏଗୁଡ଼ିକୁ ସଜାଡ଼ିବାର ଆବଶ୍ୟକତା ଥିଲା। ଏହା ବ୍ୟତୀତ ସମଗ୍ର ପୁସ୍ତକଟିକୁ କେତୋଟି ଅଧ୍ୟାୟରେ ବିଭକ୍ତ କରି ପ୍ରତ୍ୟେକଟି ଅଧ୍ୟାୟ ପାଇଁ ଏକ ଉପଯୁକ୍ତ ଶିରୋନାମା ମଧ୍ୟ ଦିଆଯାଇପାରିଥା'ନ୍ତା, ଯାହାର ଅଭାବ ପରିଲକ୍ଷିତ ହେଲା।

ଏହା ସତ୍ତ୍ୱେ ଝରଣା ଦାସଙ୍କର ଏହି ଆତ୍ମଲିପିଟିକୁ ତାଙ୍କ ଦ୍ୱାରା ସରଳ ଓ ନିଷ୍କପଟ ଭାବରେ ପାଠକଙ୍କ ନିକଟରେ ନିଜର ଭାବନା ପରଷିବାର ଏକ ସାର୍ଥକ ନିଦର୍ଶନ ବୋଲି କୁହାଯାଇପାରେ। ନିଜ ଜୀବନର କିଛି ଅନୁଭୂତି ଓ ଘଟଣାବଳୀକୁ ଉପସ୍ଥାପନ କରିବାର କ୍ରମରେ ସେ କୌଣସି କୃତ୍ରିମ ଭାଷାବିନ୍ୟାସର ଆଶ୍ରୟ ନେଇନାହାନ୍ତି। ଯେମିତି,

"ଖରାଦିନେ ରାତିରେ ଛାତ ଉପରେ ବସୁ। ଚଟେଇ ପରା ହୁଏ। କେହି କେହି ଗଡ଼ି ଗଡ଼ନ୍ତି। ଖୁବ୍ ଗପ ହୁଏ। ଆକାଶରେ କେତେ ତାରା। ମା ଚିହ୍ନେଇଦିଅନ୍ତି ଇଏ କାଳପୁରୁଷ। ଏଇଟା ତା ଖଣ୍ଡା। ସେଇ ଦେଖ ତା ହାତ। ମୁଣ୍ଡ ଗୋଡ଼। ସତରେ ତାରାକୁ ତାରା ଯୋଡ଼ି ଦେଲେ ମନେହୁଏ ସତେ ଅବା କାଳପୁରୁଷ ଠିଆ ହୋଇଛି।"

ମୋଟାମୋଟି ବିଚାର କଲେ ଝରଣା ଦାସଙ୍କ କଳାକାର ବା ଅଭିନେତ୍ରୀ ଜୀବନର ପଛରେ ଥିବା ସରଳ, ସ୍ନେହୀ ମଣିଷଟିଏର ଆମେ ସମ୍ମୁଖୀନ ହେଉ ଆମେ ଏହି ଆତ୍ମଲିପିରେ।

ବହିଟିର ପରବର୍ତ୍ତୀ ସଂସ୍କରଣ ଆହୁରି ସୁସମ୍ପାଦିତ ହୋଇ ପ୍ରକାଶ ପାଇଲେ ଏହା ପାଠକମାନଙ୍କ ମଧ୍ୟରେ ଆହୁରି ଆଦୃତ ହୋଇପାରିବ ବୋଲି ଆମର ଆଶା।

– ***ନିହାର ଶତପଥୀ***

# ସାହିତ୍ୟ ସମାଚାର

## କାନାଡ଼ାରେ ଆୟୋଜିତ ହେଲା ମନୋରମ ଓଡ଼ିଆ ସାହିତ୍ୟ ଆସର: 'ଶରତ ସନ୍ଧ୍ୟା'



ଗ୍ରୀଷ୍ମର ସବୁଜିମା ବଦଳରେ ପତ୍ର ଝଡ଼ା ଋତୁ ରଙ୍ଗୀନ ଶରତ ବିରାଜମାନ। କାନାଡ଼ାର ବୃକ୍ଷରାଜି ଲୋହିତ, ନାରଙ୍ଗୀ ଓ ପୀତ ବର୍ଣ୍ଣରେ ରଙ୍ଗାୟିତ। ଏହି ଅବସରରେ ଅକ୍ଟୋବର ୧୫ ତାରିଖର କୋମଳ ଶୀତଳ ସଂଧ୍ୟାରେ 'କାନୋସା' (କାନାଡ଼ା ଓଡ଼ିଶା ସୋସାଇଟି ଅଫ ଆମେରିକାଜ୍) ସହାୟତାରେ ଶରତ ସାହିତ୍ୟ ସନ୍ଧ୍ୟା ମାଲଟନ୍ ଲାଇବ୍ରେରୀରେ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବରେ ଅଧ୍ୟାପକ ବିଶ୍ୱରଞ୍ଜନ ଓ ମୁଖ୍ୟ ଅତିଥି ଭାବରେ ଡକ୍ଟର ପ୍ରତିଭା ରାୟ ଯୋଗଦାନ କରିଥିଲେ।

ପ୍ରଥମେ 'କାନୋସା'ର ସଭାପତି କମଳାକାନ୍ତ ବେହେରା କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ସବିତା ପାଣିଗ୍ରାହୀ ତାଙ୍କ ସୁଲଳିତ ସ୍ୱରରେ ଏକ ପ୍ରାରମ୍ଭିକ ସଙ୍ଗୀତ ସୁନ୍ଦର ଭାବରେ ଗାନ କରିଥିଲେ ?। ଅଧ୍ୟାପକ ବିଶ୍ୱରଞ୍ଜନଙ୍କର ବକ୍ତବ୍ୟ ସମସ୍ତଙ୍କର ହୃଦୟସ୍ପର୍ଶୀ ହୋଇପାରିଥିଲା। ସେ ତା'ଙ୍କ ପୁସ୍ତକମାନଙ୍କରୁ ଅନେକ କବିତା ଆବୃତି କରି ଶ୍ରୋତାମାନଙ୍କୁ ଆପ୍ୟାୟିତ କରିପାରିଥିଲେ, ଯାହାକି ମଝିରେ ମଝିରେ ହାସ୍ୟରୋଳ ସୃଷ୍ଟି କରିଥିଲା। ତା'ଙ୍କର ପୁସ୍ତକ "କାନାଡ଼ା - ଏକ ପ୍ରେମକଥା"କୁ ଶ୍ରୀମତୀ ରାୟ ଉନ୍ମୋଚନ କରିଥିଲେ।

ଶ୍ରୀମତୀ ପ୍ରତିଭା ରାୟଙ୍କର ଭାଷଣ ଅତ୍ୟନ୍ତ ସାରଗର୍ଭକ ଥିଲା ଓ ଶ୍ରୋତାମାନଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଥିଲା; ଯାହାକି ସେ ଗୋଟିଏ ପରେ ଗୋଟିଏ ବିଶ୍ଳେଷଣ କରି ଉତ୍ତର ଦେଇଥିଲେ।

## ବର୍ଷୀୟାନ ଶିଶୁ ସାହିତ୍ୟିକା ଓ ଗୀତିକାର ବିନୋଦିନୀ ଦେବୀଙ୍କ ପରଲୋକ




ଓଡ଼ିଆ ଚଳଚିତ୍ରର ଅନେକ କାଳଜୟୀ ଗୀତ, ଯଥା, "ରଜତ ଟଳମଳ ଖଇର ପାଞ୍ଚପଳ" (ମଲାଜହ୍ନ), "କାଳିଆ ଆସିଲା ଭାଇ କାଳିଆ ଆସିଲା", "ସେ ତ ଭକତ ଭାବରେ ବନ୍ଧା" (ଶ୍ରୀ ଜଗନ୍ନାଥ), "ନିରିମାଖି କୁଆଁରୀ ମୁଁ" (ତଅପୋଇ) ଆଦିର ସୁପ୍ରସିଦ୍ଧ ରଚୟିତା ବିନୋଦିନୀ ଦେବୀ ଆଉ ନାହାନ୍ତି। ଅକ୍ଟୋବର ୧୬ ତାରିଖ ଦିନ ଅନୁଗୋଳ ଠାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତା'ଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ଥିଲେ।

ତା'ଙ୍କ କଲମରୁ ସୃଷ୍ଟ ଅନେକ ଅନବଦ୍ୟ ଗୀତ ଓଡ଼ିଆ ଗୀତିକବିତା ଓ ଶିଶୁ ସାହିତ୍ୟ ସମ୍ଭାରକୁ ସମୃଦ୍ଧ କରିଛି। ସେ ଓଡ଼ିଆ ସିନେ-ଜଗତର ପ୍ରଥମ ମହିଳା ଗୀତିକାର ଥିଲେ, ତଥା ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ମଧ୍ୟ ଥିଲେ। ତାଙ୍କର ପ୍ରକାଶିତ ପୁସ୍ତକଗୁଡ଼ିକ ମଧ୍ୟରେ 'ଖୋକାଟିଏ ଖୋକିଟିଏ' (ଶିଶୁଗୀତି ସଂକଳନ, ୧୯୮୬), 'ଅମୃତାଭକ୍ତି' (ଗୀତ ସଂକଳନ, ୧୯୯୬), 'ଟିକି ଟିକି ନାଲି କାଇଁଚ' (ଶିଶୁଗୀତି ସଂକଳନ, ୧୯୯୯), 'ଏଇ କଳା ମୋର କଳଙ୍କ' (ଆଧୁନିକ ଗୀତ ସଂକଳନ, ୨୦୦୦) ଅନ୍ୟତମ।

ତାଙ୍କର ମୃତ୍ୟୁରେ ଓଡ଼ିଆ ସାହିତ୍ୟ ତଥା ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ଏହି ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ଓଡ଼ିଆ ଚଳଚ୍ଚିତ୍ର ଏବଂ ସଙ୍ଗୀତ ଜଗତରେ ସେ ଛାଡ଼ି ଯାଇଥିବା ଛାପ ବିନୋଦିନୀ ଦେବୀଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ।

# ଶେଷ ପୃଷ୍ଠା



# ସମ୍ପ୍ରତିସଞ୍ଚର *

"ବିରି ମାଡ଼ ଦେଖି କୋଳଥ ଚୋପା; ହରଡ଼ ବୋଲଇ ଇଲୋ ମା ବୋପା"; ଅନ୍ୟମାନଙ୍କ ଭଳି ଶୈଶବରୁ ଏହି ପଦ ଶୁଣି ଆସିଛି। ଇଦାନୀଂ ଏହାର ପ୍ରମାଣ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଦେଖୁଛି ମଧ୍ୟ। ଅନେକ ଆଗ୍ରହୀ ସାହିତ୍ୟପ୍ରେମୀ ଦୁଇପଦ ଲେଖିବାକୁ ଅସମସାହସ ଆବଶ୍ୟକ ଭାବି ଆପଣା ମନର ଭାବକୁ ଲେଖନୀମୁନରେ ଗାରେଇବାକୁ ଘେଞ୍ଚପେଞ୍ଚ କରୁଥିବା ବେଳେ ଆଉ କେତେ "ଓଳିଆରୁ ଗଜା"।

କିଏ ସ,ଶ ଓ ଷ ବ୍ୟବହାରରେ ସନ୍ଦିହାନ ତ କିଏ ବ, ୱ ଅକ୍ଷରକୁ ନେଇ ଦ୍ୱନ୍ଦ୍ୱରେ। ସେହି ଭଳି ଜ, ଯ, ଯ୍ୟ, ୟ, ପ୍ରଭୃତି ଅକ୍ଷର ଠାରୁ ଆରମ୍ଭ କରି ୍, ଂ, ଁ ତଥା ଃର ସ୍ଥାନ ବିଶେଷରେ ବ୍ୟବହାର କେତେ। ଭାଷାପ୍ରେମୀଙ୍କୁ ଅତି ଜଟିଳ ମନେ ହେଉଛି। ଞ୍ଚ, ଞ୍ଛ, ଞ୍ଜ, ଢ଼, ସ୍ପ, ଶ୍ଚ, କ୍ଷ୍ମ, ଙ୍କ୍ଷ, ନ୍ତ୍ର, ର୍ଷ୍ଣ, ନ୍ନ୍ୟ, ପ୍ରଭୃତିକୁ ଅନେକ ଭୁଲିବା ଆରମ୍ଭ କଲେଣି ଆଉ କେତେ ଏହି ଭଳି ଜଟିଳ ବର୍ଣ୍ଣମାଳା ଆଉ କେତେ ଌ, ୡ, ୠର ନିତିଦିନିଆ ପ୍ରୟୋଗ ନଦେଖି ଆଶ୍ଚର୍ଯ୍ୟ ମଧ୍ୟ ହେଉଛନ୍ତି। ସାହିତ୍ୟ ସଂସାରର ଏହି "ସିନ୍ଦୂର ବିନ୍ଦୁର୍ବିଧବା ଲଲାଟେ" ପରିସ୍ଥିତିରେ କେତେ ପଣ୍ଡିତ ଆମ ଭାଷା ଓ ସାହିତ୍ୟର ସମ୍ପ୍ରତିସଞ୍ଚର ବେଳ ଉପନୀତ ବୋଲି ଅନେକ ମଞ୍ଚରେ ଘୋଷଣା କରିଲେଣି। ଆମ୍ଭେ ଯେତେବେଳେ ଏହି ଭଳି ଅତ୍ୟନ୍ତାତିଶୟୋକ୍ତି ଶୁଣୁ ସେତେବେଳେ ମାତୃଭାଷା ବ୍ୟବହାର କରିବାର ସଂଶୟ ଓ ସଙ୍କୋଚରେ ରହୁଥିବା ସେହି ଭାଇଭଉଣୀଙ୍କ ପ୍ରତି 'ଆହା' ବୋଲି ପଦେ ମନରେ ଆସେ।

ଲେଖି, ପଢ଼ି, ବୁଝି ଆମ ମାତୃଭାଷାକୁ ଜାଣିବାର ପ୍ରୟାସ ଏ ପର୍ଯ୍ୟନ୍ତ ଜାରି ରହିଛି ଆମ୍ଭର; ରହିଥିବ ମଧ୍ୟ। ପଚାଶ ଡେଇଁଲାଣି ଏଇ ଭାଷା ଲେଖି, ପଢ଼ି, ବୁଝି। ଆଜି ମଧ୍ୟ ଆମ୍ଭ ମାତୃଭାଷାର ବ୍ୟବହାରରେ ଗର୍ବ ଓ ଗୌରବ ଅନୁଭୂତ ହୁଏ। ସାତ ସମୁଦର ତେର ନଈ ଏପାରିରେ କାହା ତୁଣ୍ଡରୁ ଓଡ଼ିଆ ଶୁଣିଲେ ହୃଦୟରେ ହର୍ଷୋଚ୍ଛ୍ୱାସ ହୁଏ।

ବ୍ୟବହାର ନହେଉଥିବା ଯୋଗୁଁ ଅନେକ ଶବ୍ଦ ଆଉ ଶୁଣା ଯାଉନାହିଁ। କୋମଳମତି ଶିଶୁମାନଙ୍କୁ ପ୍ରକୃତ ସମୟରେ ଶୁଦ୍ଧ ଓଡ଼ିଆ ଶିଖା ଯାଉନଥିବାରୁ ସେମାନେ ଆଉ ଓଡ଼ିଆ ଲେଖି ପଢ଼ି ପାରୁନାହାନ୍ତି। ଓଡ଼ିଆ ଭାଷାରେ ଶିକ୍ଷାପ୍ରାପ୍ତ ହୋଇ ଆମ୍ଭର ଅନେକ ଭାଇଭଉଣୀ ଉପାର୍ଜନକ୍ଷମ ହୋଇ ପାରୁନାହାନ୍ତି ତେଣୁ ଆମ ଭାଷା ଅର୍ଥକରୀ ନୁହେଁ ବୋଲି ଓଡ଼ିଶାବାସୀ ଅନ୍ୟ ଭାଷା ଶିଖିବାକୁ ବାଧ୍ୟ ହେଉଛନ୍ତି।

ଓଡ଼ିଆ ଭାଷାକୁ ନେଇ ବିଭିନ୍ନ ମଞ୍ଚରେ ଅନେକ କୁମ୍ଭୀର କାନ୍ଦଣା କାନ୍ଦିବାର ମଧ୍ୟ ଦେଖୁଛି। ହେଲେ, ସେ ସବୁ ବନ୍ଦ କରିବାକୁ ହେବ। ଓଡ଼ିଆ ଭାଷାର ପ୍ରଶସ୍ତି ନିମନ୍ତେ; ଏଇ ଭାଷା ପାଇଁ ରହିଥିବା ସମସ୍ତ ସମସ୍ୟାର ସମାଧାନ ସମାଜର ସମସ୍ତ ସ୍ତରରେ କରିବାକୁ ହେବ। ସଭିଏଁ ଆଗଭର ହୋଇ ମାତୃଭାଷାକୁ ତୁଣ୍ଡ ଆଉ ମୁଣ୍ଡରେ ରଖିବାକୁ ହେବ। କେବଳ କାର, ଫଳା ଓ ଅକ୍ଷର ସଂଖ୍ୟା କମାଇ ଦେଲେ ଭାଷା ସମସ୍ୟାର ସମାଧାନ ହୁଏ ନାହିଁ। ଗଛକୁ ସୁସ୍ଥସବଳ କରି ରଖିବାକୁ ହେଲେ; ମୂଳରେ ଜଳ ଓ ସାର ଦେବା ବିଧେୟ; ଗଛର ଡାଳ ହାଣିବା ନୁହଁ। ପ୍ରଥମେ, ଏଇ ପଦକ ପ୍ରତ୍ୟେକ ଓଡ଼ିଆଙ୍କ ବୁଝିବା ହେଉ।

ଅଳମତି ବିସ୍ତରେଣ

**-ପ୍ରଭୂ**

* **ସମ୍ପ୍ରତିସଞ୍ଚର** – ବ୍ରାହ୍ମପ୍ରଳୟ (ଏ ପ୍ରଳୟରେ ବ୍ରହ୍ମାଙ୍କର ମଧ୍ୟ ବିନାଶ ହୁଏ)

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com



ବିଜୟର ପର୍ବ ଶାରଦୀୟ

# ଦୁର୍ଗା ପୂଜା

ଉପଲକ୍ଷେ ହାର୍ଦ୍ଦିକ

ଅଭିନନ୍ଦନ

नालको NALCO

A Navratna CPSE

**NATIONAL ALUMINIUM COMPANY LIMITED**

(Govt. of India Enterprise)

Nalco Bhawan, P/1, Nayapalli, Bhubaneswar-751013, Odisha

CIN : L27203OR1981GOI000920

@NALCO_India fb.com/nalcoindia www.nalcoindia.com



RUCHI FOODLINE
Since 1976
Karlo Dosti Sehat Se...
ଫେଷ୍ଟିଭାଲ୍
ବୋନାଞ୍ଜା
ଅଫର୍
ରୁଚି ମସଲା କିଣନ୍ତୁ, ଭାଗ୍ୟ ଚମକାନ୍ତୁ
*ଏହି ସ୍କିମ୍ 50 ଗ୍ରାମ୍ ଓ 100 ଗ୍ରାମ୍‌ର ରୁଚି କରି ପାଉଡ଼ର, ଚିକେନ୍ ମସଲା, ମିଟ୍ ମସଲା, 25 ଗ୍ରାମ୍ ଓ 50 ଗ୍ରାମ୍‌ର ଗରମ ମସଲା, 50 ଗ୍ରାମ୍‌ର ଚାଟ୍ ମସଲା, ଡାଲ୍‌ମା ପାଉଡ଼ର, ଫିସ୍ ମସଲା ଏବଂ 300 ଗ୍ରାମ୍‌ର କ୍ଷୀର୍‌ମିକ୍ସ ପ୍ୟାକ୍ ଉପରେ ବୈଧ ।
ଲକି ଡ୍ରରେ ଭାଗନେବା ପାଇଁ
ଷ୍ଟେପ୍-1
ରୁଚି ପ୍ୟାକ୍ ଭିତରେ ଥିବା "WINNING CODE" ଟିକୁ ଖୋଜନ୍ତୁ
ଷ୍ଟେପ୍-2
STATE NAME ଓ "WINNING CODE" କୁ ଲେଖି 72310 06006 ରେ SMS କରନ୍ତୁ
ବମ୍ପର ପୁରସ୍କାର
3ଟି କାର୍
30ଟି ଇ-ସ୍କୁଟର
ଦୈନିକ ପୁରସ୍କାର
ସୁନା କଏନ୍
ରୂପା କଏନ୍
ସ୍ମାର୍ଟ ୱାଚ୍#
* ଏହି ଅଫର୍ ଷ୍ଟକ୍ ଥିବା ପର୍ଯ୍ୟନ୍ତ ସୀମିତ
* ନିୟମ ଓ ସର୍ତ୍ତାବଳୀ ପ୍ରଯୁଜ୍ୟ
* ଚିତ୍ରଗୁଡ଼ିକ କେବଳ ଉଦାହରଣ ପାଇଁ ଦିଆହୋଇଛି
# ପୁରସ୍କାରଗୁଡ଼ିକ ଭିନ୍ନ ହୋଇପାରେ
ଗୁଣବତ୍ତା
ବିଶ୍ୱାସନୀୟତା
ଶୁଦ୍ଧତା
ଅନ୍‌ଲାଇନ୍‌ରେ କିଣନ୍ତୁ amazon | Flipkart ରୁ
www.ruchifoodline.com




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy